# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୨/୨୦୧୮ (୨୦ ପୃଷ୍ଠା) Sambalpur, Friday, November 2/ 2018 ★★

୧୪ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ରଣଜୀରେ ଅନୁରାଗଙ୍କ ପ୍ରଥମ ଶତକ**

କିଟ୍ କ୍ରିକେଟ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ହରିୟାଣା ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ରଣଜୀ ଟ୍ରଫି ଶତକ ହାସଲ କରିଛନ୍ତି ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ ।

୧୮

୧୩

**'ବାଟ୍ଲା ହାଉସ୍'ରେ ଅଭିନୟ କରିବେ ନୋରା**

ଆଗାମୀ ଫିଲ୍ମ 'ବାଟ୍ଲା ହାଉସ୍'ରେ ଅଭିନୟ କରିବା ପାଇଁ ଅଭିନେତ୍ରୀ ନୋରା ଫତେହୀ ଖୁବ୍ ଉତ୍ସାହିତ ।



# ୯ ଜିଲା ମରୁଡ଼ି ଘୋଷିତ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ଚଳିତ ବର୍ଷ ସ୍ୱାଭାବିକ ବର୍ଷା ସତ୍ତ୍ୱେ ୯ ଜିଲା ମରୁଡ଼ି କବଳରେ ପଡ଼ିଛି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼। ଏହି ଜିଲାଗୁଡ଼ିକୁ ଗୁରୁବାର ରାଜ୍ୟ ସରକାର ମରୁଡ଼ି ଘୋଷଣା କରିଛନ୍ତି। ଉକ୍ତ ଜିଲାଗୁଡ଼ିକର ୬୬ ବ୍ଲକର ୧୧୮୬ ଗ୍ରାମପଞ୍ଚାୟତର ୫୬୩୩ ଗ୍ରାମର ୨ ଲକ୍ଷ ୩୩ ହଜାର ୧୭୩ ହେକ୍ଟର ଜମିରେ ମରୁଡ଼ି ହୋଇଛି। ଏଥିସହିତ ୧୬ଟି ପୌରସଂସ୍ଥା ଅଧିନ ଅଞ୍ଚଳ ମଧ୍ୟ ମରୁଡ଼ି ପ୍ରଭାବିତ ହୋଇଛି। ଜିଲାପାଳମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା କୃଷି ଓ ଖାଦ୍ୟ ଉତ୍ପାଦନ କମିଶନର ରାଜ୍ୟ ସରକାରଙ୍କୁ ଏହି ରିପୋର୍ଟ ଦେଇଛନ୍ତି। ୩୩ ପ୍ରତିଶତ ଫସଲ ନଷ୍ଟକୁ ଆକଳନ କରି ସରକାର ଏହି ଘୋଷଣା କରିଛନ୍ତି।

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସ୍‌ଡମା)ଙ୍କ ରାଜ୍ୟ ମରୁଡ଼ି ତଦାରଖ ସେଲ୍ ରାଜ୍ୟର ବିଭିନ୍ନ ଜିଲାରେ ମରୁଡ଼ି ଅଧ୍ୟୟନ କରିଥିଲା। ଅଧ୍ୟୟନରୁ ଜଣାପଡିଛି ଯେ, ବଲାଙ୍ଗୀର ଜିଲାର



କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଅଞ୍ଚଳରେ ମରୁଡ଼ି ।

ମୁରିବାହାଲ, ଲୋଇସିଙ୍ଗା ଏବଂ ବେଲପଡ଼ା ବ୍ଲକ, ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼ ସଦର ଓ ଟାଙ୍ଗରପାଲି ବ୍ଲକରେ ୩୯ରୁ ୫୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଅନ୍ୟ ୧୨ ଜିଲାର ୩୦ ବ୍ଲକରେ ୧୯ରୁ ୩୯ ପ୍ରତିଶତ କମ୍ ବର୍ଷା ହୋଇଛି। ମରୁଡ଼ି ଆକଳନ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଏସ୍‌ଆର୍‌ସିର ଯୁଗ୍ମ ଟିମ୍ ଗଠନ କରାଯାଇଥିଲା। ରିଲିଫ କୋଡ ଅନୁଯାୟୀ ଅଣଜଳସେଚିତ ଧାନ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା, ଜଳସେଚିତ ଜମି ପାଇଁ ୧୩,୫୦୦ ଏବଂ ସବୁଦିନିଆ ଫସଲ ପାଇଁ ୧୮ ହଜାର ଟଙ୍କା

- ୨ ଲକ୍ଷ ୩୩ ହଜାର ହେକ୍ଟର ଫସଲ ନଷ୍ଟ
- ରିଲିଫ ତ୍ୱରାନ୍ୱିତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଇନ୍‌ପୁଟ୍ ସବ୍‌ସିଡି ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ରିଲିଫ୍ ଦେବାକୁ ଜିଲାପାଳମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ହୋଇଛି। ଧାନ ଉତ୍ପାଦନ ମଧ୍ୟ ବୃଦ୍ଧି ହେବ ବୋଲି ସରକାର ଆକଳନ କରିଛନ୍ତି। ଏଥିସହିତ ଚଳିତ ଖରିଫ ଋତୁରେ ସରକାର ଚାଷୀଙ୍କଠାରୁ ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବେ। ଗତ ବର୍ଷ ତୁଳନାରେ ୧ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ୯ଟି ଜିଲାରେ ଯେଉଁ ମରୁଡ଼ି ପରିସ୍ଥିତି ଦେଖାଦେଇଛି, ସେଥିପାଇଁ ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବ କି ନାହିଁ ସେ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଆଜି କ୍ୟାବିନେଟ

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ସଚିବାଳୟଠାରେ ଅପରାହ୍ନ ୫ଟା ୪୫ ମିନିଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କୃଷି ଏବଂ ୱେଲଫେୟାର ଅଫିସରମାନଙ୍କର କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ଏଥିସହିତ ସ୍ୱାସ୍ଥ୍ୟ, ରାଜସ୍ୱ ଓ ଖାଦ୍ୟ ଯୋଗାଣ ବିଭାଗର କେତୋଟି ପ୍ରସ୍ତାବ ଉପରେ ମୋହର ଲାଗିବ । କ୍ୟାବିନେଟରେ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ବୈଠକରେ କେତୋଟି ପ୍ରସ୍ତାବ ଉପରେ ମୋହର ଲାଗି ସେ ନେଇ ବୈଠକ ଏଜେଣ୍ଡାକୁ ଗୁପ୍ତ ରଖାଯାଇଛି।

**ଚକାପାଦ: ଲିଫ୍ଟ ଦେବା ବାହାନାରେ ମହିଳାଙ୍କୁ ବଳାତ୍କାର**

୭

## ଆଜି ଠାରୁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ

# ପହଞ୍ଚିଲେ ତାରକା କ୍ରୀଡ଼ାବିତ୍

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପାଇଁ କ୍ଷେତ୍ର ପ୍ରସ୍ତୁତ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ମେଗା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମଥରପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ରଙ୍କ ମାନସ ସନ୍ତାନ ଏହି ସ୍ପୋର୍ଟ୍ସ ଲିଟ୍‌-ଫେଷ୍ଟ ଓଡ଼ିଶାର କ୍ରୀଡ଼ା ବିତ୍ ଓ କ୍ରୀଡ଼ା ପ୍ରେମୀଙ୍କୁ ଏକ ଭିନ୍ନ ଅନୁଭବ ଆଣିଦେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ଓ ଶନିବାର ୨ ଦିନ ଧରି ଏହା ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

EKAMRA SPORTS LITERARY FESTIVAL 2018

ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଗୁରୁବାର ଭୁବନେଶ୍ୱରରେ ଦେଶ ବିଦେଶର ତାରକା କ୍ରୀଡ଼ାବିତ୍‌ମାନେ ପହଞ୍ଚିବା ଆରମ୍ଭ ହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜାମାଇକା ଜନ୍ମିତ କାନାଡ଼ିଆନ ଆଥଲେଟ୍ ବେନ୍ ଜନସନ, ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ, ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ, 'ଦି ଧୋନୀ ଟଚ୍' ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ, ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋର ଓ ଅନ୍ୟମାନେ। ଜନସନଙ୍କ କାର୍ଯ୍ୟକ୍ରମ ଶୁକ୍ରବାର ଥିବାବେଳେ ''ୱାର୍ଲ୍ଡ କପ୍ ୨୦୧୮'କୁ ନେଇ ଭାରତୀୟ ହକି ଅଧିନାୟକ ବାସୁଦେବନ ବାସ୍କରନ, ଧନରାଜ ପିଲ୍ଲେ, ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ବେପାର ମାନ୍ଦା

## ଆଜିର ମନ୍ତବ୍ୟ

" ରାଫାଲ୍ ଚୁକ୍ତି ହେଉଛି କୋଳାକୋଳି ପୁଞ୍ଜିବାଦ ଏବଂ ଦୁର୍ନୀତିର ଜ୍ୱଳନ୍ତ ଉଦାହରଣ ।

– ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

## କିଛି ତଥ୍ୟ

ସାଗରମାଳା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୯,୦୦୦ କୋଟି ଟଙ୍କାର ନିବେଶ ହୋଇଥିବା ବେଳେ ମୋଟ୍ ୮୯ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

– ନୌପରିବହନ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 01.11.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 73 | 123 | 133 |
| BLS | 72 | 122 | 132 |
| ANG | 75 | 126 | 136 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


# ବାଣ ଭିଡ଼ିବାବେଳେ ବିସ୍ଫୋରଣ: ଦମ୍ପତିଙ୍କ ଜୀବନ ଗଲା

**ବାଲିପାଟଣା,୧।୧୧(ଡି.ଏନ୍.ଏ.)**

ଦୀପାବଳି ପୂର୍ବରୁ ରାଜଧାନୀ ଉପକଣ୍ଠ ଭାକରସାହି ଗ୍ରାମର ମିଶ୍ର ସାହିରେ ଗୁରୁବାର ବାଣ ଭିଡିବା ବେଳେ ବଡଧରଣର ବିସ୍ଫୋରଣ ହୋଇଛି। ଏଥିରେ ଉକ୍ତ ଗ୍ରାମର ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଉଭୟଙ୍କ ଶରୀରର ବିଭିନ୍ନ ଅଂଶ ଛିଟିକି ଏଣେତେଣେ ପଡିଥିବା ଦେଖିବାକୁ ମିଳିଥଲା। ଏଥିରେ ୫ବଖରା ଭାଙ୍ଗିଯାଇଥିବା



ମୃତ ଦମ୍ପତି ଜ୍ଞାନେନ୍ଦ୍ର ମିଶ୍ର ଓ ରଶ୍ମିତା ମିଶ୍ର ।

ବେଳେ ୫ବଖରା ଆଜବେଷ୍ଟସ ଉଡିଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିସ୍ଫୋରଣର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଭାକରସାହି ଗ୍ରାମର

- ଖଣ୍ଡ ବିଖଣ୍ଡିତ ହେଲା ଶରୀର
- ଭୁଶୁଡ଼ିଲା ଘରର କାନ୍ଥ, ଉଡ଼ିଲା ଆଜବେଷ୍ଟସ
- ବେଆଇନ ଭାବେ ଚାଲିଥିଲା ବାଣ ବ୍ୟବସାୟ
- ପୋଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ

ମିଶ୍ର ସାହିର ଜ୍ଞାନେନ୍ଦ୍ର ମିଶ୍ର(୪୦) ଓ ତାଙ୍କ ସ୍ତ୍ରୀ ରଶ୍ମିତା ମିଶ୍ର(୩୬) ଦୀର୍ଘ ୨୦ବର୍ଷ ଧରି ବାଣ ଭିଡିବା ସହ ବ୍ୟବସାୟ କରି ଆସୁଥିଲେ। ସେମାନେ ନିଜ ଘରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଣ ଭିଡୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏହାର ଶବ୍ଦ ଏତେ ଭୟଙ୍କର ଥିଲା ଯେ ସାହିର ଲୋକମାନେ ପ୍ରାଣବିକଳରେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ବିସ୍ଫୋରଣରେ ଘରର କାନ୍ଥ ଭଶୁଡି ପଡିବା ସହ ପଡୋଶୀଙ୍କ ଆଜବେଷ୍ଟସ ଉଡି ଯାଇଥିବା ଦେଖିବାକୁ ମିଳିଛି। ଜ୍ଞାନେନ୍ଦ୍ର ଓ ରଶ୍ମିତାଙ୍କ ହାତଗୋଡ, ମୁଣ୍ଡ ଛିଣ୍ଡି ଘଟଣାସ୍ଥଳରୁ ପ୍ରାୟ ୨୦୦ ମିଟର ଦୂରରେ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ☞ପୃଷ୍ଠା-୪

# ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେଲା ଝାରସୁଗୁଡ଼ା ବିମାନବନ୍ଦର

**ଝାରସୁଗୁଡ଼ା ଅଫିସ୍/ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ଝାରସୁଗୁଡ଼ାର ନବନିର୍ମିତ ବିମାନବନ୍ଦର 'ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର' ଭାବେ ନାମିତ ହୋଇଛି। ଝାରସୁଗୁଡ଼ା ବିମାନବନ୍ଦରର ନାମକରଣ ପ୍ରସ୍ତାବକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଗତ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ କରିଥିଲେ। ଘୋଷଣାର ମାସକ ପରେ ଆନୁଷ୍ଠାନିକ ନାମକରଣର ସ୍ୱୀକୃତି ମିଳି ନ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କ





- କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ
- ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଦୃଷ୍ଟିଆକର୍ଷଣ କରିଥିଲେ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏନେଇ ଟୁଇଟ୍ କରି ସୂଚନା ମଧ୍ୟ ଦେଇଛନ୍ତି। ସୁରେଶ କହିଛନ୍ତି ଯେ, ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଇଛି। ଜଣେ ଓଡିଆ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ଏହା ହୋଇଥିବାରୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ୍। ସୁରେଶଙ୍କ ଦ୍ୱାରା ☞ପୃଷ୍ଠା-୪

## ଘରୁ ଲୁଟ୍, ନାବାଳିକାଙ୍କୁ ଗଣବଳାତ୍କାର

**ପୋଲସରା (ଡି.ଏନ.ଏ.),୧।୧୧**

ଗଞ୍ଜାମ ଜିଲା ପୋଲସରା ବ୍ଲକ କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଅମାନୁଷିକ ଘଟଣା ଘଟିଛି। ୩ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଘରୁ ଲୁଟ୍‌ପାଟ କରିବା ପରେ ତାଙ୍କ ୯ ନାବାଳିକାଙ୍କୁ ଟେକିନେଇ ଗଣବଳାତ୍କାର କରିଛନ୍ତି। ଏନେଇ ନାବାଳିକାଙ୍କ ବାପା ବାଲିଛାଇ ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ କବିସୂର୍ଯ୍ୟନଗର ଥାନାରେ ନଂ.୨୪୮/୧୮ରେ ପୋଲିସ ମାମଲା ରୁଜୁ କରିଛି। ନାବାଳିକାଙ୍କୁ ପ୍ରଥମେ ପୋଲସରା ଡାକ୍ତରଖାନା ଓ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ପୁରୁଷୋତ୍ତମପୁର ଏସ୍‌ଡିପିଓ ☞ପୃଷ୍ଠା-୪










ଜୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍‌ବାହାଦୁର ଶାସ୍ତ୍ରୀ

## ସଂକ୍ଷେପରେ

### ବାର୍‌ହା ଶିକାର: ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବାଲିଶଙ୍କରା,୧।୧୧(ଡି.ଏନ.ଏ.)- ଜଳସରା ଥାନା ବନଡେଗା ଫାଣ୍ଡି ଅଧୀନ ଦିଆପଥର ଗ୍ରାମ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ପଡି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଆପଥର ଗ୍ରାମର ଅଜିତ ଲାକଡା (୨୫)। ପୋଲିସ ସୂଚନା ମୁତାବକ, ଦିଆପଥର ଗ୍ରାମର କେତେଜଣ ବ୍ୟକ୍ତି ବାରହା ଶିକାର ପାଇଁ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ରଖିଥିଲେ। ହେଲେ ଗୁରୁବାର ଭୋର ପ୍ରାୟ ୪ଟା ବେଳେ ଅଜିତ ଜଙ୍ଗଲ ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ଅଜିତଙ୍କ ମୃତ୍ୟୁ ଘଟିଥିଲା। ଏହା ଜାଣି ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ । ତଳସରା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କଳାହାଣ୍ଡି ଜିଲା ପ୍ରତିଷ୍ଠା ଦିବସ ସମାରୋହ-୨୦୧୮ ଉଦ୍‌ଘାଟିତ

## ଜିଲାର କଳା, ସଂସ୍କୃତି, ଐତିହ୍ୟ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି

ଭବାନୀପାଟଣା, ୧।୧୧ (ଡି.ଏନ.ଏ.) ଗୁରୁବାର ଆନନ୍ଦ ଉଲ୍ଲାସ ସହ ଘୁମୁରାର ତାଳେ ତାଳେ କଳାହାଣ୍ଡି ପ୍ରତିଷ୍ଠା ଦିବସ ସମାରୋହ-୨୦୧୮ ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା କ୍ରୀଡା ଉତ୍ସବ, ଜିଲାସ୍ତରୀୟ ପୁସ୍ତକ ମେଳା, ଜିଲା ଶିଶୁ ମହୋତ୍ସବ ସୁରଭି ଆରମ୍ଭ ହୋଇଛି ।

ପ୍ରାରମ୍ଭରେ ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା । ଭବାନୀପାଟଣା ବିଧାୟକ ଅନାମ ନାଏକ, କଳାହାଣ୍ଡି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଗାଭିଲ ପରାଗ ହର୍ଷଦ, ପିଡି ଡିଆର୍‌ଡିଏ ପ୍ରସନ୍ନ କୁମାର ଷଡଙ୍ଗୀ, ଜିଲା ସଂସ୍କୃତି ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଡ. ଅଜୟ ମିଶ୍ର, ହରଜିନ୍ଦର ସିଂହ ପ୍ରମୁଖଙ୍କ ନେତୃତ୍ୱରେ ବାହାରିଥିବା ଏହି ଶୋଭାଯାତ୍ରା ଭବାନୀପାଟଣା ସହର ପରିକ୍ରମା କରିବା ପରେ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା। ସେଠାରେ ପ୍ରତିଷ୍ଠା ଦିବସ ଉତ୍ସବକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଝାରୀ ଉଦ୍‌ଘାଟନ କରିଥିଲେ। ଜିଲାପାଳ ପରାଗ ହର୍ଷଦ ଏଥିରେ ଅଧ୍ୟକ୍ଷତା କରିଥିଲେ । ଉକ୍ତ ଉତ୍ସବକୁ ଆସିଷ୍ଟାଣ୍ଟ କଲେକ୍ଟର ବାସନ୍ତୀ ସେଠୀ, ଜିଲା ସଂସ୍କୃତି ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ଅର୍କକେଶରୀ ଦେଓ, ଭବାନୀପାଟଣା ବିଧାୟକ ନାଏକ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଭବାନୀପାଟଣା ନଗରପାଳ ଆଦିତ୍ୟ ପ୍ରସାଦ ନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଜିଲା ସଂସ୍କୃତି ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

କଳାହାଣ୍ଡି ଅତୀତରେ ଦାରିଦ୍ର, ଅନାହାର, ପିଲାବିକ୍ରି, ଗରିବ ଓ ଅନଗ୍ରସର ତାକୁ ନେଇ ବିଶ୍ୱ ଦରବାର ପରିଚିତ ଥିଲା । ସମସ୍ତଙ୍କ ଦୃଷ୍ଟିରେ କଳାହାଣ୍ଡି ଏକ ଦାରିଦ୍ର ଓ ଅନଗ୍ରସର ଅଞ୍ଚଳ ଭାବେ ପରିଚୟ ପାଇ ଆସୁଥିଲା । କିନ୍ତୁ ଆଜି ସେହି କଳଙ୍କ, ବଦନାମ କଳାହାଣ୍ଡି ମୁଣ୍ଡରୁ ଧୀରେ ଧୀରେ ଅପସରି ଯାଇଛି ବୋଲି ଅତିଥିମାନେ କହିଥିଲେ । କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ବିଶ୍ୱଦରବାରରେ ଆଜି ସ୍ୱତନ୍ତ୍ର ସ୍ଥାନ ହାସଲ କରି ପାରିଛି । ଜିଲା ବିକାଶ ଓ ଉନ୍ନତି ପଥରେ ଆଗେଇ ଚାଲିଛି । ସାରା ଜିଲା ସବୁଜ ସୁଫଳା ହେବା ସହିତ କୃଷି, ରେଳ, ଜଳସେଚନ, ଗମନାଗମନ, ଶିକ୍ଷା ଏବଂ ଲୋକମାନଙ୍କ ଅର୍ଥନୀତିରେ ଆଶାଜନକ ଭାବରେ ଅଭିବୃଦ୍ଧି ହୋଇଛି ବୋଲି ଅତିଥିମାନେ କହିଥିଲେ । ଧାନ ଉତ୍ପାଦନରେ କଳାହାଣ୍ଡି ଓଡିଶାର ପ୍ରଥମ ସ୍ଥାନ ଅଧିକାର କରିପାରିଛି । ଜିଲା ସବୁ କ୍ଷେତ୍ରରେ ଉନ୍ନତି ବହୁ ଆଗକୁ ଅଗେଇ ଚାଲିଛି । କଳାହାଣ୍ଡିର ବୀରବାଦ୍ୟ ଘୁମୁରା ଏବଂ ବଜାସାଲ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିବା ବେଳେ କଳାହାଣ୍ଡିର କଳା ସଂସ୍କୃତି ଏବଂ ଐତିହ୍ୟକୁ ଛାଡି ଓଡିଶାର ଇତିହାସ ଲେଖା ଯାଇପାରିବ ନାହିଁ। କଳାହାଣ୍ଡିର ଏହି ମହାନ୍ ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ଲୋକକଳା ଅତୀତରେ ମହାନ୍ ଥିଲା, ବର୍ତ୍ତମାନ ଅଛି ଏବଂ ଭବିଷ୍ୟତରେ ମଧ୍ୟ ମହାନ୍ ହୋଇ ରହିଥିବ ବୋଲି ଅତିଥିମାନେ କହିଥିଲେ । ସଭା ଶେଷ ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳମାନେ ନିଜର କଳା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ପୂଝାରୀ ଜିଲାସ୍ତରୀୟ ପୁସ୍ତକମେଳା, ଜିଲା କ୍ରୀଡା ଉତ୍ସବ ଏବଂ ଜିଲା ଶିଶୁ ମହୋତ୍ସବ ସୁରଭିକୁ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବ ଆସନ୍ତା ୫ ତାରିଖରେ ଉଦ୍‌ଯାପିତ ହେବ।






ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାହାରି ଥିବା ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା (ବାମ)। କଳାହାଣ୍ଡି ଗଠନ ଦିବସ-୨୦୧୮ ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

### ଓଡ଼ିଶା-ନିଉ ସାଉଥ ୱେଲସ ପ୍ରଦର୍ଶନୀ ହକି ମ୍ୟାଚ ୪ରେ

# ସ୍ଥାନ ପାଇଲେନି ଅନ୍ତୁଡ଼ିଶାଳର ଅଲିମ୍ପିୟାଡ୍

ରାଉରକେଲା ଅଫିସ, ୧।୧୧



ଜୁନିୟର ହକି ଅଲିମ୍ପିଆଡ୍ ସୁଦୀପ ଚିରମାକୁ।

ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ଜିଲାର ଉଦୀୟମାନ ତାରକା ତଥା ଜୁନିୟର ହକି ଅଲିମ୍ପିୟାଡ୍ ସୁଦୀପ ଚିରମାକୁ (୧୭)ଙ୍କୁ ପ୍ରଦର୍ଶନୀ ହକି ମ୍ୟାଚ୍‌ରେ ନିଜ ମାଟିରେ ସୁଯୋଗ ମିଳି ନ ଥିବାରୁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘୋଷିତ ଟିମ୍‌ରେ ତାଙ୍କୁ ସ୍ଥାନ ମିଳିନି। ଏନେଇ ପାନପୋଷ ହକି ହଷ୍ଟେଲ କର୍ମକର୍ତ୍ତା ନୀରବ ରହିଛନ୍ତି। ସୂଚନାଯୋଗ୍ୟ, ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଓଡ଼ିଶା ଏକାଦଶ ଓ ଅଷ୍ଟ୍ରେଲିଆର ନିଉ ସାଉଥ ୱେଲ୍ସ ମଧ୍ୟରେ ଆସନ୍ତା ୪ରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ବୁଧବାର ଆନୁଷ୍ଠାନିକ ଭାବେ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ସୁନ୍ଦରଗଡ଼ ସାଇ ହଷ୍ଟେଲର ଜଣେ ଓ ସେଲ୍ ହକି ଏକାଡେମୀର ୨ଜଣ ଖେଳାଳି ସ୍ଥାନ ପାଇଥିବା ସୂଚନା ମିଳିଛି। ଆଶ୍ଚର୍ଯ୍ୟକନକ ଭାବେ ତାଲିକାରୁ ବାଦ୍ ପଡ଼ିଛନ୍ତି ଅଲିମ୍ପିୟାଡ୍ ସୁଦୀପ। ନିକଟରେ ସୁଦୀପ ଆର୍ଜେଣ୍ଟିନାଠାରେ ଅନୁଷ୍ଠିତ ଜୁନିୟର ଅଲିମ୍ପିକ୍ସରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ପ୍ରତିନିଧିତ୍ୱ କରି ହକିରେ ରୌପ୍ୟ ପଦକ ଜିଣି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅତୀତରେ କେହି ଅଲିମ୍ପିୟାଡ୍ ଓଡ଼ିଶା ପାଇଁ ଏଭଳି ଗୌରବ ଆଣିବା ନଜିର ନାହିଁ। ଏପରି ସ୍ଥଳେ ଜଣେ ଦକ୍ଷ ଅଲିମ୍ପିୟାଡ୍‌ଙ୍କୁ ଚୟନକର୍ତ୍ତା କିପରି ଅଣଦେଖା କଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଅକ୍ଟୋବର ୬ରୁ ୧୮ ଯାଏ ଅର୍ଜେଣ୍ଟିନାର ବୁନେସଠାରେ ଚାଲିଥିବା ଅଲିମ୍ପିକ୍ସରେ ସୁଦୀପ ବ୍ୟକ୍ତିଗତ ଭାବେ ଭଲ ପ୍ରଦର୍ଶନ କରିଥିବା ବେଳେ ୨ଟି ଗୋଲ କରିଥିଲେ। ଏହା ପୂର୍ବରୁ ସେ ଏକାଧିକ ଥର ଜାତୀୟ ସବ୍‌ଜୁନିୟର ଖେଳି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏବେ ହେବାକୁ ଯାଉଥିବା ପ୍ରଦର୍ଶନୀ ମ୍ୟାଚ୍‌ରେ ତାଙ୍କ ବ୍ୟାଚ୍‌ର ଖେଳାଳି ସ୍ଥାନ ପାଇଛନ୍ତି। ସୁଦୀପଙ୍କୁ ଏଥିରେ ସୁଯୋଗ ପ୍ରଦାନ କରାଯାଇ ନ ଥିବାରୁ ଅନେକଙ୍କ ମୁହଁ ଶୁଖିଯାଇଛି। ହେଲେ କ୍ୟାରିୟର ଭୟରେ କେହି ପାଟି ଫିଟାଉ ନାହାନ୍ତି। କେବଳ ସୁନ୍ଦରଗଡ଼ ଜିଲା ନୁହେଁ ରାଜ୍ୟର ଏଭଳି ଜଣେ ଅଲିମ୍ପିୟାଡ୍‌ଙ୍କୁ କେଉଁ ପରିସ୍ଥିତିରେ ଚୟନକର୍ତ୍ତା ବାଦ୍ ଦେଲେ ସେ ନେଇ ନାନା ଆଲୋଚନା ଶୁଣାଯାଉଛି। ସୁନ୍ଦରଗଡ଼ ଜିଲାର ଏହି ଦକ୍ଷ ଜୁନିୟର ଅଲିମ୍ପିୟାଡ୍ ସୁଦୀପ ନିଜ ମାଟିରେ ପ୍ରଦର୍ଶନୀ ମ୍ୟାଚ୍ ଖେଳିଥିଲେ ଏହା ଅନେକଙ୍କୁ ସନ୍ତୋଷ ପ୍ରଦାନ କରିଥାନ୍ତା ବୋଲି ଆଲୋଚନା ହେଉଛି। ତେବେ ଏ ନେଇ ଚୟନକର୍ତ୍ତା କିମ୍ବା ରାଜ୍ୟ କ୍ରୀଡ଼ା ବିଭାଗ ତାଙ୍କ ସହ ଯୋଗାଯୋଗରେ ନ ଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ସୁଦୀପଙ୍କୁ ପଚାରାଯିବାରୁ ସେ କହିଲେ, ଚୟନକର୍ତ୍ତାଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହୋଇଥାଏ। ଆମ ପାନପୋଷ ସ୍ପୋର୍ଟର୍ସ ହଷ୍ଟେଲରୁ ମ୍ୟାଚ୍ ଖେଳିବା ପାଇଁ କେହି ସୁଯୋଗ ପାଇନାହାନ୍ତି। ଆର୍ଜେଣ୍ଟିନାରୁ ଫେରିବା ପରେ ମଧ୍ୟ ଏ ନେଇ ମୋ ସହିତ କେହି ଯୋଗାଯୋଗ କରିନାହାନ୍ତି। ନିଜ ମାଟିରେ ଖେଳ ପ୍ରଦର୍ଶନ ସୁଯୋଗ ମିଳିଥିଲେ ଖୁସି ହୋଇଥାନ୍ତି। ଚୟନକର୍ତ୍ତା ଦଳର ସଫଳତା ନେଇ ହୁଏତ ଭଲ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ସୁଦୀପ କହିଛନ୍ତି। ତେବେ ବହୁ ବରିଷ୍ଠ ଖେଳାଳି ସୁଦୀପଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବାବେଳେ ଏ ନେଇ ଖୋଲାଖୋଲି କିଛି କହିବାକୁ ମନା କରିଦେଇଛନ୍ତି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ଅଞ୍ଚଳର ସୁଦୀପ ଏବେ ୧୦ମ ପରୀକ୍ଷା ଦେଇଛନ୍ତି। ୨୦୧୩ରେ ସେ ପାନପୋଷ ସ୍ପୋର୍ଟର୍ସ ହଷ୍ଟେଲରେ ଯୋଗଦେଇ କୋଚ୍ ବିଜୟ ଲାକ୍ରା, ଅମୂଲ୍ୟ ବେହେରା ଓ ପିଟର ସୋରେଙ୍ଗଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ହୋଇଛନ୍ତି।

# ଖବରଦାତାଙ୍କ ପିତୃ ବିୟୋଗ

କଣ୍ଟାମାଳ/ ଘଣ୍ଟାପଡା, ୧।୧୧ (ଡି.ଏନ.ଏ.) ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଗ୍ରାମର ଧରିତ୍ରୀ ଖବରଦାତା ପ୍ରଭାତ ସାହୁଙ୍କ ବାପା ଭିକାରୀଚରଣ ସାହୁଙ୍କର ଗତ ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ତାଙ୍କୁ ୮୦ବର୍ଷ ହେଉଥିଲା । ମୃତ୍ୟୁ ଶର୍ଯ୍ୟା ନିକଟରେ ୩ ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ । ବଡ ପୁଅ ତ୍ରିନାଥ ସାହୁ ମୁଖାଗ୍ନି ଦେଇଥିଲେ। ଭିକାରୀ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ । ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ଶବାଧାରରେ ଶତାଧିକ ଲୋକ ସାମିଲ ଥିଲେ । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଥିଲା ।

### ଚକଡା ପୋକ୍ କବଳ୍‌ରେ ଧାନ୍ ଫସଲ

# ଖେତେ ନିଆଁ ଲଗାଲେ ଚାଷୀ



ଚକଡା ପୋକ୍ ପରଭାବିତ୍ ଖେତେ ଚାଷୀମାନେ ନିଆଁ ଲଗେଇ ଦେଇଛନ୍।

ପୁରୁଣାକଟକ,୧।୧୧(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ଅଂଚଲରେ ଏହେଦେ ହେକ୍ଟର ହେକ୍ଟର ଚାଷ୍ ଜମିରେ ଚକଡା ପୋକ ଲାଗିଛନ୍। ଗଲା ହପ୍‌ତେ ହେଲା ବ୍ଲକ୍‌ର ଆଡେଣିଗଡ, ପୁରୁଣାକଟକ, ତିଲେଶ୍ୱର, ପିତାମ୍ବରପୁର, ରାମଗଡ, ଧଳପୁର, କରଞ୍ଜକଟା, ଲୁଣିବାହାଲ, ବାଣୀଭୂଷଣପୁର, ସାମ୍ପୋଚ, ବୀରନରସିଂପୁର ଆଦି ପଁନ୍‌ଚେତରେ ଧାନ୍ ଫସଲରେ ବଡ଼ଭାରି ହିସାବେ ଚକଡା ପୋକ୍ ଲାଗିଛନ୍। ଧାନ୍‌ଗଛ୍ ଲପ୍‌ଲପେଇ ଠିକ୍ ଫଲ୍ ଧରବାର ଆଗ୍‌ରୁ ଚକଡା ପୋକ୍ ଲାଗି ଧାନ୍‌ଗଛ୍ ଶୁଖି ପୁଆଲ ହେଇଯାଉଥିବାର ଦେଖିବାକେ ମିଳିଛେ। ଚକଡା ପୋକ୍ ଦାଉରୁ ଧାନ୍ ଫସଲକେ ବଁଚାବାର ଲାଗି ଚାଷୀ ନାନା ପରକାର ପୋକ୍‌ମରା ଓଷୋ ଆନି ଝିଁଚୁଛନ୍ ହେଲେ କେହେନ୍‌ସିଟା କାମ୍ ନାଇଁଦେବାର। ଯେନ୍‌ଥିଲାଗି ଚାଷୀ ନିରାଶ ହେଇ କେତେ ଜାଗାରେ ଖେତେ ଗାଇଗୋରୁ ଛାଡି ଦେଇଥିଲା ବେଲେ ଆର କେତେ ଜାଗାରେ ଖେତେ ନିଆଁ ଲଗେଇ ଦେଉଥିବାର ଦେଖିବାକେ ମିଳିଛେ। ଚାଷୀକଁର ଅଭିଯୋଗ୍ ଅନ୍‌ସାରେ, ଚକଡା ପୋକ୍ ଗୁଟେ ଖେତ୍‌ରୁ ଆରଗୁଟେ ଖେତ୍‌କେ ଚରି ଯାଉଥିବାର ବାବ୍‌ଦେ ଜିଲା ଆର୍ ବ୍ଲକ୍ କୃଷି ଅଧିକାରୀମାନକୁ ଜନେଇଥିଲୁଁ। ହେଲେ ସେମାନେ କିଛି ପର୍‌ତିକାର ବେବସ୍‌ତା ନାଇଁ କଲେ, ଯେନ୍‌ଥିର ଲାଗି ଏନ୍‌ତା ଥିତି ଦେଖା ଦେଇଛେ ବଲି କହିଛନ୍। ଗଲା ବଛର ବି ମର୍‌ଡିର ସାମ୍‌ନା କରିଥିବାର ଚାଷୀ ଚଲ୍‌ତି ବଛର ଧାର କରଜ୍ କରି ଚାଷ୍‌କାମ୍ ଉଠେଇ ଦେଇଥିଲା। ଚଲ୍‌ତି ବଛର ଆରମ୍‌ରୁ ଏଭ୍‌ତକ୍ ପାନିପାଗ୍ ଠିକ୍ ରହେବାର ଲାଗି ଚାଷ୍‌ବାସ୍ ଠିକ୍ ହେଇଥିଲା। ଚାଷୀ ଆଶ୍ କରିଥିଲା ଇ ବଛର ଭଲ୍ ଅମଲ ହେବା, ଧାର କରଜ୍ ସୁଝି ହେବା। ହେଲେ ଏହେଦ୍‌କା ଚକଡା ପୋକ୍ ଚାଷୀର ନିଦ୍ ହଜେଇ ଦେଇଛେ। ଇ ବାବ୍‌ଦେ ହରଭଙ୍ଗା ବ୍ଲକ୍ ସହକାରୀ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ବଘାରକୁଁ ପଚରାଲାରୁ ଇ ଦିଗେ ବହୁତ୍ ଜଲ୍‌ଦି ପଦକ୍ଷେପ ନିଆଯିବା ବଲି କହିଥିଲେ। ଜିଲା ପର୍‌ଶାସନ ଯେତେ ଜଲ୍‌ଦି ହେବା ଚକଡା ପୋକ୍‌ରେ ହେଇଥିବାର କ୍ଷୟକ୍ଷତିର ଆକଲନ୍ କରି ଚାଷୀକୁଁ କ୍ଷତିପୂରନ୍ ଯୁଗେଇ ଦେବାକେ ଦାବି ହେଉଛେ।

# ଖୋଲିଲା ଶିମିଳିପାଳ

## ପ୍ରଥମ ଦିନରେ ଆସିଲେ ୯୮ ପର୍ଯ୍ୟଟକ

ବାରିପଦା ଅଫିସ,୧।୧୧

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଗୁରୁବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ହୋଇଛି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯାଗ ପାଇପାରିବେ। ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରୀସୃପ, ବିରଳ ପକ୍ଷୀ ଓ ଜୈବ ବିବିଧତା ପାଇଁ ଶିମିଳିପାଳ ଅଭୟାରଣ୍ୟ ସାରା ବିଶ୍ୱରେ ବିଖ୍ୟାତ। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟର ସ୍ୱତନ୍ତ୍ର ଆକର୍ଷଣ ରହିଛି। ବର୍ଷା ହେତୁ ଜୁନ ୧୫ରୁ ଏହା ବନ୍ଦ ରହିଥିଲା।

ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିନରେ ଯଶିପୁର ପଟୁ ୭ ଗାଡିରେ ୪୯ ଜଣ ଓ ଲୁଲୁଙ୍ଗ ପଟୁ ୮ ଗାଡିରେ ୪୯ ଜଣ ପର୍ଯ୍ୟଟକ ମୋଟ ୯୮ ଜଣ ଶିମିଳିପାଳ ଭିତରକୁ ଯାଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏସିଏଫ ଅରୁଣ କୁମାର ବିଶ୍ୱାଳ, ରେଞ୍ଜର ଉଗ୍ରସେନ ଜେନା ଓ ଡେପୁଟି ରେଞ୍ଜର ଲଲାଟେନ୍ଦୁ ସେନାପତି ଓ ଅନ୍ୟ କର୍ମଚାରୀ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ସହିତ ଅଭୟାରଣ୍ୟ ସମ୍ପର୍କିତ ଏକ କ୍ଷୁଦ୍ର ପୁସ୍ତକ ମଧ୍ୟ ପ୍ରତି ପର୍ଯ୍ୟଟକଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକମାନେ ରୁଚିକର ଖାଦ୍ୟ ଖାଇବାକୁ ସୁଯୋଗ ପାଉ ନ ଥିଲେ। ତେଣୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି କୁମାରୀ ଓ ମୁକ୍ତାପୁରରେ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟର ୪ ରୁ ୫ ଜାଗାରେ ଆଦିବାସୀ ଖାଦ୍ୟ ସାଙ୍ଗକୁ ହାଲ୍‌କା ଭୋଜନ ବ୍ୟବସ୍ଥା ମଧ୍ୟ କରାଯାଇଛି। ବିଭିନ୍ନ ସ୍ଥାନରେ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଠାକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି।



ଗୋଲାପ ଫୁଲ ଦେଇ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

### ବ୍ୟାନର ଜବତକଲା ପୋଲିସ

# ଅମ୍ଭାଭୋନାରେ ମାଓବାଦୀ ଆତଙ୍କ

ବରଗଡ଼ ଅଫିସ/ଅମ୍ଭାଭୋନା,୧।୧୧

ବରଗଡ଼ ଜିଲା ଅମ୍ଭାଭୋନା ଥାନା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଲାଗି ରହିଛି । ଗୁରୁବାର ସକାଳେ ସ୍ଥାନୀୟ ପୋଲିସ ଏହି ଥାନା ଅନ୍ତର୍ଗତ କର୍ଲା ପଞ୍ଚାୟତର ଯୁନାନୀ ଗ୍ରାମ ସୀମାକୁ ଲାଗି ରହିଥିବା ବାରପାହାଡ଼ ଜଙ୍ଗଲରେ ବନ୍ଧା ଯାଇଥିବା ଏକ ଲାଲ ବ୍ୟାନରକୁ ଜବତ କରିଛି । ଜବତ ବ୍ୟାନରରେ ଛତିଶଗଡ଼ ମାଓବାଦୀ ଲେଖାଯାଇ ଜଣେ ଠିକାଦାରଙ୍କୁ ଟାର୍ଗେଟ୍ କରି ଧମକ ଦିଆଯାଇଛି । ବାସ୍ତବରେ ତାହା ମାଓବାଦୀଙ୍କ ବ୍ୟାନର ନା କୌଣସି ଖଳ ପ୍ରକୃତି ଲୋକଙ୍କ କାମ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

ସୂଚନା ଅନୁସାରେ, ଗତ ଅକ୍ଟୋବର ୨୧ତାରିଖରେ ମାଓବାଦୀମାନେ ଅମ୍ଭାଭୋନା ଥାନା ମୁଣ୍ଡାବାହାଲ ଗ୍ରାମକୁ ପ୍ରବେଶ କରିଥିବା ଚର୍ଚ୍ଚା ହୋଇଥିଲା। ସେମାନେ ଛତିଶଗଡ଼ର ସିଂଘଡ଼ା ଘାଟି ପାରି ହୋଇ ଝାଏଲ ମଧ୍ୟ ଦେଇ ଅମ୍ଭାଭୋନା ବ୍ଲକର ସିଂହିନୀଗଡ଼ ଜଙ୍ଗଲକୁ ଆସିଥିଲେ । ଏହାପରେ ସେମାନେ ବାରପାହାଡ଼ ଜଙ୍ଗଲ ପରିବେଷ୍ଟିତ ମୁଣ୍ଡାବାହାଲ ଗ୍ରାମକୁ ଆସି କେତେକ ଦୋକାନରୁ ଚାଉଳ ଆଦି ସାମଗ୍ରୀ କିଣିଥିଲେ ବୋଲି ସେତେବେଳେ ସ୍ଥାନୀୟ କେତେଜଣ ଲୋକ କହିଥିଲେ। ଏହାପରେ ଗତ ୨୪ତାରିଖରେ ମୁଣ୍ଡାବାହାଲ, ଡେବ୍ରିଗଡ଼, ଝଗଡ଼ାବେହେରା, ଅଲେଖପୁର ଆଦି ଗ୍ରାମରେ ମାଓବାଦୀମାନେ ପ୍ରଚାରପତ୍ର ବାଣ୍ଟିଥିଲେ । ଏହାର ସପ୍ତାହକ ପରେ ଗୁରୁବାର ସକାଳେ ପୋଲିସ ବ୍ୟାନର ଜବତ କରିଥିବାରୁ ଏହା ସଂପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ବିଗତ କିଛିବର୍ଷ ମଧ୍ୟରେ ଉପରୋକ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଦେଖିବାକୁ ମିଳିଥିଲା । ସମ୍ବରଧରା, ଖୋଲା, କୁରୁମକେଲ, ଡେବ୍ରିଗଡ଼, ବେହେରା, ଭଟଲି ବ୍ଲକର ଖଜୁରିଆ ଆଦି ଅଞ୍ଚଳରେ ମାଓବାଦୀମାନେ ନିଜ ସ୍ଥିତି ଜାହିର କରିଥିଲେ । ଗତ କିଛିବର୍ଷ ତଳେ ଅମ୍ଭାଭୋନା ବ୍ଲକ ଅନ୍ତର୍ଗତ ଲଖନପୁରରେ ଠିକାଦାର କ୍ୟାମ୍ପ ପୋଡ଼ାଜଳା, ଫରେଷ୍ଟଗାର୍ଡ଼ଙ୍କୁ ହତ୍ୟା ଭଳି ହିଂସା ମାଓବାଦୀମାନେ ଘଟାଇଥିଲେ। ଏହାପରଠାରୁ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ସେଭଳି ଆଉ ଦେଖାଯାଇ ନ ଥିଲା। ତେବେ କିଛିବର୍ଷର ନୀରବତା ପରେ ପୁଣି ଅମ୍ଭାଭୋନା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି ।



ପୋଲିସ ଜବତ କରିଥିବା ବ୍ୟାନର ।

■ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# କଟକରେ ୬୮ ବାର୍ ପ୍ରତିନିଧିଙ୍କ ମେଳି

■ ହାଇକୋର୍ଟ ବାର୍ ଉପରେ ନିଷ୍ପତ୍ତି ଛାଡ଼ିଲେ

■ ଆଜି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

**କଟକ ଅଫିସ, ୧।୧୧**

ପୋଲିସ-ଆଇନଜୀବୀ ବିବାଦ ଥମିବାର ନାଁ ଧରୁନି। ଆଇନଜୀବୀମାନେ ନିଜ ଦାବିକୁ ନେଇ ଅଟଳ ରହିବା ସହ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଇତିମଧ୍ୟରେ ରାଜନୈତିକ ହସ୍ତକ୍ଷେପ ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ଏହାକୁ ନେଇ ଉପୁଜିଥିବା ପରିସ୍ଥିତିର ତୁରନ୍ତ ସମାଧାନ ପାଇଁ ସବୁ ମହଲରୁ ସ୍ୱର ଉଠିବାରେ ଲାଗିଛି। ଏପରି ସ୍ଥଳେ ଆନ୍ଦୋଳନର ଭବିଷ୍ୟତ ରୂପରେଖ ନେଇ ଗୁରୁବାର କଟକରେ ଏକାଠି ହୋଇଥିଲେ ରାଜ୍ୟର ୬୮ଟି ବାର୍‌ର ପ୍ରତିନିଧି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆସୋସିଏଶନ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପାଖାପାଖି ୫ ଘଣ୍ଟା ଧରି ଆନ୍ଦୋଳନ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ରାଜ୍ୟର ବିଭିନ୍ନ ବାର୍‌ରୁ ଆସିଥିବା ପ୍ରତିନିଧିମାନେ ସେମାନଙ୍କ ମତ ରଖିବା ସହ ହାଇକୋର୍ଟ ବାର୍ ଆସୋସିଏଶନ ଉପରେ ନିଷ୍ପତ୍ତି ଛାଡ଼ିଥିଲେ। କାର୍ଯ୍ୟବନ୍ଦ ଆନ୍ଦୋଳନ ଆଗକୁ ଜାରି ରହିବ କି ନାହିଁ ସେ ନେଇ ଶୁକ୍ରବାର ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବୈଠକରେ ନିଷ୍ପତ୍ତି ନିଆଯିବ। ଉକ୍ତ ନିଷ୍ପତ୍ତିକୁ ଅନ୍ୟ ବାର୍‌ଗୁଡ଼ିକ ଗ୍ରହଣ କରିବେ ବୋଲି ବୈଠକରୁ ଜଣାପଡ଼ିଛି। ତେବେ ଅଧିକାଂଶ ବାର୍‌ର ପ୍ରତିନିଧି ଅଭିଯୁକ୍ତ ପୋଲିସଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରଖିବାକୁ ମତ ଦେଇଥିଲେ।

ସୂଚନାଥାଉକି, ଅଗଷ୍ଟ ୨୮ରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ୩୦୭ ଦଫାରେ ଗିରଫ କରିବା ପାଇଁ ଆଇନଜୀବୀମାନେ ଅଡି ବସିଥିଲେ। ମାତ୍ର ଦୋଷୀ ପୋଲିସଙ୍କ ବିରୋଧରେ କୋହଳ ଦଫା ଲଗାଯାଇଥିବା ଅଭିଯୋଗ କରି ଆଇନଜୀବୀମାନେ ଅଗଷ୍ଟ ୨୯ ରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ଘଟଣାକୁ ନେଇ ଇତିମଧ୍ୟରେ ଅନେକ ଘଟଣା ଘଟିଯାଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆନ୍ଦୋଳନରୁ ଓହରିଯିବା ପରେ ସୋମବାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇ ୭ରୁ ଊର୍ଦ୍ଧ୍ୱ ଆହତ ଥିଲେ। ହାଇକୋର୍ଟ ପରିସର ରଣକ୍ଷେତ୍ର ପାଲଟିଥିଲା। ବିଶେଷକରି ପ୍ରସଙ୍ଗଟି ଏବେ ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ନେଇଥିବାବେଳେ ଆନ୍ଦୋଳନର ଭବିଷ୍ୟତକୁ ନେଇ ଉତ୍କଣ୍ଠା ଲାଗି ରହିଛି।













ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨ ନଭେମ୍ବର, ୨୦୧୮



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................



ସୁକୀର୍ତ୍ତି
ପରିବାରବର୍ଗ



ତୁଷାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

**automobile**

## SALE

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138

For sale Renault Kwid RXT (O) 1Lt M/F- 2017, Renault Kwid RXT AMT (O) 1Lt M/F- 2016, Renault Kwid RXT AMT (O) 1 Lt M/F-2018, Renault Kwid RXT (O) 1 Lt. M/F-2017, Renault Duster RXZ 8s ps M/F- 2017, Renault Duster RXZ 110 ps M/F- 2013 excellent condition. Contact No.- 9777752210. D-9169

For sale Audi Q7 M/F-2013, Renault Koleos 4X4 super XUV M/F- 2014 excellent condition. Contact No.- 9040093809. D-9170

**real estate**

## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9147

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

9000 sqft. plot (212 decml), 52ft frontage to Sunderpur main road and 100 mtrs from 200ft road, near to upcoming Wisdom International School, D.N. Homes, Orchid lifestyle and KIIMS Medical College, KIIT Engineering College square, Big Bazaar at a distance of 4 km for sale. Contact: 9338342502, 9437095996. D-65146

Book your dreamhome (duplex) at good location in Bhubaneswar 200' road side with affordable price. (Special Diwali Offer). Contact: 8338866678, 9337138784. D-65148

Puri N.H. ପାଖ High Societyରେ ଘର କିଣନ୍ତୁ ଏବଂ ପରିବାର ସହ ୨ବର୍ଷ ପର୍ଯ୍ୟନ୍ତ Puri ବୁଲିବାର ସୁଯୋଗ ନିଅନ୍ତୁ। ସମ୍ପୂର୍ଣ୍ଣ ମାଗଣା। 9438389359. D-9210

First boundary then registration with yellowzone plot at Trisulia. Rs. 750/- (per sqft.) Contact: 7873739444, 9938308889. D-9200

Gharabari plot, Samantarapur- 1,400/-, Jharapada- 1,600/-, Sunderpada- 1,200/-, Pipili Tollgate- 450/-, 150/-, immediate registration, possession. 8249447089. D-9175

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089507, 9040089501. D-58001

**construction**

Construct your building in finished house contact: 9937064680. D-27282

**packers & movers**

Samal Packer Movers provide household shifting in reasonable price. 9437035016. D-63864

**healthcare**

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

New new opeening full body massage ledies, gents. 7438851534, 7609923705. D-38539

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜନ୍ମଦିନ ଶୁଭେଚ୍ଛା



(ସୁକୀର୍ତ୍ତି)

**ଅଭିଲାଷା ଖମାରୀ**

ତୋର ଚଲାପଥ କୁସୁମିତ ହେଉ, ଆଜି ତୋର ଚତୁର୍ଥ ଜନ୍ମବାର୍ଷିକୀରେ ମା' ସମଲେଶ୍ୱରୀଙ୍କଠାରେ ଆମର ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ସତ୍ୟଜିତ୍, ଅଭିଜିତ୍, ଅଭୀଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍‌ସା। ଧ-୬୨୪୫୬

## ଜନ୍ମଦିନ ଶୁଭେଚ୍ଛା



**ଦ୍ୱିତୀକୃଷ୍ଣ ମହାନ୍ତି**

କଣିଆ, ବାଲିକୁଦା, ଜଗତ୍‌ସିଂହପୁର

ଆଜି ତୋର ଏହି ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀ ତୋର ଚଲାପଥ କୁସୁମିତ କରନ୍ତୁ ଓ ଦୀର୍ଘାୟୁ, ନୀରୋଗ ରଖନ୍ତୁ ଏତିକି ଆମ୍ଭର କାମନା। ଶୁଭେଚ୍ଛା ସହ: ବୋଉ, ଜେଜେ, ମା, ବଡବାବା, ବଡମାମା, ବାବା, ମାମା, ଦିଦି, ଭାଇ ଏବଂ ବନ୍ଧୁ ଓ ପରିବାରବର୍ଗ। ଧ-୯୧୯୧

## ସପ୍ତମ ଜନ୍ମଦିନ ଶୁଭେଚ୍ଛା



**ଓମ୍ ପ୍ରସାଦ ନାୟକ**

ଖୋରଡ, ନିମାପଡା

ଆଜି ତୋର ସପ୍ତମ ଜନ୍ମବାର୍ଷିକ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ କି ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ବଡବାବା, ବଡମମି, ବାବା, ମମି, ପିଇସା, ପିଉଷୀ, ମାଉଷୀ, ମଉଷା, ସୋନୁ ଭାଇ, ସ୍ୱପ୍ନା ଦିଦି, ଲକି ଭାଇ ଓ ପରବାରବର୍ଗ। ଧ-୬୩୭୩୬


# 'ଫୁଟ୍‌ପାଥ୍‌ରେ ପକୁଡ଼ି ବିକିବି ପଛେ ଭାଜପାକୁ ଯିବି ନାହିଁ'

ଭୁବନେଶ୍ୱର,୧।୧୧(ବ୍ୟୁରୋ): ଫୁଟ୍‌ପାଥ୍‌ରେ ପକୁଡ଼ି ବିକିବି ପଛେ ଭାଜପାକୁ ଯିବି ନାହିଁ। କଂଗ୍ରେସରେ ଅଛି, କୁଆଡ଼େ ଯିବା କଥା ଏଯାବତ୍ ଭାବି ନାହିଁ। କ୍ଷମତା ରାଜନୀତିରେ ବାରମ୍ବାର ପ୍ରତ୍ୟାଖ୍ୟାତ ହେଲେ ବି କସ୍ମିନ କାଳେ ଭାଜପାକୁ ଯିବାର ପ୍ରଶ୍ନ ଉଠୁନାହିଁ। ଏକଥା କହିଛନ୍ତି ନିକଟରେ କଂଗ୍ରେସ ବିଧାୟକ ପଦରୁ ଇସ୍ତଫା ଘୋଷଣା କରିଥିବା କୃଷ୍ଣଚନ୍ଦ୍ର ସଗରିଆ। ଦୁଇଦିନ ତଳେ ବିଧାୟକ ପଦରୁ ଇସ୍ତଫା ଦେବା ପରେ କୃଷ୍ଣ ଭାଜପାକୁ ଯିବା ନେଇ ଚର୍ଚ୍ଚା ହୋଇଥିଲା। ଏହାକୁ କୃଷ୍ଣ ଗୁରୁବାର ଖଣ୍ଡନ କରିଛନ୍ତି। ଏ ନେଇ ସେ କୁହନ୍ତି ଯେ, କୁନ୍ଦୁଲି ପୀଡ଼ିତାଙ୍କୁ ରାଜ୍ୟ ସରକାର ନ୍ୟାୟ ଦେଇ ନାହାନ୍ତି। ଏପରିକି କେନ୍ଦ୍ର ସରକାର ସେ ଦିଗରେ ସାମାନ୍ୟତମ ଚେଷ୍ଟା ବି କରିନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହ ଏବଂ ୧୨ରୁ ଅଧିକ କେନ୍ଦ୍ରମନ୍ତ୍ରୀ ରାଜ୍ୟକୁ ବାରମ୍ବାର ଗସ୍ତ କରିଛନ୍ତି। ତନ୍ମଧ୍ୟରୁ କେତେଜଣ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ନ୍ୟାୟ ପାଇଁ ଉଦ୍ୟମ କରିଛନ୍ତି? ରାଜ୍ୟର ବିଜେଡି, କେନ୍ଦ୍ରରେ ଭାଜପା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ତେଣୁ ନିର୍ବାଚନ ଲଢ଼ି ହାରିବି ପଛେ ଭାଜପାକୁ ଯିବି ନାହିଁ ବୋଲି କୃଷ୍ଣ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆସନ୍ତା ୧୦ରେ ରାଜଧାନୀରେ କୃଷ୍ଣ ଏକ ସମ୍ମିଳନୀ ଆୟୋଜନ କରିବାର ଯୋଜନା କରୁଛନ୍ତି।


## ମନେ ପଡ଼ନ୍ତି

### ସପ୍ତମ ଶ୍ରାଦ୍ଧ ବାର୍ଷିକୀ



**୰ଡାକ୍ତର ପ୍ୟାରୀ ମୋହନ ସିଂହ**

ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧

ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ସାତ ବର୍ଷ ହୋଇଗଲା। ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ। ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ସପ୍ତମ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା।

ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା।

ଧ-୫୯୯୧୯

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସଞ୍ଜୀବ କୁମାର ପଣ୍ଡା**
(ବାପି)

ଓଲଡ୍ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ତା. ୧୮।୦୮।୧୯୭୩
ତିରୋଧାନ: ତା. ୨୨।୧୦।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ହତଭାଗ୍ୟ ନନା, ବୋଉ, ସ୍ତ୍ରୀ, ପୁଅ (ସୂରଜ), ଭଉଣୀ, ଭିଣୋଇ, ଭାଇ, ଭାଇବୋହୂ, ସୋନୁ, ସୋମା, ଦିପୁନ୍, ରୋଶନୀ, ଗୁଡୁ, ଗୁଗୁଲ୍, ଆଶୀ (ଚାନ୍ଦ), ବନ୍ଧୁ ଓ ପରିବାରବର୍ଗ। ଧ-୬୪୩୬୨

### ୨୨ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ କୁଳମଣି ଆଚାର୍ଯ୍ୟ**

କାଦୁଆ, ଚକ୍ରୋଡ଼ା, କେନ୍ଦ୍ରାପଡ଼ା
ତିରୋଧାନ: ୧୪।୧୦।୧୯୯୭
(କାର୍ତ୍ତିକ କୃଷ୍ଣ ଦଶମୀ)

ଆପଣଙ୍କର ସ୍ମୃତି ଓ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, ଧର୍ମପରାୟଣତା, ସରଳ ଅମାୟିକ ଜୀବନ, ତ୍ୟାଗ, ସ୍ନେହ ଆମର ପଥପ୍ରଦର୍ଶକ ହେଉ। ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ- ହରିପଦ, ବୋହୂ- ରତ୍ନମଣୀ, ଝିଅଜ୍ୱାଇଁ, ନାତିନାତୁଣୀ, ଅଣନାତି ଓ ଅଣନାତୁଣୀ, ବନ୍ଧୁଗଣ ଓ ପରିବାରବର୍ଗ ତଥା ଚକ୍ରୋଡ଼ା ଆଞ୍ଚଳିକ ମାଇନର ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀବୃନ୍ଦ। ଧ-୬୪୯୦୭

### ୮ମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମନମୋହନ ପଟ୍ଟନାୟକ**

ମହୁଲପାଳ, କାମାକ୍ଷାନଗର, ଢେଙ୍କାନାଳ

ଆପଣଙ୍କ ଅମରାତ୍ମାର ସଦ୍‌ଗତି ହେଉ, ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୫୨


## ପ୍ରଥମ ପୃଷ୍ଠାରୁ...

### ପହଞ୍ଚିଲେ ତାରକା ...

ଦିଲୀପ ତିର୍କୀ ଓ ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋରଙ୍କ ଚର୍ଚ୍ଚା ଓ ପୂର୍ବାନୁମାନ ବେଶ୍ ଉପାଦେୟ ହେବ ବୋଲି ଆଶା କରାଯାଉଛି। ଅପରାହ୍ନରେ 'ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ, ଅନେକ ମତ' ଆଲୋଚନାଚକ୍ର ବେଶ୍ ମନୋଜ୍ଞ ହେବ। ଏଥିରେ ଭାଗନେବେ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର ମେଡଲିନ ପେପ୍, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ ଏବଂ ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ। 'ଦି ଧୋନୀ ଟଚ୍' ପୁସ୍ତକ ଉପରେ ଆଲୋଚନା ଅବସରରେ ମହେନ୍ଦ୍ର ସିଂ ଧୋନୀଙ୍କ ସଫଳତାର ରହସ୍ୟ ଉପରେ ମତ ରଖିବେ ଏହାର ରଚୟିତା ଭାରତ ସୁନ୍ଦରେଶନ। ଏହାପରେ 'ନମ୍ବର୍ସ ଡୋଣ୍ଟ ଲାଇ' ପୁସ୍ତକ ଉପରେ ଆଲୋକପାତ କରିବେ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା। କାର୍ଯ୍ୟସୂଚୀ ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି ଅବସରରେ 'ହକି ବାଇବ୍ସ'ର ପ୍ରଚ୍ଛଦ ପୃଷ୍ଠା ଉନ୍ମୋଚନ ହେବ। ଏହାପରେ 'କ୍ରୀଡ଼ା ରାଜଧାନୀ ପଥରେ ଭୁବନେଶ୍ୱର' ଶୀର୍ଷକରେ ଆଲୋଚନା ହେବ। ଏଥିରେ ଅଂଶଗ୍ରହଣ କରିବେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡିଜି ନୀଲମ କପୁର, ଓଡ଼ିଶା ସରକାରଙ୍କ କ୍ରୀଡ଼ା ସଚିବ ବିଶାଲ ଦେବ। ଅପରାହ୍ନ ୧୨ଟା ୧୫ରେ 'ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର' ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜେଫେରି ରବର୍ଟ ଥମ୍ପସନ। ଅପରାହ୍ନ ୨ଟାରେ ନିଜ ପୁସ୍ତକ 'ସେକ୍ସପିୟର ଦି କୋଚ୍' ପୁସ୍ତକ ସମ୍ପର୍କରେ କହିବେ ଗତ ଅର୍ଦ୍ଧଶତାବ୍ଦୀର ସର୍ବଶ୍ରେଷ୍ଠ ହକି ଖେଳାଳି , କୋଚ୍ ଏବଂ ରାଜନେତା ରିକ୍ ଚାର୍ଲ୍ସୱର୍ଥ।

### ବୀର ସୁରେନ୍ଦ୍ର ସାଏଙ୍କ ନାମରେ ...

କରାଯାଇଥିବା ଟୁଇଟ୍‌କୁ ମୁଖ୍ୟମନ୍ତ୍ରୀ ରି-ଟୁଇଟ୍ କରି କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଟୁଇଟ୍ ମାଧ୍ୟମରେ ନବୀନ ପଟ୍ଟନାୟକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଧନ୍ୟବାଦ ଜଣାଉଛି। ଝାରସୁଗୁଡା ବିମାନ ବନ୍ଦରକୁ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଇଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଟୁଇଟ୍ କରି କହିଛନ୍ତି ଯେ, ଝାରସୁଗୁଡା ବିମାନବନ୍ଦରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଟିର ସନ୍ତାନ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିଥିବାରୁ ଧନ୍ୟବାଦ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଟୁଇଟ୍ ମାଧ୍ୟମରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହା ଏକ ଗୌରବର ଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ୍ ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିଥିବାରୁ ଧନ୍ୟବାଦ। ଏହି ବିମାନବନ୍ଦର ପଶ୍ଚିମ ଓଡ଼ିଶାରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତି ଏହା ଏକ ଉତ୍ତମ ଶ୍ରଦ୍ଧାଞ୍ଜଳି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେପ୍ଟେମ୍ବରରେ ହୋଇଥିବା ଏହାର ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରଭାସ ସିଂ ଏବଂ ଝାରସୁଗୁଡା ବିଧାୟକ ନବ ଦାସ, ଯୋଗଦେଇଥିଲେ।

### ବାଣ ଭିଡ଼ିବା ବେଳେ ବିସ୍ଫୋରଣ...



ବାଣ ବିସ୍ଫୋରଣ ପରେ ଭାଙ୍ଗିରୁଜି ଯାଇଥିବା ଗୃହ ।

ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜ୍ଞାନେନ୍ଦ୍ରଙ୍କ ଦୁଇ ଝିଅଙ୍କ ମଧ୍ୟରୁ ଜଣେ ମାମୁ ଘରକୁ ଯାଇଥିବାବେଳେ ଅନ୍ୟଜଣେ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଇଥିଲେ। ଖବରପାଇ ବାଲିପାଟଣା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଖଣ୍ଡ ବିଖଣ୍ଡିତ ଅଙ୍ଗ ନେଇ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଇଛି। ମିଶ୍ରସାହିରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହି ବିସ୍ଫୋରଣରେ ଜିତେନ୍ଦ୍ର ମିଶ୍ରଙ୍କ ୩ ବଖରା ଭାଙ୍ଗିଯାଇଥିବା ବେଳେ ଦୁଇଟି ବାଇକ୍ ନଷ୍ଟ ହୋଇଛି। ସେହିପରି ଭରତ କୁମାର ମିଶ୍ରଙ୍କ ୫ବଖରା ଆଜବେଷ୍ଟସ ଉଡିଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଉପଜିଲାପାଳ ଶୁଭେନ୍ଦୁ କୁମାର ସାହୁ ଓ ବାଲିପାଟଣା ତହସିଲଦାର ପ୍ରାଚୀ ମହାପାତ୍ର କୁହନ୍ତି, ମୃତକ ଦମ୍ପତି ସରକାରୀ ସ୍ୱୀକୃତି ନ ନେଇ ବାଣ କାରବାର କରୁଥିଲେ। ଏ ନେଇ ଆମ ପାଖରେ କୌଣସି ଖବର ନ ଥିଲା। ଭୁବନେଶ୍ୱର ଓଡ୍ରାଫ୍ ଟିମ୍ ଶୁକ୍ରବାର ଭଗ୍ନାବଶେଷକୁ ଛାନଭିନ୍ କଲେ ଅଧିକ ତଥ୍ୟ ମିଳିବ ବୋଲି ବାଲିପାଟଣା ଆଇଆଇସି ଆକାଶ ରଣା କହିଛନ୍ତି। ଏନେଇ ବାଲିପାଟଣା ପୋଲିସ ଏକ ମାମଲା(ନଂ. ୨୦୧/୧୮) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉ କି, ୧୯୯୯ ମସିହାରେ ବାଣ ବିସ୍ଫୋରଣରେ ଜ୍ଞାନେନ୍ଦ୍ରଙ୍କ ବଡ ଭାଇ ଚଇତା ମିଶ୍ରଙ୍କ ମୃତ୍ୟୁ ହୋଇଥିଲା।

### ଘରୁ ଲୁଟ୍, ନାବାଳିକାଙ୍କୁ ...

ଅଶ୍ୱିନୀ କୁମାର ସାହୁ, ବିଭିନ୍ନ ଥାନାଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ନାବାଳିକାଙ୍କ ପରିବାର ଲୋକେ ବୁଧବାର ରାତିରେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୨ଟାରେ ୩ ଜଣ ଦୁର୍ବୃତ୍ତ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ୨୦ ହଜାର ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟ କରିବା ସହ ଘରର ସମସ୍ତ ଜିନିଷପତ୍ର ଫୋପାଡାଫିଙ୍ଗା କରିଥିଲେ। ଏହି ସମୟରେ ଶବ୍ଦ ଶୁଣି ନାବାଳିକା ଜଣଙ୍କ ନିଦରୁ ଉଠି ବସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଟେକିନେଇ ବାରିପଟ ରାସ୍ତା ଦେଇ ଘରଠାରୁ ପ୍ରାୟ ୩୦୦ ମିଟର ଦୂର ଏକ ଗଛ ମୂଳେ ଗଣବଳାତ୍କାର କରିଥିଲେ। କିଛି ସମୟ ପରେ ନାବାଳିକାଙ୍କ ବାପା ଉଠି ବାରି କବାଟ ଖୋଲାଥିବା ଓ ଜିନିଷପତ୍ର ଏଣେତେଣେ ପଡିଥିବା ଦେଖିଥିଲେ। ବାରିପଟକୁ ଯିବାବେଳେ ସେ ଝିଅର ଚିତ୍କାର ଶୁଣିଥିଲେ। ଘଟଣାସ୍ଥଳରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ପରେ ପୀଡିତାଙ୍କ ବାପା ବାଲିଛାଇ ଫାଣ୍ଡିରେ ଏତଲା ଦେଇଥିଲେ। ଗୁରୁବାର ଘଟଣାସ୍ଥଳରେ ଗଞ୍ଜାମ ଏସ୍‌ପି ରଏ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସାହୁ, କବିସୂର୍ଯ୍ୟନଗର ଥାନାଧିକାରୀ ତପନ କୁମାର ପତି, କୋଦଳା, ପୋଲସରା, ଆସିକା ପ୍ରମୁଖ ଥାନାଧିକାରୀ, ବାଲିଛାଇ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ବେହେରା ପ୍ରମୁଖ ପହଞ୍ଚି ଅନୁଧ୍ୟାନ କରିଥିଲେ। ଏଥିସହ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଥିଲା। ଏସଡିପିଓ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଏସ୍‌ପି ରଏ ସୂଚନା ଦେଇଛନ୍ତି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ନାବାଳିକାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୀଡିତା ନାବାଳିକା ଏବେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ମିତ୍ର ଗୃହରେ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ, ଧର୍ମକାର୍ଯ୍ୟ ସଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ୍ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ପୂର୍ଣ୍ଣ ଫଳପ୍ରଦ ରହିବ। ମୁଖଭାବ ପ୍ରତି ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ କଥାରେ, ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ।

**ବୃଷ** ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟବନ୍ଧୁଟି ଧୀରେ ଧୀରେ ଆପଣଙ୍କ ନିକଟରୁ ଦୂରେଇଯାଉଥିବାର ଅନୁଭବ କରିବେ। ଅର୍ଥଜନିତ ଅଭାବକୁ ଦୂରେଇବାରେ ସହକର୍ମୀଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ,ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ।

**ମିଥୁନ** ବୁଧ କର୍ମାଧିପଙ୍କ ସହ ଦୁଃସ୍ଥାନସ୍ଥ ହେତୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ପାଇବେ। କୌଣସି ବ୍ୟକ୍ତି ନିକଟରେ ବାକି ରହିଥିବା ଟଙ୍କା,ପଇସାକୁ କେନ୍ଦ୍ର କରି ଅନର୍ଥ ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ପୁନର୍ବସୁ ନକ୍ଷତ୍ର ଆତ୍ମୀୟମାନଙ୍କ ସୁନଜରରେ ଆସିବେ।

**କର୍କଟ** ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ ଲାଭର ସୌଭାଗ୍ୟ ଅର୍ଜନ କରିବ। ଆନୁଷଙ୍ଗିକ ସୁଯୋଗ ପ୍ରାପ୍ତିପୂର୍ବକ ଅଫିସିଆଲି କାମଗୁଡିକ ସହଜ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ। କିନ୍ତୁ ପାରିବାରିକ କ୍ଷେତ୍ରରେ ରହିଥିବା ଟେନ୍‌ସନ୍ କେତେକାଂଶରେ କମିଯିବ।

**ସିଂହ** ଯେତେ ପାଇଲେ କ'ଣ ହେବ ? ଖର୍ଚ୍ଚର ବିଭିନ୍ନ ଦିଗକୁ ରୋକି ନ ପାରି ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସମୟ କଟାଇବେ। ବନ୍ଧୁଙ୍କ ବାଚନିକ ସାହାଯ୍ୟ ଉପରେ ଭରସା କରିବା ମୁସ୍କିଲ୍ ହୋଇପାରେ। ଅବଶ୍ୟ ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା ଓ ସଭାସମିତିରେ ସଫଳତା ଅର୍ଜନ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ରାଶିର ଦୁଇପାଖରେ ରବି ଓ ଚନ୍ଦ୍ର ରହିଥିବାରୁ ଯେମିତି ପାଇବେ ସେମିତି ଖର୍ଚ୍ଚକରିବାକୁ ବାଧହେବେ। ଏହିପରି ପ୍ରତ୍ୟେକ କ୍ଷେତ୍ରରେ କେବଳ ମନସ୍ତାପ କରିବା ବ୍ୟତୀତ ସନ୍ତୋଷ ପାଇବେ ନାହିଁ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ । ସଭାସମିତି, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ଗ୍ରହମାନଙ୍କ ଅନୁକୂଳ ସ୍ଥିତି ପ୍ରତ୍ୟେକ କାର୍ଯ୍ୟ ସକାଶେ ଶୁଭପ୍ରଦ ରହିବ। ଅର୍ଥନୈତିକ ଅଭିବୃଦ୍ଧି, ନୂତନ ସ୍ଥାନ ପରିଦର୍ଶନାଦିର ସୁଯୋଗ ପାଇବେ। କିନ୍ତୁ ବିଶାଖା ନକ୍ଷତ୍ର କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ।

**ବିଛା** ପରିସ୍ଥିତିର ପରିବର୍ତ୍ତନକୁ ସହଜରେ ଗ୍ରହଣ କରିନେବା କଷ୍ଟକର ହେବ। କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ପରୋକ୍ଷରେ ଶତ୍ରୁତା କରୁଥିବାବ୍ୟକ୍ତିଙ୍କ ଅପପ୍ରଚାର ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ ହେବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ପାରିବାରିକ ଜଞ୍ଜାଳ ସାମାନ୍ୟ ବୃଦ୍ଧି ପାଇପାରେ, ଯାହା କିଚିନ୍ତା ବୃଦ୍ଧି କରିବ। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। କୌଣସି ଖବର ପାଇ ବିସ୍ମୟାଭିଭୂତ ହୋଇପାରନ୍ତି।

**ମକର** ପାପଗ୍ରହଯୁକ୍ତ ଚତୁର୍ଥାଧିପ ଚନ୍ଦ୍ରଙ୍କ ସହ ଷଡାଷ୍ଟକ ସ୍ଥିତି ହେତୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି । ଆପଣଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** ପ୍ରତ୍ୟେକ ସ୍ଥଗିତ କାମକୁ ପୂର୍ଣ୍ଣ କରିବାର ମନୋଭାବକୁ କାର୍ଯ୍ୟକାରୀ କରାଇବେ। ତଥାପି ଆଜିର ଚନ୍ଦ୍ର ପରିବାରରେ ଝଗଡା, ଯାତ୍ରାରେ ସମସ୍ୟା, ଧନହାନି ଓ ମନସ୍ତାପର କାରଣ ହୋଇପାରେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାର ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ର ଆଜି ପାଇଁ ମାନ୍ଦା ହେବ ନାହିଁ।

**ମୀନ** ଆପଣଙ୍କ କାର୍ଯ୍ୟଦକ୍ଷତା ସ୍ୱରୂପ ବ୍ୟକ୍ତିଗତ ଭାବରେ ଉନ୍ନତମାନର ଫଳ ପାଇବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରନ୍ତି। ପୂର୍ବ ବିବାଦର ସମାଧାନ ହେବା ସଙ୍ଗକୁ ଦୀର୍ଘଦିନରୁ ଲାଗି ରହିଥିବା ଟେନସନ୍ ମଧ୍ୟ କମିଯିବ। ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସଙ୍ଗୀତ, କଳା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ଆଜି କାର୍ତ୍ତିକ କୃଷ୍ଣ ଦଶମୀ ଶୁକ୍ରବାର, ନଭେମ୍ବର ୨ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୦୮ମି. ମଧ୍ୟେ ଘ.୪।୨୫ମି. ଗତେ, ଘ.୬।୦୦ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୦୮ମି. ଗତେ ଘ.୮।୪୫ମି. ମଧ୍ୟେ, ଘ.୧୧।୫୧ମି. ଗତେ ଘ.୧।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୦୫ମି. ଗତେ ଘ.୧୧।୩୦ମି. ମଧ୍ୟେ ରାହୁକାଳ।

# ଆଜିଠୁ ଏମ୍‌ଏସ୍‌ଏମ୍‌ଇ ସହାୟତା ଓ ସମ୍ପର୍କ ଅଭିଯାନ

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁକ୍ରବାର ‘ସୂକ୍ଷ୍ମ,ଲଘୁ,ମଧ୍ୟମ ଉଦ୍ୟୋଗ ସହାୟତା ଓ ସମ୍ପର୍କ ଅଭିଯାନ’ ଆରମ୍ଭ ହେବ। ଓଡ଼ିଶାରେ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। କଟକ ଜିଲାସ୍ଥିତ ଶହୀଦ ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ପୁରୀ ଟାଉନ୍ ହଲରେ ହେବାକୁ ଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ, ପାରାଦୀପସ୍ଥିତ ଜୟଦେବ ସଦନରେ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନସୁଖ ଲାଲ ମଣ୍ଡଭିୟା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସାରା ଦେଶର ପ୍ରାୟ ୧୦୦ଟି ଜିଲାରେ ହେଉଥିବା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ।

ପ୍ରତି ଜିଲାରେ ଥିବା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ କେନ୍ଦ୍ର ଜରିଆରେ ଏହି ୧୦୦ ଦିନିଆ କାର୍ଯ୍ୟ ପରିଚାଳନା କରାଯିବ। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଶୀଘ୍ର ତଥା ସହଜ ଋଣ ଯୋଗାଣ, କ୍ଷେତ୍ରର ପ୍ରସାର, ଆଇନର ଅନୁପାଳନକୁ ସହଜ କରିବା ଏବଂ ଉଦ୍ୟୋଗ ସହ ଜଡ଼ିତ କର୍ମଚାରୀଙ୍କ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ଯୋଜନାରେ ୫୯ ମିନିଟ୍‌ରେ ବିନା ସମସ୍ୟାରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଏକକୋଟି ପର୍ଯ୍ୟନ୍ତ ଅନଲାଇନ ଋଣ ପ୍ରଦାନ ଲାଗି ବ୍ୟବସ୍ଥା କରାଯିବାର କାର୍ଯ୍ୟକ୍ରମ ରହିଛି।

# ଶୀତ ଗାଏବ: କାଁ ଭାଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଶୀତର ପ୍ରକୋପ ଆରମ୍ଭ ହୋଇଥିଲା। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଥିଲା। ତେବେ ପାଗରେ ପରିବର୍ତ୍ତନ ଯୋଗୁ ପାରଦ ପୁଣି ଉପର ମୁହାଁ ହୋଇଛି । ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହୁଛି। ସେହିପରି ଦିନର ତାପମାତ୍ରା ୩୩ ଡିଗ୍ରୀକୁ ମଧ ଟପି ଯାଉଛି। ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ ତାପମାତ୍ରା ତଳକୁ ଖସୁ ନାହିଁ । ଏଭଳି ପାଗ ଆହୁରି ୪/୫ ଦିନ ରହିବ ବୋଲି ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୫.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୬.୬, ଭବାନୀପାଟଣାରେ ୧୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ଘଣ୍ଟା ମଧରେ କୋରାପୁଟ, ମାଲକାନଗିରି ସମେତ ଦକ୍ଷିଣ ଓଡିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଆସନ୍ତା ୪ ତାରିଖ ଯାଏ ଉତ୍ତର ଏବଂ ଆଭ୍ୟନ୍ତରଣ ଜିଲାଗୁଡ଼ିକର କେତେକ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।









■ଡେବ୍ରିଗଡ଼ ବାଘ ମୃତ୍ୟୁ ଘଟଣା

# ତଦନ୍ତ କରିବ ଏନ୍‌ଟିସିଏ ଟିମ୍

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ଡେବ୍ରିଗଡ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବାଘ ମୃତ୍ୟୁ ଘଟଣାର ତଦନ୍ତ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) କରିବ। ଏଥିପାଇଁ ଏନ୍‌ଟିସିଏ ପକ୍ଷରୁ ଗୁରୁବାର ଦୁଇଜଣିଆ ଟିମ୍ ଗଠନ କରାଯାଇଛି। ଜନୈକ ଅଧିକାରୀଙ୍କ କହିବାନୁଯାୟୀ ଉକ୍ତ କମିଟିରେ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଆଞ୍ଚଳିକ ଉପ-ନିର୍ଦ୍ଦେଶକ ଏବଂ ଏନ୍‌ଟିସିଏ ନାଗପୁର ଆଞ୍ଚଳିକ ଏଆଇଜି ସଦସ୍ୟ ରହିଛନ୍ତି। ଏନେଇ ଏନ୍‌ଟିସିଏ ସଦସ୍ୟ ଅନୁପ ନାୟକ କହିଛନ୍ତି ଯେ, ଗଠିତ ଟିମ୍ ଖୁବ୍‌ଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରି ୧୦ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ପ୍ରକାଶ ଯେ, ଗତ ରବିବାର ଡେବ୍ରିଗଡ ବନ୍ୟପ୍ରାଣୀ ଅଭୟାରଣ୍ୟରୁ ମୃତ ବାଘର ସନ୍ଧାନ ମିଳିଥିଲା। ପ୍ରାଥମିକ ଭାବେ ଏହା ରୟାଲ ବେଙ୍ଗଲ ଟାଇଗର ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ହୋଇଥିବା ଶବ ବ୍ୟବଚ୍ଛେଦରୁ ଏହା ଚିତା ବାଘ ବୋଲି ଜଣାପଡିଲା। ସ୍ଥାନୀୟ ଜନସାଧାରଣଙ୍କ କହିବାନୁଯାୟୀ କାଠ ମାଫିଆମାନେ ଚିତାଟିକୁ ମାରି ତା’ର ଦାନ୍ତ, ନଖ ସଂଗ୍ରହ କରି ମାଟିରେ ପୋତି ଦେଇଛନ୍ତି।






# ରାତିରେ ବାଲି ଚୋରାଚାଲାଣ

କିର୍ମିରା,୧।୧୧(ଡି.ଏନ୍.ଏ.)

କିର୍ମିରା ବ୍ଲକ ଧୁତୁରା ରାସ୍ତାଦେଇ ଇବ୍ ନଦୀ ବାଲିଘାଟରୁ ରାତି ସମୟରେ ହାଇୱା ଓ ଟ୍ରକ୍ ଯୋଗେ ବାଲି ଚୋରାଚାଲାଣ ହେଉଥିବା ଧୁତୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରୁ ବାଲି ଉଠାଇବା ନେଇ ପ୍ରଶାସନ ପ୍ରତିବନ୍ଧ ଲଗାଇଥିବା ବେଳେ ତହସିଲ କର୍ମଚାରୀଙ୍କୁ ହାତ କରି ଅସାଧୁ ବ୍ୟବସାୟୀ ରାତିରେ ବାଲି ଚୋରାଇ ନେଉଛନ୍ତି। ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ପ୍ରଶାସନ ଦୃଢ଼ ପଦକ୍ଷେପ ନେଇ ଏହାକୁ ବନ୍ଦ କରିବାକୁ ଦାବି ହୋଇଛି।


## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ପ୍ରା.ଲି., ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ୮୮୨୧୭.୭୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ଏକ କୋଠରି ବିଶିଷ୍ଟ ୫ ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗିତା ଯୋଜନାର ଅନ୍ତର୍ଭୁକ୍ତ ଅଟେ ଏବଂ ବହନଯୋଗ୍ୟ ଘରୋଇ ପ୍ରକଳ୍ପ ନିମନ୍ତେ କାର୍ଯ୍ୟକାରୀ କରାଯାଉଅଛି।

ଉପରୋକ୍ତ ଅନୁମତିପତ୍ରର ଏକକିତା ନକଲ ଚିଠି ନଂ. ୬୧୫୫/ଏସ୍.ଇ.ଆଇ.ଏ.ଏ. ତା୧୨ ଅକ୍ଟୋବର ୨୦୧୮ ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

**ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ପ୍ରା.ଲି.**


# ସାତକୋଶିଆ ଅଞ୍ଚଳରୁ ଫେରିଲା ଭାଜପା ପ୍ରତିନିଧି ଦଳ

■ବ୍ରିଟିଶ ଶାସନଠାରୁ ବଳିଯାଇଛି ପୋଲିସ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ସାତକୋଶିଆ ଅଞ୍ଚଳରେ ଏବେ ସୁନ୍ଦରୀ ବାଘୁଣୀ ଅପେକ୍ଷା ଲୋକମାନଙ୍କୁ ପୋଲିସ ବେଶି ଡରାଉଛି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ସାତକୋଶିଆ ଅଞ୍ଚଳ ପରିଦର୍ଶନ ପାଇଁ ଯାଇଥିବା ପ୍ରତିନିଧି ମଣ୍ଡଳୀ ଫେରିବା ପରେ ଏଭଳି ମତ ରଖିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଲୋକମାନଙ୍କ ବିରୋଧରେ ମିଛ ମାମଲା ଦାଏର କରି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଉପାୟରେ ପୋଲିସ ଗିରଫ କରି ଭୟର ବାତାବରଣ ସୃଷ୍ଟି କରୁଛି । ଦୁଇଟି ଜୀବନ ଯିବା ସତ୍ତ୍ୱେ ଗାଁକୁ ଏବେ ସୁଦ୍ଧା କୌଣସି ସରକାରୀ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ପାଦ ନ ପଡିବା ନିନ୍ଦନୀୟ । ଗତ ବୁଧବାର ଭାଜପା ପ୍ରତିନିଧିମଣ୍ଡଳୀ ସାତକୋଶିଆ ଅଞ୍ଚଳ ଗସ୍ତ କରିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ । ଦୁଇଜଣଙ୍କୁ ଉକ୍ତ ଅଞ୍ଚଳରେ ବାଘୁଣୀ ସୁନ୍ଦରୀ ହତ୍ୟା କରିବା ପରେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ସେହି ଅଞ୍ଚଳକୁ କୌଣସି ସରକାରୀ ଅଧିକାରୀ ଯାଇ ନ ଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଲୋମାନେ ପ୍ରତିକ୍ରିୟାଶୀଳ ହୋଇ ଆନ୍ଦୋଳନ କରିବା ପରେ ମିଛ ମାମଲାରେ ଛନ୍ଦି ଲୋକମାନଙ୍କୁ ଗିରଫ କରାଯାଉଛି। ଏହି ବିଷୟ ଅଧିକ ଦୁଃଖଦାୟକ। ସାତକୋଶିଆ ଅଞ୍ଚଳରେ ଏବେ ଦିନରେ ବାଘ ଭୟ ଏବଂ ରାତିରେ ପୋଲିସ ଭୟ, ଅହରହ ବିଦ୍ୟୁତ କାଟ୍ ଆଦିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବ୍ରିଟିଶ ଶାସନଠାରୁ ବିଜେଡି ସରକାରର ଶାସନ ବଳିଯାଉଛି ବୋଲି ସ୍ଥାନୀୟ ଲୋକେ କହିଥିବା ସେ ଅଭିଯୋଗ କରିଛନ୍ତି। ଟାଇଁସ ଗାଁରେ ପ୍ରଥମେ ବିଜେଡି ନେତା ବଳଭଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଜପଥ ବନ୍ଦ କରାଗଲା। ହେଲେ ପୋଲିସ ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନଙ୍କୁ ଗିରଫ କରି ଜେଲ୍ କାହିଁକି ପଠାଇଛି ବୋଲି ସମୀର ପ୍ରଶ୍ନ କରିଛନ୍ତି ।





# CLASSIFIED DISPLAY




Good News to Schools, Students, Employees & House Wives

**Spoken English**

Learn Spoken English at your Home with our 2 Months Course Video Tutorial in 3 DVDs for Rs. 500/- only.

Don't go anywhere. Repeatedly listen & Practice at your convenient. This video tutorial covers entire grammar and vocabulary with interactive activities. This videos can be played on all devices including mobile.

Original Price Rs.2,000/- Offer Rs.500/- Only

Call: 7702389796 for VPP Order

Thousands of people benefited. Why Can't you? Order today. Don't miss this Amazing Offer

Limited OFFER only. Global Edu Corp, Hyderabad







MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ କିଛିଏ ମଧ୍ୟ ତୁମକୁ ସକଳ ବାଧାବିପତ୍ତି ଓ ସଂକଟରୁ ପାରିକରିଦେବ। –ଶ୍ରୀଅରବିନ୍ଦ



# ବେପାର ମାନ୍ଦା

ଦୀପାବଳି ଆଉ ସପ୍ତାହକରୁ କମ୍ ସମୟ ରହିଲା। ତଥାପି ଲୋକଙ୍କ ମଧ୍ୟରେ ସେମିତି କିଛି ଉତ୍ସାହ ଦେଖିବାକୁ ମିଳୁନି। ନିକଟରେ ରାଜ୍ୟର ଅନେକ ଉପକୂଳବର୍ତ୍ତୀ ଜିଲା ଦେଇ ତିତ୍‌ଲି ଝଡ଼ ବୋହିଯାଇଛି। ବେଶି ପ୍ରଭାବିତ ଅଞ୍ଚଳର ଲୋକମାନେ ଏଯାଏ ଅଣ୍ଟା ସଳଖି ଠିଆ ହୋଇପାରିନାହାନ୍ତି। ବାତ୍ୟା-ପ୍ରଭାବିତ ଲୋକମାନଙ୍କ ପାଇଁ ରାଜ୍ୟ ସରକାର ଏବେ ଏକ ପ୍ୟାକେଜ୍ ଘୋଷଣା କରିଛନ୍ତି। ବାତ୍ୟା ଅନେକ ଅଞ୍ଚଳରେ ଫସଲ ଉଜାଡ଼ିଦେବା ସହ ଗୃହପାଳିତ ପ୍ରାଣୀଙ୍କର କ୍ଷତି କରିଛି। ଧାନ ଅମଳ ଦୃଷ୍ଟିରୁ ବୃହତ୍ ଜିଲା ଗଞ୍ଜାମ ତିତ୍‌ଲି ଦ୍ୱାରା ସବୁଠାରୁ ବେଶି ପ୍ରଭାବିତ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ଅନ୍ୟତମ। ଆଉ ଏକ ବଡ଼ ଧରଣର ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା, ଯେଉଁ ଭୟ ଏବେ ଦୂର ହୋଇଯାଇଛି। ତଥାପି ପ୍ରାକ୍-ଦୀପାବଳି ପରିବେଶ ନିରୁତ୍ସାହଜନକ ରହିଛି। ଏହି ପୃଷ୍ଠଭୂମିରେ ଟିଭି, ଫ୍ରିଜ୍ ପ୍ରଭୃତି ବିଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଓ ମୋବାଇଲ ଫୋନ୍ ପ୍ରଭୃତି ବିକ୍ରି କରୁଥିବା ଦୋକାନୀ ଓ ଡିଲରମାନଙ୍କ ପାଇଁ ଚଳିତବର୍ଷର ଦୀପାବଳି ସବୁଠାରୁ ନୈରାଶ୍ୟଜନକ ହେବାକୁ ଯାଉଛି। ତେଣୁ ଗ୍ରାହକମାନଙ୍କୁ, ବିଶେଷତଃ ଯୁବଗୋଷ୍ଠୀର କ୍ରେତାମାନଙ୍କୁ ଆକୃଷ୍ଟ କରିବା ପାଇଁ ଆମାଜନ ଓ ଫ୍ଲିପ୍‌କାର୍ଟ ପରି ଅନ୍‌ଲାଇନ୍ ରିଟେଲର ବ୍ୟାପକ ରିହାତି ଓ ନଗଦ ଟଙ୍କା ଫେରସ୍ତ ଅଫର ପ୍ରଦାନ କରୁଛନ୍ତି।

କେତେକ ରିପୋର୍ଟଅନୁସାରେ, ଦୁର୍ଗାପୂଜା ସମୟରୁ ଆରମ୍ଭ ହୋଇଥିବା ପାର୍ବଣ ଋତୁରେ ଏ ଯାବତ୍ ଯେତିକି ବେପାର ହେବା କଥା, ତା'ର ଅଧା ବି ହୋଇନାହିଁ। ବିଭିନ୍ନ ଖୁଚୁରା ବିକ୍ରେତାଙ୍କର ଓ ବିଭିନ୍ନ ବ୍ରାଣ୍ଡର ସାରା ବର୍ଷରେ ଯେତିକି କାରବାର ହୁଏ, ତା'ର ୩୫ରୁ ୪୫ ପ୍ରତିଶତ କେବଳ ଏଇ ଗୋଟିଏ ମାସରେ ହୋଇଥାଏ। କିନ୍ତୁ ଏବର୍ଷ ପାର୍ବଣ ଋତୁରେ ଦୋକାନଗୁଡ଼ିକରେ ଗ୍ରାହକଙ୍କ ପାଦ ପଡ଼ିବା କମିଯାଇଛି। ପ୍ରାୟ ସବୁ ଇଲେକ୍ଟ୍ରୋନିକ୍ ଦୋକାନ ଦୀପାବଳି ପୂର୍ବରୁ ଚିରାଚରିତ ଢଙ୍ଗରେ ରିହାତି ଘୋଷଣା କରିଥିଲେ ବି ତାହା ଅନ୍‌ଲାଇନ୍ ରିଟେଲରଙ୍କ ତୁଳନାରେ ଗ୍ରାହକଙ୍କୁ ସେତେ ଆକୃଷ୍ଟ କରିପାରି ନାହିଁ। ଆମାଜନ୍ ଓ ଫ୍ଲିପ୍‌କାର୍ଟ ବ୍ୟାପକ ବିଜ୍ଞାପନ ଦେବା ସହ ବିଶେଷ ମଡେଲଗୁଡ଼ିକ ଉପରେ ମୋଟା ଆକାରର ରିହାତି ଦେଉଥିବାରୁ ଅନ୍‌ଲାଇନ୍‌ରେ କିଣିଲେ ସବୁଠୁ ଶସ୍ତା ପଡ଼ିବ ବୋଲି ଗ୍ରାହକମାନଙ୍କର ଧାରଣା ସୃଷ୍ଟି ହୋଇଛି। ତା' ସତ୍ତ୍ୱେ ସାଧାରଣ ଋତୁରେ ବିକ୍ରି ସୀମିତ ରହିବା ପରି ପାର୍ବଣ ଋତୁରେ ବି ଅନ୍‌ଲାଇନ୍ ବେପାର ସେତେ ଉତ୍ସାହଜନକ ହେବାର ଦେଖାଯାଉ ନାହିଁ।

## ଆଜିର ଅର୍ଥନୀତି

ଦେଶରେ ସାମଗ୍ରିକ ବଜାର ଦର ପରିସ୍ଥିତି ଭଲ ନୁହେଁ। ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକର ମୂଲ୍ୟ ସବୁଠୁ ଅଧିକ ରହିଛି। ମୁଦ୍ରାସ୍ଫୀତି ବଢ଼ି ବଢ଼ି ଚାଲିଛି। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ଗତ ପ୍ରାୟ ସପ୍ତାହେ ଭିତରେ ଯଦିଚ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବିଶେଷ ବଢ଼ି ନାହିଁ, ତଥାପି ମୂଲ୍ୟ ଯେଉଁ ସ୍ତରରେ ରହିଛି, ତାହା ସାଧାରଣ ଲୋକଙ୍କ ପାଇଁ ଅସ୍ୱସ୍ତିକର। ଗତମାସରେ ଦେଖାଗଲା, ଡିଜେଲର ମୂଲ୍ୟ ପେଟ୍ରୋଲକୁ ବଳିଯାଇଛି। ଓଡ଼ିଶାରେ ଡିଜେଲର ମୂଲ୍ୟ ଦେଶ ଭିତରେ ସବୁଠାରୁ ଅଧିକ ହୋଇଯାଇଥିଲା। ଏହାକୁ ନେଇ ସବୁଠାରେ ନୈରାଶ୍ୟ ଭାବ ଦେଖାଦେଇଛି। ଅକ୍ଟୋବର ୧୧ରେ ସରକାର ୧୭ଟି ଜିନିଷ ଉପରେ ଆମଦାନୀ ଶୁଳ୍କ ବଢ଼ାଇଦେଲେ, ଯାହା ଫଳରେ ସେଗୁଡ଼ିକର ମୂଲ୍ୟ ବଢ଼ିଗଲା। ତେଣୁ ଟିଭି, ୱାଶିଂମେଶିନ୍, ଫ୍ରିଜ୍, ମୋବାଇଲ ଫୋନ୍ ପ୍ରଭୃତି ଯେଉଁସବୁ ଜିନିଷ ଦୀପାବଳି ସମୟରେ ବେଶି ବିକ୍ରି ହୁଏ, ସେସବୁ ଜିନିଷର ଦାମ୍ ସର୍ବନିମ୍ନ ୧୦ ପ୍ରତିଶତ ବଢ଼ିଗଲା। ବ୍ୟାଙ୍କ ଋଣ ମଧ୍ୟ ମହଙ୍ଗା ହୋଇଛି। ବ୍ୟାଙ୍କଗୁଡ଼ିକ ସୁଧହାର ବୃଦ୍ଧି କରିଥିବାରୁ ଇଏମ୍‌ଆଇ (ମାସିକ କିସ୍ତି) ପରିମାଣ ବୃଦ୍ଧି ପାଇଛି। ଫଳରେ ଲୋକମାନଙ୍କ ହାତରେ କମ୍ ଟଙ୍କା ରହୁଛି। ସୁନା ଦର କିଛି ପରିମାଣରେ ବୃଦ୍ଧି ପାଇଛି। ଏହି ହଳଦିଆ ଧାତୁର ମୂଲ୍ୟ ୧୦ ଗ୍ରାମ୍ ପିଛା ଏବେ ପ୍ରାୟ ୩୨,୦୦୦ ଟଙ୍କା ରହିଛି। ନିକଟଭବିଷ୍ୟତରେ ମୂଲ୍ୟ କମିବାର ଆଶା ନାହିଁ। ଯଦି ଏହି ସ୍ଥିତି ବଳବତ୍ତର ରହେ, ତା'ହେଲେ ଆଗକୁ ଧନ୍‌ତେରସ ଆସୁଥିବା ବେଳେ ଲୋକଙ୍କ ମନରେ ସୁନା କିଣିବାର ଇଚ୍ଛା କମିଯିବ।

ଦୀପାବଳିରେ ବାଣ ଫୁଟାଇବା ଉପରେ ସୁପ୍ରିମ୍‌କୋର୍ଟ କିଛି କଟକଣା ଜାରି କରିଛନ୍ତି। ସନ୍ଧ୍ୟାବେଳେ ମାତ୍ର ଦୁଇଘଣ୍ଟା ପାଇଁ ଲୋକେ ବାଣ ଫୁଟାଇପାରିବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ତେବେ ଗତ ଦୁଇଦିନ ଭିତରେ କୋର୍ଟ ବାଣଫୁଟା ସମୟକୁ କିଛିଟା କୋହଳ କରିଛନ୍ତି। ତାମିଲନାଡୁ ଓ ପଣ୍ଡିଚେରୀରେ ଲୋକେ ଦିନବେଳା ବାଣ ଫୁଟାଇପାରିବେ ବୋଲି କୋର୍ଟ ଅନୁମତି ଦେଇଥିବା ବେଳେ ଉକ୍ତ ସମୟସୀମା ସେଇ ଦୁଇଘଣ୍ଟା ହିଁ ରଖାଯାଇଛି। ମୋଟ ଉପରେ ଏବେ ଦୀପାବଳିର ମାହୋଲ ହିଁ ଦେଖିବାକୁ ମିଳୁନି, ଯାହା ସବୁବର୍ଷ ଦୀପାବଳି ଆସିବାର ଅବ୍ୟବହିତ ପୂର୍ବରୁ ଦେଖିବାକୁ ମିଳିଥାଏ।

### ଚିରନ୍ତନୀ

ଆମ୍ର ବନ ବିଛାଏ ଛାୟା
ତାହାରି ତଳେ ଆସି
ନିଦାଘ ତାପ କରଇ ଦୂର
ସୁଦୂର ପରବାସୀ।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 7 | E | | | 9 | | | | | 6 | 4 | 1 | |
| | | | | | B | A | 6 | | | | 7 | 8 | | |
| 2 | A | C | | | D | | | E | | 5 | | | 3 | |
| | 1 | B | | | | | 5 | | | D | | A | 6 | |
| | 6 | | | | C | | | | 9 | | 4 | | | |
| | D | | 9 | | | 2 | 7 | | | 1 | A | | | |
| | | 5 | | 0 | E | | 4 | 3 | 8 | | | D | | |
| | | | | | | D | 9 | | E | | 5 | | 2 | |
| | 4 | | | 3 | | E | | C | 6 | 7 | | | 8 | |
| | | 8 | | 7 | A | | | | | 2 | | 6 | | |
| B | | | | | | | 8 | | | | | C | 9 | |
| 4 | | E | | 1 | | | | | | 6 | | | | |
| 5 | | | | | 2 | 0 | | | | B | | 1 | | |
| | | | 3 | B | | | | | | | E | | | |
| | | | 8 | | 0 | | 1 | | 2 | | D | | A | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 3 | 5 | C | B | 7 | D | 1 | 9 | E | 2 | 6 | 8 | 4 |
| E | 5 | 6 | 4 | 2 | 8 | 9 | A | B | 3 | 1 | 7 | 0 | C | D |
| D | 7 | 8 | 1 | E | 0 | 4 | 3 | 2 | 6 | B | C | 9 | 5 | A |
| 1 | C | 2 | A | D | 9 | 6 | 5 | E | 0 | 8 | 4 | 7 | B | 3 |
| 4 | B | 9 | 7 | 3 | 6 | 8 | C | 0 | D | A | 5 | 2 | 1 | E |
| 3 | 8 | 1 | 6 | 4 | 5 | B | 2 | A | C | 9 | D | E | 0 | 7 |
| 7 | 0 | D | E | 9 | 2 | 5 | 1 | 8 | B | 4 | 6 | A | 3 | C |
| 6 | E | B | 8 | 0 | C | D | 4 | 9 | A | 7 | 3 | 5 | 2 | 1 |
| A | 4 | C | B | 7 | 1 | 0 | E | 3 | 5 | 2 | 8 | D | 6 | 9 |
| 9 | 2 | 5 | D | A | 3 | C | 7 | 6 | E | 0 | 1 | 8 | 4 | B |
| 2 | 6 | A | C | 1 | E | 3 | 0 | D | 7 | 5 | B | 4 | 9 | 8 |
| 5 | D | E | 3 | 6 | 4 | 1 | 9 | 7 | 8 | C | 0 | B | A | 2 |
| 8 | 9 | 0 | 2 | B | 7 | A | 6 | 4 | 1 | 3 | E | C | D | 5 |
| B | 3 | 7 | 9 | 5 | D | 2 | 8 | C | 4 | 6 | A | 1 | E | 0 |
| C | 1 | 4 | 0 | 8 | A | E | B | 5 | 2 | D | 9 | 3 | 7 | 6 |

ଗତକାଲିର ଉତ୍ତର

# ବୈଷମ୍ୟ ହିଁ ବଡ଼ ଆହ୍ୱାନ



ଡ. ସନ୍ତୋଷ କୁମାର ମହାପାତ୍ର

ଭାରତ ବିଶ୍ୱରେ ଷଷ୍ଠ ବୃହତ୍ ଅର୍ଥନୀତି ତଥା ଏକ ଦ୍ରୁତ ଅଭିବୃଦ୍ଧିଭିତ୍ତିକ ରାଷ୍ଟ୍ର ବୋଲି ସରକାର ଗର୍ବ କରୁଛନ୍ତି। କିନ୍ତୁ ମାନବ ଉନ୍ନୟନ ଦୃଷ୍ଟିରୁ ଭାରତ ଅତ୍ୟନ୍ତ ପଛରେ ଥିଲାବେଳେ ଆର୍ଥିକ ବୈଷମ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଚିନ୍ତାର ବିଷୟ ହେଉଛି ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ପ୍ରକାଶିତ ୨୦୧୭ର ମାନବ ଉନ୍ନୟନ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ୧୮୯ଟି ଦେଶ ମଧ୍ୟରୁ ୧୩୦ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୨୯ଟି ଦେଶ ତଳେ। ଅବଶ୍ୟ ଗତବର୍ଷ ତୁଳନାରେ ଗୋଟିଏ ଅଙ୍କ ଉନ୍ନତି ଘଟିଥିଲେ ମଧ୍ୟ ୨୦୧୫ରେ ଏହା ଯେଉଁ ସ୍ଥିତିରେ ଥିଲା ୨୦୧୭ରେ ସେହି ସ୍ଥିତିରେ ରହିଛି। ୨୦୧୬ରେ ଭାରତ ୧୩୧ତମ ସ୍ଥାନରେ ଥିଲାବେଳେ ୨୦୧୫ରେ ୧୩୦ତମ ସ୍ଥାନରେ ଥିଲା।

ମାନବ ଉନ୍ନୟନ ସୂଚକାଙ୍କ ସାଧାରଣତଃ ମାନବ ଉନ୍ନୟନର ୩ଟି ଦିଗ ଉପରେ ପର୍ଯ୍ୟବସିତ। ତାହା ହେଲା ମୁଣ୍ଡପିଛା ଜାତୀୟ ଆୟ (ଜିଏନ୍‌ଆଇ) ଦ୍ୱାରା ପ୍ରତିଫଳିତ ଉନ୍ନତ ଜୀବନଯାପନ, ହାରାହାରି ଆୟୁ ଦ୍ୱାରା ପ୍ରତିଫଳିତ ସୁସ୍ଥ ଜୀବନ ଏବଂ ଜ୍ଞାନ ତଥା ଶିକ୍ଷାଗତ ଯୋଗ୍ୟତା। ଜ୍ଞାନ ତଥା ଶିକ୍ଷାଗତ ଯୋଗ୍ୟତା ସାଧାରଣତଃ ବୟସ୍କ ଲୋକମାନେ କେତେବର୍ଷ ହାରାହାରି ଅଧ୍ୟୟନ କରିଛନ୍ତି ଏବଂ ପିଲାମାନେ କେତେବର୍ଷ ଅଧ୍ୟୟନ କରିବାର ସମ୍ଭାବନା ଉପରେ ପର୍ଯ୍ୟବସିତ। ଏହି ସୂଚକାଙ୍କରେ ନରୱେ ପ୍ରଥମ ସ୍ଥାନରେ ଥିଲାବେଳେ ସୁଇଜରଲାଣ୍ଡ ୨ୟ, ଅଷ୍ଟ୍ରେଲିଆ ୩ୟ, ଆୟର୍ଲାଣ୍ଡ ୪ର୍ଥ ଏବଂ ଜର୍ମାନୀ ୫ମ ସ୍ଥାନରେ ରହିଛି। ଅପରପକ୍ଷରେ ନାଇଜର, ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ, ଦକ୍ଷିଣ ସୁଦାନ, ଚାଦ୍, ବୁରୁଣ୍ଡି ନିମ୍ନରେ ରହିଛନ୍ତି।

ଏକ ଦେଶର ବିକାଶ ମାପିବାରେ ଜିଡିପି ଅପେକ୍ଷା ମାନବ ଉନ୍ନୟନ ସୂଚକାଙ୍କ ଏକ ଉନ୍ନତ ମାନଦଣ୍ଡ। ଏହାକୁ ୧୯୯୦ରେ ପାକିସ୍ତାନୀ ଅର୍ଥନୀତିଜ୍ଞ ମହବୁବ ଅଲହକ ଏବଂ ଭାରତୀୟ ଅର୍ଥନୀତିଜ୍ଞ ତଥା ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ପ୍ରକାଶ କରିଥିଲେ। ଏହାଦ୍ୱାରା ଦେଶଗୁଡ଼ିକୁ ବିକାଶ ଦୃଷ୍ଟିରେ ୪ ଭାଗରେ ବିଭକ୍ତ କରାଯାଇଥାଏ। ୧୮୯ ଦେଶ ମଧ୍ୟରୁ ୫୯ଟି ଦେଶ ଅତି ଉଚ୍ଚ ମାନବିକ ଉନ୍ନୟନ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥିଲା ବେଳେ ୫୩ଟି ରାଷ୍ଟ୍ର ଉଚ୍ଚ ମାନବିକ ଉନ୍ନୟନ ଶ୍ରେଣୀ, ୩୯ଟି ରାଷ୍ଟ୍ର ମଧ୍ୟମ ମାନବିକ ଉନ୍ନୟନ ଏବଂ ୩୮ଟି ରାଷ୍ଟ୍ର ନିମ୍ନ ମାନବିକ ଉନ୍ନୟନ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ଭାରତ ମଧ୍ୟମ ମାନବ ଉନ୍ନୟନ ଦେଶ ତାଲିକା ଭିତରେ ରହିଛି। ମାନବ ଉନ୍ନୟନ ରିପୋର୍ଟ ଅନୁସାରେ ଯେଉଁ ଲୋକମାନେ ଅଧିକ ଶିକ୍ଷିତ ଏବଂ ଆୟ ଅଧିକ ସେମାନେ ଅଧିକ ବର୍ଷ ବଞ୍ଚୁଛନ୍ତି। ବିଶ୍ୱସ୍ତରରେ ମାନବ ଉନ୍ନୟନ ୧୯୯୦ରୁ ୨୦୧୭ ମଧ୍ୟରେ ୨୨% ବୃଦ୍ଧି ପାଇଲା ବେଳେ ଅନୁନ୍ନତ ଦେଶ କ୍ଷେତ୍ରରେ ଏହା ୫୧%ବୃଦ୍ଧି ପାଇଛି। ଅନୁନ୍ନତ ଦେଶ କ୍ଷେତ୍ରରେ ଏହା ଅଧିକ ହାରରେ ବୃଦ୍ଧି ପାଇବାର କାରଣ ହେଲା ଏହା ନିମ୍ନ ଭିତ୍ତି ଉପରେ ପର୍ଯ୍ୟବସିତ। କିନ୍ତୁ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ପାର୍ଥକ୍ୟ ବହୁତ ରହିଛି। ୧୯୯୦ରୁ ୨୦୧୭ ମଧ୍ୟରେ ଭାରତରେ ଏହା ୫୦% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ହାରାହାରି ଆୟୁ ୧୧ବର୍ଷ ବୃଦ୍ଧି ପାଇଲା ବେଳେ ପିଲାମାନେ ବିଦ୍ୟାଳୟରେ ରହିବାର ସମ୍ଭାବନା ୪.୭ ବର୍ଷ ଏବଂ ମୁଣ୍ଡପିଛା ଆୟ ଗ୍ରସ୍ ନ୍ୟାଶନାଲ ଇନକମ୍ (ଜିଏନ୍‌ଆଇ) ୨୬୬% ବୃଦ୍ଧିପାଇଛି। ଭାଜପା ତରଫରୁ ଯେଉଁ ପ୍ରଚାର କରାଯାଉଛି ଯେ କଂଗ୍ରେସ ଅମଳରେ କିଛି ହୋଇନାହିଁ ତାହା ଏକ ମିଥ୍ୟା ପ୍ରଚାର ବୋଲି ଏଥିରୁ ଜଣାପଡୁଛି। କିନ୍ତୁ ଦେଶ ଦେଶ ମଧ୍ୟରେ ତଥା ଏକ ଦେଶ ଭିତରେ ବୈଷମ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏକ ନିମ୍ନ ମାନବ ଉନ୍ନୟଭିତ୍ତିକ ରାଷ୍ଟ୍ରରେ ଏକ ଶିଶୁ ହାରାହାରି ୬୦ ବର୍ଷ ବଞ୍ଚିବ ବୋଲି ଆଶା କରାଯାଉଥିଲା ବେଳେ ଉଚ୍ଚ ମାନବ ଉନ୍ନୟନଭିତ୍ତିକ ରାଷ୍ଟ୍ରରେ ୮୦ ବର୍ଷ ବଞ୍ଚିବାର ସମ୍ଭାବନା ରହିଛି। ସେହିପରି ଏକ ଶିଶୁ ଉଚ୍ଚ ମାନବ ଉନ୍ନୟନଭିତ୍ତିକ ରାଷ୍ଟ୍ର ତୁଳନାରେ ନିମ୍ନ ଉନ୍ନୟନଭିତ୍ତିକ ରାଷ୍ଟ୍ରରେ ୭ ବର୍ଷ କମ୍ ଅଧ୍ୟୟନ କରିବାର ସମ୍ଭାବନା ରହିଛି।

ସବୁଠାରୁ ବଡ଼ ଆହ୍ୱାନ ହେଉଛି ବୈଷମ୍ୟ ବୃଦ୍ଧି ଏବଂ ବୈଷମ୍ୟ ଯୋଗୁ ମାନବ ଉନ୍ନୟନ ସୂଚକାଙ୍କ ମୂଲ୍ୟ ହ୍ରାସ ପାଇବା। ଯେତେବେଳେ ବୈଷମ୍ୟକୁ ବିଚାରକୁ ନେଇ ମାନବ ଉନ୍ନୟନ ସୂଚକାଙ୍କ କଥା ବିଚାର କରାଯାଏ, ଏହା ସବୁ ଦେଶରେ ହ୍ରାସ ପାଉଛି। ନିମ୍ନ ତଥା ମଧ୍ୟମ ଉନ୍ନୟନ ଦେଶରେ ଏହି ମୂଲ୍ୟ ଯଥାକ୍ରମେ ୩୧% ଓ ୨୫% ହ୍ରାସ ପାଇଲା ବେଳେ ଉଚ୍ଚ ମାନବ ଉନ୍ନୟନଭିତ୍ତିକ ରାଷ୍ଟ୍ର କ୍ଷେତ୍ରରେ ଏହା ୧୧% ହ୍ରାସ ପାଉଛି। ୧୯୯୦ରୁ ୨୦୧୭ ମଧ୍ୟରେ ମାନବ ଉନ୍ନୟନ ସୂଚକାଙ୍କ ୦.୪୨୭ରୁ ୦.୬୪୦କୁ ଅର୍ଥାତ୍ ୫୦% ବୃଦ୍ଧି ପାଇଲେ ମଧ୍ୟ ବୈଷମ୍ୟ ଯୋଗୁ ଏହା ୨୬.୮% ଅର୍ଥାତ୍ ୦.୪୬୮କୁ ହ୍ରାସ ପାଇଛି। ଏହା ବିଶ୍ୱର ହାରାହାରି ହ୍ରାସ (୦.୨୦)ଠାରୁ କମ୍। ଭାରତରେ ଏହି ହ୍ରାସର ପ୍ରମୁଖ କାରଣ ହେଉଛି ଶିକ୍ଷା, ସ୍ୱାସ୍ଥ୍ୟସେବା ତଥା ଆୟରେ ବୈଷମ୍ୟ। କେବଳ ଆୟ ବୈଷମ୍ୟ ସମସ୍ୟା ନୁହେଁ ଲିଙ୍ଗଜନିତ ବୈଷମ୍ୟର କୁପ୍ରଭାବ ବେଶି ମାନବ ଉନ୍ନୟନ ଉପରେ ପଡୁଛି। ମାନବ ସଭ୍ୟତାର ବିକାଶ ତଥା ବିଜ୍ଞାନର ଅଭୂତପୂର୍ବ ଉନ୍ନତି ସତ୍ତ୍ୱେ ବିଶ୍ୱରେ ଅନେକ ମହିଳା ଆବଶ୍ୟକ ଶିକ୍ଷାପ୍ରାପ୍ତି, ସୁସ୍ଥ ଜୀବନ, ଉନ୍ନତ ଜୀବନ ଯାପନ କରିବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ବିଶ୍ୱରେ ପୁରୁଷ ତୁଳନାରେ ମହିଳାମାନଙ୍କ ମାନବ ଉନ୍ନୟନ ସୂଚକାଙ୍କ ୬% କମ୍। ଏହି ପାର୍ଥକ୍ୟ ଏତେ ଗୁରୁତର ଯେ, ଶ୍ରମଶକ୍ତିରେ ଅଂଶଗ୍ରହଣ ଦୃଷ୍ଟିରୁ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମକକ୍ଷ ହେବା ପାଇଁ ଆହୁରି ୨୦୦ ବର୍ଷ ଲାଗିବ। ଶ୍ରମ ବଜାର କଥା ବିଚାର କଲେ ବେକାରି ହାର ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ୨୪% ଅଧିକ। ବିଶ୍ୱରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ବିନା ପାରିଶ୍ରମିକରେ ଅଧିକ କାର୍ଯ୍ୟ କରିଥାନ୍ତି। ମହିଳାମାନଙ୍କ ଉପରେ ହେଉଥିବା ହିଂସାର କୁପ୍ରଭାବ ସମାଜ ଉପରେ ବହୁତ ଅନୁଭୂତ ହେଉଥିଲା ବେଳେ କିଛି ଅଞ୍ଚଳରେ ବାଲ୍ୟବିବାହ, କମ୍ ବୟସରେ ମାତୃତ୍ୱଲାଭ କରିବାର କୁପ୍ରଭାବ ମହିଳା ତଥା ମାନବ ଉନ୍ନୟନ ଉପରେ ପଡୁଛି। ଦକ୍ଷିଣ ଏସିଆରେ ୨୦ରୁ ୨୪ ବର୍ଷ ମହିଳାମାନଙ୍କ ମଧ୍ୟରୁ ୨୯% ପ୍ରାୟ ୧୮ ବର୍ଷ ପୂର୍ବରୁ ବିବାହ କରୁଛନ୍ତି। ଏହି ସମସ୍ୟା ଭାରତରେ ବହୁ ଅଧିକ।

ଲିଙ୍ଗ ବୈଷମ୍ୟ ସୂଚକାଙ୍କରେ ୧୬୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୨୭। ଅର୍ଥାତ୍ ଲିଙ୍ଗଜନିତ ବୈଷମ୍ୟ ଦୂର କରିବାରେ ଭାରତ ୧୨୬ଟି ଦେଶ ତଳେ ରହିଛି। ଏହି ସୂଚକାଙ୍କ ସାଧାରଣତଃ ଗର୍ଭାବସ୍ଥାରେ ମହିଳାଙ୍କ ସ୍ୱାସ୍ଥ୍ୟ, ରାଜନୈତିକ ତଥା ଶିକ୍ଷାଗତ ସଶକ୍ତୀକରଣ, ଅର୍ଥନୈତିକ କାର୍ଯ୍ୟକଳାପରେ ମହିଳାଙ୍କ ଅଂଶଗ୍ରହଣ ଉପରେ ନିର୍ଭର କରିଥାଏ। ଭାରତରେ ମହିଳାମାନଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ହେବାର କାରଣ ହେଉଛି ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ଏବଂ ଶ୍ରମ ବଜାରରେ ମହିଳାଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଖରାପ। ଶ୍ରମ ବଜାରରେ ଅଂଶଗ୍ରହଣ ଦୃଷ୍ଟିରୁ ବିଶ୍ୱରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୭୫% ହୋଇଥିଲା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ୪୯%। ଭାରତରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୭୮.୮% ହୋଇଥିଲା ବେଳେ ମହିଳାମାନଙ୍କ କ୍ଷେତ୍ରରେ ମାତ୍ର ୨୭.୨%। ଭାରତରେ ମହିଳା ସଶକ୍ତୀକରଣର ଅଭାବ ଏକ ପ୍ରମୁଖ ସମସ୍ୟା, ଯାହା ମାନବ ଉନ୍ନୟନ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଦକ୍ଷିଣ ଏସିଆରେ ସଂସଦରେ ମହିଳାମାନଙ୍କ ପ୍ରତିନିଧିତ୍ୱ ୧୭.୫%ରୁ ୧୮%, ଲାଟିନ୍ ଆମେରିକାରେ ୨୯% ହୋଇଥିଲା ବେଳେ ଭାରତରେ ଏହା ମାତ୍ର ୧୧.୬%।

ମାନବ ଉନ୍ନୟନ କ୍ଷେତ୍ରରେ ଆଉ ଏକ ବଡ଼ ପ୍ରତିବନ୍ଧକ ହେଉଛି ଜଳବାୟୁର ପରିବର୍ତ୍ତନ। ଭାରତର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଅବକ୍ଷୟମୁଖୀ ଜମି ଉପରେ ନିର୍ଭର କରୁଥିବା ବିଶ୍ୱର ସର୍ବାଧିକ ଲୋକ ଭାରତରେ ଅଛନ୍ତି। ଏସବୁ ସମସ୍ୟା ତଥା ଆୟ ଓ ଲିଙ୍ଗଗତ ବୈଷମ୍ୟ ହ୍ରାସ ପାଇଁ ଧ୍ୟାନ ନ ଦେଲେ ପରସ୍ଥିତି ଭୟଙ୍କର ହେବ।

ମୋ:୯୪୩୭୨୦୮୭୬୨, skmohapatra67@gmailcom

# ସ୍ୱାଦିଷ୍ଟ ବିପଦ



ଡା. ଉମେଶ ଚନ୍ଦ୍ର ପାତ୍ର

ସମ୍ପ୍ରତି ଆମ୍ଭମାନଙ୍କର ଖାଦ୍ୟ ପଦାର୍ଥରେ ଯେତେ ପ୍ରକାର ଅପ୍ରାକୃତିକ, ରାସାୟନିକ ଜିନିଷ ଦିଆଯାଉଛି ଓ ତ୍ୱରିତ ଖାଦ୍ୟ ନାମରେ ଭଣ୍ଡାଯାଉଛି, ତାହା ସଭ୍ୟ ସମାଜର ବିଜ୍ଞ ଲୋକମାନେ ଜାଣୁଥିଲେ ବି ନୀରବ ରହୁଛନ୍ତି। ମା'ଙ୍କ ହାତତିଆରି ଶରୀରର ପୋଷକ ତତ୍ତ୍ୱ ଥିବା ବଗଡ଼ା ଢିଙ୍କିକୁଟା ଚାଉଳର ଭାତ ଆଉ ବା କାହିଁ? ଶରୀରକୁ ପୁଷ୍ଟି ଯୋଗାଉଥିବା ଖେଚୁଡ଼ି ବି କେହି କେଉଁଠି କାଁ ଭାଁ ଖାଉଛନ୍ତି। ଦିନଥିଲା ଢିଙ୍କିକୁଟା ଚୁଡ଼ା ପାଳଟିଥିଲା ଆମ ନିତିଦିନିଆ ଜୀବନର ଏକ ବଡ଼ ଖାଦ୍ୟ। ଘରକୁ କୁଣିଆମଇତ୍ର ଆସିଲେ ଚୁଡ଼ାଗୁଡ଼ ପରଷାଯାଉଥିଲା। ହାତତିଆରି ପଞ୍ଚୁବର୍ଣ୍ଣୀ ଛତୁଆ ଯାହାକି ମୁଗ, ଗହମ, ଚୁଡ଼ା, ବୁଟ ଓ ବାଦାମରୁ ପ୍ରସ୍ତୁତ, ତାହା ଆମ ଶରୀର ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା। ହେଲେ ଏ ସବୁ ଆଉ ଆମ୍ଭମାନଙ୍କର ଚଳୁନାହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସାହାରା ନିଆଯାଇ ଜୀବନକୁ ସହଜ ଓ ସୁଖମୟ କରିବା ପାଇଁ ବୈପ୍ଳବିକ ପରିବର୍ତ୍ତନ ତ ଆସିଛି, କିନ୍ତୁ ଏହା ଆମ ଶରୀରକୁ ସୁସ୍ଥ ରଖିବାରେ ବାଧକ ସାଜିଛି। ବର୍ତ୍ତମାନ ବଜାରରେ ଚିର ଯୌବନଦାୟୀ ବଟିକା ଖାଇବା ପାଇଁ ଉନ୍ମାଦନା ବଢ଼ିଛି। ତ୍ୱରିତ ଡଉଲଡାଉଲ ଚେହେରା ପାଇଁ ଖିଆଯାଉଥିବା ଷ୍ଟେରଏଡ୍ ଟାବ୍‌ଲେଟ ଶରୀରକୁ ଏପରି ଭୟାନକ ଭାବରେ ଆକ୍ରାନ୍ତ କରୁଛି ଯେ, ଭାବିବା ପୂର୍ବରୁ ତାହା ଏ ଦେହକୁ ଶେଷ କରିଦେଉଛି।

ବଜାରରେ କିଛି ଦିନ ତଳେ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ପ୍ରସ୍ତୁତ ମ୍ୟାଗି ନୁଡୁଲ୍‌ସରେ ଅଧିକ ମାତ୍ରାର ମନୋସୋଡ଼ିୟମ୍ ଗ୍ଲୁଟାମେଟ ଏବଂ ସୀସା ଥିବା ଜଣାପଡ଼ିବା ପରେ ଦେଶବ୍ୟାପୀ ଏହାର ନମୁନା ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତ୍ତା ନିୟାମକ ନିର୍ଦ୍ଦେଶ ଦେଇଥିଲେ। ମ୍ୟାଗିରେ ଏମ୍‌ଏସ୍‌ଜି ଓ ସୀସା ଅଂଶ ଅଧିକ ରହୁଥିବାରୁ ତାହା ମଣିଷ ଶରୀରରେ ବିଭିନ୍ନ ପ୍ରକାର କ୍ଷତି କରିଥାଏ। ବିଶେଷକରି ପିଲାମାନେ ଏହାକୁ ଅଧିକ ମାତ୍ରାରେ ବ୍ୟବହାର କରୁଥିବାରୁ ଏହା ଭବିଷ୍ୟତ ପିଢ଼ି ପାଇଁ ବିପଦ ସୃଷ୍ଟି କରିବ ବୋଲି କୁହାଗଲାଣି। ଭାରତରେ ଏଭଳି ଖାଦ୍ୟର ଗୁଣବତ୍ତା ନିୟମିତ ପରୀକ୍ଷା ହେଉ ନ ଥିବାରୁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ସୁସ୍ୱାଦୁ ଖାଦ୍ୟ ଯୋଗାଉଛନ୍ତି କହି ଏହାକୁ ବିକ୍ରି କରିଚାଲିଛନ୍ତି। ମ୍ୟାଗି କଥା ଦେଖିଲେ ଏହାର ଉତ୍ସ ହେଉଛି ସ୍ୱିଜରଲାଣ୍ଡ। ୧୮୬୩ ମସିହାରେ ଜୁଲିୟସ୍ ମ୍ୟାଗି ଖାଦ୍ୟରେ ନୂତନ ସ୍ୱାଦ ଦେବା ଲାଗି ଏକପ୍ରକାର ମସଲା ପ୍ରସ୍ତୁତ କରିଥିଲେ। ସେବେଠାରୁ ମ୍ୟାଗି ବ୍ରାଣ୍ଡ୍ ତା'ର ବିଜୟ ଅଭିଯାନ ଜାରି ରଖିଛି।

୧୯୪୭ରେ ନେସ୍‌ଲେ କମ୍ପାନୀ ଏହି ବ୍ରାଣ୍ଡ୍‌କୁ କିଣିନେଲା। ଏବେ ଏହି କମ୍ପାନୀ ବିଶ୍ୱବ୍ୟାପୀ ତା'ର ପସରା ମେଲାଇଛି। ଉତ୍ତରପ୍ରଦେଶରୁ ସଂଗୃହୀତ ମ୍ୟାଗି ନୁଡୁଲ୍‌ସରେ ସୀସା ପରିମାଣ ଅଧିକ ଥିବା ଅଭିଯୋଗ ହେବା ପରେ ଦେଶବ୍ୟାପୀ ଏହାର ଲାଇସେନ୍ସ ବାତିଲ ସହ ଏହାକୁ ପ୍ରତ୍ୟାହାର ଲାଗି ଦାବି ଉଠିଥିଲା। କେବଳ ଏହି ମ୍ୟାଗି ନୁଡୁଲ୍‌ସ ନୁହେଁ ସ୍କୁଲ ଯାଉଥିବା ଛୋଟ ପିଲା, କର୍ମଜୀବୀ ମହିଳା ହୁଅନ୍ତୁ ବା କଲେଜ ପଢୁଆ ଛାତ୍ରୀଛାତ୍ର ରୁଟି, ଚୁଡ଼ା ସନ୍ତୁଳା, ଛତୁଆ, ଖେଚୁଡି ଅପେକ୍ଷା ତଥାକଥିତ ଇନ୍‌ଷ୍ଟାଣ୍ଟ ଫୁଡ୍‌କୁ ଅଧିକ ପସନ୍ଦ କରୁଥିବାରୁ ଭାରତରେ ଉପଭୋକ୍ତା ବଜାର ସମଗ୍ର ପୃଥିବୀର ଏକ ବଡ଼ ବଜାର ହୋଇଛି। ଅନ୍ତର୍ଜାତୀୟ ଫୁଡ୍ ଚେନ୍ କମ୍ପାନୀମାନେ ଭାରତ ସାରା ସେମାନଙ୍କର ଶାଖା ମେଲାଇ ଚାଲିଛନ୍ତି। କେବଳ ସହର ନୁହେଁ ଗାଁଗଣ୍ଡାର ଛୋଟମୋଟ ଦୋକାନରେ ମାଳ ମାଳ ପାଞ୍ଚଟଙ୍କିଆ, ଦଶଟଙ୍କିଆ ଚିପ୍ସ ହେଉ ବା ଶୁଖିଲା ପାଉଁରୁଟି, ପୁଷ୍ଟିକର କୁହାଯାଉଥିବା ଛତୁଆ ପାଉଡ଼ର ହେଉ ବା ଏନର୍ଜି ଡ୍ରିଙ୍କ୍ ଲୋକମାନଙ୍କୁ ବେଶ୍ ଆକର୍ଷିତ କରୁଛି।

ଏହିସବୁ ଖାଦ୍ୟ ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ବି ଏହା ଭିତରେ ପୌଷ୍ଟିକ ତତ୍ତ୍ୱର ଅଭାବ ଥିବାରୁ ଏହା ଶରୀରରେ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇଥାଏ। ୨୦୧୨ରେ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ଏ ସଂକ୍ରାନ୍ତରେ ଏକ ସୁବିସ୍ତୃତ ରିପୋର୍ଟ ପ୍ରକାଶ କରିଥିଲା। ହେଲେ ଆଜିର ତରତର ଯୁଗରେ ସୁଷମ ଖାଦ୍ୟ କୁହାଯାଉଥିବା ଆମ ପାରମ୍ପରିକ ଖାଦ୍ୟ ପ୍ରତି ଚାହିଦା କମୁଛି। ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଅହିତକର ଜଣାଯାଉଥିଲେ ବି ପାରମ୍ପରିକ ଖାଦ୍ୟ ସ୍ଥାନରେ ଏହି ବଜାରଭିତ୍ତିକ ଲୋଭନୀୟ ଖାଦ୍ୟ ଗ୍ରାହକଙ୍କୁ ବାଉଳା କରୁଛି। ଦିନକୁ ଦିନ ଫାଷ୍ଟଫୁଡ୍, ଜଙ୍କଫୁଡ୍ ଚାହିଦା ଯେପରି ଭାବରେ ବଢ଼ିଚାଲିଛି ତାହା ବର୍ତ୍ତମାନର ପିଢ଼ି ଏବଂ ଆଗାମୀ ପିଢ଼ିର ସ୍ୱାସ୍ଥ୍ୟଗତ କ୍ଷତିସାଧନ କରିବା ନେଇ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି। ଏହି ତଥାକଥିତ ଭେଳିକି ଖାଦ୍ୟ ଆମ ଶରୀରର ପେଟଠାରୁ ଲିଭର, ଚକ୍ଷୁଠାରୁ ଚର୍ମ, ଅସ୍ଥିଶଲ୍ୟଠାରୁ କର୍ଣ୍ଣ-ନାସା-ଗଳା ପର୍ଯ୍ୟନ୍ତ ଅଜସ୍ର କ୍ଷତି ପହଞ୍ଚାଉଛି। ତଟକା ପନିପରିବା, ଫଳ, ଦେଶୀଗାଈ କ୍ଷୀର, ସବୁଜ ପନିପରିବା, ଘିଅ ଆଦିରେ ପ୍ରଚୁର ପରିମାଣର ଖାଦ୍ୟସାର ଭରି ରହିଥିଲେ ବି ରନ୍ଧା ହୋଇ ଢେର ଦିନ ପୂର୍ବରୁ ପ୍ରସ୍ତୁତ ହୋଇ ଆଖି ସାମ୍ନାରେ ମାଇକ୍ରୋୱେଭ୍‌ରେ ପୁଣି ଗରମ ହୋଇ ପରଷା ଯାଉଥିବା ଖାଦ୍ୟ ପ୍ରତି ଆଗ୍ରହ ଯେପରି ବଢୁଛି, ତାହା ହିଁ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ବଡ଼ ଅହିତକର। କଥା ହେଉଛି, ପ୍ରକୃତରେ ସଜ ଆଉ ବାସି ଖାଦ୍ୟ ଭିତରେ ତଫାତ୍ ଜାଣିବା ପାଇଁ ଆମ୍ଭମାନଙ୍କ ଭିତରେ ଆଉ ଇଚ୍ଛା ନାହିଁ କି ସମୟ ନାହିଁ। ବଜାରରେ ରଙ୍ଗବୋଳା ମିଠା, କେଉଁ ଦିନରୁ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ଜୁସ୍, ଖାଦ୍ୟ ପଦାର୍ଥରେ ରଙ୍ଗବେରଙ୍ଗର ଭେଜାଲ ତେଲ ଓ ରଙ୍ଗରେ ପ୍ରସ୍ତୁତ ଖାଦ୍ୟ ପ୍ରତି ପାଟି ଟକଳାମାନେ ଆଗ୍ରହ ରଖୁଥିଲେ ବି ଏହା ସେମାନଙ୍କର ଖାଦ୍ୟ ସୁଷମତାର କାଣିଚାଏ ବି ପୁଷ୍ଟି ବଢ଼ାଇ ନ ଥାଏ। ତେଣୁ ଏହିପରି ସ୍ୱାଦିଷ୍ଟ ବିପଦକୁ ଜାଣି ଜାଣି ଆପଣାଉଥିବା ଆମ ସମସ୍ତଙ୍କ ଭିତରେ ସ୍ୱାସ୍ଥ୍ୟଗତ ସଚେତନତା ରହୁ ନ ଥିବାରୁ ଏହା ହିଁ ଆମର ସବୁଠୁ ବଡ଼ ଦୁର୍ଗତିର କାରଣ ପାଲଟିଛି।

ମୋ– ୯୪୩୭୦୫୧୯୫୭

## ପାଠକ ଶ୍ରେଷ୍ଠ ବିଚାରକ

### ବାଣଫୁଟା କମ୍ କରନ୍ତୁ

ମହାଶୟ,

ଚଳିତବର୍ଷ 'ତିତ୍‌ଲି' ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ବାତ୍ୟା ଓ ବନ୍ୟା ହୋଇଯାଇଛି। ଏଥିରେ ହଜାର ହଜାର ଲୋକ ପୀଡ଼ିତ ହୋଇଛନ୍ତି। ଅନେକ ଲୋକ ଖାଇବାକୁ ଦାନା ମୁଠେ ପାଉନାହାନ୍ତି। ଆଗକୁ ପବିତ୍ର ଦୀପାବଳି। ବାତ୍ୟା ଓ ବନ୍ୟା ହୋଇ ନ ଥିବା ଜିଲାର ଲୋକେ ହଜାର ହଜାର ଟଙ୍କାର ବାଣ ଫୁଟାଇବେ। ଏହାଦ୍ୱାରା କେବଳ ପରିବେଶ ପ୍ରଦୂଷଣ ସାର ହେବ। ଏଣୁ ବାଣ କିଣା କମ୍ କରି ବଳକା ଅର୍ଥକୁ ବାତ୍ୟା ଓ ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ କରନ୍ତୁ ବା ରିଲିଫ ଫଣ୍ଡକୁ ଦାନ କରନ୍ତୁ। ଏଥିପ୍ରତି ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଦୃଷ୍ଟି ଦେବା ଉଚିତ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ଶକ୍ତି ଅପଚୟ ରୋକିବା ଉଚିତ

ଦିନକୁ ଦିନ ଶକ୍ତି ସଙ୍କଟ ବଢିବାର କାରଣ ଆମର ଅସଚେତନତା। ଶକ୍ତି ଅପଚୟ ବନ୍ଦ କରିବା ଦରକାର। ତା'ହେଲେ ଶକ୍ତି ସଂକଟର ଚରମ ପରିସ୍ଥିତି ଆସିବାର ସମୟକୁ ଆଉ କିଛିଦିନ ଗଡ଼େଇ ହେବ। ସେହି ସମୟ ଭିତରେ ଗବେଷଣା ଦ୍ୱାରା ନୂତନ ଶକ୍ତି ଉତ୍ପାଦନର କୌଶଳ ଉଦ୍ଭାବନ କରିବା ପାଇଁ ସୁଯୋଗ ମିଳିପାରିବ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବର୍ତ୍ତମାନ ବିଭିନ୍ନ କାର୍ଯ୍ୟାଳୟ ଓ ବ୍ୟବସାୟିକ ଅନୁଷ୍ଠାନରେ ସିସିଟିଭି ଲଗାଯାଇଥିବା ଦେଖାଯାଉଛି। କିନ୍ତୁ ଜଣେ ଫଳବିକାଳି ତାଙ୍କ ଠେଲାଗାଡିରେ ସିସିଟିଭି କ୍ୟାମେରା ଲଗାଇବା ନିଆରା ନିଶ୍ଚୟ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ପାଟ୍‌ନାରେ। ଗ୍ରାହକମାନେ ବେଳେବେଳେ ସେମାନଙ୍କ ମୋବାଇଲ୍ ଫୋନ୍ ଓ ୱାଲେଟ୍ ଅନ୍ୟ କେଉଁଠି ହଜାଇ ଉକ୍ତ ବୁଲାବିକାଳିଙ୍କ ଉପରେ ଅଯଥା ଦୋଷାରୋପ କରୁଥିବାରୁ ସେ ସହ୍ୟ କରିପାରି ନ ଥିଲେ। ମିଥ୍ୟା ଅଭିଯୋଗକୁ ଏଡାଇବା ପାଇଁ ଶୁଭମ୍ କୁମାର ଏହି ଅଭିନବ ପନ୍ଥା ଆପଣାଇଛନ୍ତି। ଶୁଭମ୍ ନୱାଦା ଜିଲାର ହସୁଆ ବଜାରରେ ଫଳ ବିକନ୍ତି। ଜଣେ ଗ୍ରାହକ ଏଭଳି ଏକ ମିଥ୍ୟା ଅଭିଯୋଗ କରିବା ପରେ ତାଙ୍କ ଭାଇ ମନୋଜ କୁମାରଙ୍କୁ ପୋଲିସ ଧରିନେଇ ଅଟକ ରଖିଥିଲା। ଗ୍ରାହକ ଜଣକ ଥାନାରେ ଅଭିଯୋଗ କରିଥିଲେ ଯେ, ସେ ମୋବାଇଲ ଫୋନଟି ତାଙ୍କ ଠେଲାଗାଡିରେ ଛାଡିଦେଇଥିଲେ। ମନୋଜ ତାକୁ ରଖିଦେଇ ମାନୁନାହାନ୍ତି। କିନ୍ତୁ ମନୋଜ ଏ ବିଷୟରେ ଆଦୌ କିଛି ଜାଣି ନ ଥିବା ବାରମ୍ବାର କହିବା ପରେ ପୋଲିସ ତାଙ୍କୁ ଛାଡିଦେଇଥିଲା। ଶୁଭମ୍‌ଙ୍କୁ ଏ କଥାଟି ଅତ୍ୟନ୍ତ ବାଧିଥିଲା। ସେ ନିଜ ଗାଡିରେ ସିସିଟିଭି ଲଗାଇବା ପରେ ଲୋକଙ୍କ ମନରେ କୌତୂହଳ ପ୍ରକାଶ ପାଇଛି। ପଥଚାରୀମାନେ ତାଙ୍କ ସିସିଟିଭିରେ ଦୃଷ୍ଟି ନ ପକାଇ ରହିପାରୁ ନାହାନ୍ତି। ଶୁଭମ୍ ସିସିଟିଭି କ୍ୟାମେରା ଲଗାଇବା ପାଇଁ ୪୦,୦୦୦ଟଙ୍କା ବ୍ୟୟ କରିଛନ୍ତି। ବାସ୍ତବରେ ଶୁଭମ୍‌ଙ୍କ ଏହି ପଦକ୍ଷେପ ପାଇଁ ତାଙ୍କ ପକେଟ ଅନୁମତି ଦେଇ ନ ଥିଲେ ମଧ୍ୟ ନିଜ ନିର୍ମଳ ଭାବମୂର୍ତ୍ତିକୁ ବଜାୟ ରଖିବାକୁ ଯାଇ ସେ ଏହା କରିବାକୁ ବାଧ୍ୟ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୯୩

- ବିଶିଷ୍ଟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ନୈନା ଦେବୀଙ୍କ ପରଲୋକ।
- ଓଡ଼ିଶାର ହସ୍ତତନ୍ତ କ୍ଷେତ୍ରରେ ଚଳିତବର୍ଷ ୪୫୪ ଲକ୍ଷ ୭୦ ହଜାର ଟଙ୍କା ବୁଣାକାରମାନଙ୍କୁ ସବ୍‌ସିଡି ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି।



ଜିଲା ଡାଏରୀ
ଢେଙ୍କାନାଳ

### ପୂଜା ଜମୁଛି

ଢେଙ୍କାନାଳ ଜିଲାରେ ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ ଗଣପର୍ବରେ ପରିଣତ ହୋଇଛି। କେବଳ ଢେଙ୍କାନାଳ ସହର କାହିଁକି ଜିଲାର ଗ୍ରାମାଞ୍ଚଳରେ ଜାକଜମକରେ ପୂଜା ହେଉଥିବାରୁ ସହରଠାରୁ ଗ୍ରାମ ଆଗରେ ରହିଥିବା ଆଲୋଚନା ହେଉଛି। ରଙ୍ଗିନ ଆଲୋକମାଳାରେ ଗ୍ରାମଗୁଡିକ ଝଲସିଉଠୁଛି। ସେହିପରି ଅପେରା, ନୃତ୍ୟ ଓ ସଙ୍ଗୀତ ଆସରରେ ସହର ଭଳି ଗାଁ ମଧ୍ୟ ଉତ୍ସବମୁଖର। ଢେଙ୍କାନାଳ ସହରକୁ ଛାଡିଦେଲେ ଜିଲାର ଇନ୍ଦିପୁର, ଖଡଗପ୍ରସାଦ, ଷଡଙ୍ଗୀ, ପିଙ୍ଗୁଆ, ନିହଲପ୍ରସାଦ, ଭୁବନ, ହିନ୍ଦୋଳ ଓ ଭାପୁର ଆଦି ଅଞ୍ଚଳରେ ଲକ୍ଷ୍ମୀପୂଜା ଆନନ୍ଦଉଲ୍ଲାସର ସହ ପାଳିତ ହେଉଛି। ସବୁଠି ସହରଭଳି ମେଢ ହୋଇଥିବା ଦେଖାଯାଇଛି। ଆଧାତ୍ମିକ ଭାବଧାରା, ସାମାଜିକ ଚେତନା ଆଦିକୁ ନେଇ ପୂଜା ମଣ୍ଡପଗୁଡିକ ସଜା ହୋଇଛି। ଗ୍ରାମାଞ୍ଚଳରେ ପ୍ରାୟ ସପ୍ତାହେ ବ୍ୟାପି ପୂଜା ଉତ୍ସବ ପରେ ଗ୍ରାମବାସୀ ସହରକୁ ଲକ୍ଷ୍ମୀପୂଜା ଦେଖିବା ପାଇଁ ଆସିଥାନ୍ତି। ପୂଜା ଉତ୍ସବ ପାଇଁ ଗାଁ ଗହଳିରେ ଅତିଥି ଓ ସମ୍ପର୍କୀୟମାନଙ୍କର ଭିଡ ସାଙ୍ଗକୁ ପିଠାପଣାରେ ସାହିବସ୍ତି ମହକି ଉଠିଥାଏ। ଏବେ ସବୁଠି ପାର୍ବଣର ମାହୋଲ।

–ରତନ ନାୟାର



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍‌ବାହାଦୁର ଶାସ୍ତ୍ରୀ

## ସଂକ୍ଷେପରେ

### ବାମରା ବସଷ୍ଟାଣ୍ଡ ଜମି ଜବରଦଖଲ, ଥାନାରେ ମାମଲା

ବାମରା,୧।୧୧(ସ୍ୱ.ପ୍ର.) : ସମ୍ବଲପୁର ଜିଲା ବାମରା ବସଷ୍ଟାଣ୍ଡଠାରେ ଜଣେ ବ୍ୟକ୍ତି ଜମି ଜବରଦଖଲ କରି ନୂତନ କୋଠା ନିର୍ମାଣ କରୁଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ ଅଭିଯୋଗ ହୋଇଛି। ସୂଚନାନୁସାରେ ବାମରା ବସଷ୍ଟାଣ୍ଡଟି ଗତ ୪୦ ବର୍ଷ ଧରି ବିଭିନ୍ନ ବ୍ୟବସାୟୀଙ୍କ କବ୍‌ଜାରେ ରହିଥିଲା। ପ୍ରାୟ ୩ବର୍ଷ ତଳେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବସ୍‌ଷ୍ଟାଣ୍ଡରେ ହୋଇଥିବା ବେଆଇନ ଦୋକାନଗୁଡ଼ିକୁ ଭଙ୍ଗା ଯାଇଥିଲା। ହେଲେ ନାରାୟଣ ତ୍ରିପାଠୀଙ୍କ ତେଜରାତି ଦୋକାନ ବିଭିନ୍ନ ଆଇନଗତ କାରଣରୁ ଉଚ୍ଛେଦ ହୋଇପାରି ନଥିଲା। ବର୍ତ୍ତମାନ ତ୍ରିପାଠୀ ତାଙ୍କର ସେହି ପୁରୁଣା ଦୋକାନ ଗୃହକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରୁଛନ୍ତି। ଏହାକୁ ବିରୋଧ କରି ଓଡ଼ିଶା ରାଜ୍ୟ ପରିବହନ ନିଗମର ଜିଲା ପରିବହନ ଅଧିକାରୀ ରାଜେନ୍ଦ୍ର ପୂଜାରୀ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ତ୍ରିପାଠୀ ଓ ତାଙ୍କ ପୁଅ ଅଶୋକ ଆରଏସଟିସି ଜମିକୁ ଜବତ ଦଖଲ କରିବା ସହ ବସଷ୍ଟାଣ୍ଡର ନବନିର୍ମିତ ପାଚେରିକୁ ଭାଙ୍ଗି ଦେଇଛନ୍ତି ଓ ସେଠାରେ ନୂତନ କୋଠା ନିର୍ମାଣ କରିଛନ୍ତି। ଏହାଦ୍ୱାରା ଉକ୍ତ ଛକଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଅଭିଯୋଗକୁ ଭିତ୍ତି କରି ଗୋବିନ୍ଦପୁର ପୋଲିସ ଉଭୟ ବାପ ପୁଅଙ୍କ ନାଁରେ ଦଫା ୪୪୭, ୪୨୭ ଓ ୩୪ ଆଇପିସିରେ ଏକ ମାମଲା (ନଂ. ୧୪୪/୧୮) ରୁଜୁ କରିଛି। ଏହା ଉପରେ ନାରାୟଣ ତ୍ରିପାଠୀ କହିଛନ୍ତି ଯେ, ବସଷ୍ଟାଣ୍ଡଠାରେ ତାଙ୍କ ୨ ଡିସିମିଲ ଜମି ଜବରଦଖଲରେ ରହିଛି। ଉକ୍ତ ସ୍ଥାନରେ ଦୋକାନ ରହିବା ପାଇଁ କୋର୍ଟଙ୍କ ଆଦେଶ ରହିଛି। ସେ ପାଚେରି ଭାଙ୍ଗିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି।

### ସଡକ ଦୁର୍ଘଟଣା ଜଣେ ମୃତ

ପଡ଼ିଆବାହାଲ,୧।୧୧(ଡି.ଏନ.ଏ.) ସମ୍ବଲପୁରରୁ ନିଜ ଗାଁ ପଥରଗଡ଼ାକୁ ଗୁରୁବାର ସନ୍ଧ୍ୟାରେ ନାରାୟଣ ମୁଣ୍ଡା ବାଇକ୍‌ରେ ଫେରୁଥିବାବେଳେ କେନଘାଟି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏକ ଗାଡ଼ି ଧକ୍କାରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ନଂ.ଓଆର୍ ୧୫ ଜି- ୩୭୫୮)କୁ ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଝାରମୁଣ୍ଡାବାସୀକର ଗୁହାରି ଶୁନ୍‌ଲା ପର୍‌ଶାସନ

# ଦୂର ହେବା ପାଏନ୍ ସମସିଆ

ବୁର୍ଲା,୧।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ୍ ବୁର୍ଲା ଥାନା ଅଧୀନ କଲାମାଟି ପଁନ୍‌ଚେତ ଆର୍ ସମ୍ବଲପୁର ମହାନଗର ନିଗମକେ ଲାଗି ଥିବାର ଝାରମୁଣ୍ଡା ଗାଁରେ ପାଏନ୍ ସମସିଆ ରହିଛେ। ଚଲ୍‌ତି ବଛର ଲଘୁଚାପ ମାଡେ ହେଇଥିବାର ଝରି ବର୍ଷା ଗାଁବାସୀକର ଦୁଖ୍ ଆହୁରି ବଢ଼େଇ ଦେଇଛେ। ଗାଁରେ ଥିବାର ବଁଧିକଟାର ଆଡି ବର୍ଷାମାଡେ ଧୁଇ ହେଇଯାଇଛେ। ସେଥିରଲାଗି ବଁଧିକଟା ଦୁଇଟାକ ଶୁଖା ପଡିଛେ। ଶେଷେ ଗାଁର ଲୋକ୍ ଉପେ ଶୁଇନ୍ ହେଇ ପାସର କେନାଲକେ ଗାଧୁଆ ପାଧୁଆ ଲାଗି ଯାଉଥିଲେ। ହେଲେ ଏହେଦେ କେନାଲରେ ପାଏନ୍ ଆଏବାର ବଁଦ୍ ହେଇଯାଇଛେ। ଇଥିରେ ହତାଶ ହେଇ ଗାଁବାସୀ ବ୍ଲକ୍ ଉପାଧକ୍ଷା ସୁଷମା ସାହୁଙ୍କୁ ଗୁହାରି କରିଥିଲେ। ତାକର ମଂଗୁଆଲତିରେ ଗାଁର ମହିଲାମାନେ ବିଡିଓ ସରୋଜ ବିଶ୍ୱାଳଙ୍କୁ ଭେଟି ସମସିଆ ବାବ୍‌ଦେ ଆଲୋଚନା କରିଥିଲେ। ବିଡିଓ ଡିଆରଡିଏ ପିଡିଙ୍କର ସଂଗେ ଯୋଗାଯୋଗ କରି ବନ୍ୟାରେ ଧୁଇ ହେଇଯାଇଥିବାର ଆଡି ଜାଗାରେ ଗାର୍ଡୱାଲ ତିଆର କରବାର ଲାଗି ପର୍‌ତିଶୁର୍‌ତି ଦେଇଛନ୍। ଇତାର ପରେ ବିଭାଗୀୟ ଯନ୍ତ୍ରୀ କାମ୍ ମୂଲ୍ କରବାର ଯୋଜ୍‌ନା କରିଥିବାର ଜନାଯାଇଛେ। ବିଡିଓଙ୍କର ସଂଗେ ଆଲୋଚନା ସମିଆରେ ବ୍ଲକ୍ ଉପାଧକ୍ଷା ସାହୁଙ୍କର ସମେତ ଜିଲା ପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ୍ ଅଧକ୍ଷା ସୀତା ଛୁରିଆ ଥିଲେ। ସୂଚ୍‌ନା ହିସାବେ ବଛରକୁତା ଇ ଗାଁରେ ପାଏନ୍ ସମସିଆ ଦେଖାଦେସି। ଯେନ୍‌ଥିରଲାଗି ଚାଷ୍ କାମ୍ ନାଇଁ ହେଇପାରୁଥିଲା ବେଲେ ଗାଁର ଲୋକ୍ ପିଇଲା ପାଏନ୍ ଥୁପେର ଲାଗି କଲବଲ ହେସନ୍। ଇଥିରଲାଗି ଗାଁବାସୀ ସରପଁଚ୍‌ଙ୍କରନୁ ମୂଳ କରି ବିଡିଓ, ଜିଲାପାଲ, ବିଧାୟକ ସମକୁ ଗୁହାରି କରିଆସୁଥିଲେ। ଗଲା ପଁନ୍‌ଚେତ ନିର୍ବାଚନ ସମିଆରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଗାଁକେ ଆସିଥିଲେ। ପାଏନ୍ ସମସିଆ ଦୂର କରବାକେ ପଦକ୍ଷେପ ନିଆଯିବା ବଲି କଥା ଦେଇଥିଲେ। ଏନ୍‌ତାଥି ଗାଁକେ ପାଇପଲାଇନ କନେକ୍‌ସନ୍ କାମ୍ ଆରମ୍ ହେଇଛେ। ହେଲେ ଇଥିରେ ଗାଁର ଯେତ୍‌କି ଇଲାକା ମହାନଗର ନିଗମ ଅଧୀନରେ ଅଛେ ସେଠାନ୍‌କେ ପାଇପ୍ ପାଏନ୍ ସୁବିଧା ମିଲିପାରିଛେ। କଲାମାଟି ପଁନ୍‌ଚେତ ତର୍‌ପଟେ ରହିଥିବାର ଗାଁର ଅଧା ଅଂଚଲରେ ଲୋକ୍ ଏହେଦେ ବି ପାଏନ୍ ସମସିଆକେ ନେଇ ଅସ୍‌ବିଧା ଭୁଗୁଛନ୍। ବ୍ଲକ୍ ଉପାଧକ୍ଷା ସାହୁ ଇ ବାବ୍‌ଦେ ଜିଲାପାଲ ସମର୍ଥ ବର୍ମାଙ୍କୁ ଜନେଇଥିଲେ। ଜିଲାପାଲ ପାଇପ ଲାଇନ ବିଛାବାକେ ନିର୍‌ଦେଶ ଦେଇଥିଲା ବେଲେ କାମ୍ ଆରମ୍ ହେଇଛେ। ଆଏବାର ଦିନ୍‌କେ ଯେ ପାଏନ୍ ସମସିଆରୁ ମୁକ୍‌ତି ମିଲବା ଜାନି ଝାରମୁଣ୍ଡାବାସୀ ଖୁସି ହେଇଛନ୍।



ବଁଧିକଟା ମରାମତି ବାବ୍‌ଦେ ବିଡିଓଙ୍କର ସଂଗେ ଆଲୋଚନା କରୁଛନ୍ ବ୍ଲକ୍ ଉପାଧକ୍ଷା, ବ୍ଲକ୍ ଅଧକ୍ଷା ଆର୍ ଉନିଆମାନେ।

## ଡକରାରେ ବିଜେଡିର ପଦଯାତ୍ରା କର୍ମୀ ସମ୍ମିଳନୀ

ସମ୍ବଲପୁର/ ଧମା ୧।୧୧ (ବ୍ୟୁରୋ/ ଡି.ଏନ.ଏ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଜୟନ୍ତପୁର କେନ୍ଦଘାଟି ଡକରା ଗ୍ରାମରେ ବିଜେଡିର ପଦଯାତ୍ରା ଓ କର୍ମୀ ସମ୍ମଳନୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ଗୋପୀରଞ୍ଜନ ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇଥିଲେ। ଡକରା ଗାଁ ମୁଣ୍ଡରେ ବିଧାୟକ ପୂଜାରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପଦଯାତ୍ରାରେ ବାହାରି ସେ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ୫ଶହରୁ ଅଧିକ ମହିଳା ଓ ପୁରୁଷ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ବିଧାୟକ ପୂଜାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକଭିମୁଖୀ ଯୋଜନା ଉପରେ ଲୋକମାନଙ୍କୁ ଜଣାଇଥିଲେ। ଡକରା ପଞ୍ଚାୟତରେ ୪ ବର୍ଷରେ ଅନେକ ଉନ୍ନୟନମୂଳକ କାମ ହୋଇଛି। ଆଗାମୀ ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏଣୁ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରି ସରକାରଙ୍କ ସଫଳତା ଓ କେନ୍ଦ୍ର ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଇବାକୁ କହିଥିଲେ।

## ନକଲି ସାମ୍ବାଦିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ବାମରା,୧।୧୧(ସ୍ୱ.ପ୍ର.)

ଜିଲା ବାମରା ବ୍ଲକ ଅଞ୍ଚଳରେ ଦିନକୁ ଦିନ ନକଲି ସାମ୍ବାଦିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାରୀ କର୍ମଚାରୀଙ୍କୁ ଧମକଚମକ ଦେଇ ସେହି ତଥାକଥିତ ନକଲି ସାମ୍ବାଦିକ ଗୋଷ୍ଠୀ ଟଙ୍କା ଅସୁଲ କରିବାରେ ଲାଗିଛନ୍ତି। ଗାଡ଼ି ଓ ବାଇକ୍‌ରେ ପ୍ରେସ ଲେଖି ସେମାନେ ବିଭିନ୍ନ ଅଫିସ, ସଂସ୍ଥା, ବ୍ୟବସାୟୀକ ପ୍ରତିଷ୍ଠାନ ଘୁରି ବୁଲୁଛନ୍ତି। ଏହାକୁ ନେଇ ବାମରା ସାମ୍ବାଦିକଙ୍କ ଏକ ପ୍ରତିନିଧି ଦଳ ସମ୍ବଲପୁର ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନାନୁସାରେ ଗତ କିଛି ମାସ ତଳେ ପ୍ରେସ୍ ଲେଖାଥିବା ଏକ କାର୍‌ରେ କେତେକ ଲୋକ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆଳରେ ଟଙ୍କା ଅସୁଲି କରୁଥିଲେ। ଖବର ପାଇ ବାମରା ସାମ୍ବାଦିକ ସଂଘ ସେଠାରେ ପହଞ୍ଚିଥିଲା। ସେମାନଙ୍କୁ ତାଗିଦ କରି ଛାଡ଼ିଥିଲା। ବର୍ତ୍ତମାନ ମଧ ଅଞ୍ଚଳରେ କେତେକ ଲୋକ କୌଣସି ଖବରକାଗଜ କିମ୍ବା ବୈଦ୍ୟୁତିକ ଗଣମାଧମ ନାଁରେ ନିଜକୁ ନକଲି ସାମ୍ବାଦିକ ବୋଲାଉଛନ୍ତି। ବାମରା ଅଞ୍ଚଳର ଜଣେ ଯୁବକ ନିଜକୁ ଏକ ସାମାଜିକ ଗଣମାଧମର ଓଡିଶା ମୁଖ୍ୟର ପରିଚୟ ଦେଇ ୧୫ଶହ ଟଙ୍କାରେ ଲୋକଙ୍କୁ ପ୍ରେସ କାର୍ଡ ଯୋଗାଇ ଦେଉଥିବା ସୂଚନା ମିଳିଛି। ଏହାଦ୍ୱାରା ସାମ୍ବାଦିକତାର ସ୍ୱଚ୍ଛତା କଳଙ୍କିତ ହେବାରେ ଲାଗିଛି। ନକଲି ସାମ୍ବାଦିକମାନଙ୍କ ଯୋଗୁ ଅସଲି ଖବରଦାତାମାନେ ସେମାନଙ୍କ ବିଶ୍ୱସନୀୟତା ହରାଉଛନ୍ତି। ଏସ୍‌ପି ସଞ୍ଜୀବ ଅରୋରା ଏ ସଂକ୍ରାନ୍ତରେ ଧରପଗଡ଼ କରିବାକୁ ଗୋବିନ୍ଦପୁର ଆଇଆଇସି ବିଶ୍ୱପତି ପଣ୍ଡାଙ୍କୁ ନିର୍ଦ୍ଦେଶ କରିଛନ୍ତି। କୁଚିଣ୍ଡା ଉପକଣ୍ଠ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶିଶାଙ୍କୁ ପଚାରିବାରେ ବାମରା ସାମ୍ବାଦିକଙ୍କ ପୁରୁଣା ଲିଷ୍ଟ ତାଙ୍କ ପାଖରେ ରହିଛି। ଖୁବ୍‌ଶୀଘ୍ର ଏହାକୁ ଅପଡେଟ୍ କରାଯିବ କହିଛନ୍ତି।

## ଚରଡପଶି ସେଣ୍ଟ୍ ମଦର ଟେରେସା ଚର୍ଚ୍ଚର ବାର୍ଷିକୋତ୍ସବ

ନାକଟିଦେଉଳ,୧।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶିମିଳିପାଲି ଗ୍ରାମପଞ୍ଚାୟତ ଚରଡପଶି ଗ୍ରାମସ୍ଥିତ ସେଣ୍ଟ୍ ମଦର ଟେରେସା ଚର୍ଚ୍ଚର ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବଡ଼ମାଲ ପାରିସ ଚର୍ଚ୍ଚର ଫାଦର ଯୁଗଳ କିଶୋର ହରୋଙ୍କ ଅଧକ୍ଷତାରେ ଉତ୍ସବ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ପ୍ରମୋଦ କୁମାର ରଥ ମୁଖ୍ୟ ଅତିଥି, ନାକଟିଦେଉଳ ବିଡିଓ ମେଥୋଡିୟସ ଲାକ୍ରା, ତହସିଲଦାର ସମୀର କୁମାର ବିଲୁଙ୍ଗ, ଆସିଷ୍ଟାଣ୍ଟ ତହସିଲଦାର ଘନଶ୍ୟାମ ମୁଣ୍ଡା, ଶିମିଳିପାଲି ଗ୍ରାମପଞ୍ଚାୟତ ସରପଞ୍ଚ ସଞ୍ଜିତ୍ ତରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀ ଖ୍ରୀଷ୍ଟୀୟ ଧର୍ମାବଲମ୍ବୀଙ୍କ ସାଂସ୍କୃତିକ ପରିମ୍ପରାକୁ ପ୍ରଶଂସା କରିବା ସହ ଶିକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଚର୍ଚ୍ଚର ମହିଳା ଗୋଷ୍ଠୀ ଅତିଥିମାନଙ୍କୁ ନୃତ୍ୟ ଗୀତରେ ସ୍ୱାଗତ କରିଥିଲେ। ସମାଜସେବୀ ବେନେଦିକ ଲାକ୍ରା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଡପଶି ଚର୍ଚ୍ଚର ସଭାପତି ଜନ କୁଲୁ, ନାକଟିଦେଉଳ ଥାନା ଅଧିକାରୀ ବିନୋଦ ଲାକ୍ରା, ଶିମିଳିପାଲର ପୂର୍ବତନ ସରପଞ୍ଚ ଜିତେନ୍ଦ୍ରିୟ ପ୍ରଧାନ, ମନୋଜ ରାଉଳ, ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଚର୍ଚ୍ଚ ଅଧୀନ ସମସ୍ତ ଗ୍ରାମର ସଦସ୍ୟମାନେ ଯୋଗଦେଇ ଚର୍ଚ୍ଚ ପରିସରରେ ପ୍ରଭୁ ଯୀଶୁଙ୍କ ସମ୍ମୁଖରେ ବିଶ୍ୱଶାନ୍ତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିଥିଲେ ।



ବାର୍ଷିକୋତ୍ସବରେ ନୃତ୍ୟ ଗୀତ କାର୍ଯ୍ୟକ୍ରମ।

### ଠିକ୍ ସମୟରେ ନିୟମିତ ଟ୍ରେନ ଚଳାଚଳ ଦାବି

## ଝାରସୁଗୁଡ଼ା ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ

ବାମରା,୧।୧୧(ସ୍ୱ.ପ୍ର.)

ଦକ୍ଷିଣ ପୂର୍ବ ରେଳବାଇ ଅନ୍ତର୍ଗତ ରାଉରକେଲା–ଝାରସୁଗୁଡା ମଧ୍ୟରେ ଗତ ଏକ ମାସ ଧରି ସମସ୍ତ ଟ୍ରେନ ଲେଟ୍‌ରେ ଚାଲୁଥିବା ଓ କେତେକ ଟ୍ରେନକୁ ବାରମ୍ବାର ବାତିଲ କରାଯାଉଥିବା ଯୋଗୁ ବାମରା, ଗଡ଼ପୋଷ, ବାଗଡ଼ିହି ଓ ଝାରସୁଗୁଡାର ରେଳ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବାମରା ରେଳ ଷ୍ଟେଶନ ଦେଇ ଯାଇଥିବା ବିଭିନ୍ନ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନଗୁଡିକ ଅତି ବିଳମ୍ବରେ ଚାଲୁଥିବା ବେଳେ ବାତିଲ୍ ହେଉଛି। ଫଳରେ ବାମରା ଅଞ୍ଚଳରୁ ନିୟମିତ କାମ ପାଇଁ ଝାରସୁଗୁଡା ଓ ରାଉରକେଲା ଯାଉଥିବା ଲୋକେ ହଇରାଣ ହେଉଛନ୍ତି। ଏହାକୁ ନେଇ ବାମରା, ବାଗଡହି, ଗଡପୋଷ ଓ ରାଜଗାଙ୍ଗପୁରର ନିୟମିତ ରେଳଯାତ୍ରୀ (ମାସିକ ଟିକେଟ ଧାରକ)ଙ୍କ ଏକ ଦଳ ଝାରସୁଗୁଡ଼ା ଷ୍ଟେଶନ ମ୍ୟାନେଜରଙ୍କୁ ଡିଆରଏମ ଚକ୍ରଧରପୁର ଓ ଡିଆରଏମ ସମ୍ବଲପୁରଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀପତ୍ରରେ ୫୮୧୩୨ ପୁରୀ–ରାଉରକେଲା ପାସେଞ୍ଜର ଟ୍ରେନ ଓ ୬୮୦୨୭ ରାଉରକେଲା–ସମ୍ବଲପୁର ମେମୁ ପାସେଞ୍ଜରକୁ ନିୟମିତ ଠିକ୍ ସମୟରେ ଚଳାଚଳ କରାଯିବାକୁ ଦର୍ଶାଯାଇଛି। ସେହିପରି ଅନ୍ୟାନ୍ୟ ଟ୍ରେନଗୁଡ଼ିକର ଲେଟ୍ ଚଳାଚଳକୁ ସ୍ୱାଭବିକ କରିବାକୁ ଦାବୀ କରାଯାଇଛି। ମାସିକ ଟିକେଟ ଧାରକଙ୍କ ମଧ୍ୟରେ ଅଚ୍ୟୁତ କିସାନ, ରାଧାରମନ ପଲେଇ, ଅମୂଲ୍ୟ ଭଇସା, ଉପେନ୍ଦ୍ର ନାରାୟଣ ସା, ଦେବେନ୍ଦ୍ର କୁମାର ନାଏକ, ଶ୍ୟାମଲାଲ ସାହୁ, ସୀତାରାମ ମଲିକ, ଦୀପକ କୁମାର ଠାକୁର, ଜସକେତନ ଦାସ ଓ ମନୋହର ପଟେଲ ଉପସ୍ଥିତ ଥିଲେ। ଅନୁଗୁଳ ଓ ସୋନୁଆଠାରେ ରେଳ ଲାଇନ ଉନ୍ନତୀକରଣ କାମ ଚାଲୁଥିବା ବେଳେ ଟ୍ରେନ ଗୁଡିକର ସମୟରେ ବିଳମ୍ବ ଘଟୁଥିବା ଓ କେତେକ ପାସେଞ୍ଜର ଟ୍ରେନଗୁଡ଼ିକୁ ବାତିଲ କରିବାକୁ ପଡୁଛି ବୋଲି ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସରକାରୀ ହୋମିଓପାଥି କଲେଜରେ ସଫେଇ ଅଭିଯାନ



ସମ୍ବଲପୁର ସରକାରୀ ହୋମିଓପାଥି କଲେଜ ଛାତ୍ରୀଛାତ୍ରଙ୍କ ସଫେଇ ଅଭିଯାନ ।

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ମାଝୀପାଲି ନିକଟ ସରକାରୀ ହୋମିଓପାଥି କଲେଜରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ଲେଙ୍କାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅଧାପିକା ଅଧାପକ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପ୍ରଫେସର ରାଜେନ୍ଦ୍ର କୁମାର ସିଂ, ପ୍ରଫେସର ସୁଧାଂଶୁ ଶେଖର ସିଂ, ଡା. ଦିପ୍ତୀକାନ୍ତ ସିଂ, ଡା. ଶଙ୍କରର୍ଷଣ ସାହୁ, ଡା. ସୁରେଶ ଚନ୍ଦ୍ର ହାତୀ, ଡା. ଜେ ମହାରଣା, ଡା. ଏପି ମିଶ୍ର, ଡା. ଏଚଏଚ ଖୁଣ୍ଟିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ର ପ୍ରତିନିଧି ରାକେଶ କୁମାର ନନ୍ଦଙ୍କ ସମେତ ଛାତ୍ରୀଛାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ନକ୍ସାପାଲିସ୍ଥିତ ଇଣ୍ଡିଆନ ତେଲ ନିଗମ (ଆଇଓସିଏଲ) କମ୍ପାନୀରେ ମକଡ୍ରିଲ କରାଯାଇଛି। ଅପରାହ୍ନ ୧୨ଟାରେ କମ୍ପାନୀ ପରିସରରେ ନିଆଁ ଲଗାଯାଇ ଆୟତ୍ତ କରାଯାଇଥିଲା । ସମ୍ବଲପୁର ଅଗ୍ନିଶମ ବିଭାଗ ଓ ହିଣ୍ଡାଲ୍‌କୋ କମ୍ପାନୀର ୨ ଦମକଳ ଗାଡି ବ୍ୟବହାର କରାଯାଇଥିଲା। ତେଲ କମ୍ପାନୀ ସହଯୋଗ କରିଥିଲେ। ହେଲେ କମ୍ପନୀ ଭିତରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକ ଭୟଭୀତ ହୋଇଯାଇଥିଲେ। ଭିତରେ ମକଡ୍ରିଲ ଚାଲିଥିବା ଜାଣି ପାରି ନ ଥିଲେ। କିଛି ସମୟରେ ପରେ ନିଆଁ ଆୟତ୍ତ ହୋଇଥିଲା। ଲୋକମାନେ ଘଟଣା ସମ୍ପର୍କରେ ଜାଣି ପାରିଥିଲେ ।

## ୩ରେ ଫୁଟବଲ ଚୟନ ଶିବିର

ସମ୍ବଲପୁର,୧।୧୧(ବ୍ୟୁରୋ)

ଆନ୍ତଃଜିଲା ଜୁନିୟର ଗୌରିଶଙ୍କର ସାହାଣୀ ଫୁଟବଲ ଟୁର୍ନାମେଣ୍ଟ ସମ୍ବଲପୁର ଜିଲାର ୪ଟି ସ୍ଥାନରେ ନଭେମ୍ବର ୧୮ ତାରିଖଠାରୁ ଆରମ୍ଭ ହେବ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ୩ ତାରିଖରେ ସମ୍ବଲପୁର ଜିଲା ଫୁଟବଲ ଦଳ ଚୟନ ଶିବିର ହେବ। ଖେଳାଳୀମାନେ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହେବାକୁ ଥିବା ଏହି ଶିବିରରେ ଭାଗନେଇ ପାରିବେ ବୋଲି ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଗୁରୁବାର ଏକ ପ୍ରେସ ବିବୃତ୍ତିରେ ସୂଚୀତ କରିଛନ୍ତି ।

## ଟାଙ୍ଗନା ନାଲାରୁ ମୃତଦେହ ଉଦ୍ଧାର



ଟାଙ୍ଗନା ନାଲାରେ ଭାସୁଥିବା ମୃତଦେହ।

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଟାଉନଥାନା ଅନ୍ତର୍ଗତ ଟାଙ୍ଗନା ନାଲାରୁ ଗୁରୁବାର ମୃତଦେହ ଉଦ୍ଧାର କରାଯାଇଛି । ମୃତକଜଣକ ହେଲେ ବାହାଲପଡ଼ାର ଦୀପକ ସାହି (୪୫)। ସକାଳେ ନାଳାରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଜବତ କରିଥିଲା। ଶବ ବ୍ୟବଚ୍ଛେଦ ହୋଇଛି। ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୀପକ ପାଣିରେ ବୁଡି ମୃତ ହୋଇଥିବା ପୋଲିସ ପକ୍ଷରୁ ସୁଚନା ମିଳିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୋଜନା କାର୍ଯ୍ୟରେ ଚଞ୍ଚକତା ଅଭିଯୋଗ

# ଭିଜିଲାନ୍ସ ଏସ୍‌ପିଙ୍କଠାରେ ତଦନ୍ତ ଦାବି

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବିରସିଂଗଡ଼ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, କୂଅ ଖନନ, ବିଜୁ ପକ୍କାଘର, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ କମ୍ୟୁନିଟି ସେଣ୍ଟର ନିର୍ମାଣରେ ଅନିୟମିତତା ଓ ଦୁର୍ନୀତି ହୋଇଛି। ଆବାସ ଯୋଜନାରେ ଘରଗୁଡିକ ସମ୍ପୂର୍ଣ୍ଣ କରା ନ ଯାଇ ଟଙ୍କା ଉଠାଣ କରାଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଓ ଜିଆରଏସଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି। ସରପଞ୍ଚ ତାଙ୍କ ଶ୍ୱଶୁରଙ୍କ ନାମରେ କୂଅ ଖନନ କରିଥିବା ବେଳେ ଜିଆରଏସ କକାଙ୍କ ନାଁରେ ବିଜୁ ପକ୍କାଘର ନିର୍ମାଣ କରିଥିବା ଜଣାଯାଇଛି। ଏ ନେଇ ଗ୍ରାମବାସୀ ଭିଜିଲାନ୍ସ ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି। ଭରତ ଚନ୍ଦ୍ର ସାହୁ, ସରୋଜ ବିଶ୍ୱାଳ, ସୀତାରାମ ସାହୁ, ତେଜରାଜ ପ୍ରଧାନ, ଅଚ୍ୟୁତ ବିଶ୍ୱାଳ, ପୀତାମ୍ବର ପ୍ରଧାନ, ଗଣେଷ ମହାକୁଡ, ରମାକାନ୍ତ ବାଦୀ, ଭିମ ବାଦୀ, ଦୁଆନ ହାତୀ, ମାର୍କଣ୍ଡ ପ୍ରଧାନ, ସାହେବ ବୁଧିଆ, ଚିନ୍ମୟ ପ୍ରଧାନ ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି ।



ସମ୍ବଲପୁର ଭିଜିଲେନ୍ସ ଅଫିସକୁ ଅଭିଯୋଗ କରି ଆସିଥିବା ଅଞ୍ଚଳବାସୀ ।



ଦୁଃଖର ଅନ୍ୟନାମ ଅସନ୍ତୋଷ, ସୁଖର ଅନ୍ୟନାମ ସନ୍ତୋଷ, ସେଥିପାଇଁ ସୁଖରେ ରହିବାକୁ ଇଚ୍ଛା କରୁଥିବା ଲୋକ ସନ୍ତୁଷ୍ଟ ରହିବା ଉଚିତ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଆସାମରେ ଉଲ୍‌ଫା ଆକ୍ରମଣ: ୫ ନିହତ

ଖେରୋନିବରି,୧।୧୧(ପି.ଟି.): ଆସାମର ଟିନ୍‌ସୁକିଆ ଜିଲା ଅନ୍ତର୍ଗତ ଖେରୋନିଠାରେ ଗୁରୁବାର ରାତିରେ ଉଲ୍‌ଫା(ସ୍ୱାଧୀନ)ର ଉଗ୍ରବାଦୀମାନେ ଆକ୍ରମଣ ଘଟାଇଛନ୍ତି। ଏଥିରେ ୫ ଜଣ ନିହତ ହେବା ସହ ୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩ ସଦସ୍ୟ ଅଛନ୍ତି। ରାତି ୮ଟା ସମୟରେ କେତେଜଣ ସଶସ୍ତ୍ରଧାରୀ ଉଗ୍ରବାଦୀ ଖେରୋନି ଗ୍ରାମକୁ ପ୍ରବେଶ କରିଥିଲେ। ଘରୁ ବାହାରକୁ ଆସିବା ଲାଗି ସେମାନେ ସ୍ଥାନୀୟ ବାସିନ୍ଦାଙ୍କୁ କହିଥିଲେ। ବାହାରକୁ ଆସିବା ମାତ୍ରେ ଉଗ୍ରବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଆକ୍ରମଣକାରୀମାନେ ଉଲ୍‌ଫା(ସ୍ୱାଧୀନ)ର ସଦସ୍ୟ ବୋଲି ପୋଲିସ ସନ୍ଦେହ କରୁଛି। ଏହି ଆକ୍ରମଣ ବିଷୟରେ ଖବର ପାଇ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରିଛନ୍ତି। ଏଥିସହିତ ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇଛନ୍ତି।

### କୋରାପୁଟ ମେଡିକାଲ କଲେଜର ୪ ଡାକ୍ତରଙ୍କ ଇସ୍ତଫା

**କୋରାପୁଟ,୧।୧୧(ସ୍ୱ.ପ୍ର):** କୋରାପୁଟ ମେଡିକାଲ କଲେଜରେ ଦୀର୍ଘ ଦିନ ଧରି ଲାଗିରହିଥିବା ସମସ୍ୟା ଗୁରୁବାର ଉଗ୍ରରୂପ ଧାରଣ କରିଛି । ମେଡ଼ିକାଲ କଲେଜର ୪ ଜଣ ଡାକ୍ତର ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏହାକୁ ନେଇ ମେଡ଼ିକାଲ କଲେଜରେ ରୋଗୀସେବା ପ୍ରଭାବିତ ହୋଇଛି। ବାୟୋମେଟ୍ରିକ୍ ମେଶିନ୍‌ରେ ଡାକ୍ତରମାନଙ୍କ କାର୍ଯ୍ୟରେ ଅନୁପସ୍ଥିତି ଜଣାପଡ଼ିବା ପରେ ଡିନ୍ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଥିଲେ। ଅନ୍ୟପକ୍ଷରେ ମେଡିକାଲ କଲେଜ ଭେଷଜ ବିଭାଗର ୬ ଡାକ୍ତର ଗୁରୁବାର ମେଡ଼ିକାଲର ଇନଡ଼ୋର କିମ୍ବା ଆଉଟଡ଼ୋରକୁ ଯାଇ ନ ଥିଲେ । ଏହାକୁ କେନ୍ଦ୍ର କରି ମେଡିକାଲରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ଡିନ ଦରମା ବନ୍ଦ କରିବା ପ୍ରତିବାଦରେ ସେମାନଙ୍କ ମଧ୍ୟରୁ ୪ ଜଣ ତାଙ୍କର ଇସ୍ତଫାପତ୍ର କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ପ୍ରଦାନ କରିଛନ୍ତି । ଇସ୍ତଫା ଦେଇଥିବା ଡାକ୍ତରମାନେ ହେଲେ ମେଡିସିନ ବିଭାଗର ଶଶିଭୂଷଣ ସୂତାର, ମନୋଜ କିଶାନ, ଗୁରୁପଦ ଦାସ ଓ ସ୍ୱପ୍ନ ସ୍ୱରୂପ ସାହୁ।

### ଦିଲ୍ଲୀ ପ୍ରଦୂଷଣ: ବୈଠକକୁ ଆସିଲେନି ୪ ରାଜ୍ୟର ପରିବେଶ ମନ୍ତ୍ରୀ

ନୂଆଦିଲ୍ଲୀ,୧।୧୧(ପି.ଟି.): ଦିଲ୍ଲୀରେ ପ୍ରଦୂଷଣ ସ୍ତର ବୃଦ୍ଧି ହେଉଥିବାରୁ ସ୍ଥିତି ଚିନ୍ତାଜନକ ହୋଇଛି। ପଞ୍ଜାବ ଓ ହରିୟାଣା ସମେତ ୪ ପଡ଼ୋଶୀ ରାଜ୍ୟରେ କ୍ଷେତରେ ନଡ଼ା ପୋଡ଼ାଯାଉଥିବାରୁ ରାଜଧାନୀ ଆକାଶରେ ବିଷ ବଳୟ ସୃଷ୍ଟି ହେଉଛି। ତେଣୁ ନଡ଼ାପୋଡ଼ା ବନ୍ଦ କରିବାକୁ କେନ୍ଦ୍ର ସରକାର ଉକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ୪ ରାଜ୍ୟର ସରକାର ନେଉଥିବା ପଦକ୍ଷେପ ସନ୍ତୋଷଜନକ ନୁହେଁ ବୋଲି ସରକାରଙ୍କ ହୃଦ୍‌ବୋଧ ହେଉଛି। ଏ ସମ୍ପର୍କରେ ଆଲୋଚନା କରିବା ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକର ପରିବେଶ ମନ୍ତ୍ରୀଙ୍କୁ ବୈଠକ ପାଇଁ ଗୁରୁବାର ଦିଲ୍ଲୀ ଡକାଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ମଧ ବୈଠକକୁ ଆସିଲେ ନାହିଁ।
ରାଜଧାନୀରେ ବାୟୁର ମାନ ଅତି ଖରାପ ହେଉଥିବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଇପିସିଏ) ଅନେକ କଟକଣା ଜାରି କରିଛି। ଏଥି ଅନୁଯାୟୀ ଗୁରୁବାରରୁ ଦିଲ୍ଲୀରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି। ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ଘରୋଇ ଯାନ ଛାଡ଼ି ସରକାରୀ ଯାନରେ ଯାତାୟାତ କରିବା ପାଇଁ ଦିଲ୍ଲୀବାସୀଙ୍କୁ କୁହାଯାଇଛି। ଏତିକିବେଳେ ଦିଲ୍ଲୀ ପରିବହନ ମନ୍ତ୍ରୀ କୈଳାଶ ଗେହଲଟ କହିଛନ୍ତି, ପ୍ରଦୂଷଣ ମୁକାବିଲା ଲାଗି ଏଏପି ସରକାର ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଜିଆର୍‌ଏପି) ଲାଗୁ କରିବା ପାଇଁ ପ୍ରସ୍ତୁତ ହୋଇରହିଛନ୍ତି। ଲୋକମାନଙ୍କୁ ଉତ୍ତମ ପରିବହନ ସେବା ଯୋଗାଇବା ଲାଗି ଦିଲ୍ଲୀ ମେଟ୍ରୋର ଅଧିକ ୨୧ଟି ଟ୍ରେନ୍ ଯାତ୍ରା କରିବ। ପ୍ରକାଶ ଯେ, ଜାତୀୟ ରାଜଧାନୀରେ ପ୍ରଦୂଷଣ ସ୍ତର ବଢ଼ିବାରୁ ୨୦୧୬ରେ ଦୁଇଥର ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଲାଗୁ ହୋଇଥିଲା। ସେହିବର୍ଷ ଜାନୁୟାରୀ ୧-୧୫ ଏବଂ ଏପ୍ରିଲ ୧୫-୩୦ ମଧ୍ୟରେ ଏହି ନିୟମ କାର୍ଯ୍ୟକାରୀ ହୋଇଥିଲା।

# ୟୁପି ସ୍ଥିର କରିବ ଏନ୍‌ଡିଏ ଭାଗ୍ୟ

ନୂଆଦିଲ୍ଲୀ,୧।୧୧

ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ଜାତୀୟ ରାଜନୀତିରେ ସମୀକରଣ ସେତିକି ବଦଳୁଛି। କିଏ କେତେବେଳେ କହା ହାତ ଧରିବ ତାହା କହିହେଉନାହିଁ। ଏପରି ସ୍ଥଳେ ଆଜି ଭୋଟ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି କ୍ଷମତାକୁ ଫେରିପାରନ୍ତି। କାରଣ ମୋଦି ଏବେ ମଧ୍ୟ ଦେଶବାସୀଙ୍କ ପ୍ରଥମ ପସନ୍ଦ। ସେହିପରି ସବୁଠୁ ବଡ଼ ଓ ରାଜନୈତିକ ଦୃଷ୍ଟିରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ରାଜ୍ୟ ଉତ୍ତରପ୍ରଦେଶ(ୟୁପି)ର ସମୀକରଣ ମଧ୍ୟ ୨୦୧୯ ସାଧାରଣ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିପାରେ। ଏବିପି ନ୍ୟୁଜ୍- ସି ଭୋଟର ପକ୍ଷରୁ କରାଯାଇଥିବା ସର୍ଭେରୁ ଗୁରୁବାର ଏଭଳି ଆକଳନ ସାମ୍ନାକୁ ଆସିଛି।

୨୦୧୮ ଅକ୍ଟୋବରରେ କରାଯାଇଥିବା ସର୍ଭେ ରିପୋର୍ଟ ଅନୁସାରେ ୨୦୧୯ ଲୋକ ସଭା ନିର୍ବାଚନରେ ୟୁପି 'ଗଢ଼ କିମ୍ବା ଭାଙ୍ଗ' ଭୂମିକା ନେବ। ଏନ୍‌ଡିଏ ଜାତୀୟ ସ୍ତରରେ ସଂଖ୍ୟାଗରିଷ୍ଠତା ହାସଲ କରିବ କି ନାହିଁ ତାହା ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟରେ ସମ୍ଭାବ୍ୟ ମହାମେଣ୍ଟରୁ ନିର୍ଦ୍ଧାରିତ ହେବ। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୟୁପିରେ ଏହି ଦୁଇ ଦଳ ମଧ୍ୟରେ ମହାମେଣ୍ଟ ନ ହେଲେ ୨୦୧୪ର ସଫଳତାକୁ ଭାଜପା ଦୋହରାଇପାରେ। ରାଜ୍ୟରେ ଏନ୍‌ଡିଏ ଖାତାକୁ ୭୦ ଆସନ ଯିବ। ଅନ୍ୟପକ୍ଷରେ ଏସ୍‌ପି ଏବଂ ବିଏସ୍‌ପିକୁ ୪ଟି ଲେଖାଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସେହିପରି ୫୪୩ ଆସନ ବିଶିଷ୍ଟ ଲୋକ ସଭାର ୩୦୦ ଆସନ ଦଖଲ କରିବାରେ ସଫଳ ହେବ ଏନ୍‌ଡିଏ। ଶାସକ ମେଣ୍ଟ ୩୮% ଭୋଟ ପାଇ ୩୦୦ ଆସନ ଦଖଲ କରିବ। ୟୁପିଏ ୨୬% ଭୋଟ ସହ ୧୧୬ ଆସନ ଓ ଅନ୍ୟ ଦଳ ୩୬% ମତଦାତାଙ୍କ ସମର୍ଥନ ଲାଭ କରି ୧୨୭ ଆସନ ଅକ୍ତିଆର କରିବାରେ ସକ୍ଷମ ହେବ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କୁ ଦେଶର ୫୬% ମତଦାତା ଚାହୁଁଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ୩୬% ଭୋଟର ଚାହୁଁଛନ୍ତି। ଓଡ଼ିଶା କ୍ଷେତ୍ରରେ ଦେଖିଲେ ଭାଜପା ଉନ୍ନତ ପ୍ରଦର୍ଶନ କରିବ। କିନ୍ତୁ ଏଥିପାଇଁ ତାକୁ ପୂର୍ବରୁ ପାଇଥିବା ୨୨% ଭୋଟ ହାରରୁ ଊର୍ଦ୍ଧ୍ୱକୁ ଉଠିବ ବୋଲି ସର୍ଭେରେ କୁହାଯାଇଛି।

**ଏବିପି-ସି ଭୋଟର ସର୍ଭେ**



- ଆଜି ନିର୍ବାଚନ ହେଲେ ପୁଣି ମୋଦି ସରକାର
- ମହାମେଣ୍ଟ ନ ହେଲେ ୨୦୧୪ର ସଫଳତା ଦୋହରାଇବ ଭାଜପା
- ୟୁପିରେ ଏନ୍‌ଡିଏ ଖାତାକୁ ଯିବ ୭୦ ଆସନ, ଏସ୍‌ପି-ବିଏସ୍‌ପି: ୪-୪

**୨୦୧୯ ସାଧାରଣ ନିର୍ବାଚନ**

# ପଥପ୍ରାନ୍ତ ସଭାରେ ଉତ୍କଳ ଭାରତ ସଭାପତିଙ୍କୁ ଆକ୍ରମଣ




ଡୁଙ୍ଗୁରା ଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭା କଡରେ ଛିଡା ହୋଇଥିବା ପ୍ରକାଶ ଲେଙ୍କା ଓ ତାଙ୍କର ସହଯୋଗୀ।

ଖଇରା, ୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଡୁଙ୍ଗୁରା ବଜାରରେ ଉତ୍କଳ ଭାରତ ଦଳ ପକ୍ଷରୁ ବୁଧବାର ଅପରାହ୍ନରେ ଆୟୋଜିତ ପଥପ୍ରାନ୍ତ ସଭାରେ ଶାସକ ଦଳର ୨ଜଣ ବ୍ୟକ୍ତି ଗଣ୍ଡଗୋଳ କରି ଦଳର ରାଜ୍ୟ ସଭାପତି ମହାମେଘ ବାହନ ଐର ଖାରବେଳ ସ୍ୱାଇଁଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗଣ୍ଡଗୋଳ ପରେ ସଭା କାର୍ଯ୍ୟକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ସଭାପତି ସ୍ୱାଇଁ ଏ ନେଇ ଗୁରୁବାର ବାଲେଶ୍ୱର ଏସପି ବି. ଯୁଗଳ କିଶୋରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କର୍ମୀଦ୍ୱୟ ସଭାରେ ଗଣ୍ଡଗୋଳ ଘଟାଇ ତାଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସ୍ୱାଇଁ ଅଭିଯୋଗ କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଉତ୍କଳ ଭାରତ ସଭାପତି ସ୍ୱାଇଁ ଖଇରାରେ ପଥପ୍ରାନ୍ତ ସଭା କରି ଡୁଙ୍ଗୁରା ବଜାରରେ ଆୟୋଜିତ ସଭାକୁ ଯାଇଥିଲେ। ଅପରାହ୍ନ ୪ଟାରେ ସଭା ଆରମ୍ଭ ହୋଇଥିଲା। ଦଳର ଜିଲା ସମ୍ପାଦକ କମଳାକାନ୍ତ ଦାସ ସଭାପତିତ୍ୱ କରିଥିଲେ । ସଭାପତି ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାରୀ ଉତ୍କଳ ଭାରତ ରାଜ୍ୟସଭାପତି ସାବିତ୍ରୀ ଜେନା, ରାଜ୍ୟ ସମ୍ପାଦକ ଶ୍ରୀହର୍ଷ ସ୍ୱାଇଁ, ନାରୀ ଉତ୍କଳ ଭାରତ ରେମୁଣା ବ୍ଲକ ସଭାପତି ସୁକାନ୍ତି ମଲ୍ଲିକ, ନାରୀ ଉତ୍କଳ ଭାରତ ରେମୁଣା ବ୍ଲକ ସମ୍ପାଦିକା ଲଳିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ୧୮ ବର୍ଷଧରି ଶାସନ କରୁଥିବା ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ସଭାପତି ସ୍ୱାଇଁ ସମାଲୋଚନା କରି ରାଜ୍ୟରେ ସୁଶାସନ ପରିବର୍ତ୍ତେ କୁଶାସନ ଚାଲିଛି ବୋଲି କହିଥିଲେ। ଦୀପ ଲିଭିଲାବେଳେ ଜୋର ଜଳିଉଠେ । ବିଜେଡି ସରକାରର ପତନ ବେଳ ଆସିଯାଇଥିବାରୁ ଦାଦାଗିରି ଓ ଗୁଣ୍ଡାରାଜ ବଢିଚାଲିଛି ଏବଂ ଲୋକଙ୍କ କଥା କହିବା ଅଧିକାରକୁ ହତ୍ୟା କରାଯାଉଛି ବୋଲି ସେ କହିଥିଲେ। ବକ୍ତବ୍ୟ ପ୍ରସଙ୍ଗରେ ଏକ ଇଂଲିଶ ପତ୍ରିକାରେ ପ୍ରକାଶିତ ତଥ୍ୟ ସେ ଉଲ୍ଲେଖ କରିଥିଲେ। ସଭାରେ ଉପସ୍ଥିତ ଥିବା ଜଣେ ପଞ୍ଚାୟତ ସମିତିସଭ୍ୟ ଏବଂ ଜଣେ ୱାର୍ଡମେମ୍ବରଙ୍କ ପୁଅ ଇଂଲିଶ ପତ୍ରିକା ତଥ୍ୟକୁ ଭୁଲ ଭାବେ କାହିଁକି ଉପସ୍ଥାପନ କରୁଛନ୍ତି ବୋଲି ପ୍ରଶ୍ନ ପଚାରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ବିରୋଧରେ ଏଭଳି ଭାଷଣ ନ ଦେବାକୁ ତାଗିଦ କରି ସେମାନେ ମଞ୍ଚରେ ଲାଗିଥିବା ମାଇକକୁ ବନ୍ଦକରି ଦେଇଥିଲେ। ଏଥିରେ ସ୍ୱାଇଁ ଅସନ୍ତୋଷ ପ୍ରକାଶ କରି ନବୀନ ସରକାରଙ୍କ ଅମଳରେ ଏମିତି ଗୁଣ୍ଡାରାଜ ବଢି ଚାଲିଛି ବୋଲି କହି ସଭାରୁ ଫେରିଯାଇଥିଲେ। ଏଭଳି ଗଣ୍ଡଗୋଳ ଘଟଣାକୁ ଉତ୍କଳ ଭାରତ ପକ୍ଷରୁ ନିନ୍ଦା କରାଯାଇ ଗୁଣ୍ଡାଗର୍ଦ୍ଦି ରୋକିବାକୁ ଏସପିଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିବା ସ୍ୱାଇଁ ଗଣମାଧ୍ୟମକୁ କହିଛନ୍ତି।

# 'ଆଇଏନ୍‌ଏସ୍ ବିରାଟ' ହେବ ଭାସମାନ ସଂଗ୍ରହାଳୟ

ମୁମ୍ବାଇ,୧।୧୧ (ପି.ଟି.)

ଭାରତୀୟ ନୌସେନାର ବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିରାଟକୁ ଏକ ଭାସମାନ ସଂଗ୍ରହାଳୟରେ ପରିଣତ କରାଯିବ। ଏଥିପାଇଁ ୮୫୨କୋଟି ଟଙ୍କା ବ୍ୟୟ ହେବ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଗୁରୁବାର ପ୍ରକାଶ କରିଛନ୍ତି। ଭାରତୀୟ ପ୍ରତିରକ୍ଷା ଇତିହାସରେ ଆଇଏନ୍‌ଏସ୍ ବିରାଟକୁ ଏକ ଗୌରବର ପ୍ରତୀକ ଭାବରେ ବିବେଚନା କରାଯାଏ। ୨୦୧୭ ମାର୍ଚ୍ଚରେ ଏହାକୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସେହିଦିନଠାରୁ ଏହା ନାଭାଲ୍ ଡକୟାର୍ଡରେ ପଡିରହିଛି। ଏହାକୁ ଏକ ସଂଗ୍ରହାଳୟରେ ପରିଣତ କରି ଏହାର ଗୌରବମୟ ଇତିହାସର ପ୍ରଚାର ପ୍ରସାର କରିବାର ପ୍ରସ୍ତାବ ଫଡ଼ନବିସ୍‌ଙ୍କ ନେତୃତ୍ୱରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ଲାଭ କରିଛି। ଉକ୍ତ ପ୍ରକଳ୍ପକୁ ସରକାରୀ-




ଘରୋଇ ଭାଗୀଦାରିତାରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ପ୍ରାଥମିକ ପ୍ରସ୍ତାବ ପ୍ରତିରକ୍ଷା ମନ୍ତ୍ରଣାଳୟର ସ୍ୱୀକୃତି ପାଇଁ ଦାଖଲ କରାଯାଇଛି। ଫଡ଼ନବିସ୍‌ଙ୍କ କହିବାନୁଯାୟୀ, ଗୋଆ ସୀମାନ୍ତ ନିକଟବର୍ତ୍ତୀ ମୁମ୍ବାଇର ଦକ୍ଷିଣକୁ ୫୩୫ କିଲୋମିଟର ଦୂରରେ ସିନ୍ଧୁଦୁର୍ଗ ଜିଲାର ନିଭାତି ସମୁଦ୍ରତଟରେ ବିରାଟକୁ ଏକ କଂକ୍ରିଟ୍ ଫାଉଣ୍ଡେଶନ୍ ମଧ୍ୟରେ ରଖାଯିବ। ଉକ୍ତ କମ୍ପ୍ଲେକ୍ସରେ ଦୁଃସାହସିକ ଜଳକ୍ରୀଡ଼ା, ନୌଚାଳନା, ସ୍କାଏଡାଇଭିଙ୍ଗ୍ ଏବଂ ମେରାଇନ୍ ଟ୍ରେନିଂ ଭଳି ବ୍ୟବସ୍ଥା ରହିବ। ପର୍ଯ୍ୟଟକଙ୍କ ପାଇଁ ଏହା ମୁଖ୍ୟ ଆକର୍ଷଣ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ଛକା ମାରିବାରେ ରୋହିତଙ୍କ ଦ୍ୱିଶତକ

ଥିରୁଭାନନ୍ତପୁରମ,୧।୧୧

ଭାରତୀୟ ଦଳର ଓପନର ତଥା ଉପ ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ ଦିନିକିଆରେ ଛକା ମାରିବାରେ ଦ୍ୱିଶତକ ମାରିଛନ୍ତି। ଏଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ଅନ୍ତିମ ଦିନିକିଆରେ ବିସ୍ଫୋରକ ଓପନର ୬୩ ରନ୍‌ର ଅପରାଜିତ ଇନିଂସ୍ ଖେଳିଛନ୍ତି। ଏଥିରେ ୫ ଚୌକା ସମେତ ୪ ବିଶାଳ ଛକା ସାମିଲ ରହିଛି। ଏଥିଯୋଗୁ ତାଙ୍କ ଦିନିକିଆ କ୍ୟାରିୟରେ ଛକା ସଂଖ୍ୟା ୨୦୨କୁ ବୃଦ୍ଧି ପାଇଛି। ସେ ଦ୍ୱିତୀୟ ଭାରତୀୟ ଭାବେ ଦୁଇ ଶହ ଛକା ମାରିଛନ୍ତି। ତାଙ୍କ ପୂର୍ବରୁ କେବଳ ମହେନ୍ଦ୍ର ସିଂ ଧୋନୀ ଏହି ସମ୍ମାନ ଜନକ ତାଲିକାରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଥାଉ କି, ଧୋନୀ(୨୧୧*) ଦିନିକିଆ ଫର୍ମାଟରେ ସର୍ବାଧିକ ସଂଖ୍ୟକ ଛକା ମାରିଥିବା ଭାରତୀୟ ଖେଳାଳି। ଷତବେ ରୋହିତ ଦୁଇ ଶହ ଛକା ମାରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ। ସେ ୧୮୭ତମ ଇନିଂସ୍‌ରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ଏଥିପୂର୍ବରୁ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ (୧୯୫ ଇନିଂସ୍)ଙ୍କ ନାମରେ ଏହି ରେକର୍ଡ ଥିଲା।

# ଇଣ୍ଡିଆ ବ୍ଲୁରେ କାଜଲ, ତରଣା

କଟକ ଅଫିସ, ୧।୧୧

ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଠାରେ ଆସନ୍ତା ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଖେଳାଯିବ। ଏହି ଟୁର୍ନାମେଣ୍ଟ ପାଇଁ ଇଣ୍ଡିଆ ବ୍ଲୁରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କାଜଲ ଜେନା ଓ ତରଣା ପ୍ରଧାନ। ସୂଚନାଥାଉ କି, ବିଜୟୱାଡାରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ କାଜଲ ଓ ତରଣା ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। କାଜଲ ଟୁର୍ନାମେଣ୍ଟର ୯ଟି ମ୍ୟାଚ୍‌ରୁ ୩୦.୫୭ ଆଭରେଜରେ ୨୧୪ ରନ୍ କରିବା ସହ ଓଡ଼ିଶାର ସର୍ବାଧିକ ରନ୍ ସଂଗ୍ରହକାରୀ ଅଟନ୍ତି। କାଜଲଙ୍କର ସର୍ବାଧିକ ସ୍କୋର ହେଉଛି ୧୦୮। ସେହିପରି ୯ଟି ମ୍ୟାଚରୁ ୧୧ଟି ଉଇକେଟ ଅକ୍ତିଆର କରିଛନ୍ତି ତରଣା। ତରଣା ଓଡ଼ିଶା ପକ୍ଷରୁ ଦ୍ୱିତୀୟ ସର୍ବାଧିକ ଉଇକେଟ ଦଖଲକାରୀ ହୋଇଥିବାବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ସୋନାଲି ହେମ୍ବ୍ରମ ୧୪ଟି ଉଇକେଟ ହାସଲ କରିଛନ୍ତି ।

# ମାଫିଆଙ୍କ ଉପରେ ନାହିଁ ଅଙ୍କୁଶ



ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

ଜଳେଶ୍ୱର,୧।୧୧ (ଡି.ଏନ୍.ଏ.)

- ସୁବର୍ଣ୍ଣରେଖା ବାଲିଉସ୍ତ ଅନୁଧ୍ୟାନ କରି ଫେରିଲା ପ୍ରଶାସନ
- ତହସିଲଦାରଙ୍କୁ ଦିଆଗଲା ତତ୍କାଳ ରିପୋର୍ଟ

ପଶ୍ଚିମବଙ୍ଗ ବାଲିମାଫିଆ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ରାୟକୁ ଅଣଦେଖା କରି ଓଡ଼ିଶା ସୀମାକୁ ପଶି ସୁବର୍ଣ୍ଣରେଖା ବାଲିଉସ୍ତରୁ ଲୁଟ୍ ଚଳାଇଛନ୍ତି। ପଶ୍ଚିମବଙ୍ଗ ପ୍ରଶାସନ ବାଲିଉସ୍ତକୁ ମାପଚୁପ କରି ସୀମା ନିର୍ଦ୍ଧାରଣ କରୁ ନାହିଁ କି କୌଣସି ସ୍ଥାନରେ ଲାଲ ପତାକା ପୋତୁ ନାହିଁ। ଏହି ସୁଯୋଗରେ ବାଲି ମାଫିଆ ବଳପୂର୍ବକ ଦିନରାତି ବାଲି ଲୁଟ୍ ଜାରି ରଖିଥିବା ବୁଧବାର ଘଟଣାସ୍ଥଳ ପରିଦର୍ଶନ ପରେ ଏକ ପ୍ରଶାସନିକ ଅଧିକାରୀ ଦଳ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏପରି କି ଉଭୟ ରାଜ୍ୟର ଯୁଗ୍ମ କମିଟି ନିଷ୍ପତ୍ତିକୁ ମଧ୍ୟ ବେଖାତିର କରାଯାଉଛି। ପଶ୍ଚିମବଙ୍ଗ ପ୍ରଶାସନ ବାଲିମାଫିଆଙ୍କ ନିକଟରେ ହାତ ଟେକିଦେଇ ସମାଧାନ ଆଳରେ ଓଡ଼ିଶା ରାଜ୍ୟ ପ୍ରଶାସନକୁ ଭୁଆଁ ବୁଲାଇବା ଉଦ୍ୟମ କରୁଛି ବୋଲି ପ୍ରଶାସନିକ ତଦନ୍ତ ବେଳେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଜଳେଶ୍ୱର ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ସୁପରଭାଇଜର ରବିନାରାୟଣ ତରାଇ, ଓଲମାରା ଆର୍‌ଆଇ ଗୋପାଳ ମାଝି, ଶରଡିହା ଆର୍‌ଆଇ ରାଧାବଲ୍ଲଭ ରଣଜିତ, ଅମୀନ ବିଷ୍ଣୁପଦ ଗିରି ଓ ନାରାୟଣ ବିଶ୍ୱାଳ ପ୍ରମୁଖ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ମାକିଡ଼ିଆ ପଞ୍ଚାୟତ ସଂଲଗ୍ନ ବାଲିଉସ୍ତ ନିକଟରେ ପହଞ୍ଚି ସରଜମିନ ଅନୁଧ୍ୟାନ କରିଥିଲେ। ସେତେବେଳେ ପଶ୍ଚିମବଙ୍ଗ ମାଫିଆ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା । ଏ ନେଇ ଅତିରିକ୍ତ ତହସିଲଦାର ମାକିଡ଼ିଆ ଗ୍ରାମର ଶତାଧିକ ପ୍ରତ୍ୟକ୍ଷଦର୍ଶୀ ବୟାନ ନେବା ସହ ସେମାନଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ସେଠାରୁ ପ୍ରଶାସନିକ ଦଳ ଫେରିବା ପରେ ତୁରନ୍ତ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଉଲ୍ଲେଖନୀୟ ଯେ, ସୁବର୍ଣ୍ଣରେଖା ନଦୀରେ ପଶ୍ଚିମବଙ୍ଗ ବାଲିମାଫିଆଙ୍କ ବେଆଇନ୍ ବାଲି ଉତ୍ତୋଳନ ରୋକିବା ଲାଗି ଏନଜିଟି ଦେଇଥିବା ରାୟକୁ କାର୍ଯ୍ୟକାରୀ କରିବା ଦିଗରେ ପଶ୍ଚିମବଙ୍ଗ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ। ଫଳରେ ସୁବର୍ଣ୍ଣରେଖା କୂଳକ୍ଷୟ ହେଇ ଓଡ଼ିଶା ପ୍ରତି ବିପଦ ମାଡି ବସୁଛି।

## ତିତ୍‌ଲି କ୍ଷୟକ୍ଷତି ନେଇ କେନ୍ଦ୍ରୀୟ ଟିମ୍‌ର ବୈଠକ

# ପ୍ରକଳ୍ପୱାରି କ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଛତ୍ରପୁର,୧।୧୧(ଡି.ଏନ.ଏ)

ବାତ୍ୟା ତିତଲି ଓ ପରେ ହୋଇଥିବା ବନ୍ୟାରେ କ୍ଷୟକ୍ଷତିର ଆକଳନ ପାଇଁ ୬ ଜଣିଆ କେନ୍ଦ୍ରୀୟ ଟିମ୍ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ଏହି ଟିମ ୨ ଭାଗ ହୋଇ ପାତ୍ରପୁର, ଆସିକା ଓ ଧରାକୋଟ ବ୍ଲକ ଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତଙ୍କୁ ଭେଟିଥିଲେ । ସନ୍ଧ୍ୟାରେ ଛତ୍ରପୁର ଆସି ଡିଆରଡିଏ ସମ୍ମିଳନୀ ଗୃହରେ ତିତଲି ଓ ବନ୍ୟା କ୍ଷତି ଉପରେ ତଥ୍ୟ ସଂଗ୍ରହ ପାଇଁ ଏକ ବୈଠକ କରିଥିଲେ । ବୈଠକରେ ଜିଲାପାଳ, ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକଳ୍ପୱାରି କ୍ଷୟକ୍ଷତି ରିପୋର୍ଟ ଦେବାକୁ ସମସ୍ତ ବିଭାଗକୁ କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ କହିଥିଲେ ।

ତିତଲି ଓ ବନ୍ୟା କ୍ଷତି ଉପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କେନ୍ଦ୍ରୀୟ ଟିମ୍‌କୁ ତଥ୍ୟ ଅବଗତ କରାଇଥିଲେ। ରାସ୍ତା ଓ କୋଠାବାଡି , ଗ୍ରାମ୍ୟ ଉନ୍ନୟନ ଓ ବ୍ଲକ ଅଧୀନରେ ଥିବା ରାସ୍ତା ଗୁଡିକ କ୍ଷତି ହୋଇଛି । ଏହି କ୍ଷତି ସମ୍ପର୍କିତ ରିପୋର୍ଟ କିପରି ପ୍ରସ୍ତୁତ ହୋଇଛି, ତାହା ଜଣାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଟିମ୍ ପକ୍ଷରୁ କୁହାଯାଇଥିଲା। ବନ୍ୟା ବେଳେ ପିଇବା ପାଣି ଯୋଗାଣ ପାଇଁ କେତୋଟି ଟ୍ୟାଙ୍କର ବ୍ୟବହାର କରାଯାଇଥିଲା ତାହାର ରିପୋର୍ଟ ମଗାଯାଇଥିଲା । କ୍ଷତି ହୋଇଥିବା ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ବିଦ୍ୟୁତ ଓ ଜଳସେଚନ ବିଭାଗ ପକ୍ଷରୁ ରିପୋର୍ଟ ଦେବାକୁ କୁହାଯାଇଛି ।

**୧୬୦୬.୩୩ କୋଟି ଟଙ୍କାର କ୍ଷତି**



ବୈଠକରେ ଉପସ୍ଥିତ କେନ୍ଦ୍ରୀୟ ଟିମ, ଜିଲାପାଳ ଓ ଅନ୍ୟମାନେ।

ବାତ୍ୟା ଓ ବନ୍ୟାରେ ଜିଲାରେ ୧୬୦୬ କୋଟି ୩୩ ଲକ୍ଷ ୬୫ ହଜାର ଟଙ୍କାର କ୍ଷତି ହୋଇଛି ବୋଲି ଆକଳନ ହୋଇଥିବା ସୂଚନା ଦିଆଯାଇଥିଲା । ତିତଲି ବାତ୍ୟା ପୂର୍ବରୁ ଜିଲାର ୧ଲକ୍ଷ ୯୮ ହଜାର ୮୨ ଜଣଙ୍କୁ ୭୫୫ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ଜିଲାପାଳ ସୂଚନା ଦେଇଥିଲେ । ସେ ସମୟରେ ୧୦୫ ଗର୍ଭବତୀଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ । ପୋଲିସ ଓ କୋଷ୍ଟଗାର୍ଡ ସହାୟତାରେ ସମୁଦ୍ରରୁ ୧୫୦ ଆନ୍ଧ୍ର ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିବା ଜିଲାପାଳ କହିଥିଲେ । ବନ୍ୟାରେ ଜିଲାର ୧୪ ବ୍ଲକ ଓ ୫ ସହରାଞ୍ଚଳ ପ୍ରଭାବିତ ହୋଇଥିଲା। ୯୪,୬୨୫ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ୩୧୧ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଦିଆଯାଉଥିଲା। ହେଲିକପ୍ଟର ଯୋଗେ ଆସିକା ଓ ପାତ୍ରପୁର ଅଞ୍ଚଳରେ ଖାଦ୍ୟ ପ୍ୟାକେଟ ପକାଯାଇଥିଲା। ଜିଲାରେ ୧ ଲକ୍ଷ ୯୩ ହଜାର ୭୬୮.୪୦ ହେକ୍ଟର ଜମିର ଧାନ ଫସଲ କ୍ଷତି ହୋଇଛି । ୨୧,୧୬୨ କଚ୍ଚା ଘର ଓ ୩,୦୮୨ ପକ୍କା ଘର ଆଂଶିକ କ୍ଷତି ହୋଇଛି। ୪୧୫ କଚ୍ଚା ଓ ପକ୍କା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୧,୯୧୫ ଗୁହାଳ ମଧ୍ୟ କ୍ଷତି ହୋଇଛି। ୫ ସିଏଚସି ଓ ଗୋଟିଏ ପିଏଚସି, ୧୫୭ ଅଙ୍ଗନୱାଡି କେନ୍ଦ୍ର, ୧୧୦୩ ସ୍କୁଲର କ୍ଷତି ହୋଇଛି। ରିଲିଫ ବାବଦରେ ଜିଲାର ୧୬ ଲକ୍ଷ ୪୬ ହଜାର ୬୭୫ ଜଣଙ୍କ ଆକାଉଣ୍ଟକୁ ୧୩୮.୬୮ କୋଟି ଟଙ୍କା ଟ୍ରାନ୍ସଫର ହୋଇଥିବା କେନ୍ଦ୍ରୀୟ ଟିମକୁ ଅବଗତ କରାଯାଇଥିଲା। କେନ୍ଦ୍ରୀୟ ଟିମ୍‌ରେ ପାଟନା ଗ୍ରାମ୍ୟ ଉନ୍ନୟନ (ଡିଆରଡିଏ) ବିଭାଗର ନିର୍ଦ୍ଦେଶକ ବିରେନ୍ଦ୍ର ସିଂ, କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନ ସିଇଏର ମୁଖ୍ୟ ଯନ୍ତ୍ରୀ ବନ୍ଦନା ସିଂଘାଲ, କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟର ଅଧିକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ସାମଲ, କେନ୍ଦ୍ର ସଡକ ପରିବହନ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ରାକେଶ କୁମାର, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅଣ୍ଡର ସେକ୍ରେଟାରି ଗୁଲଜାରୀ ଲାଲ, ଅର୍ଥ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ (ଖର୍ଚ୍ଚ) ଆର୍.ବି. କୌଲ ରହିଛନ୍ତି। ଏମାନେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେବେ । ଏହାପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ୟାକେଜ ଆସିବ। ବୈଠକରେ ପ୍ରୋବେଶନ ଆଇଏଏସ ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ବିଜୟ ଦାଶ, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ସମେତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- ଚାଣକ୍ୟ

## ସଂକ୍ଷେପରେ

### ୨୫ ନଭେମ୍ବରରେ ସ୍ନାୟୁ ରୋଗୀଙ୍କ ମାଗଣା ପରୀକ୍ଷା ଶିବିର

**ସମ୍ବଲପୁର,୧।୧୧(ବ୍ୟୁରୋ)**
ଭୁବନେଶ୍ୱରରେ ହେବ ମାଗଣା ଚିକିତ୍ସା ଶିବିର। ଏଥିପାଇଁ ରୋଗୀଙ୍କ ସମ୍ପର୍କୀୟଙ୍କୁ ପୂର୍ବରୁ ନାମ ରେଜିଷ୍ଟ୍ରେଶନ କରିବାକୁ ପଡ଼ିବ। ଫୋନ ମାଧ୍ୟମରେ ପଞ୍ଜୀକରଣ ସୁବିଧା ରହିଛି ବୋଲି ହୋଟେଲ ଗ୍ରାଣ୍ଡ୍ ଶିବାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ର ଉପନିର୍ଦ୍ଦେଶକ ଡାକ୍ତର ନନ୍ଦିନୀ ଗୋକୁଲାଚନ୍ଦ୍ରନ ସୂଚୀତ କରିଛନ୍ତି। ସେ କହିଥିଲେ ଯେ, ଷ୍ଟେମ୍ ସେଲ୍ ଥେରାପି ମାଧ୍ୟମରେ ସ୍ନାୟବିକ ସମସ୍ୟା ଥିବା ରୋଗୀମାନଙ୍କୁ ଚିକିତ୍ସା କରାଯାଇ ଥଇଥାନ କରାଯାଉଛି। ଅଟିଜିମ୍, ସେରେବ୍ରାଲ ପାଲସି, ବ୍ରେନ୍ ଷ୍ଟ୍ରୋକ୍, ମସ୍କ୍ୟୁଲାର ଡ଼ାଇଷ୍ଟ୍ରୋଫି, ସ୍ପାଇନାଲ କର୍ଡ଼ ଇନ୍ଜୁରି, ହେଡ଼ ଇନ୍ଜୁରୀ, ମଲ୍ଟିପୁଲ ସେଲେରୋସିସ୍ ଏବଂ ନ୍ୟୁରୋସାଇକାଟ୍ରିକ୍ ଆଦି ରୋଗର ଚିକିତ୍ସା ସମ୍ଭବ ହୋଇପାରିଛି। ଏ ପର୍ଯ୍ୟନ୍ତ ୬୦୦୦ ରୋଗୀଙ୍କ ସଫଳତାର ସହିତ ଚିକିତ୍ସା କରାଯାଇଛି। ସମ୍ବଲପୁର ସହରର ସୁଶାନ୍ତ କୁମାର ଲେଙ୍କା (୩୮) ଏହାର ଏକ ଉଦାହରଣ ଅଟନ୍ତି। ସେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ୫ ବର୍ଷ ଶଯ୍ୟାଶାୟୀ ରହିଥିଲେ। ବର୍ତ୍ତମାନ ତାଙ୍କ ଶରୀର ଚଳପ୍ରଚଳ କରୁଛି। ସେ ଦୁଇ ଘଣ୍ଟା ଧରି ଠିଆ ହେବାକୁ ସକ୍ଷମ ହୋଇପାରିଛନ୍ତି। ସେ ଏକ ଟ୍ରାଭେଲ ଏଜେନ୍ସି କରି ନିଜକୁ ରୋଜଗାରକ୍ଷମ କରିପାରିଛନ୍ତି। ଓଡ଼ିଶାରେ ନ୍ୟୁରୋଲୋଜିକାଲ୍ ରୋଗୀମାନଙ୍କ ପାଇଁ ନଭେମ୍ବର ୨୫ରେ ଭୁବନେଶ୍ୱରଠାରେ ମାଗଣା ଓପିଡ଼ି କର୍ମଶାଳା ଆୟୋଜନ କରାଯିବ।

### ଡକରାରେ ବିଜେଡିର ପଦଯାତ୍ରା, କର୍ମୀ ସମ୍ମିଳନୀ

ସମ୍ବଲପୁର/ଧମା୧।୧୧ (ବ୍ୟୁରୋ/ଡି.ଏନ.ଏ)
ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଜୟନ୍ତପୁର କେନ୍ଦୁଘାଟି ଡକରା ଗ୍ରାମରେ ବିଜେଡିର ପଦଯାତ୍ରା ଓ କର୍ମୀ ସମ୍ମଳନୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ଗୋପୀରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଢାଖୋଲ ବିଧାୟକ ରୋହିତ ପୁଜାରୀ ଯୋଗ ଦେଇଥିଲେ। ଡକରା ଗାଁ ମୁଣ୍ଡରେ ବିଧାୟକ ପୁଜାରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପଦଯାତ୍ରାରେ ବାହାରି ସେ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ୫ଶହରୁ ଅଧିକ ମହିଳା ଓ ପୁରୁଷ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ବିଧାୟକ ପୁଜାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଉପରେ ଲୋକମାନଙ୍କୁ ଜଣାଇଥିଲେ। ଡକରା ପଞ୍ଚାୟତରେ ୪ ବର୍ଷରେ ଅନେକ ଉନ୍ନୟନମୂଳକ କାମ ହୋଇଛି। ନିର୍ବାଚନ ପାଖେଇ ଆସୁଛି। ଦଳକୁ ପ୍ରାଥମିକ ସ୍ତରରୁ ମଜଭୁତ କରି ସରକାରଙ୍କ ସଫଳତା ଓ କେନ୍ଦ୍ର ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଇବାକୁ କହିଥିଲେ।

# କୋଲ୍ ଇଣ୍ଡିଆର ୪୪ତମ ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧।୧୧(ବ୍ୟୁରୋ)**
କୋଲ ଇଣ୍ଡିଆର ୪୪ତମ ପ୍ରତିଷ୍ଠା ଦିବସ ଗୁରୁବାର ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆନନ୍ଦ ବିହାର ପଡ଼ିଆରୁ ଏମସିଏଲ ଜାଗୃତି ବିହାର ମୁଖ୍ୟାଳୟ ପର୍ଯ୍ୟନ୍ତ ଗଣଦୌଡ଼ରେ କର୍ମଚାରୀ, ଅଧିକାରୀ, ଛାତ୍ରୀଛାତ୍ର ଓ ମହିଳାମାନେ ସାମିଲ ହୋଇଥିଲେ। ଏମସିଏଲ ବିତ୍ତ ନିର୍ଦ୍ଦେଶକ ଆର ବାସୁଦେବନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ପୂର୍ବତନ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, କେକେ ପରିଡା, ଏସ୍‌ପି ସିଂ, ଏ କେ ସିଂ, ଏସ୍‌ସି ପାଢ଼ୀ, ଜିଡି ଗୁଲାଫ, ଏନ୍ କେ ତିୱାରି, କୁଳମଣୀ ବିଶ୍ୱାଳ, ଜାଗୃତୀ ମହିଳା ମଣ୍ଡଳ ଉପାଧ୍ୟକ୍ଷ ପରମଜିତ କୌର, ପଦ୍ମିନୀ ବାସୁଦେବନ ସମ୍ମାନିତ ଅତିଥି ରହିଥିଲେ। ଉପସ୍ଥିତ ଅତିଥିମାନେ ପ୍ରତିଷ୍ଠା ଦିବସ କେକ୍ କାଟି ଥିଲେ। ସେହିପରି ଦୌଡ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅପରପକ୍ଷେ, ଏମସିଏଲ ନିର୍ଦ୍ଦେଶକ ରାଜୀବ ରଞ୍ଜନ ମିଶ୍ର ଝାରସୁଗୁଡା ଜିଲା ଇବ୍‌ଭେଲି କୋଇଲା ଖଣି ପରିଦର୍ଶନ କରି କୋଇଲା ଉତ୍ପାଦନ ଉପରେ ଆଲୋଚନା କରିଥିଲେ। ବୈଷୟିକ ନିର୍ଦ୍ଦେଶକ ଜେପି ସିଂ, ପ୍ରକଳ୍ପ ବୈଷୟିକ ନିର୍ଦ୍ଦେଶକ ଓପି ସିଂ ଉପସ୍ଥିତ ଥିଲେ। ଲଖନପୁର, ବେଲପାହାଡ ଖୋଲାମୁହଁ ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।



ଗୁରୁବାର ଏମସିଏଲ ନିର୍ଦ୍ଦେଶକ ରାଜୀବ ରଞ୍ଜନ ମିଶ୍ର ଲଖନପୁର ଅଞ୍ଚଳର କୋଇଲା ଖଣି ପରିଦର୍ଶନ କରି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

## ଇଂ. ଉତ୍ତମ କୁମାର ସାମଲଙ୍କ ଦାୟିତ୍ୱ ଗ୍ରହଣ

**ସମ୍ବଲପୁର,୧।୧୧(ବ୍ୟୁରୋ)**



ଓପିଟିସିଏଲ ନିର୍ଦ୍ଦେଶକ (ଅପରେସନ୍) ଇଂ. ଉତ୍ତମ କୁମାର ସାମଲ ୱେସ୍କୋ ୟୁଟିଲିଟିର ନୂତନ ପ୍ରାଧିକୃତ ଅଧିକାରୀ ଭାବେ ଗୁରୁବାର ଦାୟୀତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟୁତ୍ ପରିବହନ, ପ୍ରସାରଣ ଓ ପରିବଣ୍ଟନ ବ୍ୟବସ୍ଥା ପରିଚାଳନା କ୍ଷେତ୍ରରେ ତାଙ୍କର ୩୭ ବର୍ଷର ଅଭିଜ୍ଞତା ରହିଛି । ଏଥିସହ ଶକ୍ତି କ୍ଷେତ୍ରରେ ମଧ୍ୟ ସେ ରାଉରକେଲା ଓ ବଲାଙ୍ଗୀର ଅଞ୍ଚଳ ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ଲାଇନ, ସବ୍‌ଷ୍ଟେଶନ ନିର୍ମାଣ ପରିଯୋଜନାର ସଫଳ ରୂପାୟନ କରିଛନ୍ତି। ତାଙ୍କୁ ୱେସ୍କୋ ୟୁଟିଲିଟି ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି ।

# ଗାନ୍ଧୀ ଜ୍ୟୋତିକୁ ସ୍ୱାଗତ

**ସମ୍ବଲପୁର,୧।୧୧(ବ୍ୟୁରୋ)**
ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା ଗୁରୁବାର ସମ୍ବଲପୁରରେ ପହଞ୍ଚିଛି। ଏହାପରେ ଜିଲା ପ୍ରଶାସନ ଓ ଗାନ୍ଧୀବାଦୀ ଫୋରମ ପକ୍ଷରୁ ଜ୍ୟୋତିକୁ ସ୍ୱାଗତ କରାଯାଇଥିଲା। ଏ ନେଇ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସମ୍ମିଳନୀ କକ୍ଷଠାରେ ସାଧାରଣ ସଭା ହୋଇଥିଲା। ଜିଲାପାଳ ସମର୍ଥ ବର୍ମା ଗାନ୍ଧୀ ଶାନ୍ତି ସଦଭାବନା ଜ୍ୟୋତି ଓ ରାଜଘାଟଠାରୁ ଆସିଥିବା ମୃତ୍ତିକାକୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗାନ୍ଧୀବାଦୀ ଫୋରମ ଅଧ୍ୟକ୍ଷା ଡ. ରୀନା ରାଉତରାୟ ଯାତ୍ରାର ଉଦ୍ଦେଶ୍ୟ, ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ସଚିବ ରାଜେଶ ଅଗ୍ରୱାଲ ଗାନ୍ଧୀଜୀଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ଗାନ୍ଧୀବାଦୀ ନେତା ଭାଗବତ ପ୍ରସାଦ ନନ୍ଦ ଜିଲା ସ୍କୁଲର ଐତିହ୍ୟ, ଚନ୍ଦ୍ରଶେଖର ବେହେରାଙ୍କ ମହାନତା, ଗାନ୍ଧୀଜୀ ଓ କସ୍ତୁରବାଙ୍କ ଜୀବନ ଶୈଳୀ, ବିନୋବା ଭାବେ, ରମାଦେବୀ, ନବକୃଷ୍ଣ ଚୌଧୁରୀଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଗୁରୁବାର ଜିଲାସ୍କୁଲ ସମ୍ମିଳନୀ କକ୍ଷରେ ଜିଲାପାଳ ସମର୍ଥ ବର୍ମା ଗାନ୍ଧୀ ଶାନ୍ତି ଜ୍ୟୋତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

## ଭାଜପା ପକ୍ଷରୁ କୁଚିଣ୍ଡା ବ୍ଲକ ଅଫିସ ଘେରାଉ

**କୁଚିଣ୍ଡା,୧।୧୧(ଡି.ଏନ.ଏ)**
କୁଚିଣ୍ଡା ଭାଜପା ପକ୍ଷରୁ ବିଧାୟକ ରବି ନାରାୟଣ ନାୟକଙ୍କ ନେତୃତ୍ୱରେ ଗୁରୁବାର ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଭାଜପା କର୍ମୀମାନେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ବ୍ଲକ ଅଫିସ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ମଣ୍ଡଳ ସଭାପତି ଗୁରୁଦେବ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ରବିନାରାୟଣ ନାୟକ, ଜିଲା ପରିଷଦ ସଭ୍ୟା ଲିଲିମା କାଲୋ, ମମତା ପଟେଲ, ନଗର ସଭାପତି ସୁଶିଲ କର, ଜିଲା ଉପସଭାପତି ବିରଞ୍ଚି ଦର୍ଶୀ, ବିଭୁତି କଲ୍ୟାଣ ପଟେଲ, ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ପଟେଲ, ରାଣାପ୍ରତାପ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇ କୁଚିଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ବକେୟା ଥିବା ଟଙ୍କା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶ୍ରମିକମାନଙ୍କ ମଜୁରୀ ପ୍ରଦାନ, ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତୀର ତଦନ୍ତ ଦାବି କରିଥିଲେ। ଦାବି ଉପରେ ସେମାନେ ଗୋଷ୍ଠି ଉନ୍ନୟନ ଅଧିକାରିଣୀ ନିଶିପୁନମ ମିଞ୍ଜଙ୍କ ସହ ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସମସ୍ତ ଦାବୀ ପ୍ରତି ଉଚିତ ଧ୍ୟାନ ଦେଇ ଆଇନ ଅନୁସାରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଭିସୁଟ ଶିକ୍ଷକ ପିନ୍ଧିଲେ କଳା ବ୍ୟାଜ୍



ଗୁରୁବାର ସମ୍ବଲପୁର ଭିସୁଟ ମୁଖ୍ୟ ଫାଟକରେ ଶିକ୍ଷକ ସଂଘ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛନ୍ତି ।

**ସମ୍ବଲପୁର,୧।୧୧(ବ୍ୟୁରୋ)**
ସପ୍ତମ ବେତନ କମିଶନ ଲାଗୁ ଓ ପିଏଚଡି, ଏମଟେକ, ଏମ୍‌ଫିଲ୍ ବର୍ଦ୍ଧିତ ଦରମା ଦାବିରେ ବୀରସୁରେନ୍ଦ୍ର ସାଏ ଶିକ୍ଷକ ସଂଘ (ଭିସୁଟ) ଗୁରୁବାର କଳାବ୍ୟାଚ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିକାତ୍ମକ ପ୍ରତିବାଦ କରାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ ଏବଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ କର୍ମଚାରୀ ସପ୍ତମ ବେତନ ପାଇସାରିଛନ୍ତି। ହେଲେ ଓଡ଼ିଶା ସରକାର ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନଙ୍କ ସପ୍ତମ ବେତନ ଏ ପର୍ଯ୍ୟନ୍ତ ଲାଗୁ ହୋଇନାହିଁ। ଏଣୁ ଓଡ଼ିଶା ସ୍କୁଲ ଶିକ୍ଷକ ମହାସଂଘ ପକ୍ଷରୁ ଡକାଯାଇଥିବା ଆନ୍ଦୋଳନରେ ଭିସୁଟ ଶିକ୍ଷକ ସଂଘ ଯୋଗ ଦେଇଛି। ଯଦି ସରକାର ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଗମ୍ଭୀରତା ସହ ବିଚାର ନ କରନ୍ତି, ମହାସଂଘ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବ। ଏତଦ୍ ବ୍ୟତୀତ ଏମ୍‌ଫଲ୍, ଏମ୍‌ଟେକ, ପିଏଚଡି ପାଇଁ ଉଦ୍ଦିଷ୍ଟ ବର୍ଦ୍ଧିତ ଦରମା ଏ ପର୍ଯ୍ୟନ୍ତ ଭିସୁଟ ଶିକ୍ଷକମାନଙ୍କୁ ଉପଲବ୍ଧ ହୋଇନାହିଁ ବୋଲି ସମ୍ପାଦକ ଡ. ପାଣ୍ଡବ ପାତ୍ର କହିଛନ୍ତି।

# କଂଗ୍ରେସର ଜନସମ୍ପର୍କ ଅଭିଯାନ

**ସମ୍ବଲପୁର,୧।୧୧(ବ୍ୟୁରୋ)**
ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମ ଅନ୍ତର୍ଗତ ମାୟା ବଗିଚାଠାରେ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ନିରଞ୍ଜନ ତ୍ରିପାଠୀ, ଆସଫ ଅଲ୍ଲି ଖାନ୍, ବିଜୟ କୁମାର ଭୂୟାଁ, ଶେଖ ମୁଦ୍ଦିନ, ସୁରେଖା ସାହୁ, ସୁତାପ୍ତା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ନିୟତି ସେନ, ରେଣୁ କରିମ, ସଲମା ୱାଲିସ, ମହମ୍ମଦ ସଖିଲୁ, ମହମ୍ମଦ ଜୁବେର, ମହମ୍ମଦ ମୁଖତାର, ପୁଷ୍ପା କେର୍କେଟା ପ୍ରମୁଖ ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ପ୍ରତି ସମ୍ବଲପୁର ମହାନଗର ନିଗମ ବସ୍ତି ଅଞ୍ଚଳରେ ରାସ୍ତାଘାଟ, ନାଳ ନର୍ଦ୍ଦମା, ବିଜୁଳି, ରାଶନକାର୍ଡ ଆଦି ସମସ୍ୟା ରହିଛି। ଆଗାମୀ ଦିନରେ ଏହାର ପ୍ରତିକାର କରା ନ ଗଲେ ଜିଲା କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସଭାପତି ଅଶ୍ୱିନୀ ଗୁରୁ କହିଛନ୍ତି।



ଜିଲା କଂଗ୍ରେସର ଜନସମ୍ପର୍କ ରଥ ସମ୍ମୁଖରେ ନେତୃବୃନ୍ଦ ।

# ମାନେଶ୍ୱର ବ୍ଲକରେ ରାଲି, ବିକ୍ଷୋଭ ସଭା

### ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଲା ଭାଜପା

**ମାନେଶ୍ୱର/ଧମା,୧।୧୧(ଡି.ଏନ.ଏ)**
ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଭାଜପା ପକ୍ଷରୁ ମାନେଶ୍ୱର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ଫାଣ୍ଡି ଛକରୁ ଏକ ରାଲି ବାହାରିଥିଲା। ମାନେଶ୍ୱର ମଣ୍ଡଳ ସଭାପତି ନିମେଇଁ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର, ସାଧାରଣ ସମ୍ପାଦକ ଦାମୋଦର କର, ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ସବିତା ନନ୍ଦ, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସରକାରଙ୍କ ଦୁର୍ନୀତି, ଅପରାଗତା ବିରୋଧରେ ବର୍ଷିଥିଲେ। କେନ୍ଦ୍ର ସରକାରଙ୍କ ଅନୁଦାନ ଗୁଡିକ ହାଇଜାକ୍ କରି ରାଜ୍ୟ ସରକାର ନିଜ ନାମରେ ଯୋଜନାକୁ ନାମିତ କରୁଛନ୍ତି । ଆଗାମୀ ନିର୍ବାଚନରେ ଜନସାଧାରଣ ବିଜେଡିକୁ ଉପଯୁକ୍ତ ଜବାବ ଦେବାର ସମୟ ଆସିଛି ବୋଲି ଏହି ଅବସରରେ ନେତାମାନେ କହିଥିଲେ। ବ୍ଲକରେ କୃଷି ଋଣ ସମ୍ପୂର୍ଣ୍ଣ ଛାଡ, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ସମସ୍ତ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ଚାଷୀମାନଙ୍କୁ ପେନସନ ପ୍ରଦାନ, ଚାଷୀନେତା ପର୍ଶୁରାମ ପ୍ରଧାନଙ୍କ ହତ୍ୟାକାରୀଙ୍କୁ ଗିରଫ, ସମସ୍ତ ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ପ୍ରଦାନ, ଚାଷୀ ଋଣ ଟଙ୍କା ହଡପକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ, ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ କରାଯାଉ ବୋଲି ଦାବି ହୋଇଥିଲା। ବିଜୟ ଚୌଧୁରୀ, ଅଜିତ ସେଠ, ବିପିନ ଧରୁଆ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ‘ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ’ ଆଲୋଚନାଚକ୍ର

ରେଙ୍ଗାଲି,୧।୧୧(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ସୁରଜମଲ କଲେଜ ଇତିହାସ ବିଭାଗରେ ‘ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ’ ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ସୁଜିତ କୁମାର ସେନ ଏହାକୁ ଉଦ୍‌ଘାଟନ କରିଥିଲେ। ଭାରତର ସ୍ୱାଧୀନତାରେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ଉପରେ ଅବଗତ କରାଇଥିଲେ। ଅଧ୍ୟାପକ ମନୋଜ କୁମାର ପଣ୍ଡା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଇତିହାସ ଅଧ୍ୟାପିକା ନନ୍ଦିନୀ ପ୍ରଧାନ ସାରାଂଶ ଉପସ୍ଥାପନ କରିଥିଲେ। ଛାତ୍ରୀ ରିଙ୍କି ବୁଡେକ ସ୍ୱାଗତ ଭାଷଣ ଦେଇ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଛବିରାଣୀ ସାହୁ, ସୈରେନ୍ଦ୍ରୀ ତ୍ରିପାଠୀ, ମୁକେଶ ସୁରିନ, ରବିନ୍ଦ୍ର ମିର୍ଦ୍ଧା, ସରିତା ବାରିକ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଅଧ୍ୟାପକ ମୁରାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ରେଳମଣ୍ଡଳରେ ସଚେତନତା ସେମିନାର

**ସମ୍ବଲପୁର,୧।୧୧(ବ୍ୟୁରୋ)**
ସମ୍ବଲପୁର ରେଳ ମଣ୍ଡଳରେ ସଚେତନତା ସେମିନାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ଅଫିସ ସଭା ଗୃହରେ ଦୁର୍ନୀତିକୁ ମୂଳୋତ୍ପାଟନ କରିବା ଓ ନୂତନ ଭାରତ ନିର୍ମାଣ ଶୀର୍ଷକ ସେମିନାର ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ମଣ୍ଡଳ କାର୍ମୀକ ଅଧିକାରୀ ରାସବିହାରୀ ଜେନା ପାୱାର ପଏଣ୍ଟ ମାଧ୍ୟମରେ ଚୟନ ପ୍ରକ୍ରିୟାର ନୀତି ନିୟମକୁ ବୁଝାଇଥିଲେ। ସେହିପରି ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ଏମ୍‌ଭି ନରସିମମ୍ ଟେଣ୍ଡର ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ। ସହାୟକ କାର୍ମିକ ଅଧିକାରୀ ଦିଗାମ୍ବର ପାଢ଼ୀ ଧନ୍ୟବାଦ ଦେଇଥିଲେ।





ଗୁରୁବାର ସମ୍ବଲପୁର ରେଳମଣ୍ଡଳ ଅଫିସଠାରେ ସଚେତନତା ସେମିନାରରେ ଅତିଥି, ବକ୍ତା ଓ ଅଧିକାରୀମାନେ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ସମ୍ବଲପୁର,୧।୧୧(ବ୍ୟୁରୋ)**
ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଗୁରୁବାର ସମ୍ବଲପୁର ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ମିଳିତ ଆନୁକୂଲ୍ୟରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସରକାରୀ କର୍ମଚାରୀମାନେ ଶପଥ ପାଠ କରିଥିଲେ। ସେହିପରି ସ୍କୁଲ ଓ କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡିଭି ସ୍ୱାମୀ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇନ ବିଭାଗ ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର ମୁଖ୍ୟ ବକ୍ତା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା, ଦୁର୍ନୀତି ନିବାରଣ ବିଭାଗ ଏସ୍‌ପି ସ୍ୱରୂପ କୁମାର ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପଜିଲାପାଳ ପ୍ରଦୀପ କୁମାର ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜନମାନସରେ ଦୁର୍ନୀତିର ପରିବ୍ୟାପ୍ତୀ ଓ ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବରିଷ୍ଠ ନାଗରିକ, ସରକାରୀ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସିଦ୍ଧେଶ୍ୱର ବେର୍ଣ୍ଣାର ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସେହିପରି ସେଣ୍ଟଜୋନ୍ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ ସଭା ଶେଷରେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ସଚେତନତା ରାଲି ସହର ପରିକ୍ରମା କରିଥିଲା।



ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀ ସୁପ୍ରୀତି ସାହୁ ମୁଖ୍ୟଅତିଥି ଡିଭି ସ୍ୱାମୀଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨ ନଭେମ୍ବର, ୨୦୧୮



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



## ସଂକ୍ଷେପରେ

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଦେବଗଡ,୧।୧୧(ସ୍ୱ.ପ୍ର.)-** ଦେବଗଡ଼ ଜିଲା ରିଆମାଳ ବ୍ଲକର ଅଧୀନ ରଂଜନା ଗ୍ରାମ ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରିଆମାଳ ବ୍ଲକ କାଦୋପଡା ଗ୍ରାମର ମିନତି ପ୍ରଧାନ(୪୫)। ମିଳିଥିବା ସୂଚନା ମୁତାବକ, ମିନତି ସ୍ୱାମୀ ହିମାଂଶୁ ଶେଖର ପ୍ରଧାନଙ୍କ ସହ ଏକ ବାଇକ୍‌ରେ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରୁଥିବା ବେଳେ ରଂଜନା ଗ୍ରାମ ନିକଟରେ ରାସ୍ତା ଉପରକୁ ହଠାତ୍ କୁକୁର ଚାଲିଆସିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ସ୍ୱାମୀ ସ୍ତ୍ରୀ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମିନତଙ୍କୁ ମୃତ ଘୋଷଣା କରିଥିଲା।

### ଇନ୍ଦିରାଗାନ୍ଧୀ ତିରୋଧାନ ଦିବସ ପାଳିତ

ଦେବଗଡ,୧।୧୧(ସ୍ୱ.ପ୍ର)- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ବୁଧବାର ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲା ସଭାପତି ଉମାଶଙ୍କର ସାହୁଙ୍କ ଆବାହକତ୍ୱରେ ଦଳର ପୁରୁଖା ତଥା ଯୁବ କର୍ମୀ ପ୍ରମୁଖ ସାମିଲ ହୋଇ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସସି ସେଲ ସଭାପତି ମଞ୍ଜୁଳ ନାଏକ, ସୁବାସ ଭୋଇ,ପ୍ରଶାନ୍ତ ସାହୁ,ବିକାଶ ଖଡିରତ୍ନ, ପ୍ରଦୀପ ନାୟକ,ପ୍ରକାଶ ଦେବତାଙ୍କ ସମେତ ଅନ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି ଜନସମ୍ପର୍କ ପଦଯାତ୍ରା

**ଦେବଗଡ,୧।୧୧(ସ୍ୱ.ପ୍ର.)-** ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ଗୌଡସୁଗୁଡ଼ା ଏବଂ ଆମ୍ଭକଟା ଗ୍ରାମରେ ଜିଲା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ପଦଯାତ୍ରା ସହିତ ପଥପାନ୍ତ ସଭା ହୋଇଥିଲା। ଏଥିରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଇଂ. ଚିତ୍ତରଞ୍ଜନ ପ୍ରଧାନ, ଦେବେନ୍ଦ୍ର ବେହେରା, ଅମରେନ୍ଦ୍ର ଗଙ୍ଗଦେବ, ବିଭୁତି ଗଙ୍ଗଦେବ, ଚନ୍ଦ୍ରଶେଖର ଭୁକ୍ତା, ବାବୁଲାଲ ପୃଷେଠ, ନିରଞ୍ଜନ ମହାପାତ୍ର, ପ୍ରମିଳା ଟିଗା, ସିମନ ମହାପାତ୍ର, ଅଜୟ ସାହୁ, ବିକାଶ ମିଶ୍ର, ମନୋ ପ୍ରଧାନଙ୍କ ସମେତ ଅନ୍ୟ ଦଳୀୟ କର୍ମୀ ପ୍ରମୁଖ ଉପସ୍ଥିତ ରହି ଓଡିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ।

### ରିଆମାଳ ବ୍ଲକ ଭାଜପାର ବୈଠକ

**ରିଆମାଳ, ୧।୧୧ (ଡି.ଏନ.ଏ.)-** ରିଆମାଳ ବ୍ଲକ ସଳପଘଟିଠାରେ ଗୁରୁବାର ରିଆମାଳ ବ୍ଲକ ଭାଜପାର ବୈଠକ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳ ବୁଥସ୍ତରରେ ଭାଜପାକୁ ମଜଭୁତ କରିବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭାଜପା ଦେବଗଡ଼ ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଜିଲା ପ୍ରଭାରୀ ପ୍ରକାଶ ଚନ୍ଦ୍ର ମଙ୍ଗରାଜ ଯୋଗଦେଇ ବୁଥସ୍ତରରେ ଦଳକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଅପରପକ୍ଷରେ ବିଧାୟକ ନିତେଶ ଗଙ୍ଗଦେବ ବୈଠକରେ ଯୋଗଦେଇ ଦଳକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଯୁବମୋର୍ଚ୍ଚା ସଭାପତି ମୀନକେତନ ସାହୁ, ସାଧାରଣ ସମ୍ପାଦକ ନିରଞ୍ଜନ ବେହେରା, ଜୋନ-୧ ସଭାପତି ଶରତ ସାହୁ, ଜୋନ-୨ ସଭାପତି କିଶୋରୀ ରାଉଳ, ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ, ଯୋଗ ଦେଇଥିଲେ। ଦୁଇଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।




ସୁରଭି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ସୁରଭି, ମଧ୍ୟାହ୍ନଭୋଜନ ମେଳା -୨୦୧୮

**ଦେବଗଡ,୧।୧୧ (ସ୍ୱ.ପ୍ର.)**

ସ୍ଥାନୀୟ ରାଜାବସୁଦେବ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଓ 'ମଧ୍ୟାହ୍ନଭୋଜନ ସଚେତନତା' ମେଳା-୨୦୧୮ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ଆୟୋଜିତ ହୋଇଥିବା ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଡିଆରଡିଏ ଓ ପିଡି ଭୀନସେଣ୍ଟ ପୁନମକାନ୍ତ ଏକ୍କା ,ସମ୍ମାନୀତ ଅତିଥି ଭାବେ ଡିଆଇପିଆରଓ ବିଜୟ କୁମାର ମିଶ୍ର, ଡିସିପିଓ ରୋମିଓ ମହାପାତ୍ର,ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲା ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ରବିନାରାୟଣ ବଘାର୍ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମହୋତ୍ସବରେ ଜିଲାର ପୌରାଞ୍ଚଳ ସମେତ ୩ ଟି ବ୍ଲକରୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ(ଜୁନିୟର)ବର୍ଗରେ ତିଲେଇବଣି ଉଚ୍ଚ ପ୍ରାଥମିକ ସ୍କୁଲର ରାଜେଶ୍ୱରୀ ପାତ୍ର ପ୍ରଥମ,କଣ୍ଟାବାହାଳ ଉଚ୍ଚ ପ୍ରାଥମିକ ସ୍କୁଲ ଶୁଭମ ସାହୁ ଦ୍ୱିତୀୟ,ଟିଙ୍କବୀର ଉଚ୍ଚ ପ୍ରାଥମିକ ସ୍କୁଲର ସୁଶାନ୍ତ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବର୍ଗରେ କାଦୋପଡା ହାଇସ୍କୁଲର ପ୍ରିୟଙ୍କା ପ୍ରଧାନ ପ୍ରଥମ,ବଳମ ହାଇସ୍କୁଲର ସରିମା ପ୍ରଧାନ ଦ୍ୱିତୀୟ ଓ କଂସର ହାଇସ୍କୁଲର କରିସ୍ମା ମାଝି ୩ୟ ହୋଇଥିଲେ। ସେହିପରି ତର୍କରେ କାଦୋପଡା ହାଇସ୍କୁଲର ବର୍ଷାରାଣୀ ସାହୁ-ପ୍ରଥମ,ମିତାଲି ପଧାନ ସୁନାମୁଣ୍ଡା ହାଇସ୍କୁଲ-୨ୟ, ଗାଙ୍ଗନଣ ହାଇସ୍କୁଲର ମାମୀ ସ୍ୱାଇଁ-୩ୟ ,ଚିତ୍ରାଙ୍କନରେ

**ଦେବଗଡ଼ରେ ଜିଲା**

ମନ୍ଦାକିନୀ ବାଳିକା ସ୍କୁଲର ଅଞ୍ଜନା ପାତ୍ର ,ତିଲେଇବଣି ସ୍କୁଲର ସୁଷମା କିସାନ-୨ୟ,ବାରକୋଟ ଓଡିଶା ଆଦର୍ଶ ସ୍କୁଲର ମିତାଲି ମହାରଣା ୩ୟ ସ୍ଥାନ ପାଇଥିଲେ। ସିନିୟରରେ ତିଲେଇବଣି ଓଡିଶା ଆଦର୍ଶ ସ୍କୁଲର ରୁପାଲି ସାହୁ ୧ମ , ଟାଉନ ହାଇସ୍କୁଲର ପ୍ରିୟଙ୍କା ପାତ୍ର ୨ୟ, ସରୁଆଳି ହାଇସ୍କୁଲର ମୋତିଲାଲ ମୁଣ୍ଡା ୩ୟ ସ୍ଥାନ ପାଇଥିଲେ। ସେହିପରି ସିଡବ୍ଲୁଏସଏନ ଚିତ୍ରାଙ୍କନରେ ତିଲେଇବଣିର ଅର୍ପିତା ସିହ୍ନା ୧ମ,ଲୁସି ପ୍ରଧାନ ଦଣ୍ଡାସିଂହା,ରୀନା ବାଘ କଂସର ସ୍କୁଲ , କ୍ରିଏଟିଭ ରାଇଟିଂରେ ତେରେଣ୍ଡାକଟା ସ୍କୁଲର ଲିପସା ପାତ୍ର ୧ମ ,ଗୌଡସୁଗୁଡା ସ୍କୁଲର ରୁପାଲି ମହାକୁଳ ୨ୟ, ଡିମିରିପୋଷି ସ୍କୁଲର ବିଶ୍ୱନାଥ ମୁଣ୍ଡା ୩ୟ , ସିନିୟର ବର୍ଗରେ ତିଲେଇବଣି ଓଡିଶା ଆଦର୍ଶ ସ୍କୁଲର ଅନନ୍ୟା ପ୍ରଧାନ ୧ମ, କଂସର ହାଇସ୍କୁଲର ନିବେଦିତା ପାତ୍ର ୨ୟ, କୁଣ୍ଡାପିଠା ହାଇସ୍କୁଲର ଭୁଷଣ ସାମାଡ ୩ୟ ସ୍ଥାନ ପାଇଥିଲେ। ସିନିୟର ବର୍ଗ ରଚନା ଲିଖନରେ ତିଲେଇବଣି ଓଡିଶା ଆଦର୍ଶ ସ୍କୁଲର ସଚିନ ସାହୁ ୧ମ , ଡଅଁରା ହାଇସ୍କୁଲର କାବ୍ୟଶ୍ରୀ ପଟେଲ ୨ୟ, ବାରକୋଟ ଓଡିଶା ଆଦର୍ଶ ସ୍କୁଲର ତ୍ରିଷ୍ଣା ବେହେରା ୩ୟ ସ୍ଥାନ ପାଇଥିଲେ। ଜୁନିୟର ବର୍ଗ କୁଇଜ ରେ ବାରକୋଟ ଓଡିଶା ଆଦର୍ଶ ସ୍କୁଲର ମେଘନାଦ ପ୍ରଧାନ ୧ମ , ନୁପୂର ପ୍ରିୟଦର୍ଶିନୀ ଦେହୁରୀ ୨ୟ ଓ ନାଉଲିପଡା ସ୍କୁଲର ସ୍ମିତାରାଣୀ ସାହୁ ୩ୟ ହୋଇଥିଲେ। ସିନିୟରରେ ସଡୋ ହାଇସ୍କୁଲର ସ୍ୱସ୍ତିକ ସାହୁ ୧ମ, ତିଲେଇବଣି ଓଡିଶା ଆଦର୍ଶ ସ୍କୁଲର ବୈଶାଳୀ ଟାଲି ୨ୟ ଏବଂ ଆରବିଡି ହାଇସ୍କୁଲର ସମ୍ବିତ ଦେବତା ୩ୟ ସ୍ଥାନ ପାଇଥିଲେ। ସେହିପରି ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ରିଆମାଳ ୟୁପିଏସ ପ୍ରଥମ, ତିଲେଇବଣି ୟୁପିଏସ ୨ୟ ଏବଂ ରଜାମୁଣ୍ଡା ମଳେହିପଡା ୩ୟ ସ୍ଥାନ ପାଇଥିଲେ। ବେଷ୍ଟ ସିଆରସିସି ଭାବେ କଂସର,ପ୍ରଭାଶୁଣି ଏବଂ ଅଡଁରା ଶିକ୍ଷକ ପୁରସ୍କାର ପାଇଥିଲେ। ସେହିପରି ଆର୍ଟ ଏଣ୍ଡ କ୍ରାଫ୍ଟରେ ଲୁସି ଭୁକ୍ତା ମନ୍ଦାକିନୀ ସ୍କୁଲ,ବଳମ୍ ହାଇସ୍କୁଲର ସୁନୟନା ସାହୁ , ଜୁନିୟର ଗୀତରେ କୁମୁଦିନୀ ବିଶ୍ୱାଳ ପ୍ରଥମ ରିଆମାଳ ହାଇସ୍କୁଲ ,ଲିପସାରାଣୀ ମାଝୀ କରଲଗା ୟୁପିଏସ , କୁଶଖୁଲିଆ ହାଇସ୍କୁଲର ସୁଜିତ ମାଝି ଓ ମଳେହିପଡା ର ପିନୁ ପ୍ରଧାନ ୩ୟ ସ୍ଥାନ ପାଇଥିଲେ। ସିନିୟରରେ ସଇଡା ହାଇସ୍କୁଲରେ ସତ୍ୟଭାମା ପାତ୍ର ୧ମ , କୁରଡ ର ବିବେକାନନ୍ଦ ବାରିକ ୨ୟ ଓ ସୁଗୁଡା ସ୍କୁଲର ରାନୀ ସାହୁ ୩ୟ ସ୍ଥାନ ହାସଲ କରିଥିଲେ। ସେହିପରି ସିଡବ୍ଲୁଏସଏନରେ ତିଲେଇବଣିର ଅର୍ପିତା ସାହୁ,ବାରକୋଟର ସୁଦୀପ ପାତ୍ର ୨ୟ ଓ ତିଲେଇବଣିର ଶୁଭମ ବେହେରା ୩ୟ ସ୍ଥାନ ପାଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ଉପସ୍ଥିତ ରହି ମହୋତ୍ସବର ଉଦ୍ଦେଶ୍ୟ ସମ୍ବନ୍ଧରେ ଉଦବୋଧନ ଦେବାସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅପରାହ୍ନରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲା ଶିକ୍ଷା ସଂଯୋଜିକା ଜୟଶ୍ରୀ ଅମାତ ସଭା ପରିଚାଳନା କରିଥିଲେ। ସିଆରସିସି ବିମଳା ବିଶ୍ୱାଳ, ସୀମାରାଣି ପାଣିଗ୍ରାହୀ,ସୁନିତା ବଡାଇ,ସବିତା ନନ୍ଦଙ୍କ ସମେତ ସର୍ବଶିକ୍ଷା ଅଭିଯାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## 'ବାଲ୍ୟ ବିବାହକୁ ନା' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଦେବଗଡ,୧।୧୧ (ସ୍ୱ.ପ୍ର.)**

ଦେବଗଡ଼ ଜିଲାକୁ ଏକ ବାଲ୍ୟ ବିବାହ ମୁକ୍ତ ଜିଲା ଭାବେ ଗଠନ କରିବାକୁ ବିଭିନ୍ନ ସଚେତନତା ମୁଳକ କାର୍ଯ୍ୟକ୍ରମ କରାଯାଉଥିଲେ ମଧ ବାଲ୍ୟ ବିବାହ ଏକ ବୃହତ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ରଙ୍ଗମାଟିଆ, କୁଦାଳପାଳ, ପେଜଗୋଳା ଓ ବାଘିଆବନ୍ଧ ଗ୍ରାମର ଶତାଧିକ ମହିଳାଙ୍କୁ ନେଇ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ 'ବାଲ୍ୟ ବିବାହକୁ ନା' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କୁଦାଳପାଳ ଗ୍ରାମର ଆମ୍ଭତୋଟାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏସ୍‌ଡିଆର୍‌ର ନିର୍ଦ୍ଦେଶିକା ରୀତା ରାଉତ, ଚାଇଲ୍ଡ ଲାଇନ ଟିମ ସଦସ୍ୟ ଉପେନ୍ଦ୍ର ଭଞ୍ଜୀ, ସୁଶାନ୍ତ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ସଚେତନ କରାଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।

# ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ଦେବଗଡ଼,୧।୧୧ (ସ୍ୱ.ପ୍ର)**

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲାସ୍ତରୀୟ ବୈଠକରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ଦୁର୍ନୀତିରେ ଲିପ୍ତ ଥିବା ଏବଂ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି ଉଭୟ ସମାଜ ପାଇଁ କ୍ଷତିକାରକ। କେବଳ ପ୍ରଶାସନିକସ୍ତରରେ ଉଦ୍ୟମ ଦ୍ୱାରା ଦୁର୍ନୀତିକୁ ରୋକାଯାଇ ପାରିବ ନାହିଁ। ବ୍ୟକ୍ତିଗତ ଏବଂ ସାମାଜିକ ଜୀବନରେ ରହିଥିବା ଦୁର୍ନୀତିକୁ ଦୂରେଇବା ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଆନ୍ତରିକତାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପଦ୍ମନାଭ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟକ୍ତିଗତସ୍ତରରେ ଉଚ୍ଚାରଣ ଓ ଆଚରଣରେ ସମନ୍ୱୟ ରକ୍ଷା ପୂର୍ବକ ସ୍ୱାର୍ଥପରତାଠାରୁ ଦୂରେଇ ରହି ନୈତିକ ମୂଲ୍ୟବୋଧ ଦ୍ୱାରା ଦୁର୍ନୀତିର ଦୂରୀକରଣ କରାଯାଇ ପାରିବ ବୋଲି କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବି ନାରାୟଣ ସି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ଓଡ଼ିଆ ଓ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବରିଷ୍ଠ ନାଗରିକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଅନ୍ୟପକ୍ଷେ ସଭାରେ ସହରର ବୁଦ୍ଧିଜୀବୀମାନଙ୍କୁ ଡକାଯାଇଥିଲେ ମଧ ସେମାନଙ୍କୁ କହିବାର ସୁଯୋଗ ଦିଆଯାଇ ନ ଥିଲା। ଏନେଇ ସେମାନେ ଜିଲାପାଳଙ୍କୁ ଜଣାଇବା ପରେ ସେମାନଙ୍କୁ କହିବାକୁ ସୁଯୋଗ ଦିଆଯାଇଥିଲା। ସେମାନେ ନିଜ ବକ୍ତବ୍ୟ ତଥା ମତ ରଖିଥିଲେ। ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ପୁରୁଷୋତ୍ତମ କଷାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଦ୍ୱାରା ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ମରୁଡ଼ି ସହାୟତା ଘୋଷଣା ପଛରେ ରାଜନୀତି

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୧।୧୧**

ବରଗଡ଼ ଜିଲାରେ ଏଥର ମଧ୍ୟ ମରୁଡ଼ି ପରିସ୍ଥିତି ଦେଖାଯାଇଛି। ତେବେ ଗତ ୨୦୧୭ ଖରିଫରେ ଜିଲାର ମୋଟ୍ ୯୧ହଜାର ୩୧୭ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଥିଲା। କିନ୍ତୁ ଏଥର ବର୍ତ୍ତମାନ ସୁଦ୍ଧା ୩୮ହଜାର ୮ହେକ୍ଟର ମରୁଡ଼ିଗ୍ରସ୍ତ ହୋଇଛି ବୋଲି କୃଷି ବିଭାଗ ଆକଳନ କରିଛି। କୃଷି ବିଭାଗର ଏହି ଆକଳନ ରିପୋର୍ଟରେ ଜିଲାର ଅତାବିରା ଓ ଭେଡ଼େନ ବ୍ଲକ ବାଦ୍ ପଡ଼ିଛି। ଅନ୍ୟପଟେ ବରଗଡ଼ ବ୍ଲକରେ ୧୭୨୦, ବରପାଲି ୨୧୨୦, ଭଟଲି ୪୪୦୮, ଅମ୍ବାଭୋନା ୩୨୯୫, ପଦ୍ମପୁର ୫୮୮୮, ପାଇକମାଳ ୫୩୫୩, ଗାଇସିଲେଟ ୨୭୫୦, ବିଜେପୁର ୪୧୫୭, ଝାରବନ୍ଧ ୩୮୬୪ ଏବଂ ସୋହେଲା ବ୍ଲକରେ ସର୍ବାଧିକ ୪୪୫୩ ହେକ୍ଟର ଧାନ ଫସଲ ମରୁଡ଼ି ପ୍ରଭାବିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏପରିକି କୃଷି ବିଭାଗର ଆକଳନରେ ଅନେକ ଅଞ୍ଚଳ ବାଦ୍ ପଡ଼ିଛି ବୋଲି ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ରପ୍ କଟିଂ ରିପୋର୍ଟରେ ପ୍ରଭାବିତ ଫସଲ ପରିମାଣ ଆହୁରି ବଢ଼ିବ ବୋଲି ଚାଷୀମାନେ କହିଛନ୍ତି। ରାଜ୍ୟ ସରକାର ଗୁରୁବାର ୯ ଜିଲା ପାଇଁ ମରୁଡ଼ି ଘୋଷଣା କରିଛନ୍ତି। ଏଥିରେ ବରଗଡ଼ ଜିଲା ଅଛି। ମରୁଡ଼ି ଘୋଷଣା ପରେ ଚାଷୀ ମୁହଁରେ ହସ ଫୁଟିବା ସ୍ୱାଭାବିକ। ମାତ୍ର ସରକାର ଯେଭଳି ତରବରିଆ ଭାବେ ଏହି ଘୋଷଣା କରିଛନ୍ତି, ତାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ରାଜ୍ୟର ମରୁଡ଼ି ଅନୁଧ୍ୟାନ ପାଇଁ ଏକ କେନ୍ଦ୍ରୀୟ ଟିମ ଆସୁଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ସରକାରଙ୍କ ଏଭଳି ଘୋଷଣା ଚର୍ଚ୍ଚାର ବିଷୟ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏହି ଘୋଷଣା କରିଛନ୍ତି ବୋଲି ବିରୋଧୀ ଦଳ ନେତାମାନେ କହୁଛନ୍ତି। ଅନ୍ୟପଟେ ଚାଷୀଙ୍କ ଦୁର୍ଦ୍ଦଶା ଦେଖି ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇଥିବା ବିଜେଡ଼ି ନେତା ପ୍ରକାଶ କରିଛନ୍ତି। ସେହିପରି ବର୍ଷାଭାବରୁ ଜିଲାରେ ଏଭଳି କ୍ରମାଗତ ମରୁଡ଼ି ଲାଗି ରହୁଥିଲେ ମଧ ରାଜ୍ୟ ସରକାର ଏଠାରେ ମରୁଡ଼ିର ସ୍ଥାୟୀ ପ୍ରତିକାର ଏବଂ ଜଳସେଚନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ସ୍ପଷ୍ଟ ହୋଇଛି ବୋଲି ଚାଷୀନେତାମାନେ ମତ ଦେଇଛନ୍ତି।

**ଏମାନେ ଯାହା କୁହନ୍ତି...**



"ମରୁଡ଼ି ଘୋଷଣା ସେଭଳି ଗୁରୁତ୍ୱ ନୁହେଁ। ମରୁଡ଼ିର ସ୍ଥାୟୀ ପ୍ରତିକାରକୁ ଗୁରୁତ୍ୱ ଦିଆଯିବା କଥା। ସରକାର ଗତ ୧୫ବର୍ଷ ହେଲା ୩୫ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା କଥା କହି ଆସୁଛନ୍ତି। ଯଦି ତାହା ହୋଇଥାନ୍ତା, ଏଭଳି ଭଲ ବର୍ଷା ସତ୍ତ୍ୱେ ମାତ୍ର ଗୋଟିଏ, ଦୁଇଟି ବର୍ଷା ନ ହେବାରୁ ଜିଲାରେ ମରୁଡ଼ି ଦେଖାଯାଇ ନ ଥାନ୍ତା।
-ଲିଙ୍ଗରାଜ, ଚାଷୀନେତା



"ନିର୍ବାଚନକୁ ଆଖି ଆଗରେ ରଖି ସରକାର ମରୁଡ଼ି ଘୋଷଣା କରିଛନ୍ତି। ଏହା ମୂଲ୍ୟହୀନ ଅଟେ। ଏପର୍ଯ୍ୟନ୍ତ ପ୍ରକୃତ ସର୍ଭେ ମଧ୍ୟ ହୋଇନାହିଁ। ଫଳରେ ଅନେକ ଚାଷୀ କ୍ଷତିପୂରଣ ସହାୟତାରୁ ବଞ୍ଚିତ ହେବେ। ସରକାରଙ୍କ ସବୁ ଘୋଷଣା କେବଳ ଘୋଷଣାରେ ସୀମିତ ରହୁଛି। ଚାଷୀ ଯେଉଁ କ୍ଷତିପୂରଣ ପାଇବା କଥା, ତାହା ପାଉନାହିଁ।
-ସାଧୁ ନେପାକ, ପୂର୍ବତନ କଂଗ୍ରେସ ବିଧାୟକ



"ରାଜ୍ୟ ସରକାରଙ୍କ ମରୁଡ଼ି ଘୋଷଣା ଏକ ଧୂଆଁବାଣ। ନିର୍ବାଚନ ପାଖେଇ ଆସୁଛି ବୋଲି ସରକାର ଏଭଳି ତରବରିଆ ଭାବେ, ଠିକ୍‌ଭାବେ ଫସଲକ୍ଷତି ଆକଳନ ନ କରି ଏହି ଘୋଷଣା କରିଛନ୍ତି। ଚାଷୀଙ୍କ ପ୍ରତି ଯଦି ରାଜ୍ୟ ସରକାରଙ୍କ ଦରଦ ରହିଛି, ତେବେ ଜିଲାର ସମସ୍ତ ବ୍ଲକକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରାଯାଉ।
-ଡା. ଅରୁପାନନ୍ଦ ସାହୁ, ଭାଜପା ଜିଲା ସଭାପତି



"ଚାଷ ଓ ଚାଷୀଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଫଳରେ ମରୁଡ଼ି ପ୍ରଭାବିତ ଚାଷୀଙ୍କ ଦୁର୍ଦ୍ଦଶା ଦେଖି ରାଜ୍ୟ ସରକାର ସେଭଳି ଘୋଷଣା କରି ଠିକଣା ସମୟରେ ଉଚିତ୍ ପଦକ୍ଷେପ ନେଇଛନ୍ତି। ମରୁଡ଼ି ପ୍ରଭାବିତ ସମସ୍ତ ଚାଷୀଙ୍କୁ ରାଜ୍ୟ ସରକାର ନିଶ୍ଚିତ ଭାବେ ଇନପୁଟ୍ ସବସିଡ଼ି ପ୍ରଦାନ କରିବେ।
-ଦେବେଶ ଆଚାର୍ଯ୍ୟ, ବିଜେଡ଼ି ବିଧାୟକ

## ବୁଡାମାଳ ସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ପଦ୍ମପୁର, ୧।୧୧ (ଡି.ଏନ.ଏ)**

ରାଜବୋଡାସମ୍ବର ବ୍ଲକ ଖଇରପାଲି କେନ୍ଦ୍ରର ବୁଡାମାଳ ୟୁଜିୟୁପି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଖଇରପାଲି କେନ୍ଦ୍ରର ସମସ୍ତ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବୁଡାମାଳ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁଇଜ, ଡିବେଟ, କ୍ରିଏଟିଭ ରାଇଟିଙ୍ଗ, ଡ୍ରଇଂ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅମୃତଲାଲ ମହାକୁର, ନରେନ୍ଦ୍ର ପ୍ରଧାନ, ପଙ୍କଜ ପ୍ରଧାନ, ନୃପରାଜ ବରିହା, ହରିହର ବୁଡେକ, ଭାରତୀ ଲୟା, ପ୍ରିୟା ବାରିକ, ସୁଦାମ ପ୍ରଧାନ, ବାସୁଦେବ ମେହେର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଖଇରପାଲି ହାଇସ୍କୁଲର ସହକାରୀ ଶିକ୍ଷକ ହେମନ୍ତ ଭୋଇ, ସିଆରସିସି ପ୍ରହଲ୍ଲାଦ ମହାନନ୍ଦ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ଶିକ୍ଷକ ରମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ୨ ନଭେମ୍ବର, ୨୦୧୮



❝ ଅନ୍ୟ କାହାରି ଭୂଖଣ୍ଡ ଉପରେ ଭାରତର ନଜର ନାହିଁ । ଦେଶର ନିରବଚ୍ଛିନ୍ନ ଅର୍ଥନୈତିକ ପ୍ରଗତି ଓ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବାହ୍ୟ ଏବଂ ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ ।

- ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ



## ସଂକ୍ଷେପରେ

### ନିର୍ବାସନରୁ ଫେରିଲେ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି

**ମାଲି,୧।୧୧(ପି.ଟି.)**-ମାଳଦ୍ୱୀପରେ ପ୍ରଥମକରି ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତି ଶାସନ କ୍ଷମତା ହାସଲ କରିଥିବା ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କୁ ମିଳିଛି। ଆତଙ୍କବାଦ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପାଇଥିବା ଜେଲ୍ ଦଣ୍ଡାଦେଶକୁ ଏଡ଼ାଇବା ଲାଗି ଦୁଇବର୍ଷ ହେଲା ସେ ନିର୍ବାସନରେ ଥିଲେ। ଗୁରୁବାର ନଶିଦ ସ୍ୱଦେଶ



ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଯାତ୍ରା କରୁଥିବା ବିମାନ ଶ୍ରୀଲଙ୍କାରୁ ଆସି ମାଳଦ୍ୱୀପ ରାଜଧାନୀ ମାଲିରେ ଅବତରଣ କରିଥିଲା। ୨୦୧୨ରେ ନଶିଦ କ୍ଷମତା ଅପବ୍ୟବହାର କରି ଏକ ପ୍ରମୁଖ କୋର୍ଟର ବିଚାରପତିଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୧୫ରେ ତାଙ୍କୁ ୧୩ ବର୍ଷର କାରାଦଣ୍ଡାଦେଶ ଦିଆଯାଇଥିଲା। ତରବରିଆ ଭାବେ ଏହି ଦଣ୍ଡବିଧାନ ହୋଇଥିବାରୁ ଅନ୍ତର୍ଜାତୀୟ ସ୍ତରରେ କୋର୍ଟଙ୍କୁ ସମାଲୋଚନା କରାଯାଇଥିଲା।

### 'ଭାଜପାକୁ ନିର୍ବାଚନରେ ଜିତାଇବେ ନାହିଁ ଶ୍ରୀରାମ'

**ନୂଆଦିଲ୍ଲୀ,୧।୧୧(ପି.ଟି.)**-ରାମ ମନ୍ଦିର ନିର୍ମାଣକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଚାଲିଥିଲାବେଳେ ଗୁରୁବାର ଏ ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ କରିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା। ନିର୍ବାଚନ ଜିତିବାରେ ଭାଜପାକୁ ଭଗବାନ ଶ୍ରୀରାମ ସାହାଯ୍ୟ କରିବେ ନାହିଁ ବୋଲି ସେ କହିଛନ୍ତି। ଫାରୁକ୍‌ଙ୍କ କହିବା ଅନୁଯାୟୀ, ଏଠାରେ ମନ୍ଦିର କିମ୍ବା ମସ୍‌ଜିଦ କିମ୍ବା ଗୁରୁଦ୍ୱାରାର ପ୍ରଶ୍ନ ଉଠୁନାହିଁ। ବରଂ ରାଷ୍ଟ୍ରକୁ ନେଇ ଉଠୁଛି ପ୍ରଶ୍ନ। ଏହି ଦେଶରେ ଅନେକ ଧର୍ମର ଲୋକ ବସବାସ କରୁଛନ୍ତି ଏବଂ ସବୁ ଧର୍ମର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କିନ୍ତୁ ଭାଜପା ନେତାମାନେ ଭାବୁଛନ୍ତି ଭଗବାନ ରାମ ସେମାନଙ୍କୁ ନିର୍ବାଚନ ଜିତାଇଦେବେ। ଏହି ଚିନ୍ତାଧାରା ଯୋଗୁ ଗୈରିକ ଦଳ ନିର୍ବାଚନରେ ପରାଜିତ ହେବ। କାହିଁକିନା ବାସ୍ତବରେ ରାମ ନୁହେଁ ବରଂ ଲୋକେ ଭୋଟ ଦେବେ।

■ ଗଣତନ୍ତ୍ରର ସୁରକ୍ଷା ନାମରେ ମଞ୍ଚ ପ୍ରସ୍ତୁତି

# ଏମାନେ ଏକାଠି

**ନୂଆଦିଲ୍ଲୀ,୧।୧୧**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ପାୱାର ଓ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା। ତିନିଜଣ ଯାକ ଗୋଟିଏ ଗୋଟିଏ ଦଳର ମୁଖିଆ। ଗଣତନ୍ତ୍ରର ସୁରକ୍ଷା ନାଁରେ ଗୁରୁବାର ଏକାଠି ହୋଇଛନ୍ତି ଏମାନେ। କାରଣ ପ୍ରତ୍ୟକ୍ଷ ଭାବେ ହେଉକି ପରୋକ୍ଷରେ ଜାତୀୟ ସ୍ତରର ତିନି ତୁଙ୍ଗ ଚେହେରାଙ୍କ ଶତ୍ରୁ ପାଲଟିଛି ଭାଜପା। କେନ୍ଦ୍ରରୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ହଟାଇ ନିଜ ନିଜ ରାଜ୍ୟରେ ଗୈରିକ ଦଳକୁ ନସ୍ତନାବୁଦ କରିବାକୁ ହେଲେ ଏକାଠି ହେବାକୁ ଏମାନେ ଏକପ୍ରକାର ବାଧ୍ୟ। ୨୦୧୯ ପୂର୍ବରୁ ରାଜନୀତିର ବାଧ୍ୟବାଧକତା ବିରୋଧୀଙ୍କୁ ଏକାଠି କରିବାରେ ଲାଗିଛି। ଏହି କ୍ରମରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସହ ମଧ୍ୟ ହାତ ମିଳାଇଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରବାବୁ।

ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଅଟଳ ଚନ୍ଦ୍ରବାବୁ ମାର୍ଚ୍ଚ ୧୬ରେ ଏନ୍‌ଡିଏର ହାତ ଛାଡ଼ିଥିଲେ। ବିଧାନସଭାର ବିରୋଧୀ ଦଳ ନେତା ତଥା ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀଙ୍କୁ ଧରି ଭାଜପା ଆନ୍ଧ୍ରପ୍ରଦେଶ ଦଖଲ କରିବାର ସ୍ୱପ୍ନ ଦେଖୁଛି। ସେପଟେ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ବିଗୁଲ ବାଜି ସାରିଛି। ତେଲେଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ଶେଷ ମୁହୂର୍ତ୍ତରେ ବା ନିର୍ବାଚନ ପରେ ଭାଜପାର ସମର୍ଥନ ନେବା ଅସମ୍ଭବ ନୁହେଁ। ତେଣୁ ଚନ୍ଦ୍ରବାବୁ ଆନ୍ଧ୍ର ଓ ତେଲେଙ୍ଗାନାରେ ନିଜ ହାତମୁଠାକୁ ଟାଣ କରିବା ଲାଗି ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ସାକ୍ଷାତ୍ ପରେ ଚନ୍ଦ୍ରବାବୁ କହିଛନ୍ତି, ଦେଶକୁ ରକ୍ଷା କରିବା ପାଇଁ ଅତୀତକୁ ଭୁଲି ସେମାନେ ଏକାଠି ହୋଇଛନ୍ତି। ଏକାଠି ହେବା ସେମାନଙ୍କ ଗଣତାନ୍ତ୍ରିକ ବାଧ୍ୟବାଧକତା ବୋଲି ଚନ୍ଦ୍ରବାବୁ ସ୍ୱୀକାର କରିଛନ୍ତି। ରାହୁଲ କହିଛନ୍ତି, ସମ୍ବିଧାନ, ଗଣତନ୍ତ୍ର ଓ ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଏହି ସାକ୍ଷାତ୍ ଏକ କାର୍ଯ୍ୟସୂଚୀ। ଭାଜପାକୁ ହରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ କାମ କରିବେ।

ରାହୁଲଙ୍କ ସହ ସାକ୍ଷାତ୍ ପୂର୍ବରୁ ଚନ୍ଦ୍ରବାବୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଓ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍ଦୁଲ୍ଲାଙ୍କୁ ଭେଟିଥିଲେ। ଏହି ସାକ୍ଷାତ୍‌କୁ ଜାତୀୟ ପୃଷ୍ଠଭୂମିରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କାରଣ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବିରୋଧୀ ଦଳଗୁଡ଼ିକୁ ଗୋଟିଏ ମଞ୍ଚରେ ଏକାଠି କରିବା ଦାୟିତ୍ୱ ଚନ୍ଦ୍ରବାବୁଙ୍କୁ ଦିଆଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଏକ ମିଳିତ ଖବରଦାତା ସମ୍ମିଳନୀରେ ଫାରୁକ୍ କହିଥିଲେ, ଗଣତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଦେଶ ଏକ ବିରାଟ ସଙ୍କଟ ଦେଇ ଗତି କରୁଛି। ଦେଶବାସୀ ବିପଦରେ ଅଛନ୍ତି। ଦେଶ ଭବିଷ୍ୟତର ସୁରକ୍ଷା ପାଇଁ ଏକ ସାମଗ୍ରିକ ସାମ୍ମୁଖ୍ୟ ଗଠନ ଦିଗରେ ସେମାନେ ମିଳିମିଶି କାମ କରିବେ। ଏଥିଲାଗି ଏକ ସର୍ବନିମ୍ନ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବ। ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପାକୁ ପ୍ରତିହତ କରିବା ଲାଗି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକୁ ଏକାଠି କରିବା ସକାଶେ ନେତାମାନଙ୍କ ସହ ଚନ୍ଦ୍ରବାବୁ ଆଲୋଚନା କରିବେ। ଖବରଦାତା ସମ୍ମିଳନୀରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ଏଥିରେ ସହମତି ପ୍ରକାଶ କରି ଅନୁରୂପ ମତପୋଷଣ କରିଥିଲେ। ସିବିଆଇ ଏବଂ ଆର୍‌ବିଆଇ ଭଳି ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି। ଏଭଳି ସମୟରେ ଅଣଭାଜପା ଦଳଗୁଡ଼ିକ ଏକାଠି ବସି ସମାଧାନର ପନ୍ଥା ବାହାର କରିବା ଉଚିତ ବୋଲି ପାୱାର କହିଥିଲେ।

ପ୍ରକାଶ ଯେ, ଅଣଭାଜପା ଦଳଗୁଡ଼ିକୁ ଏକାଠି କରିବା ପାଇଁ ସପ୍ତାହକ ମଧ୍ୟରେ ଏହା ହେଉଛି ଚନ୍ଦ୍ରବାବୁଙ୍କ ଦ୍ୱିତୀୟ ନୂଆଦିଲ୍ଲୀ ଗସ୍ତ। ଗତ ୨୭ରେ ସେ ବିଏସ୍‌ପି ସୁପ୍ରିମୋ ମାୟାବତୀ, ପୂର୍ବତନ ଭାଜପା ନେତା ଯଶୱନ୍ତ ସିହ୍ନା, ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଏଲ୍‌ଜେଡି ମୁଖ୍ୟ ଶରଦ ଯାଦବ ଓ ଅନ୍ୟ କେତେଜଣ ସମଭାବାପନ୍ନ ନେତାଙ୍କୁ ଭେଟି ୨୦୧୯ ପାଇଁ ବିରୋଧୀ ମଞ୍ଚର କ୍ଷେତ୍ର ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

### ଚନ୍ଦ୍ରବାବୁ ଟାଣିବେ ବିରୋଧୀ ରଥ





❝ ୨୦୧୯ରେ ଭାଜପାକୁ ହରାଇବା ଲାଗି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏକ ସର୍ବନିମ୍ନ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବ । ଏଥିପାଇଁ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କୁ ଦାୟିତ୍ୱ ଦିଆଯାଇଛି ।

- ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ

❝ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ହେଉଥିବା ଲଗାତର ଆକ୍ରମଣକୁ ବନ୍ଦ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି କାମ କରିବେ । ବେକାରି ସମସ୍ୟା ଓ ରାଫାଲ୍ ଯୁଦ୍ଧବିମାନ ଚୁକ୍ତିରେ ଦୁର୍ନୀତି ଭାଜପା ବିରୋଧରେ ସବୁଠୁ ବଡ଼ ଅସ୍ତ୍ର ପାଲଟିବ ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



❝ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଚନ୍ଦ୍ରବାବୁଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ । ଦେଶରେ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଶକ୍ତିଗୁଡ଼ିକୁ ଏକତ୍ରିତ କରିବା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

- ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ

## ଟଳିଲେ ୨ ଲସ୍କର ଆତଙ୍କବାଦୀ

**ଶ୍ରୀନଗର,୧।୧୧(ପି.ଟି.)**

ଜମ୍ମୁ-କଶ୍ମୀରର ବଡଗାମ୍ ଜିଲାରେ ଗୁରୁବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଲସ୍କର-ଇ-ତୋଇବା (ଏଲ୍‌ଇଟି)ର ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଜଣେ ଯବାନ ମଧ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ଖାନାସାହିବ ଅଞ୍ଚଳର ଜାଗୁରେ ଆତଙ୍କବାଦୀ ଲୁଚିରହିଥିବା ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷାକର୍ମୀମାନେ ସେଠାରେ ଘେରାବନ୍ଦୀ କରି ତଲାସି ଚଳାଇଥିଲେ। ଅପରେଶନ ବେଳେ ସନ୍ଧାନକାରୀ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀମାନେ ପାଲଟା ଜବାବ ଦେବାରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ମୁଖ୍ତାର ଅହମଦ ଖାନ ଏବଂ ମହମ୍ମଦ ଅମିନ ମିର୍ ନାମକ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟେ ଥିଲେ କଶ୍ମୀର ନିବାସୀ। ଉପତ୍ୟକାରେ ଘଟିଥିବା ଅନେକ ଆକ୍ରମଣ ଘଟଣା ସହ ଦୁହେଁ ସମ୍ପୃକ୍ତ ଥିଲେ ବୋଲି ଜଣାପଡ଼ିଛି। ସେହିପରି ଆହତ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଅନ୍ୟପଟେ ବଡ଼ଗାମ୍‌ରେ ଏକ ଗଣମାଧ୍ୟମ ସଂସ୍ଥାର ଆଉଟ୍‌ଡୋର ବ୍ରଡକାଷ୍ଟିଂ (ଓବି) ଭ୍ୟାନ୍ ଉପରକୁ ଟେକାମାଡ଼ ହୋଇଛି। ଏନ୍‌କାଉଣ୍ଟରସ୍ଥଳକୁ ଖବର ସଂଗ୍ରହ ପାଇଁ ଯିବାବେଳେ ଏହି ଘଟଣା ଘଟିଛି।

■ ଅଯୋଧ୍ୟା ବିବାଦ

## ସ୍ୱତନ୍ତ୍ର ବିଲ୍ ଆଗତ କରିବେ ଭାଜପା ଏମ୍‌ପି ସିହ୍ନା

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ଉତ୍ତରପ୍ରଦେଶର ଅଯୋଧ୍ୟାରେ ଥିବା ବିବାଦୀୟ ଜମିକୁ ନେଇ ଲାଗିରହିଥିବା ବିବାଦର ସମାଧାନ ହୋଇପାରୁନାହିଁ। ମାମଲାର ଶୁଣାଣି ତାରିଖ ଗଡ଼ାଇ ଚାଲିଛନ୍ତି ସୁପ୍ରିମକୋର୍ଟ। ଏତିକିବେଳେ ରାମ ମନ୍ଦିର ନିର୍ମାଣ ଦାବି ଜୋର ଧରିଛି। ଏନେଇ ସରକାର ଏକ ଅଧ୍ୟାଦେଶ ଆଣନ୍ତୁ ବୋଲି ଅନେକେ ଅଡ଼ିବସିଛନ୍ତି। ଏହି କ୍ରମରେ ସାମିଲ ହୋଇ ଗୁରୁବାର ଭାଜପା ଏମ୍‌ପି ରାକେଶ ସିହ୍ନା କହିଛନ୍ତି, ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ସେ ଏକ ପ୍ରାଇଭେଟ ମେମ୍ବର ବିଲ୍ ଆଣିବେ। ଏଥିପାଇଁ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାମାନଙ୍କ ସମର୍ଥନ ଲୋଡ଼ିଛନ୍ତି।

ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁ ପ୍ରମୁଖ ଭାଜପା ଓ ଆର୍‌ଏସ୍‌ଏସ୍‌କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଏବେ ଏମାନେ ସେ ଆଣିବାକୁ ଥିବ ବିଲ୍‌କୁ ସମର୍ଥନ ଦେବେ କି ବୋଲି ରାଜ୍ୟ ସଭା ସଦସ୍ୟ ରାକେଶ ପ୍ରଶ୍ନ କରିଛନ୍ତି। ନିର୍ବାଚନ ପାଖେଇ ଆସିଲେ ଭାଜପା ଭଗବାନ ଶ୍ରୀରାମଙ୍କୁ ମନେପକାଏ ବୋଲି କଂଗ୍ରେସ ନେତା ରାଜୀବ ଶୁକ୍ଳା କହିଛନ୍ତି। ତେବେ ରାମ ମନ୍ଦିର ନିର୍ମାଣକୁ ସମର୍ଥନ ଜଣାଇଛନ୍ତି ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ସୋନବୋହୂ ଅପର୍ଣ୍ଣା ଯାଦବ।

### ରାମ ମନ୍ଦିର ନିର୍ମାଣକୁ ମୁଲାୟମ୍‌ଙ୍କ ବୋହୂ ଦେଲେ ସମର୍ଥନ



## ଫୁର୍‌ସତ

ଇତିହାସର ଆଇନାରେ

### ନଭେମ୍ବର ୨ର ପ୍ରମୁଖ ଘଟଣା

#### ଏନ୍‌ଗୁଏନ୍ ଥିନ୍-ଥିଏନ୍‌ଙ୍କୁ ହତ୍ୟା

୧୯୬୩ ନଭେମ୍ବର ୨ରେ ଦକ୍ଷିଣ ଭିଏତ୍‌ନାମ ରାଷ୍ଟ୍ରପତି ଏନ୍‌ଗୁଏନ୍ ଥିନ୍-ଥିଏନ୍‌ଙ୍କୁ ସାମରିକ ବିଦ୍ରୋହ ଜରିଆରେ ହତ୍ୟା କରାଯାଇଥିଲା। ଦକ୍ଷିଣ ଭିଏତ୍‌ନାମର ସେ ଥିଲେ ପ୍ରଥମ ରାଷ୍ଟ୍ରପତି। ୧୯୫୫ରୁ ୧୯୬୩ ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ। ୧୯୫୪ରେ ଜେନେଭା ରାଜିନାମା ଅନୁସାରେ ଇଣ୍ଡୋଚାଇନା ଅଞ୍ଚଳରୁ ଫ୍ରାନ୍ସ ହଟିଯିବା ପରେ ଥିଏନ୍ ଭିଏତ୍‌ନାମ ରାଷ୍ଟ୍ର ଗଠନ ପାଇଁ ଉଦ୍ୟମ କରିଥିଲେ। ତେବେ ତାଙ୍କର କମ୍ୟୁନିଷ୍ଟ ବିରୋଧୀ ମନୋଭାବ ଯୋଗୁ ଆମେରିକା ଏ ଦିଗରେ ତାଙ୍କୁ ଦୃଢ଼ ସମର୍ଥନ କରିଥିଲା। ଶେଷରେ ସେ ଏହି ସଫଳତା ହାସଲ କରିଥିଲେ। ରାଷ୍ଟ୍ରପତି ହେବା ପରେ ସେ ବୌଦ୍ଧ ଧର୍ମାବଲମ୍ବୀଙ୍କ ବିରୋଧରେ ଦମନମୂଳକ ନୀତି ଗ୍ରହଣ କରିବାରୁ ସେ ଆମେରିକା ସମର୍ଥନ ହରାଇଥିଲେ।

#### ପ୍ରଥମ କମ୍ପ୍ୟୁଟର୍ ୱାର୍ମର ଆବିର୍ଭାବ

୧୯୮୮ ନଭେମ୍ବର ୨ରେ 'ମୋରିସ୍ ୱାର୍ମ' ନାମରେ ଇଣ୍ଟରନେଟ୍‌ରେ ପ୍ରଥମ ୱାର୍ମ (ଏକ ପ୍ରକାରର ଭାଇରସ୍) ବିଶ୍ୱବାସୀଙ୍କ ସମ୍ମୁଖରେ ଆବିର୍ଭାବ ହୋଇଥିଲା। ଆମେରିକାର କର୍ନେଲ୍ ୟୁନିଭର୍ସିଟିର ସ୍ନାତକ ଛାତ୍ର ରବର୍ଟ ଟପ୍ପାନ୍ ମୋରିସ୍ ମାସାଚୁସେଟ୍ସ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ଏକ କମ୍ପ୍ୟୁଟର ସିଷ୍ଟମ୍‌ରୁ ଏହାକୁ ପ୍ରଥମେ ପ୍ରସାର କରିଥିଲେ। ରବର୍ଟ ମୋରିସ୍‌ଙ୍କ ଅନୁଯାୟୀ ଏହି ୱାର୍ମ କମ୍ପ୍ୟୁଟର କିମ୍ବା ବ୍ୟବହାରକାରୀଙ୍କ କିଛି କ୍ଷତି ଘଟାଇବ ନାହିଁ। କିନ୍ତୁ ଏହା ଇଣ୍ଟରନେଟ୍ ପ୍ରବାହର ଆକାର ଏବଂ ଗତିକୁ ପ୍ରଭାବିତ କରିବ। ବିଶ୍ୱରେ ଏହା ଚର୍ଚ୍ଚାର ଶିରୋନାମା ପାଲଟିଥିଲା।

## ହରିଦ୍ୱାରରେ 'ଜ୍ଞାନକୁମ୍ଭ' ସମ୍ମିଳନୀ

**ଡେରାଡୁନ୍:** ନଭେମ୍ବର ୩ରେ ହରିଦ୍ୱାରଠାରେ ଦୁଇଦିନିଆ 'ଜ୍ଞାନକୁମ୍ଭ' ସମ୍ମିଳନୀ ଅନୁଷ୍ଠିତ ହେବ। ଦେଶର ୧୮ଟି ରାଜ୍ୟର ଶିକ୍ଷାମନ୍ତ୍ରୀ ଏଥିରେ ଅଂଶଗ୍ରହଣ କରି ଉଚ୍ଚଶିକ୍ଷାର ମାନବୃଦ୍ଧି ସମ୍ପର୍କରେ ଆଲୋଚନା କରିବେ। ପତଞ୍ଜଳି ଯୋଗପୀଠରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଦ୍‌ଘାଟନ କରିବେ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ପ୍ରକାଶ କରିଛନ୍ତି। ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ, ନୀତି ପ୍ରସ୍ତୁତକାରୀ, ବିଶ୍ୱବିଦ୍ୟାଳୟ କୁଳପତି, କଲେଜ ଅଧ୍ୟକ୍ଷ, ଗବେଷକ ଏବଂ କେତେକ ଛାତ୍ରଙ୍କୁ ନେଇ ପାଖାପାଖି ୧୮୦୦ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିବେ। ୫ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ସମ୍ମିଳନୀରେ ଉପସ୍ଥିତ ରହିବେ।

## ମିଶନ୍ ଗଙ୍ଗା: କଢ଼ାହେଲା ୫୫ଟନ୍ ଆବର୍ଜନା

**ଜାମସେଦପୁର:** ଗଙ୍ଗା ସଫେଇ ଅଭିଯାନରେ ମାସକ ମଧ୍ୟରେ ୫୫ଟନ୍ ଆବର୍ଜନା କଢ଼ାଯାଇପାରିଛି। ଏହି ଅଭିଯାନରେ ସାମିଲ ୪୦ଜଣିଆ ଟିମ୍‌ର ନେତୃତ୍ୱ ନେଇଥିବା ଏଭରେଷ୍ଟ ଆରୋହଣକାରୀ ବଚେନ୍ଦ୍ରୀ ପାଲ୍ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ହରିଦ୍ୱାରଠାରୁ ପାଟ୍‌ନା ମଧ୍ୟରେ ଦୀର୍ଘ ୧୫୦୦କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ଗଙ୍ଗା ପ୍ରଦୂଷିତ ହୋଇପଡ଼ିଛି। ଗତ ଅକ୍ଟୋବର ୫ରେ ହରିଦ୍ୱାରଠାରୁ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ପାଖାପାଖି ମାସେ ମଧ୍ୟରେ ୫୫ଟନ୍ ଅଳିଆ କଢ଼ାଯାଇପାରିଥିବା ସେ ପ୍ରକାଶ କରିଥିଲେ। ୧୯୮୪ରେ ଦେଶର ପ୍ରଥମ ମହିଳା ଭାବରେ ବଚେନ୍ଦ୍ରୀ ପାଲ୍ ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟର ଶିଖର ଦେଶରେ ପହଞ୍ଚି ପାରିଥିଲେ। ଉକ୍ତ ଟିମ୍ ଗଙ୍ଗା ସଫେଇ ପାଇଁ ଅକ୍ଟୋବର ୧ରେ ଜାମସେଦପୁରଠାରୁ ଯାତ୍ରା ଆରମ୍ଭ କରିଥିଲା। କଢ଼ାଯାଉଥିବା ଅଳିଆ ଆବର୍ଜନାକୁ ୭ଟି ପୌରସଂସ୍ଥା ଯଥାସ୍ଥାନରେ ପକାଇବାର ବ୍ୟବସ୍ଥା କରିଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କ ସହିତ ସାମିଲ ହୋଇଥିଲେ ସ୍ଥାନୀୟ ଲୋକ ଏବଂ ଛାତ୍ରୀଛାତ୍ର। ନିର୍ମଳ ଗଙ୍ଗାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଟିମ୍‌ରେ ସାମିଲ ଥିଲେ ଏଭରେଷ୍ଟ ଆରୋହଣକାରୀ ପ୍ରେମଲତା ଅଗ୍ରୱାଲ୍, ହେମନ୍ତ ଗୁପ୍ତା, ବିନୀତା ସୋରେନ୍ ପ୍ରମୁଖ। ଉକ୍ତ ଟିମ୍ ବିଜ୍‌ନୋରଠାରୁ ଆରମ୍ଭ କରି ଫାରୁଖାବାଦ୍, କାନପୁର, ଆଲ୍ଲାହାବାଦ୍, ବାରାଣସୀ, ବକ୍ସାର ଏବଂ ପାଟ୍‌ନା ପର୍ଯ୍ୟନ୍ତ ଗଙ୍ଗା ସଫେଇ କରିଥିଲେ। ଏହି ଅଭିଯାନର ଆୟୋଜକ ଟାଟା ଷ୍ଟିଲ୍‌ର ୨୬ କର୍ମଚାରୀ ମଧ୍ୟ ସାମିଲ ଥିଲେ।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଅନ୍ୟ କେତେକ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୧ | ୨୦.୨ |
| ଚାନ୍ଦବାଲି | ୨୯.୯ | ୨୨.୨ |
| କଟକ | ୩୧.୫ | ୨୦.୨ |
| ପାରାଦ୍ୱୀପ | ୩୧.୦ | ୨୨.୭ |
| ଭୁବନେଶ୍ୱର | ୩୨.୪ | ୨୧.୦ |
| ଗୋପାଳପୁର | ୩୩.୬ | ୨୨.୧ |
| ପୁରୀ | ୩୨.୦ | ୨୨.୬ |
| ଅନୁଗୋଳ | ୩୧.୧ | ୧୮.୬ |
| ବାରିପଦା | ୨୯.୬ | ୨୧.୨ |
| ଝାରସୁଗୁଡ଼ା | ୩୨.୪ | ୨୦.୯ |
| କେନ୍ଦୁଝର | ୨୮.୯ | ୧୮.୯ |
| ସମ୍ବଲପୁର | ୩୨.୬ | ୨୧.୪ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୧ | ୨୧.୯ |
| ତାଳଚେର | ୩୩.୫ | ୨୧.୫ |
| ଭବାନୀପାଟଣା | ୩୦.୦ | ୧୮.୦ |
| ବଲାଙ୍ଗୀର | ୩୨.୦ | ୨୧.୫ |
| କୋରାପୁଟ | ୩୦.୬ | ୧୫.୨ |
| ଫୁଲବାଣୀ | ୨୮.୫ | ୧୬.୬ |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୩.୬ | ୨୦.୪ |
| ଦାରିଙ୍ଗିବାଡ଼ି | ୨୭.୫ | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ବାଟ୍‌ଲା ହାଉସ୍'ରେ ଅଭିନୟ ପାଇଁ ଉତ୍ସାହିତ




**ମୁମ୍ବାଇ:** ଆଗାମୀ ଫିଲ୍ମ 'ବାଟ୍‌ଲା ହାଉସ୍'ରେ ଅଭିନୟ କରିବା ପାଇଁ ଅଭିନେତ୍ରୀ ନୋରା ଫତେହୀ ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଶୁକ୍ରବାର ଟୁଇଟ୍ କରି ଜଣାଇଛନ୍ତି ଯେ, ସେ ନିର୍ମାଣ ହେବାକୁ ଯାଉଥିବା ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏଥିରେ ତାଙ୍କ ସହ-କଳାକାର ଭାବରେ ଅଭିନୟ କରୁଛନ୍ତି ଜନ୍ ଆବ୍ରାହାମ୍। ଏଥିରେ ଅଭିନୟର ସୁଯୋଗ ପାଇ ସେ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଏଥିସହ ନିଖିଲ ଆଡଭାନୀ, ଭୂଷଣ କୁମାରଙ୍କ ସହିତ ସେ ଏକାଠି ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଏହି ଫିଲ୍ମ ଏକ ବୀରତ୍ୱପୂର୍ଣ୍ଣ କାହାଣୀ ଉପରେ ପ୍ରସ୍ତୁତ ହେବାକୁ ଯାଉଥିବା ସେ ପ୍ରକାଶ କରିଛନ୍ତି। ନୋରା ଦ୍ୱିତୀୟଥର ପାଇଁ ଜନ୍‌ଙ୍କ ସହିତ ଅଭିନୟ କରିବାକୁ ଯାଉଛନ୍ତି। 'ସତ୍ୟମେବ ଜୟତେ' ଫିଲ୍ମର 'ଦିଲ୍‌ବର ଦିଲ୍‌ବର' ଗୀତରେ ଉଭୟଙ୍କୁ ସ୍କ୍ରିନ୍‌ରେ ଦେଖିବାକୁ ମିଳିଥିଲା।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



# ନାଟମଣ୍ଡପରେ ଲାଗିବ କ୍ରାକ୍ ମିଟର: ମାଡ୍ରାସ ଆଇଆଇଟିରେ ପ୍ରଶିକ୍ଷଣ ଆରମ୍ଭ

**ପୁରୀ ଅଫିସ, ୧।୧୧**

ଶ୍ରୀମନ୍ଦିରର ଜଗମୋହନ, ନାଟମଣ୍ଡପ, ଭୋଗମଣ୍ଡପ ଆଦି ପ୍ରମୁଖ ସ୍ଥାନରେ ପୂର୍ବରୁ ଫାଟ ସୃଷ୍ଟି ହୋଇଥିବା ନଜରକୁ ଆସିଛି। ଯାଞ୍ଚ ପରେ କିଛି ସ୍ଥାନରେ ଫାଟର ମରାମତି ହୋଇଛି। ପୁଣି ବିଭିନ୍ନ ସ୍ଥାନରେ ନୂଆ ଫାଟ ମଧ୍ୟ ପଦାକୁ ଆସୁଛି। ଏହି ଫାଟ ଶ୍ରୀମନ୍ଦିର ପାଇଁ ବିପଦ ସାଜିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହାସହିତ ଶ୍ରୀମନ୍ଦିର ପ୍ରତି ଭୂକମ୍ପ ଭୟ ମଧ୍ୟ ରହିଛି। ତେଣୁ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରୟୋଗ କରାଯିବ ଢାଞ୍ଚାଗତ ସ୍ୱାସ୍ଥ୍ୟ ଅନୁଧ୍ୟାନ ବ୍ୟବସ୍ଥା (ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମ)। ଏଥିପାଇଁ ଗୁରୁବାରଠାରୁ ମାଡ୍ରାସ ଆଇଆଇଟିରେ ଏହା ଉପରେ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏଏସ୍‌ଆଇର ବରିଷ୍ଠ ସଂରକ୍ଷଣ ସହାୟକ ଚିତ୍ତରଞ୍ଜନ ଦାଶଙ୍କ ନେତୃତ୍ୱରେ ଅନ୍ୟ ୫ ଜଣ କର୍ମଚାରୀ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରଶିକ୍ଷଣ ଏଏସ୍‌ଆଇ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତରେ ଏହା ଏଏସ୍‌ଆଇକୁ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ସହାୟକ ହେବ। ପ୍ରଶିକ୍ଷଣ ପରେ ପ୍ରଥମ ପର୍ଯ୍ୟାୟରେ ନାଟମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ବିମ୍‌ରେ କ୍ରାକ୍ ମିଟର ଲଗାଯିବ। ଏହି ଟିମ୍ ଟ୍ରେନିଂ ବେଳେ କ୍ରାକ୍ ମିଟର, ଡିଜିଟାଲ ସେନ୍‌ସର, ପ୍ରେସର ମିଟର, ଲୋଡ୍‌ସେଲ, ଟିଲ୍‌ଟ ମିଟର ପରିଚାଳନା ଆଦି ସମ୍ପର୍କରେ ତାଲିମ ନେଉଛନ୍ତି। ଏହି ତାଲିମ ପ୍ରାୟ ଏକ ସପ୍ତାହ ଧରି ଚାଲିବ। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପର ବିଭିନ୍ନ ସ୍ଥାନ ଦୁର୍ବଳ ରହିଥିବା ବେଳେ ମୁଖ୍ୟ ବିମ୍‌ରେ ଫାଟ ସୃଷ୍ଟି ହୋଇଛି। ନାଟମଣ୍ଡପରେ କ୍ରାକ୍ ମିଟର ଲଗାଇ ସ୍ଥିତି ଅନୁଧ୍ୟାନ କରିବାକୁ ମାଡ୍ରାସ ଆଇଆଇଟି ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ପୂର୍ବରୁ ଜଗମୋହନରେ ପୋର୍ଟାଲ ଫ୍ରେମ୍ କେତେ ଭାର ନେଉଛି ଜାଣିବା ପାଇଁ ସିବିଆର୍‌ଆଇ ଜରିଆରେ ଲୋଡ୍ ସେଲ ଲଗାଯାଇଛି।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-JAJ-0017-2018 / **29349** R&DM, Dated 08.08.2018

**No. XXIV-72:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ସାଇଁଟୋ, ଥାନା- କୋରେଇ ସଂ.୪୮, ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨୩.୨୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବାମପାର୍ଶ୍ୱ କେନାଲ ଡିଭିଜନ ନଂ.-୧, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | ସାଇଁଟୋ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୨.୫୭ | ଏ.୨୩.୨୪ | ଏଥିସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦୧.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଜମି ଅନୁସୂଚୀ

**ଗ୍ରାମର ନାମ: ସାଇଁଟୋ, ଥାନାର ନାମ: କୋରେଇ ନଂ.:୪୮, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର, ଜମି ଅଧିଗ୍ରହଣ କେସ୍ ନଂ.:**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୭ | ୧୬୦ | ୦.୨୨ | ୦.୨୨ | ଅମେଦା ବିବି, ସ୍ୱାମୀ- ସେକ ମହମ୍ମଦ ଅବଦୁଲ ରୁଜାକ, ଜା: ମୁସଲମାନ, ବା: ଫାଜଲପୁର | |
| ୨ | ୮ | ୫୯୧ | ୦.୪୩ | ୦.୪୩ | ଅସତ୍ ହଜାରି, ପିତା- ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩ | | ୫୯୨ | ୦.୪୨ | ୦.୦୧ | ଅସତ୍ ହଜାରି, ପିତା- ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪ | | ୫୯୮ | ୦.୪୫ | ୦.୩୦ | ଅସତ୍ ହଜାରି, ପିତା- ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୫ | | ୬୦୩ | ୦.୧୩ | ୦.୦୧ | ଅସତ୍ ହଜାରି, ପିତା- ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୬ | ୮ | ୬୦୬ | ୦.୨୪ | ୦.୨୦ | ଅସତ୍ ହଜାରି, ପିତା- ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭ | | ୬୦୭ | ୦.୧୮ | ୦.୧୨ | ଅସତ୍ ହଜାରି, ପିତା- ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୮ | ୧୦ | ୨୬୬ | ୦.୨୦ | ୦.୦୯ | ଇବ୍ରାହିମ୍ ଜିଙ୍ଗ, ପିତା- ରୋସନ ଜିଙ୍ଗ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୯ | ୧୧ | ୨୫୨ | ୦.୫୫ | ୦.୪୭ | ହୟାତୁନ ବିବି, ସ୍ୱାମୀ- ସେକ ଇସମାଇଲ, ଜା: ମୁସଲମାନ, ବା: ଫାଜଲପୁର | |
| ୧୦ | ୧୬ | ୨୫୯ | ୧.୦୨ | ୦.୩୫ | ସେକ କୁର୍ବାନ ଅଲ୍ଲି, ପିତା- ରଜାକ ଅଲ୍ଲି, ଜା: ମୁସଲମାନ, ବା: ଫାଜଲପୁର | |
| ୧୧ | ୧୯ | ୧୬୨ | ୦.୪୦ | ୦.୧୮ | କେଶବ ମାଝି, ପିତା- ନିତ୍ୟାନନ୍ଦ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୨ | ୨୫ | ୧୪୧ | ୦.୩୦ | ୦.୧୮ | ଗୁରି ମାଝି, ପିତା- ଗାଣ୍ଡୁ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୩ | | ୧୪୪ | ୦.୧୨ | ୦.୦୫ | ଗୁରି ମାଝି, ପିତା- ଗାଣ୍ଡୁ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୪ | ୨୮ | ୯୫ | ୦.୯୭ | ୦.୩୫ | ମନିନ୍ଦ୍ର କୁମାର ସାହୁ, ପିତା- ଗଙ୍ଗାଧର ସାହୁ, ଜା: ଖଣ୍ଡାୟତ, ବା: ମୂଳସରଗଡ଼ା | |
| ୧୫ | ୩୨ | ୨୭୪ | ୦.୧୩ | ୦.୧୩ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୬ | | ୯୭ | ୦.୦୫ | ୦.୦୫ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୭ | | ୨୬୮ | ୦.୨୫ | ୦.୨୫ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୮ | | ୨୭୦ | ୦.୨୭ | ୦.୦୪ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୯ | | ୨୭୬ | ୦.୦୬ | ୦.୦୩ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୦ | | ୨୭୩ | ୦.୧୦ | ୦.୧୦ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୧ | | ୯୮ | ୦.୧୯ | ୦.୧୯ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୨ | | ୯୯ | ୦.୩୦ | ୦.୧୮ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୩ | ୩୨ | ୧୫୫ | ୦.୧୭ | ୦.୧୩ | ଘନଶ୍ୟାମ ମଳିକ, ପିତା- ଫକିର ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୪ | ୩୫ | ୨୫୩ | ୦.୫୨ | ୦.୩୮ | ଜଲନା ବିବି, ସ୍ୱାମୀ- ହଫିଜୁଲ୍ଲାହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୫ | ୪୩ | ୪୯୦ | ୦.୮୨ | ୦.୮୨ | ସେକ ମହମ୍ମଦ ହଜାରି, ପିତା- ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୬ | | ୫୯୬ | ୦.୭୩ | ୦.୫୩ | ସେକ ମହମ୍ମଦ ହଜାରି, ପିତା- ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୭ | | ୨୪୯ | ୦.୩୮ | ୦.୨୫ | ସେକ ମହମ୍ମଦ ହଜାରି, ପିତା- ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୮ | | ୪୭୨ | ୦.୨୩ | ୦.୨୩ | ସେକ ମହମ୍ମଦ ହଜାରି, ପିତା- ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୯ | | ୪୯୧ | ୦.୮୯ | ୦.୭୭ | ସେକ ମହମ୍ମଦ ହଜାରି, ପିତା- ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୩୦ | ୪୪ | ୨୭୧ | ୦.୨୧ | ୦.୧୫ | ସେକ ଜାମସେବ ହଜାରି, ପିତା- ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୧ | | ୨୭୮ | ୦.୦୪ | ୦.୦୪ | ସେକ ଜାମସେବ ହଜାରି, ପିତା- ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୨ | ୪୪ | ୨୭୮/୬୪୧ | ୦.୦୪ | ୦.୦୪ | ସେକ ଜାମସେବ ହଜାରି, ପିତା- ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୩ | ୪୮ | ୬୧୫ | ୦.୨୦ | ୦.୨୦ | ଯାହେଦ ଖାଁ, ପିତା- ଆବିଦ୍ଦିଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୪ | | ୫୯୫ | ୦.୨୩ | ୦.୧୨ | ଯାହେଦ ଖାଁ, ପିତା- ଆବିଦ୍ଦିଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୫ | ୪୯ | ୪୭୧ | ୦.୨୫ | ୦.୨୦ | ତପଫାଜ୍ଜୁଲ ହକ ହଜାରି, ପିତା- ସେକ ଜହରୁଲ ହଜାରୀ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୬ | ୫୫ | ୮୭ | ୦.୬୯ | ୦.୦୫ | ଦୟାନିଧି ପଢ଼ିଆରି, ପିତା- ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୭ | | ୪୭୦ | ୦.୨୯ | ୦.୦୩ | ଦୟାନିଧି ପଢ଼ିଆରି, ପିତା- ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୮ | | ୪୭୩ | ୦.୨୫ | ୦.୨୫ | ଦୟାନିଧି ପଢ଼ିଆରି, ପିତା- ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୯ | ୫୯ | ୯୩ | ୦.୪୬ | ୦.୩୫ | ହରି ମଳିକ, ପିତା- ବିକଳ ମଳିକ, ଜା: ପାଣ, ବା: ନିଜଗାଁ | |
| ୪୦ | ୬୦ | ୧୪୦ | ୧.୦୬ | ୦.୨୨ | ସେକ ନଜରଅଲ, ପିତା- ସେକ ହସରତ ଓଗେର, ଜା ମୁସଲମାନ, ବା: ଫାଜଲପୁର | |
| ୪୧ | ୬୮ | ୨୫୦ | ୦.୪୦ | ୦.୨୦ | ନରୁ ଉଦ୍ଦିନ ଖାଁ, ପିତା- ଗୋଲାମନବି ଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୨ | ୭୫ | ୪୬୬ | ୦.୩୮ | ୦.୦୧ | ସେକ ଫାରୁକ ହଜାରି, ପିତା- ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୩ | | ୪୮୭ | ୦.୨୦ | ୦.୧୨ | ସେକ ଫାରୁକ ହଜାରି, ପିତା- ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୪ | | ୪୮୮ | ୦.୫୧ | ୦.୫୧ | ସେକ ଫାରୁକ ହଜାରି, ପିତା- ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୫ | ୭୬ | ୪୮୫ | ୦.୩୪ | ୦.୧୬ | ସେକ ଫାରୁକ ହଜାରି, ପିତା- ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୬ | | ୪୮୬ | ୦.୦୮ | ୦.୦୫ | ସେକ ଫାରୁକ ହଜାରି, ପିତା- ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୭ | ୭୮ | ୫୮୯ | ୦.୨୩ | ୦.୦୨ | ଫାରୁକ ହଜାରି, ପିତା- ଏକ୍ରାମ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୮ | ୭୯ | ୫୯୭ | ୦.୩୫ | ୦.୨୫ | ଫାରୁକ ହଜାରି, ପିତା- ଏକ୍ରାଇମ ଅଲ୍ଲି ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୯ | ୮୧ | ୧୫୪ | ୦.୧୦ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା- ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୦ | | ୧୬୧ | ୦.୧୬ | ୦.୧୬ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ, ମାର୍ଫତ୍ ବଳରାମ ପଣ୍ଡା, ପିତା- ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୧ | ୮୧ | ୧୫୮ | ୦.୧୧ | ୦.୧୧ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା- ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୨ | | ୨୭୫ | ୦.୧୮ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା- ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୩ | | ୨୭୯ | ୦.୧୩ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା- ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୪ | ୮୯ | ୯୨ | ୦.୧୪ | ୦.୦୮ | ହଜାରି ଅବଦୁଲ ବାରି, ପିତା- ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୫ | | ୯୬ | ୦.୩୯ | ୦.୩୯ | ହଜାରି ଅବଦୁଲ ବାରି, ପିତା- ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୬ | | ୧୦୧ | ୦.୦୮ | ୦.୦୮ | ହଜାରି ଅବଦୁଲ ବାରି, ପିତା- ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୭ | | ୧୪୫ | ୦.୨୮ | ୦.୦୪ | ହଜାରି ଅବଦୁଲ ବାରି, ପିତା- ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୮ | ୯୦ | ୬୧୪/୬୩୪ | ୦.୫୨ | ୦.୨୦ | ସେକ ଅବଦୁଲ ବୁରାହନ ହଜାରି, ପିତା- ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୯ | ୯୩ | ୧୫୭ | ୦.୨୯ | ୦.୨୫ | ମଦନ ମାଝୀ, ପିତା: କାଶି ମାଝୀ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୦ | ୯୯ | ୪୮୩ | ୦.୨୪ | ୦.୦୩ | ଅବଦୁଲ ରକିବି ହଜାରି, ପିତା: ଅବଦୁଲ ମଜିଦି ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୬୧ | | ୬୧୪ | ୦.୬୦ | ୦.୨୩ | ଅବଦୁଲ ରକିବି ହଜାରି, ପିତା: ଅବଦୁଲ ମଜିଦି ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୬୨ | ୧୦୦ | ୧୦୩ | ୦.୪୧ | ୦.୪୧ | ରଙ୍ଗ ମାଝି, ସ୍ୱାମୀ- ସୁଧିର ମାଝି, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୩ | ୧୦୧ | ୧୪୨ | ୦.୭୭ | ୦.୫୭ | ରଙ୍ଗ ମାଝି, ସ୍ୱାମୀ- ସୁଦୁରି ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୪ | | ୧୪୩ | ୦.୨୭ | ୦.୧୭ | ରଙ୍ଗ ମାଝି, ସ୍ୱାମୀ- ସୁଦୁରି ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୫ | ୧୦୨ | ୮୬ | ୦.୪୯ | ୦.୪୯ | ମନିନ୍ଦ୍ର କୁମାର ସାହୁ, ପିତା- ଗଙ୍ଗାଧର ସାହୁ, ଜା: ଖଣ୍ଡାୟତ, ବା: ମୂଳସରଗଡ଼ା | |
| ୬୬ | ୧୦୩ | ୨ | ୦.୦୪ | ୦.୦୪ | ସେକ ମହମ୍ମଦ ଅବଦୁଲ ରଜାକ, ପିତା- ସେକ କାଦର ମହମ୍ମଦ, ଜା: ମୁସଲମାନ, ବା: ଫାଜଲପୁର | |
| ୬୭ | | ୨୬୯ | ୦.୩୯ | ୦.୦୧ | ସେକ ମହମ୍ମଦ ଅବଦୁଲ ରଜାକ, ପିତା- ସେକ କାଦର ମହମ୍ମଦ, ଜା: ମୁସଲମାନ, ବା: ଫାଜଲପୁର | |
| ୬୮ | ୧୦୪ | ୨୭୮/ ୬୪୨ | ୦.୦୭ | ୦.୦୫ | ସେକ ମହମ୍ମଦ ଅବଦୁଲ ରଜାକ, ପିତା- କାଜାର ରଜାକ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୬୯ | | ୪୬୯ | ୦.୨୪ | ୦.୧୨ | ସେକ ମହମ୍ମଦ ଅବଦୁଲ ରଜାକ, ପିତା- କାଜାର ରଜାକ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭୦ | ୧୦୪ | ୨୭୧/ ୬୩୯ | ୦.୪୭ | ୦.୨୪ | ସେକ ମହମ୍ମଦ ଅବଦୁଲ ରଜାକ, ପିତା- କାଜାର ରଜାକ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭୧ | ୧୦୫ | ୫୯୦ | ୦.୭୪ | ୦.୩୬ | ସେକ ଅବଦୁଲ ରଜାକ ହଜାରି, ପିତା- ସେକ ଅବଦୁଲ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୨ | | ୬୨୫ | ୦.୪୯ | ୦.୧୮ | ସେକ ଅବଦୁଲ ରଜାକ ହଜାରି, ପିତା- ସେକ ଅବଦୁଲ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୩ | ୧୦୭ | ୩ | ୨.୦୨ | ୦.୮୦ | ରତ୍ନାକର ବେହେରା, ପିତା- ବୃନ୍ଦାବନ ବେହେରା ଓଗେର, ଜା: ଶିଅଳ, ବା: ଫାଜଲପୁର | |
| ୭୪ | ୧୦୯ | ୬୦୪ | ୦.୦୯ | ୦.୦୯ | ସେକ ଅବଦୁଲ ରବହଜାରି, ପିତା- ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୫ | | ୬୦୫ | ୦.୧୭ | ୦.୧୩ | ସେକ ଅବଦୁଲ ରବହଜାରି, ପିତା- ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୬ | ୧୦୯ | ୬୧୬ | ୦.୧୦ | ୦.୧୦ | ସେକ ଅବଦୁଲ ରବହଜାରି, ପିତା- ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୭ | | ୬୧୭ | ୦.୭୦ | ୦.୧୬ | ସେକ ଅବଦୁଲ ରବହଜାରି, ପିତା- ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୮ | ୧୨୧ | ୪୮୯ | ୦.୮୬ | ୦.୪୩ | ସେକ ସତାର ହଜାରି, ପିତା- ସେକ ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭୯ | | ୪୯୨ | ୧.୦୦ | ୦.୩୦ | ସେକ ସତାର ହଜାରି, ପିତା- ସେକ ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୮୦ | ୧୨୨ | ୬୧୨ | ୦.୪୪ | ୦.୩୮ | ଅବଦୁଲ ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୧ | ୧୨୩ | ୪ | ୦.୮୬ | ୦.୬୪ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୨ | | ୫ | ୦.୧୬ | ୦.୦୨ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୩ | | ୮/ ୬୫୨ | ୦.୧୮ | ୦.୧୦ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୪ | ୧୨୩ | ୭ | ୦.୦୩ | ୦.୦୩ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୫ | | ୮ | ୦.୦୪ | ୦.୦୨ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୬ | | ୯ | ୦.୩୦ | ୦.୩୦ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୭ | | ୧୦ | ୦.୧୬ | ୦.୧୬ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୮ | | ୧୧ | ୦.୨୧ | ୦.୨୧ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୯ | | ୧୨ | ୦.୧୫ | ୦.୧୦ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୦ | | ୧୩ | ୦.୨୧ | ୦.୦୯ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୧ | | ୨୩ | ୦.୦୯ | ୦.୦୫ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୨ | ୧୨୩ | ୨୪ | ୦.୧୭ | ୦.୧୩ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୩ | ୧୨୭ | ୮୪ | ୦.୬୭ | ୦.୩୦ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୪ | ୧୩୪ | ୬୧୪/ ୬୩୩ | ୦.୫୬ | ୦.୨୪ | ସେକ ଅବଦୁଲ ସାବାନ ହଜାରି, ପିତା- ସେକ ଅବଦୁଲ ଅଜିଜ ହଜାରି, ଜା: ମୁସଲମାନ, ବା: ଫାଜିଲପୁର | |
| ୯୫ | ୧୩୫ | ୧୦୪/୬୫୭ | ୦.୮୨ | ୦.୩୪ | ସେକ ସୋବାନ ମହମ୍ମଦ, ପିତା- ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୬ | | ୧୦୫ | ୧.୧୫ | ୦.୪୨ | ସେକ ସୋବାନ ମହମ୍ମଦ, ପିତା- ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୭ | ୧୩୬ | ୬୧୧ | ୦.୩୮ | ୦.୩୦ | ସେକ ସୋବାନ ମହମ୍ମଦ, ପିତା- ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୮ | | ୨୭୨ | ୦.୩୮ | ୦.୩୮ | ସେକ ସୋବାନ ମହମ୍ମଦ, ପିତା- ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୯ | ୧୩୭ | ୨୫୧ | ୦.୫୬ | ୦.୪୬ | ସେକ ସୋଲେମାନ, ପିତା- ସେକ ଦିଲିବର, ଜା: ମୁସଲମାନ, ବା: ଫାଜିଲପୁର | |
| ୧୦୦ | ୧୩୭ | ୨୮୨ | ୦.୪୫ | ୦.୦୩ | ସେକ ସୋଲେମାନ, ପିତା- ସେକ ଦିଲିବର, ଜା: ମୁସଲମାନ, ବା: ଫାଜିଲପୁର | |
| ୧୦୧ | | ୪୭୪ | ୦.୩୯ | ୦.୦୪ | ସେକ ସୋଲେମାନ, ପିତା- ସେକ ଦିଲିବର, ଜା: ମୁସଲମାନ, ବା: ଫାଜିଲପୁର | |
| ୧୦୨ | ୧୪୧ | ୨୮୧ | ୦.୦୭ | ୦.୦୩ | ସେକ ଅବଦୁଲ ହମିଜ ଓଗେର, ପିତା- ସେକ ବବିଜମା, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୩ | ୧୪୩ | ୬୧୩ | ୧.୧୭ | ୦.୭୫ | ହମିବୁଲ୍ଲା ଖାଁ ଓଗେର, ପିତା- ହାଫିସ ଖାଁ, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୪ | ୧୪୭/୬ | ୨୫୬ | ୦.୧୩ | ୦.୦୧ | ଉମାକାନ୍ତ ମଳିକ, ପିତା- ଗୋପାଳ ମଳିକ ଓଗେର, ଜା: ପାଣ, ବା: ଫାଜଲପୁର | |
| ୧୦୫ | ୧୪୪ | ୧୫୩ | ୦.୧୦ | ୦.୦୧ | ହରି ମଳିକ, ପିତା- ବିକଳ ମଳିକ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୦୬ | | ୯୨/୬୪୭ | ୦.୦୨ | ୦.୦୨ | ହରି ମଳିକ, ପିତା- ବିକଳ ମଳିକ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୦୭ | ୧୪୭ | ୨୭୭ | ୦.୪୫ | ୦.୦୧ | ହଜାରି ନିଶା ବିବି, ସ୍ୱାମୀ- ସେକ ବଦ୍ଦିଜମା, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୮ | | ୨୮୦ | ୦.୧୩ | ୦.୧୩ | ହଜାରି ନିଶା ବିବି, ସ୍ୱାମୀ- ସେକ ବଦ୍ଦିଜମା, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୯ | ୧୪୭/୮ | ୧୦୦ | ୦.୫୮ | ୦.୦୪ | ମିର୍ଜାବସଦ ବେଗ, ପିତା- ମିର୍ଜା ରଫିକ ବେଗ, ଜା: ମୁସଲମାନ, ବା: ଫାଜଲପୁର | |
| ୧୧୦ | ୧୪୭/୧୩ | ୧ | ୦.୯୩ | ୦.୧୫ | ଶଶିକେଳା ଜେନା | |
| ୧୧୧ | ୧୨୩ | ୭୧ | ୦.୭୧ | ୦.୫୫ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | ଗୋଚର ବଦଳି |
| ୧୧୨ | | ୭୨ | ୦.୪୫ | ୦.୪୫ | ସତାର ହଜାରି, ପିତା- ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | ଗୋଚର ବଦଳି |
| | | | ମୋଟ | ୨୩.୨୪ | | |

**ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୧୧୨ (ଏକ ଶହ ବାର), ମୋଟ ଅଧିଗୃହୀତ ଜମି: ୨୩.୨୪ ଏକର**

24001/14/0340/1819

GOVERNMENT OF INDIA
CENTRAL WATER COMMISSION
OFFICE OF THE EXECUTIVE ENGINEER
MAHANADI DIVISION, DOCTOR'S COLONY
BURLA-768017, Dist: SAMBALPUR (ORISSA)

## NOTICE INVITING e-TENDER

on line-Tenders are invited by the Executive Engineer, Mahanadi Division, CWC, At –Doctor's colony , Burla, Distt:- Sambalpur (Orissa)-768017on behalf of the President of India, from the reputed Firm as below: NIT No MD/HQ/NIT/2018-19/1924-30 Dated 31.10.2018
Name of Work: HIRING OF SUPPORT SERVICES FOR HYDROLOGICAL OBSERVATION IN NEW AND UPGRADED SITES UNDER MAHANADI DIVISION.
EMD: Rs. 182000/-
Last Date & Time of submission 14.11.2018 at 1600 hrs
Date of opening: 15.11.2018 at 1100 hrs.
The Bid forms and other details can be obtained from the CWC website www.eprocure.gov.in/www.tcil-india.com/www.cwc.nic.in

Sd/-Executive Engineer,
Mahanadi Division,CWC,Burla

GREEN ENERGY DEVELOPMENT CORPORATION OF ODISHA LTD
ODISHA NEW OPPORTUNITIES
(A wholly owned subsidiary company of OHPC Ltd)
Regd. Office: OHPC Corporate Office, OSPH&W Corporation Building, Janpath, Bhoinagar, Bhubaneswar-751022, Tel.: 0674-2542922, Fax: 0674-2542102, Email: info@gedcol.com CIN NO.: U40102OR2013SGC016747

**No: GEDCOL/Tech/134/2018/583 / Date: 30.10.2018**
**REQUEST FOR PROPOSAL NO.: GEDCOL/21/2018**
**DATE: 30.10.2018**

Green Energy Development Corporation of Odisha Limited, a wholly owned subsidiary of Odisha Hydro Power Corporation Limited and State Nodal Agency for development of one (1) MW and above on-grid and hybrid Solar Projects, hereby invites sealed proposals for selection of Environment and Social Impact Assessment Consultant for development of its 275 MW Solar Power Projects on Public Private Partnership (PPP) basis in the State of Odisha.

**Availability of RFP document on the website** : 03.11.2018 (11:00 AM) to 08.12.2018 (04:00 PM)
**Cost of RFP Document (Non-Refundable)** : Rs.10,000/- (plus 18% GST)
**Proposal Due Date** : 11:30AM of 10.12.2018.
**For detail, RFP document along with terms & conditions, please visit our website :** www.gedcol.com.

General Manager (Electrical)

No. 66-F

# ତହସିଲ କାର୍ଯ୍ୟାଳୟ ଟାଙ୍ଗୀ, ଖୋରଧା
## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

ସଂଖ୍ୟା – ୩୨୫୭ ତାରିଖ : ୨୩.୧୦.୨୦୧୮

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଖୋରଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ତହସିଲ ଅଧୀନରେ ସୈରାତ ଉତ୍ସଗଡିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୧୮–୧୯ ଠାରୁ ୨୦୨୨–୨୩ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ଵାନ କରାଯାଉଛି। ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ, ରକବା, ସଲଭେନସି ତଥ୍ୟାବଳୀ ଏବଂ ଇଏମ୍‌ଡି ଖୋରଧା ଜିଲ୍ଲା ୱେବସାଇଟ୍ www.khordha.nic.in ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ୍ୟ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି ଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉକି ୨୬.୧୧.୨୦୧୮ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

24021/11/0001/1819 ସ୍ୱା./– ତହସିଲଦାର ତଥା କ୍ଷମତାପନ୍ନ ପ୍ରାଧିକାରୀ ଟାଙ୍ଗୀ

OFFICE OF THE EXECUTIVE ENGINEER
MINOR IRRIGATION DIVISION, BALANGIR
Letter No. 1864 Date: 31.10.18

**1st CORRIGENDUM TO BID IDENTIFICATION No. Online/03/BGR MID/2018-19**

No. 693-A: The date of availability of bid document, receipt of bid document, opening and lottery from Sl. No.1 to 7 remained unchanged and the Sl. No.8 is rejected from this office bid identification No. Online/03/BGR MID/2018-19.

All other terms and conditions remain same as per origianl tender call notice.

**Sd./- Executive Engineer**
32063/11/0004/1819 **Minor Irrigation Division, Balangir**

GOVERNMENT OF ODISHA
OFFICE OF THE SUPERINTENDING ENGINEER
NORTHERN (R&B) CIRCLE, SAMBALPUR
Fax & Ph. No. 0663-2412303
No.781-B

## e - Procurement

**BID IDENTIFICATION No SENC(R&B) /13/ 2018-19**
No. 3071 Dtd. 29.10.2018

1. The **Superintending Engineer, Northern (R&B) Circle, Sambalpur** on behalf of Governor of Odisha invites Percentage Rate bids in double cover system in **ONLINE MODE** for execution of Road works as detailed in the DTCN from the eligible class of contractors.
2. No of works **12 (Twelve) Nos Road Works**
3. Tender Cost: **Rs. 10,000.00**
4. Class of contractor: **"B" Class, "A" Class & "Special" Class**
5. Date & Time of available in website & receipt of Bids **From 08.11.2018 to 17.00 hours of 24.11.2018.**
6. Date of opening of Technical Bid **26.11.2018 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any Corrigendum / Addendum will be displayed in the website **www.tendersodisha.gov.in**.

**Sd./- (S.K.Sahoo)**
**Superintending Engineer**
34035/11/0018/1819 **Northern (R&B) Circle, Sambalpur**

# OFFICE OF THE PANCHAYAT SAMITI, KALIMELA
## TENDER CALL NOTICE NO. 01/2018-19

| Sl. No. | Name of the Projects | Name of the Scheme | Name of the GP | Estimated Cost (Rs. in Lakh) | Approximate Amount put in Tender | Cost. of Tender Paper (Non Refundable) | E.M.D. 1% | Time of Completion of the Work | Class of Contractor |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Imp. of Road from Bodigeta to Gondhiguda (1.5KM) | SCA-2017-18 | Bodigeta | 30,00,000/- | 26,52,382/- | 6,000/- | 26,600/- | 4 (months) | "C & D" |
| 2 | Const. of 02 nos. of Culvert with road from Gompakonda to MV-66 | BKBK-2014-15 | Gompakonda | 19,68,000/- | 17,07,082/- | 6,000/- | 17,100/- | 3(Months) | "C & D" |
| 3 | Imp. of Road from Metaguda to Kondapalli | UPANTA 2017-18 | Tandabai | 34,76,000/- | 28,25,662/- | 6,000/- | 28,300/- | 3(Months) | "C & D" |

(a) Sale of Tender Paper : From 5.11.2018 to 14.11.2018 (except- 7,10 & 11 Nov. 2018)
(b) Date of receipt of Tender Papers - From 5.11.2018 to 14.11.2018 (except - 7,10 & 11 Nov, 2018)
1. Date of opening of Tender Paper : 16.11.2018 at 11.30 AM
Details of tender relating information is available in district website www.nic.in, Malkangiri and Panchayat Samiti Office, Kalimela / Office Notice board.

**Sd./- Block Development Officer, Kalimela**

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କାମାକ୍ଷାନଗର

ନୋଟିସ୍ ନଂ. ୧୮୬୬ / ତା:୦୧।୧୧।୧୮

## ଟେଣ୍ଡର ନୋଟିସ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିମ୍ନବର୍ଣ୍ଣିତ ସୈରାତଗୁଡ଼ିକ ୩ (ତିନି) ବର୍ଷିଆ ଲିଜ୍ ସୂତ୍ରରେ ନ୍ୟସ୍ତ କରାଯିବା ପାଇଁ ଜଉମୁଦ ଟେଣ୍ଡର ଆହ୍ଵାନ କରାଯାଉଅଛି। ଏହି ଟେଣ୍ଡର ଆସନ୍ତା ତା୧୦।୧୧।୨୦୧୮ରିଖ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ ମୁଦ ଲଫାପାରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଯାଇପାରିବ ଏବଂ ସେହିଦିନ ଅପରାହ୍ଣ ୩.୦୦ ଘଟିକା ସମୟରେ ଖୋଲାଯିବ। ଟେଣ୍ଡର ପକାଇବା ପାଇଁ ନିର୍ଦ୍ଧାରିତ ଟେଣ୍ଡର ପେପର ଏବଂ ପରିଚାଳନା ପାଇଁ ବିସ୍ତୃତ ନିୟମାବଳୀ ପୁସ୍ତିକା ପରିଷଦ କାର୍ଯ୍ୟାଳୟରୁ ତା୦୯।୧୧।୨୦୧୮ରିଖ ପର୍ଯ୍ୟନ୍ତ କାର୍ଯ୍ୟଦିବସମାନଙ୍କରେ କାର୍ଯ୍ୟନିର୍ଘଣ୍ଟ ସମୟରେ Executive Officer, N.A.C., Kamakhyanagarଙ୍କ ନାମରେ ଆବଶ୍ୟକୀୟ ପରିମାଣର Bank Draft / Bankers Cheque ଦାଖଲ ଦେଲେ ମିଳିପାରିବ।

| କ୍ର.ନଂ. | ସୈରାତର ନାମ | ଅବଧାରିତ ମୂଲ୍ୟ (ଏକ ବର୍ଷ ପାଇଁ) | ଟେଣ୍ଡର ପୁସ୍ତିକା ମୂଲ୍ୟ |
|---|---|---|---|
| ୧. | ବିଜୁ କଲ୍ୟାଣ ମଣ୍ଡପ | ଟ.୬.୦୦ ଲକ୍ଷ | ଟ.୪,୦୦୦.୦୦ |
| ୨. | ଗଡ଼ଜାତ ଭବନ | ଟ.୫.୦୦ ଲକ୍ଷ | ଟ.୨,୦୦୦.୦୦ |
| ୩. | କଲ୍ୟାଣ ମଣ୍ଡପ (ନୂଆ) | ଟ.୨.୦୦ ଲକ୍ଷ | ଟ.୬୦୦.୦୦ |

ସ୍ୱା./– ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାମାକ୍ଷାନଗର

See Career Appointment on every Wednesday & Saturday

OFFICE OF THE COLLECTOR & DISTRICT MAGISTRATE, RAYAGADA
(Social Welfare Section)
No. 2494/SW Dtd. 26.10.18

## TENDER NOTICE

In pursuance of Letter No. 10807 Dated 27.06.2018 of Women & Child Development and Mission Shakti Department, Odisha, Bhubaneswar, sealed tenders in prescribed forms are hereby invited for Rayagada District from intending firms / printing press for printing & supply of the following materials for ICDS projects of Rayagada District.

1. Mamata Scheme AWC Survey Register- Annexure-A
2. Mamata Scheme under taking by the beneficiary Form- Annexure-B
3. Mamata Scheme beneficiary tracker- Annexure-C.
4. Mamata Scheme AWC monthly report- Annexure-D.
5. Mamata Scheme beneficiary registration & receipt display calendar- Annexure-E.

The tender paper containing detailed terms and conditions, EMD, Solvency Certificate and statutory requirements etc. can be downloaded from the District website: **www.rayagada.nic.in**. The tender fees of Rs.2000/- (Rupees Two thousand) only which is non refundable shall be submitted along with the tender papers. The tender papers complete in all respect along with other required documents should reach in sealed cover to the District Social Welfare Officer, Rayagada on or before 1.30 PM of 09.11.2018 by Registered / Speed Post only. The authority shall not be responsible for any kind of postal delay. The tender shall be opened on 09.11.18 at 4 PM by the Collector, Rayagada / the officer authorized by Collector in presence of the members of tender committee and the tenders or their authorized representatives. The tender received beyond the scheduled date & time and incomplete tenders shall not be taken in to considerations.

The undersigned reserves the right to reject or cancel any or all the tenders without assigning any reason thereof.

**Sd./- Collector, Rayagada**

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-JAJ-0037-2017/ 31592 R&DM, Dated 25.08.2018**

**No. XXIV-77:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ଜଆଁର, ଥାନା– ଟମକା ନଂ.–୬୮, ତହସିଲ– ଦାନଗଦି, ଜିଲ୍ଲା– ଯାଜପୁରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଳି ବାମପାର୍ଶ୍ୱ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୪୨୬୧୦, ତା୧୧।୧୨।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା– ଜଆଁର, ଥାନା– ଟମକା ନଂ.–୬୮, ଜିଲ୍ଲା– ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ଅଧିକାରୀ, ରେଙ୍ଗାଳି ବାମ କେନାଲ ପ୍ରଣାଳୀ, ସୁକିନ୍ଦା ଏବଂ ଭୂ–ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ–କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଯାଜପୁର ତହସିଲ– ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜଆଁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୭.୪୫ ଏକର | ୩.୯୪ ଏକର | ଏଥିସହିତ ସଂଲଗ୍ନ |

### ତଫସିଲ–ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଯାଜପୁର ତହସିଲ– ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୬।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

### ଜମି ଅନୁସୂଚୀ

ଗ୍ରାମର ନାମ: ଜଆଁର (ପ୍ରଥମ ଅତିରିକ୍ତ), ଥାନା ନଂ.: ଟମକା–୬୮, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଜମି ଅଧିଗ୍ରହଣ ମାମଲା ନଂ.:

| କ୍ର. ନଂ. | ଖାତା ନଂ | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା | ଜମି ମାଲିକଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୭ | ୯୯୩ | ୦.୨୩ | ୦.୨୩ | ଅଚ୍ୟୁତାନନ୍ଦ ରାଉତ, ପିତା– ଗୋପିନାଥ | |
| ୨ | | ୧୦୦୦ | ୦.୪୯ | ୦.୦୯ | ଅଚ୍ୟୁତାନନ୍ଦ ରାଉତ, ପିତା– ଗୋପିନାଥ | |
| ୩ | | ୧୦୧୭ | ୦.୩୧ | ୦.୨୨ | ଅଚ୍ୟୁତାନନ୍ଦ ରାଉତ, ପିତା– ଗୋପିନାଥ | |
| ୪ | ୫୮ | ୯୯୫ | ୦.୦୫ | ୦.୦୫ | ଗୁଲୁରି ସାଉ, ସ୍ୱା– ଯୁଧିଷ୍ଠିର ସାଉ ଓଗେର | |
| ୫ | ୬୨ | ୯୮୮ | ୦.୪୯ | ୦.୦୩ | ଗୌରାଙ୍ଗ ସାହୁ, ପିତା– କିର୍ତ୍ତନ ଓଗେର | |
| ୬ | | ୯୮୯ | ୦.୫୨ | ୦.୨୧ | ଗୌରାଙ୍ଗ ସାହୁ, ପିତା– କିର୍ତ୍ତନ ଓଗେର | |
| ୭ | | ୯୯୦ | ୦.୧୫ | ୦.୧୧ | ଗୌରାଙ୍ଗ ସାହୁ, ପିତା– କିର୍ତ୍ତନ ଓଗେର | |
| ୮ | ୮୫ | ୯୯୭ | ୦.୨୩ | ୦.୨୩ | ଦୟାନିଧି ସାଉ, ପିତା– ଭାଇଗ | |
| ୯ | ୧୪୦ | ୯୯୮ | ୦.୪୬ | ୦.୪୬ | ବଂଶୀଧର ନାୟକ, ପିତା– ହରି ଓଗେର | |
| ୧୦ | ୧୪୧ | ୯୯୬ | ୦.୩୬ | ୦.୩୬ | ବାଇଧର ସାହୁ, ପିତା– ନିଧି | |
| ୧୧ | ୧୭୪ | ୧୦୧୫ | ୦.୪୨ | ୦.୧୫ | ଶରତ କୁମାର ସାହୁ, ପିତା– ଯଦୁମଣି ଓଗେର | |
| ୧୨ | | ୯୯୫/୧୦୯୩ | ୦.୧୫ | ୦.୧୫ | ଶରତ କୁମାର ସାହୁ, ପିତା– ଯଦୁମଣି ଓଗେର | |
| ୧୩ | ୧୮୭ | ୯୯୪ | ୧.୦୬ | ୦.୫୩ | ମାୟାଧର ରାଉତ, ପିତା– ବାବାଜୀ ଚରଣ ଓଗେର | |
| ୧୪ | ୧୯୦ | ୯୯୨ | ୦.୧୬ | ୦.୧୨ | ମାର୍କଣ୍ଡ ଚରଣ ସାହୁ, ପିତା– ଦାମ | |
| ୧୫ | | ୧୦୦୭ | ୦.୩୭ | ୦.୧୪ | ମାର୍କଣ୍ଡ ଚରଣ ସାହୁ, ପିତା– ଦାମ | |
| ୧୬ | | ୧୦୨୭ | ୦.୧୯ | ୦.୧୦ | ମାର୍କଣ୍ଡ ଚରଣ ସାହୁ, ପିତା– ଦାମ | |
| ୧୭ | ୨୨୧ | ୯୯୧ | ୦.୧୧ | ୦.୧୧ | ସାଧୁ ସାଉ, ପିତା– ଦାମୋଦର | |
| ୧୮ | | ୧୦୧୮ | ୦.୩୦ | ୦.୧୬ | ସାଧୁ ସାଉ, ପିତା– ଦାମୋଦର | |
| ୧୯ | | ୧୦୨୮ | ୦.୦୮ | ୦.୦୪ | ସାଧୁ ସାଉ, ପିତା– ଦାମୋଦର | |
| ୨୦ | ୨୪୧/୨୯ | ୯୯୪/୧୧୯୪ | ୧.୦୦ | ୦.୩୦ | ଶ୍ରୀଧର ସାହୁ, ପିତା– ଚହଳି | |
| ୨୧ | ୨୪୧/୩୪ | ୯୯୯ | ୦.୦୭ | ୦.୦୭ | ଦୟାନିଧି ସାହୁ, ପିତା– ଭାଇଗ | |
| ୨୨ | | ୧୦୦୬ | ୦.୨୫ | ୦.୦୮ | ଦୟାନିଧି ସାହୁ, ପିତା– ଭାଇଗ | |
| | | | ମୋଟ | ୩.୯୪ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୨୨ (ବାଇଶ) ମୋଟ ଅଧିଗୃହୀତ ଜମି: ୩.୯୪ ଏକର

24001/14/0341/1819

## NATIONAL COMPETITIVE BIDDING THROUGH e-Procurement

Tel. No.06752222092, e-mail id-eerwpuri@gmail.com
No:- Online- 04 Date 27.10.2018

**No. 942-O:-** The Executive Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 8 Nos of works for the year 2018-19 in the district of Puri.

1. Total no. of works : 8 Nos.
2. Tender cost of packages : Varies from Rs.11.06 lakhs to Rs.44.25 lakhs
3. Class of contractor : As per DTCN
4. Period of completion : 4 (Four) calendar months
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding: From | Availability of tender on-line for bidding: To | Last date & time of seeking tender clarification | Submission of original documents for verification | Date, time & venue of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Puri | Online-04 | 13.11.2018 at 11.00AM | 26.11.2018 upto 3.00PM | 24.11.2018 upto 1.00PM | During office hours of working days from dt.27.11.2018 to 30.11..2018 upto 12.30PM in the Office of the Executive Engineer, R.W. Division, Puri & Office of the Superintending Engineer, Central Circle, Rural Works, Bhubaneswar & R.W. Sub-Division, Pipili / Kanas. | 30.11.2018 at 12.30PM Office of the E.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".

25065/11/0007/1819 ***Executive Engineer, R.W. Division, Puri***

No.XXI-78

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAA-MBJ-0030-2018/23910 / R&DM Dated : 02.07.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– କଦମ୍ବଶୂଳ, ଥାନା–ମୋରଡା ନଂ–୨୦୫, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT, 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଵାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲର ଡିଭିଜନ, ମୋରଡା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | କଦମ୍ବଶୂଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩.୦୪ | ଏ. ୦.୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ–୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୁରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା ୪/୨୦୧୮
ଏ.୦.୧୦ଡି

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଡା ଡିଷ୍ଟ୍ରିବ୍ୟୁଟାରି ଏବଂ ସିଷ୍ଟମ ନିମନ୍ତେ
ମୌଜା– କଦମ୍ବଶୂଳ, ଥାନା– ମୋରଡା, ନଂ ୨୦୫, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୦ | ୪୩୦ | ୩.୦୪ | ୦.୧୦ | ଶାରଦ ଏକ | ଛୋଟା ରାଉତ, ପି: ମଙ୍ଗଳ ରାଉତ, ଜା: ବଗାଳ, ବା: ନିଜଗାଁ |
| ମୋଟ | ୧ ପ୍ଲଟକୁ | ଏ ୩.୦୪ ଡେ.ମି. | ଏ ୦.୧୦ ଡେ.ମି. | | 24001/14/0365/1819 |

OFFICE OF THE COLLECTOR AND DISTRICT MAGISTRATE, BALASORE
(SOCIAL WELFARE SECTION)
**Tender Notice No. 3140/SW** **Date: 30.10.18**

Sealed tenders are invited from intending agencies / firms / printing press having PMT or EMI-II certificate, valid IT return, PAN, valid Goods & Services Tax (GST) certificate and having experiences in taking up the printing work of error free composing, proof reading, editing layout designing, with requisite child centered multicolour illustration for printing & supply of approximately 111451 nos. of New Arunima Work Books-I & II for Pre-School Children of Anganwadi Centers of the district. The tender documents should reach the Office of the District Social Welfare Officer, Balasore by Registered Post or Speed Post or Courier on or before 16.11.2018 by 2 PM and tender will be opened on the same day at 4 PM in the Office Chamber of Collector & District Magistrate, Balasore in presence of the members of the Purchase Committee and the tenderer or their authorized representatives. The tender papers received beyond the time limit shall not be entertained.

The details of the Arunima Books are mentioned in the terms and conditions. The books should be of exact specification as per the samples submitted in the tender notice. The selected agency has to supply the printed materials to all the 15 ICDS Project of this District on its own cost. The details regarding tender papers, terms and conditions, earnest money deposit etc. can be obtained by downloading from the website **www.baleswar.nic.in**. The tender has been invited under two bid systems i.e technical bid & financial bid. The intending tenderer must submit two separate envelopes Superscribe "Technical bid for supply of Arunima Work Book I & II & Financial Bid for Arunima Work Book I & II. The both sealed envelopes should be kept in a third envelope superscribing "Sealed tender for supply of Arunima Work Book I & II. The cost of tender paper is Rs.5,000/- (Rupees five thousand) only and the tender paper must be enclosed with bank draft in favour of DSWO, Balasore. The cost of tender paper is non-refundable.

The undersigned reserves the right to accept / reject any or all tender papers without assigning any reason thereof.

**Sd./- Collector, Balasore**

# ଓଡ଼ିଶା କ୍ରୀଡ଼ା ମହଲରେ ଉତ୍ସାହ

EKAMRA SPORTS LITERARY FESTIVAL 2018

ହକି ବିଶ୍ୱକପ୍ ପୂର୍ବରୁ ନଭେମ୍ବର ୨ ଓ ୩ରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏସିଆର ଏହି ସର୍ବପ୍ରଥମ କ୍ରୀଡ଼ା-ସାହିତ୍ୟ ମହାମେଳାରେ ଏକତ୍ରିତ ହେବେ ବିଶ୍ୱର ନାମୀ ଆଥଲେଟ୍, ଲେଖକ, ସାହିତ୍ୟିକ ଓ ଖେଳ ସାମ୍ବାଦିକ। ବେନ୍ ଜନସନ୍‌ଙ୍କ ପରି ଚର୍ଚ୍ଚିତ ଆଥଲେଟ୍ ଗୁରୁବାର ଭୁବନେଶ୍ୱରରେ ପହଞ୍ଚି କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ରାଜ୍ୟରେ ପ୍ରଥମଥରପାଇଁ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଥିବାରୁ ସ୍ୱାଭାବିକଭାବେ ଓଡ଼ିଶା କ୍ରୀଡ଼ା ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଓଡ଼ିଶାର ପ୍ରତିଷ୍ଠିତ ଖେଳାଳି ଓ କ୍ରୀଡ଼ା ବିଶେଷଜ୍ଞମାନେ ଏହାକୁ ଏକ ବିରଳ କାର୍ଯ୍ୟକ୍ରମ ବୋଲି ବର୍ଣ୍ଣନା କରିଛନ୍ତି। ଏହା ନିଶ୍ଚିତଭାବେ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ପ୍ରସ୍ତୁତି: ତପନ ସ୍ୱାଇଁ



## ନିଜର ଅନୁଭୂତି ବର୍ଣ୍ଣନା କରିବି

ଓଡ଼ିଶାରେ ହକି ବିଶ୍ୱକପ ଆୟୋଜନ ପୂର୍ବରୁ ଏହାକୁ ପ୍ରମୋଟ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆ ଯାଉଛି। ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଏହାର ଏକ ଅଂଶବିଶେଷ। ଏଥିରେ ଅନେକ ଚାମ୍ପିୟନ ଆଥଲେଟ୍, ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ, କ୍ରିକେଟର, ହକି ଲିଜେଣ୍ଡମାନେ ସାମିଲ ଅଛନ୍ତି। ଫଳରେ ଓଡ଼ିଶାରେ କ୍ରୀଡ଼ାର ବାତାବରଣ ଆହୁରି ବଢ଼ିଯିବ। ଅନେକ ପ୍ରତିଷ୍ଠିତ ଖେଳାଳିଙ୍କ ଜୀବନୀ ଉପରେ ପୁସ୍ତକ ରଚନା ହୋଇଛି। ଏଥିରୁ କେତେକ ପୁସ୍ତକ ସମ୍ପର୍କରେ ସେଠାରେ ଆଲୋଚନା ହେବ। ଟପ୍ ଜର୍ନାଲିଷ୍ଟମାନେ ସେମାନଙ୍କ ମତ ରଖିବେ। ଖେଳକୁ ଭଲ ପାଉଥିବା ଲୋକମାନେ ଏଥିରୁ ନିଶ୍ଚିତ ଉପକୃତ ହେବେ। ଆମ ସମସ୍ତଙ୍କ ପାଇଁ ଉତ୍ସାହିତ ହେବାର ଏହା ଏକ ସ୍ଥାନ ବୋଲି କହିହେବ। ଏଠାକୁ ଆଥଲେଟ୍, କ୍ରିକେଟର, ହକି ଓ ଅନ୍ୟ ଖେଳର ତାରକାମାନେ ଆସୁଛନ୍ତି। ତେଣୁ ଏଠାରେ ଓଭରଅଲ୍ ସ୍ପୋର୍ଟ୍ସ ଉପରେ ଆଲୋଚନା ହେବ। ପୂର୍ବରୁ ଯେଉଁଠି ବିଶ୍ୱକପ ହୋଇଛି ଏପରି କାର୍ଯ୍ୟକ୍ରମ ଯେ ଆୟୋଜିତ ହୋଇଛି ତା' ନୁହେଁ, ଆମ ରାଜ୍ୟ ପାଇଁ ନିଶ୍ଚିତ ଏହା ନୂଆ କଥା ହେବ। ଏସିଆରେ ଏହା ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଛି। ଏଥିରେ ମୁଁ ନିଜେ ବକ୍ତା ଥିବାରୁ ଖୁସି ଲାଗୁଛି। ସମସ୍ତେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବୁ। ହକି ଖେଳ ବ୍ୟତୀତ ପଡ଼ିଆ ବାହାରର ଘଟଣା ମଧ୍ୟ ଏଥିରେ ସ୍ଥାନ ପାଇବ। ରୁରାଲ ସ୍ପୋର୍ଟ୍ସ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ଓଡ଼ିଶା ସ୍ପୋର୍ଟ୍ସ ଏବଂ ସରକାରଙ୍କ ଅବଦାନ ସମ୍ପର୍କରେ କହିବୁ। ଆଗାମୀ ବିଶ୍ୱକପ ଉପରେ ମଧ୍ୟ ପୂର୍ବାନୁମାନ ହୋଇପାରେ। ଏଭଳି ଏକ କାର୍ଯ୍ୟକ୍ରମ ହେଉଛି ବୋଲି ଏଠାକୁ ବହୁତ ବଡ଼ ଆଥଲେଟ୍ ଓ ଲେଖକମାନେ ଆସିବା ସମ୍ଭବ ହୋଇ ପାରିଛି।

*-ପଦ୍ମଶ୍ରୀ ଦିଲୀପ ତିର୍କୀ*
*ପୂର୍ବତନ ଭାରତୀୟ ହକି ଅଧିନାୟକ*

## ନିଆରା କାର୍ଯ୍ୟକ୍ରମ



ଓଡ଼ିଶା ସରକାରଙ୍କ ଏହା ଆଉ ଏକ ବଡ଼ ପଦକ୍ଷେପ। ଜାତୀୟ ଜୁନିୟର ଆଥଲେଟିକ୍ସ ପାଇଁ ମୋତେ କିଛି ଦାୟିତ୍ୱ ମିଳିଥିବାରୁ ମୁଁ ଭୁବନେଶ୍ୱରରେ ରହି ପାରୁନାହିଁ। ତେଣୁ ମନରେ ଅବସୋସ ନିଶ୍ଚିତ ରହିବ। ସିଡ୍‌ନୀ ଅଲିମ୍ପିକ୍ସ ସମୟରେ କିଛି ବଡ଼ ଆଥଲେଟ୍‌ଙ୍କର ପୁସ୍ତକ ଉନ୍ମୋଚନ ହୋଇଥିଲା। ଏହା ସେମାନଙ୍କୁ ଆହୁରି ଭଲ ପ୍ରଦର୍ଶନ ପାଇଁ ବେଶ୍ ଉତ୍ସାହିତ କରିଥିଲା ବୋଲି ମୁଁ ସେମାନଙ୍କ ସହ ମିଶି ଜାଣି ପାରିଛି। ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପାଇଁ ଅନେକ ବଡ଼ ଖେଳାଳି ଓ ପୁସ୍ତକ ରଚୟିତା ଓଡ଼ିଶା ଆସୁଛନ୍ତି। ବହି ପଢ଼ିବା ଏବଂ ସେମାନଙ୍କ ମୁହଁରୁ ଅନୁଭୂତି ଶୁଣିବା ଭିତରେ ଅନେକ ଫରକ ରହିଛି। କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ଏସିଆରେ ପ୍ରଥମଥର ପାଇଁ ଏହା ଅନୁଷ୍ଠିତ ହେଉଥିବାରୁ ଆମ ଲାଗି ଅନେକ କିଛି ଶିଖିବାର ଅଛି। ଖେଳକୁ କ୍ୟାରିୟର କରିବାକୁ ଯାଉଥିବା ପିଲାମାନଙ୍କ ପାଇଁ ଏହା ବେଶ୍ ଉପାଦେୟ ହେବ। ଅନ୍ତର୍ଜାତୀୟ ସ୍ତରରେ ବଡ଼ ପ୍ରତିଯୋଗିତା ସହ ଏପରି ଇଭେଣ୍ଟ ଆୟୋଜନ କରି ଆମ ରାଜ୍ୟ ସରକାର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ମୋଟାମୋଟି କହିଲେ ଏ୦୦ହା ଏକ ନିଆରା କାର୍ଯ୍ୟକ୍ରମ ହେବ। ଆମ ରାଜ୍ୟରେ ଏପରି ଏକ ଇଭେଣ୍ଟ ଆୟୋଜନ ପୂର୍ବରୁ ସ୍ୱପ୍ନ ପରି ଲାଗୁଥିଲା। ଯୁବ ଖେଳାଳିଙ୍କ ପାଇଁ ଏହା ଶିକ୍ଷଣୀୟ ହେବ। ପୂର୍ବରୁ ଯାହା ୟୁରୋପ ଦେଶ ମାନଙ୍କରେ ହେଉଥିଲା ତାହା ଏବେ ଏସିଆକୁ ଆସିଛି। ବେନ୍ ଜନସନ ନିଶ୍ଚିତ ଆକର୍ଷଣର କେନ୍ଦ୍ରବିନ୍ଦୁରେ ରହିବେ ବୋଲି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରକାଶ କରିଛନ୍ତି।

*-ଅନୁରାଧା ବିଶ୍ୱାଳ, ଅଲିମ୍ପିଆନ ଆଥଲେଟ୍*



## ନୂଆ ଚିନ୍ତାଧାରା

ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଏସିଆରେ ପ୍ରଥମଥର ପାଇଁ ହେଉଛି ବୋଲି କୁହାଯାଉଛି, ମାତ୍ର ଗତ କିଛିବର୍ଷ ଭିତରେ ବିଶ୍ୱରେ ଏପରି ଏକ କାର୍ଯ୍ୟକ୍ରମ ହେଉଥିବାର ଶୁଣାଯାଇନି। କୌଣସି ବଡ଼ ପୁରସ୍କାର ବିତରଣୀ ଉତ୍ସବରେ ଆଥଲେଟ୍ ଓ ଜର୍ନାଲିଷ୍ଟମାନେ ଏକତ୍ରିତ ହେଉଛନ୍ତି, ମାତ୍ର ଏମିତି ଏକ ମଞ୍ଚ ଯେଉଁଠି ଭାବର ଆଦାନ ପ୍ରଦାନ ହେବ, ଯେଉଁଥିରେ କି କ୍ରୀଡ଼ାବିତ୍, ଲେଖକ, ପୁସ୍ତକ ରଚୟିତା ସେମାନଙ୍କ ମତ ରଖିବେ, ଏହା ସମ୍ପୂର୍ଣ୍ଣ ବିରଳ ବୋଲି ମୋର ମତ। ଅନେକ ଆଥଲେଟ୍‌ଙ୍କ ସମ୍ପର୍କରେ ଲୋକମାନେ ମିଡିଆ ମାଧ୍ୟମରେ ଯାହାକିଛି ଜାଣିବାକୁ ପାଇଛନ୍ତି, ମାତ୍ର ନିଜ ମୁହଁରୁ ସେମାନଙ୍କ କଥା ଶୁଣିବା ନିଶ୍ଚିତ ଭିନ୍ନ ଅନୁଭୂତି ଆଣିବ। ଉଦାହରଣ ସ୍ୱରୂପ ବେନ୍ ଜନ୍‌ସନ ଜଣେ ଶ୍ରେଷ୍ଠ ଆଥଲେଟ୍ ଏବଂ ତାଙ୍କ କ୍ଷେତ୍ରରେ ଅନେକ ଘଟଣା ଘଟିଛି। ତାଙ୍କଠାରୁ ପଦକ ପ୍ରତ୍ୟାହୃତ ହୋଇଛି ଏବଂ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ମାତ୍ର ପ୍ରକୃତରେ କ'ଣ ହୋଇଥିଲା, କେଉଁ ପରିସ୍ଥିତିରେ ସେ ଧରା ପଡ଼ିଥିଲେ ଏ ସବୁ ବିଷୟ ତାଙ୍କ ମୁହଁରୁ ଶୁଣିବାପରେ ଆମ ନିଶ୍ଚିତଭାବେ ସବୁ ବିଷୟ ସ୍ପଷ୍ଟଭାବେ ଅବଗତ ହୋଇ ପାରିବୁ। ଆମେ ଶୁଣିଛୁ ଯେ, ରୁଷିଆନ ଚେସ୍ ଗ୍ରାଣ୍ଡମାଷ୍ଟରମାନେ ଯେତେବେଳେ ବାହାରକୁ ଖେଳିବାକୁ ଯାଆନ୍ତି ସେମାନଙ୍କ ସହ ସାଇଣ୍ଟିଷ୍ଟମାନେ ଯାଇଥାନ୍ତି, ପ୍ରତିପକ୍ଷ ଖେଳାଳିଙ୍କୁ କିପରି କାବୁ କରିହେବ ସେ ସମ୍ପର୍କରେ ସୂଚନା ଦେବାପାଇଁ। ଏପରି ଅନେକ ବିରଳ କାହାଣୀ ଗଣମାଧ୍ୟମ ମାଧ୍ୟମରେ ଜଣାପଡ଼େ। ତେଣୁ ଆଥଲେଟ୍‌ଙ୍କ ମୁହଁରୁ ତାଙ୍କ କଥା ଶୁଣିଲେ ନିଶ୍ଚିତ ଚିନ୍ତାଧାରା ସ୍ପଷ୍ଟ ହୋଇଯିବ। ବାକି ରହିଲେ ଲେଖକଙ୍କ କଥା। ରିକ୍ ଚାର୍ଲ୍ସୱର୍ଥଙ୍କ ପରି ଲିଜେଣ୍ଡ ଯାହାଙ୍କୁ କି ଗତ ୪୦-୫୦ ବର୍ଷ ଭିତରେ ହକିର ସର୍ବଶ୍ରେଷ୍ଠ ଖେଳାଳି କହିଲେ ଅତ୍ୟୁକ୍ତି ହେବନାହିଁ। ସେ ୩ଟି ବହି ଲେଖିଛନ୍ତି। ସେ ଏକାଧାରରେ ଜଣେ ଭଲ ଖେଳାଳି, କୋଚ୍, ଲେଖକ ଏବଂ ପ୍ରଶାସକ। ବିଶ୍ୱ ସ୍ତରରେ କ୍ରୀଡ଼ାର କେତେ ପ୍ରଭାବ ରହିଛି ଏବଂ ଏହାର ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ କ'ଣ ରହିଛି ତାହା ଏମାନଙ୍କ ଉପସ୍ଥିତିରେ ଜଣାପଡ଼ିବ।

*-ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ*



ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶାର ଅମିୟ ମଲ୍ଲିକଙ୍କ ସହ ଆଲୋଚନାରତ ବିଶ୍ୱର ଅନନ୍ୟ ଚର୍ଚ୍ଚିତ ଆଥଲେଟ୍ ବେନ୍ ଜନସନ୍



## ନିଜ କଥା କହିପାରିଥାନ୍ତି

ଓଡ଼ିଶାରେ ବଡ଼ ଟୁର୍ନାମେଣ୍ଟ ହେବା ସହ ପ୍ରଥମଥର ପାଇଁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବା ବହୁତ ବଡ଼ କଥା। ପୂର୍ବରୁ ଏହା ଏସିଆ ବାହାରେ ହେଉଥିଲା, ଏବେ ଏସିଆକୁ ପୁଣି ଓଡ଼ିଶାକୁ ଆସିଛି। ଏଥିପାଇଁ ବହୁତ ଅର୍ଥ ମଧ୍ୟ ଖର୍ଚ୍ଚ ହୋଇଥାଏ। ଏଥିପାଇଁ ପ୍ରଥମେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। ସରକାର ଏବେ ସ୍ପୋର୍ଟ୍ସକୁ ପ୍ରମୋଟ କରୁଛନ୍ତି, ଏହାଦ୍ୱାରା ପିଲାମାନେ ଖେଳକୁ ଆସିବାକୁ ଉତ୍ସାହିତ ହେବେ। ଆଗକୁ ବହୁତ ବଡ଼ ପ୍ରତିଯୋଗିତା ଆସୁଛି। ଏହାକୁ ଦୃଷ୍ଟିରେ ରଖି ମୋର ଟ୍ରେନିଂ ଆରମ୍ଭ ହୋଇ ଯାଇ ଥିବାରୁ ମୁଁ ଲିଟ୍ ଫେଷ୍ଟରେ ଯୋଗ ଦେଇପାରୁନି। ମୁଁ ଏବେ ଟ୍ରେନିଂକୁ ପ୍ରାଥମିକତା ଦେଉଛି। ମୁଁ ମୋ ଜୀବନରେ ଅନେକ ସଂଘର୍ଷ କରି ଆସିଛି। ୨୦୧୪ରେ ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଇଥିଲା। ଜଣେ ଆଥଲେଟ୍ ହିଁ ତା' ସଂଘର୍ଷର କଥା କହିପାରିବ। ଏହି ଫେଷ୍ଟିଭାଲ ମାଧ୍ୟମରେ ଲୋକମାନେ ଆଥଲେଟ୍‌ଙ୍କ ମନର କଥା ଜାଣି ପାରିବେ। ପୂର୍ବରୁ ମୁଁ ୨୦୧୭ରେ ସୁଇଜରଲାଣ୍ଡରେ ଏବଂ ବମ୍ବେରେ ଭିନ୍ନଧରଣର ଫେଷ୍ଟିଭାଲରେ ଯୋଗ ଦେଇ ସାରିଛି। ତେଣୁ ଏଥର ଭାଗ ନେଇପାରୁ ନ ଥିବାରୁ ଅବସୋସ ନାହିଁ। ଅନେକ ସ୍ଥାନରେ ମୁଁ ମୋର ଜୀବନୀ କହି ସାରିଛି। ତେବେ ଏହି ଫେଷ୍ଟିଭାଲ ଅବସରରେ ମୁଁ ମୋର ଷ୍ଟୋରି କହିପାରିଥିଲେ ଭଲ ଲାଗିଥାନ୍ତା। ମୋର ଏବେ ଏଣ୍ଡୁରାନ୍ସ ଟ୍ରେନିଂ ଆରମ୍ଭ ହୋଇ ଯାଇଛି। ପରେ ସ୍ପିଡ୍ ଟ୍ରେନିଂ ଆରମ୍ଭ ହେବ। ୨୦୧୯ରେ ଗୋଆରେ ହେବାକୁଥିବା ଜାତୀୟ କ୍ରୀଡ଼ା ପାଇଁ ମୁଁ ପ୍ରସ୍ତୁତ ହେଉଛି। ଉଭୟ ୧୦୦ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ ମୋର ମୁଖ୍ୟ ଲକ୍ଷ୍ୟ।

*- ଦୂତୀ ଚାନ୍ଦ, ଭାରତୀୟ ସ୍ପ୍ରିଣ୍ଟ କୁଇନ୍*

## ଥମ୍ପସନ ମୋର ଆଦର୍ଶ



ପ୍ରକୃତରେ ଏହା ବହୁତ ବଡ଼ ଇଭେଣ୍ଟ ଏବଂ ଓଡ଼ିଶା ପାଇଁ ବଡ଼ ସଫଳତା ବୋଲି କହିହେବ। ବିଭିନ୍ନ ଦେଶରୁ ଭିନ୍ନଭିନ୍ନ ଖେଳର ଆଥଲେଟ୍ ଓ ଲେଖକମାନେ ଆମ ରାଜ୍ୟକୁ ଆସିବେ। ଏହା କିଛି କମ୍ କଥା ନୁହେଁ। ପୂର୍ବରୁ ଆମେ ବଡ଼ ଆଥଲେଟିକ୍ସ ଇଭେଣ୍ଟ ହେଉ କି ବିଶ୍ୱକପ ଦେଖିବାକୁ ସ୍ୱପ୍ନ ଦେଖୁଥିଲୁ। ଟିଭିରେ ଦେଖି କିଛି ଜାଣୁଥିଲୁ, ମାତ୍ର ଏବେ ଅନେକ ବଡ଼ ଇଭେଣ୍ଟ ଓଡ଼ିଶା ଆସିଛି। ଖେଳର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟରେ ଯେପରି ଉଦ୍ୟମ ଚାଲିଛି ପ୍ରକୃତରେ ଆମେ ସେଥିପାଇଁ ବହୁତ ଖୁସି। ଅଷ୍ଟ୍ରେଲିଆନ ଲିଜେଣ୍ଡ ଫାଷ୍ଟ ବୋଲର ଜେଫ୍ ଥମ୍ପସନ ' ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର' ବିଷୟ ଉପରେ ନିଜ ମତ ରଖିବେ। ରାଜ୍ୟରେ କ୍ରିକେଟକୁ କ୍ୟାରିୟର କରିଥିବା ଆମ ମାନଙ୍କ ପାଇଁ ଏହାଠାରୁ ଆଉ ବଡ଼ କଥା କିଛି ହୋଇ ନ ପାରେ। କ୍ରିକେଟକୁ କ୍ୟାରିୟର କରୁଥିବା ବିଶେଷ କରି ବୋଲରମାନଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ଆମେ ଯେତେବେଳେ କ୍ରିକେଟ କ୍ୟାରିୟର ଆରମ୍ଭ କଲୁ ସେତେବେଳେ ଥମ୍ପସନଙ୍କ ପରି ଖେଳାଳି ଆମର ଆଦର୍ଶ ଥିଲେ। ରାଜ୍ୟରେ କ୍ରିକେଟ ଖେଳୁଥିବା ବହୁତ ପିଲା ତାଙ୍କୁ ଦେଖି ନ ଥିବେ କିମ୍ବା ତାଙ୍କ ସମ୍ପର୍କରେ କିଛି ଜାଣି ନ ଥିବେ। ତାଙ୍କ ମୁହଁରୁ କିଛି ଶୁଣିବା ପ୍ରକୃତରେ ବହୁତ ବଡ଼ କଥା। ଆକାଶ ଚୋପ୍ରାଙ୍କ ଟପିକ୍ 'ନମ୍ବର୍ସ ଡୋଣ୍ଟ ଲାଇ' ମଧ୍ୟ ବହୁତ ଉପାଦେୟ ହେବ। ଏହି ଉତ୍ସବରେ ଯୋଗଦେବାପାଇଁ ମୋର ବହୁତ ଇଚ୍ଛା ଅଛି, ମାତ୍ର ଭିନ୍ନ ଦାୟିତ୍ୱ ଯୋଗୁ ମୁଁ ଏବେ ଯିବା ସମ୍ଭବ ହେବନାହିଁ। ସୁଯୋଗ ମିଳିଲେ ମୁଁ ନିଶ୍ଚିତ ପହଞ୍ଚିବି। ଏଭଳି ସୁଯୋଗ ଜୀବନରେ ବେଶି ମିଳେନାହିଁ।

*-ଦେବାଶିଷ ମହାନ୍ତି*
*ଅନ୍ତର୍ଜାତୀୟ କ୍ରିକେଟର ଏବଂ ଜାତୀୟ ଚୟନକର୍ତ୍ତା*



## ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ

କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ ଏସିଆରେ ପ୍ରଥମଥର ପାଇଁ ଖେଳାଳି ଓ ସାହିତ୍ୟିକ ଗୋଟିଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି। ବେନ୍ ଜନସନ ହୁଅନ୍ତୁ, କିମ୍ବା ଜେଫ୍ ଥମ୍ପସନ, ଦୀପା କର୍ମକାର, ନୀରଜ ଚୋପ୍ରା, ଷ୍ଟିଫାନି ରାଇସ୍, ଯୋଗେଶ୍ୱର ଦତ୍ତ, ରିକ୍ ଚାର୍ଲ୍ସୱର୍ଥ, ମହମ୍ମଦ କୈଫ୍, ଧନରାଜ ପିଲ୍ଲେ, ବାସୁଦେବନ ବାସ୍କରନଙ୍କ ପରି କିମ୍ବଦନ୍ତୀ ଏବଂ ତାରକା କ୍ରୀଡ଼ାବିତ୍ ଏଠାକୁ ଆସୁଛନ୍ତି। ଯେଉଁ ଖେଳାଳିମାନଙ୍କୁ ପୂର୍ବରୁ ଆମେମାନେ ଟିଭିରେ ଦେଖୁଥିଲୁ ଏବେ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ପାଖରେ ଦେଖିବା ସୁଯୋଗ ସୃଷ୍ଟି ହେବ। ତେଣୁ ଏଭଳି ଏକ କାର୍ଯ୍ୟକ୍ରମ ଜୀବନର ଏକ ଶ୍ରେଷ୍ଠ ସୁଯୋଗ କହିଲେ ଭୁଲ ହେବନାହିଁ। ବେନ୍ ଜନସନ ମୋର ଫେଭରାଇଟ ଆଥଲେଟ୍ ଥିଲେ। ସେ ଏବେ ଓଡ଼ିଶା ଆସୁଛନ୍ତି ଭାବିଲା ବେଳକୁ ବହୁତ ଖୁସି ଲାଗୁଛି। ଏଥିପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ। ସରକାରଙ୍କ ଆଗ୍ରହ ଯୋଗୁ ଏବେ ଓଡ଼ିଶାରେ ଅନେକ ବଡ଼ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଆସି ପାରିଛି। ଏହାଦ୍ୱାରା ରାଜ୍ୟରେ ଖେଳକୁ କ୍ୟାରିୟର କରିବାକୁ ନିଶ୍ଚିତ ଅଧିକରୁ ଅଧିକ ପିଲା ଆଗେଇ ଆସିବେ।

*-ଶ୍ରଦ୍ଧାଞ୍ଜଳି ସାମନ୍ତରାୟ*
*ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା*

| Dollar | Sensex | Nifty | Gold | Silver |
|---|---|---|---|---|
| 73.45 (50) | 34,431.97 (10.08) | 10,380.45 (6.15) | 32,780.00 (₹130) | 39,110.00 (₹90) |

ଆଗାମୀ ୨-୩ ମାସ ମଧ୍ୟରେ ଜିଲା ସ୍ତରରେ ଦକ୍ଷତା ବିକାଶ ଏଜେନ୍ସି ସଂକ୍ରାନ୍ତ ନିୟମକୁ କାର୍ଯ୍ୟକାରୀ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
– ଅନନ୍ତ କୁମାର ହେଗଡେ, ଦକ୍ଷତା ବିକାଶ ରାଷ୍ଟ୍ର ମନ୍ତ୍ରୀ



ସରକାର ବର୍ତ୍ତମାନ ଉପକୂଳ ନୌପରିବହନକୁ ଅଗ୍ରାଧିକାର ଦେଉଥିବା ବେଳେ ଏହା ଦ୍ୱାରା ବାର୍ଷିକ ୨,୫୦୦ କୋଟି ଟଙ୍କା ସଞ୍ଚୟ କରିବାକୁ ଯୋଜନା ରହିଛି।
– ମନ୍ସୁଖ ମାଣ୍ଡବୀୟ, ଜାହାଜ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ



## ସଂକ୍ଷେପରେ

### ଇଜ୍ ଅଫ୍ ଡୁଇଂ ବିଜନେସ୍ ଟପ୍ ୨୫ରେ ସ୍ଥାନ ପାଇବା ଲକ୍ଷ୍ୟ

**ନୂଆଦିଲ୍ଲୀ,୧-୧୧:** ବିଶ୍ୱ ବ୍ୟାଙ୍କ ପକ୍ଷରୁ ବୁଧବାର ଗ୍ଲୋବାଲ ଇଜ୍ ଅଫ୍ ଡୁଇଂ ବିଜନେସ୍ ତାଲିକା ଜାରି କରାଯାଇଥିଲା। ଏଥିରେ ଭାରତ ୭୭ତମ ସ୍ଥାନକୁ ଉନ୍ନୀତ ହୋଇଛି। ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ପାଇଁ ଏହା ଏକ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। କିନ୍ତୁ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ଏତିକିରେ ସନ୍ତୁଷ୍ଟ ନ ଥିବା ମନେହେଉଛି। ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ, ଆସନ୍ତା ୩ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ଶୀର୍ଷ ୨୫ ଦେଶ ମଧ୍ୟରେ ଭାରତର ସ୍ଥାନ ପାଇବା ନେଇ ଲକ୍ଷ୍ୟ ରଖାଯାଇଛି। ସେ କହିଛନ୍ତି ଯେ, ଭାରତ ଆସନ୍ତାବର୍ଷ ଶୀର୍ଷ ୫୦ ଦେଶ ମଧ୍ୟରେ ସ୍ଥାନ ପାଇବ ବୋଲି ଆଶାକରାଯାଉଛି। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଭାରତର ଏହି ପ୍ରଦର୍ଶନ ଅତ୍ୟନ୍ତ ଉତ୍ସାହଜନକ। ଭାରତ ଭଳି ବିଭିଧତା ଭରା ଅନ୍ୟ କୌଣସି ଦେଶ ଦୁଇ ବର୍ଷ ଭିତରେ ୬୫ ପାଦ ଉପରକୁ ଉଠିପାରିନାହାନ୍ତି। ଗତ ବର୍ଷ ଭାରତ ୧୦୦ତମ ସ୍ଥାନରେ ରହିଥିଲା।

### ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ,୧-୧୧:** କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକର କ୍ରମାଗତ ପ୍ରୟାସ ଯୋଗୁ ୫ ମାସ ପରେ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ଟପିଯାଇଛି। ପାର୍ବଣ ଋତୁରେ ବ୍ୟାପକ ହାରରେ ହେଉଥିବା କିଣାବିକା ଏବଂ ଟିକସ ଫାଙ୍କି ରୋକିବାକୁ ସରକାରଙ୍କ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇପାରିଛି। ଗୁରୁବାର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏକ ଟୁଇଟ୍ ଜରିଆରେ କହିଛନ୍ତି ଯେ, ସେପ୍ଟେମ୍ବରରେ ୯୪,୪୪୨ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଥିବା ବେଳେ ଅକ୍ଟୋବରରେ ଏହା ୧ ଲକ୍ଷ କୋଟି ଟଙ୍କା ଟପିଛି। ଏପ୍ରିଲରେ ୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଏହା ପରଠାରୁ କ୍ରମାଗତ ୫ ମାସ ଯାଏ ଟିକସ ଆଦାୟ ପରିମାଣ ୯୦ ହଜାର କୋଟି ଟଙ୍କାରୁ ଅଧିକ ରହିଆସିଛି। ଚଳିତ ଆର୍ଥିକ ବର୍ଷର ମେ'ରେ ୯୪,୦୧୬ କୋଟି, ଜୁନ୍‌ରେ ୯୫,୬୧୦ କୋଟି, ଜୁଲାଇରେ ୯୬,୪୮୩ କୋଟି, ଅଗଷ୍ଟରେ ୯୩,୯୬୦ କୋଟି ଏବଂ ସେପ୍ଟେମ୍ବରରେ ୯୪,୪୪୨ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା।

### ଗଠନ ହେବ ସ୍ୱର୍ଣ୍ଣ ପରିଷଦ

**ନୂଆଦିଲ୍ଲୀ,୧-୧୧:** ସୁନା ଗହଣାର ରପ୍ତାନି ବୃଦ୍ଧି କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଖୁବଶୀଘ୍ର ସ୍ୱର୍ଣ୍ଣ ପରିଷଦ ଗଠନ କରିବେ ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ସେ କହିଛନ୍ତି ଯେ, ଭାରତ ବିଶ୍ୱର ସର୍ବବୃହତ ସୁନା ଆମଦାନୀକାରୀ ହେବା ସହ ଏହାକୁ ଅଧିକ ବ୍ୟବହାର କରିଥାଏ। ଏଣୁ ବିଶ୍ୱରେ ସୁନା ଗହଣାର ରପ୍ତାନି ଲାଗି ଦେଶ ନିକଟରେ ଭଲ ସୁଯୋଗ ରହିଛି। ଭାରତ ସୁନାର ସବୁଠାରୁ ବଡ଼ ଉପଭୋକ୍ତା ହୋଇଥିବାରୁ ଦେଶରେ ଏକ ସ୍ୱର୍ଣ୍ଣ ପରିଷଦ ଗଠନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଏଠାରେ ସୁନା ଗହଣାର ଏକ ପ୍ରଦର୍ଶନୀରେ ଯୋଗ ଦେବା ଅବସରରେ ସେ ଏହା କହିଛନ୍ତି।

### ଶନିବାର ଆଲ୍ଲାହାବାଦ ବ୍ୟାଙ୍କ ସିଇଓଙ୍କ ଓଡିଶା ଗସ୍ତ



**ଭୁବନେଶ୍ୱର,୧-୧୧:** ଆଲ୍ଲାହାବାଦ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ସି.ଏଚ୍.ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ଶନିବାର ପ୍ରଥମଥର ଲାଗି ଓଡିଶା ଗସ୍ତରେ ଆସୁଛନ୍ତି। ସେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପଦବୀରେ ନିକଟରେ ରାଓ ଅବସ୍ଥାପିତ ହେବା ସହ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ସେ ଭୁବନେଶ୍ୱରରେ ସତର୍କତା ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ କରେନ୍ସି ଚେଷ୍ଟକୁ ସେ ଉଦଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବିଭିନ୍ନ ଶାଖା ମୁଖ୍ୟଙ୍କୁ ଭେଟିବା ସହ ବ୍ୟାଙ୍କର କାର୍ଯ୍ୟ ଶୈଳୀକୁ ସେ ସମୀକ୍ଷା କରିବେ ବୋଲି ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ରାଓ ଯୋଗ ଦେବେ ବୋଲି ଜଣାପଡିଛି।

## ଆମଦାନୀ ନୀତି କଡ଼ା କଲା ଆମେରିକା

# ୫୦ ଭାରତୀୟ ଉତ୍ପାଦ ଶୁଳ୍କମୁକ୍ତ ତାଲିକାରୁ ବାଦ୍

ୱାଶିଂଟନ,୧-୧୧



- ହ୍ୟାଣ୍ଡଲୁମ୍, କୃଷିଜାତ ସାମଗ୍ରୀ ରପ୍ତାନି ପ୍ରଭାବିତ ହେବ
- ମୋଟ୍ ୯୦ ପ୍ରକାର ସାମଗ୍ରୀରୁ ଶୁଳ୍କ ଆଦାୟ କରାଯିବ
- ୨୦୧୭ରେ ଭାରତ ୫.୬ ବିଲିୟନ ଡଲାର ଶୁଳ୍କମୁକ୍ତ ଉତ୍ପାଦ ଆମେରିକାକୁ ରପ୍ତାନି କରିଥିଲା

ଆମେରିକା ନିଜର ଆମଦାନୀ ନୀତିକୁ ଆହୁରି କଡ଼ା କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ବିଦେଶରୁ ଆମଦାନୀ ହେଉଥିବା ୯୦ ପ୍ରକାର ଉତ୍ପାଦକୁ ଡ୍ୟୁଟି ଫ୍ରି ବା ଶୁଳ୍କ ମୁକ୍ତ ତାଲିକାରୁ ବାଦ୍ ଦିଆଯାଇଛି। ଏଥିରେ ଭାରତର ୫୦ ପ୍ରକାର ଉତ୍ପାଦ ରହିଛି। ଏଣିକି ଏହି ସବୁ ସାମଗ୍ରୀରୁ ଆମେରିକା ଶୁଳ୍କ ଆଦାୟ କରିବ। ପ୍ରଭାବିତ ହେବାକୁ ଥିବା ଭାରତୀୟ ସାମଗ୍ରୀଗୁଡିକ ମଧ୍ୟରେ ଅଧିକାଂଶ ହ୍ୟାଣ୍ଡଲୁମ୍ ଓ କୃଷି କ୍ଷେତ୍ର ସହ ଜଡିତ। ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତି ଯୋଗୁ ଭାରତ ସହ ଆମେରିକାର ବାଣିଜ୍ୟ ସମ୍ପର୍କ ଅଧିକ କଠୋର ହେବାକୁ ଯାଉଛି ବୋଲି ସଙ୍କେତ ମିଳୁଛି।

ଫେଡେରାଲ ରେଜିଷ୍ଟରଙ୍କ ପକ୍ଷରୁ ଏକ ନୋଟିଫିକେଶନ ଜାରି କରାଯାଇ କୁହାଯାଇଛି ଯେ, ଜେନେରାଲାଇଜଡ ସିଷ୍ଟମ ଅଫ ପ୍ରିଫରେନ୍ସେସ(ଜିଏସ୍‌ପି) ଅଧୀନରେ ଡ୍ୟୁଟି ଫ୍ରି ତାଲିକାରେ ଥିବା ୯୦ ପ୍ରକାର ଉତ୍ପାଦକୁ ବାଦ୍ ଦିଆଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର ଏ ସମ୍ପର୍କରେ ଏକ ଘୋଷଣା କରିଥିଲେ। ନୂଆ ନୀତି ନଭେମ୍ବର ପହିଲାରୁ ଲାଗୁ ହୋଇଯିବ। ୟୁଏସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭର ଜଣେ ଅଧିକାରୀ କହିଛନ୍ତି ଯେ, ଗୁରୁବାରଠାରୁ ୯୦ ପ୍ରକାର ସାମଗ୍ରୀରୁ ଶୁଳ୍କ ଆଦାୟ କରାଯିବ। କାରଣ ଏଗୁଡିକୁ ଡ୍ୟୁଟି ଫ୍ରି ତାଲିକାରୁ ବାଦ୍ ଦିଆଯାଇଛି। ତେବେ ମୋଷ୍ଟ ଫେଭର୍ଡ ନେଶନ୍ସ ପାଇଁ ଉଦ୍ଦିଷ୍ଟ ଶୁଳ୍କ ଦରରେ ଉକ୍ତ ସାମଗ୍ରୀଗୁଡିକୁ ଆମଦାନୀ କରାଯିବ। ଶୁଳ୍କ ମୁକ୍ତ ତାଲିକାରୁ ବାଦ୍ ପଡିଥିବା ୯୦ ପ୍ରକାର ସାମଗ୍ରୀ ସମ୍ପର୍କରେ ଖୋଳତାଡ କରାଯିବାରୁ ଜଣାପଡିଛି ଯେ, ଟ୍ରମ୍ପ ପ୍ରଶାସନ କୌଣସି ଦେଶ ବିରୋଧରେ ପଦକ୍ଷେପ ନେବା ବଦଳରେ ସାମଗ୍ରୀ ଭିତ୍ତିରେ ଶୁଳ୍କ ଛାଡକୁ ପ୍ରତ୍ୟାହାର କରିଛନ୍ତି। ଭାରତ ଜିଏସ୍‌ପିର ସବୁଠାରୁ ବଡ଼ ଲାଭାର୍ଥୀ ଥିବାରୁ ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କାରଣ କେବଳ ୨୦୧୭ରେ ଭାରତ ଜିଏସ୍‌ପି ଅଧୀନରେ ଆମେରିକାକୁ ୫.୬ ବିଲିୟନ ଡଲାର ସାମଗ୍ରୀ ରପ୍ତାନୀ କରିଥିଲା। ତେବେ ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଭାରତ କେତେ ପରିମାଣରେ ଓ କିପରି ପ୍ରଭାବିତ ହେବ ତାହା ବର୍ତ୍ତମାନ କହିବା ଅସମ୍ଭବ। ତେବେ ତାଲିକାରୁ ବାଦ୍ ପଡିଥିବା ସାମଗ୍ରୀଗୁଡିକୁ ଦେଖିଲେ ମନେହେଉଛି ଦେଶର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବେଶ୍ ପ୍ରଭାବିତ ହେବାକୁ ଯାଉଛି। ବିଶେଷ କରି ହ୍ୟାଣ୍ଡଲୁମ୍ ଓ କୃଷି ଉଦ୍ୟୋଗ ଅଧିକ କ୍ଷତିଗ୍ରସ୍ତ ହେବେ। ଉଲ୍ଲେଖଥାଉ କି, ଜିଏସ୍‌ପି ଆମେରିକାର ସବୁଠାରୁ ପୁରୁଣା ବରିଷ୍ଠ ବାଣିଜ୍ୟ କାର୍ଯ୍ୟକ୍ରମ ଭାବେ ବିଚାର କରାଯାଏ। କିଛି ଦେଶକୁ ବାଣିଜ୍ୟ ବୃଦ୍ଧି ଦ୍ୱାରା ଲାଭ ପହଞ୍ଚାଇବା ଉଦ୍ଦେଶ୍ୟରେ ଆମେରିକା ପକ୍ଷରୁ ଏଭଳି ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଫଳରେ ବହୁ ରାଷ୍ଟ୍ର ଏହାର ଫାଇଦା ଉଠାଇ ବାର୍ଷିକ ହାରରେ ବହୁ କୋଟି ଟଙ୍କାର ଶୁଳ୍କ ମୁକ୍ତ ବାଣିଜ୍ୟ କରି ଆସୁଥିଲେ। ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଭାରତ ସମେତ ଆର୍ଜେଣ୍ଟିନା, ବ୍ରାଜିଲ, ଥାଇଲାଣ୍ଡ, ସୁରିନାମ୍,ପାକିସ୍ତାନ, ତୁର୍କୀ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଇଣ୍ଡୋନେସିଆ ଭଳି ଦେଶର ବାଣିଜ୍ୟ ପ୍ରଭାବିତ ହେବ।

## ଆଦିତ୍ୟ ହ୍ୟୁଣ୍ଡାଇରେ ନୂଆ ସାଣ୍ଟ୍ରୋ ଉନ୍ମୋଚିତ

ଭୁବନେଶ୍ୱର,୧-୧୧




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଭୁବନେଶ୍ୱରର ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମଠାରେ ନୂଆ ସାଣ୍ଟ୍ରୋର ବଜାର ପ୍ରବେଶ ହୋଇଛି। କମ୍ପାନୀର ଏମ୍‌ଡି ତଥା ସିଇଓ ୱାଇ.କେ.କୋ ଏବଂ ଆଦିତ୍ୟ ହ୍ୟୁଣ୍ଡାଇର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର ଏହି ମଡେଲଟିକୁ ବଜାର ପ୍ରବେଶ କରାଇଥିଲେ। ନୂଆ ମଡେଲଟି ଅତ୍ୟାଧୁନିକ ଷ୍ଟାଇଲିସ ଟଲ୍ ବଏ ଡିଜାଇନରେ ବଜାରକୁ ଆସିଛି। ଭାରତୀୟ ପରିବାରଗୁଡିକର ଆବଶ୍ୟକତାକୁ ନଜରରେ ରଖି କମ୍ପାନୀ ଏଭଳି ମଡେଲ ବଜାରକୁ ଆଣିଛି। ଏଥିରେ ବିଶ୍ୱ ସ୍ତରୀୟ ସ୍ମାର୍ଟ ଅଟୋ ଏଏମ୍‌ଟି ଫିଚର, ସୁପରିୟର ୧ କେ ପ୍ଲାଟଫର୍ମ, ସ୍ପେସିୟସ କ୍ୟାବିନ, ସୁପରିୟର ରାଇଡ ଏବଂ ହ୍ୟାଣ୍ଡଲିଂ ବୈଶିଷ୍ଟ୍ୟ ଏଥିରେ ରହିଛି। ନିରାପତ୍ତା ସହ ଫ୍ୟାକ୍ଟ୍ରି ଫିଟେଡ ସିଏନ୍‌ଜି ବିକଳ୍ପକୁ ସାମିଲ କରାଯାଇଛି। ଏହା ଟାଇଫୁନ ସିଲଭର, ପୋଲାର ହ୍ୱାଇଟ, ଷ୍ଟାର ଡଷ୍ଟ, ମାରିନା ବ୍ଲୁ, ଫେରି ରେଡ୍, ଇମ୍ପେରିଆଲ ବେଜ୍, ଡାଏନା ଗ୍ରୀନ ରଙ୍ଗରେ ଉପଲବ୍ଧ। ମଡେଲଟିର ଏକ୍ସ ଶୋ'ରୁମ ବଜାର ଦର ୩.୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। କାର୍ଯ୍ୟକ୍ରମ ଅବସରରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂଆ ଟୁଲ୍ ବକ୍ସ ଆଣିଲା ଟାପାରିଆ

ଭୁବନେଶ୍ୱର,୧-୧୧

ଟାପାରିଆ ଟୁଲ୍ସ ପକ୍ଷରୁ ନୂଆ କ୍ୟାଣ୍ଟିଲିଭର ଟୁଲ୍ ବକ୍ସର ବଜାର ପ୍ରବେଶ ହୋଇଛି। ଏଥିରେ ବିଭିନ୍ନ ପ୍ରକାରର ଟୁଲ୍‌ସ ଏବଂ ଆସେସୋରିଜ୍ ଷ୍ଟୋର କରାଯାଇ ପାରିବ। ଏହା ଏକ ହେଭି ଡ୍ୟୁଟି, ରିବୁଷ୍ଟ ଏବଂ ମେଟାଲ କ୍ୟାଣ୍ଟି ଲିଭର ଟୁଲ୍ ବକ୍ସ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଅପରପକ୍ଷରେ ଟ୍ରାନ୍ସପୋର୍ଟିଂ ଏବଂ ଷ୍ଟୋରିଂ ହ୍ୟାଣ୍ଡ ଟୁଲ୍ସ ଏବଂ ଆସୋସୋରିଜ୍ ଲାଗି ଏହା ବିଶେଷ ଭାବେ ସହାୟକ ହେବ। ଉଭୟ ପ୍ରଫେସନାଲ ଏବଂ ଅନ୍ୟାନ୍ୟ ବର୍ଗର ବ୍ୟକ୍ତି ବିଶେଷଙ୍କ ଲାଗି ବକ୍ସଟି ଉପାଦେୟ ହେବ। ବକ୍ସକୁ ଏଭଳି ଭାବେ ଡିଜାଇନ୍ କରାଯାଇଛି ଯାହା ସବୁ ବର୍ଗର ଟୁଲ୍‌କୁ ଧରି ରଖିବ। ହାଇଗଜ୍ ଷ୍ଟିଲ ସିଟ୍‌ରେ ଏହାକୁ ପ୍ରସ୍ତୁତ କରାଯାଇଛି। ଦୃଢତା ଏବଂ ଦୀର୍ଘତା ପ୍ରଦାନ ଦିଗରେ ଉକ୍ତ ପ୍ରଡକ୍ଟ ସକ୍ଷମ ହେବ। ବକ୍ସରେ ଷ୍ଟିଲ୍ ହ୍ୟାଣ୍ଡେଲ ରହିଛି। ବକ୍ସକୁ ଧରିବାକୁ ଏହା ସୁବିଧା ପ୍ରଦାନ କରିବ। ଏହା ମଧ୍ୟରେ ୩ ଏବଂ ୫ ଟ୍ରେ କମ୍ପାର୍ଟମେଣ୍ଟ ରହିଛି। ଗୁଣବତ୍ତାଯୁକ୍ତ ଉତ୍ପାଦ ଯୋଗାଣ ଦ୍ୱାରା ଗ୍ରାହକଙ୍କ ନିକଟତର ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଟାପାରିଆ ଟୁଲ୍ସ ଘରୋଇ ବଜାରରେ ନିଜର ଉପସ୍ଥିତି ଜାହିର କରିବା ସହ ବିଦେଶକୁ ମଧ୍ୟ ରପ୍ତାନି କରୁଛି।

## ୧୪ ହଜାର କୋଟି ଫେରାଇବ ସାହାରା

ନୂଆଦିଲ୍ଲୀ,୧-୧୧




ନିବେଶକଙ୍କ ସପକ୍ଷରେ ସେବିର ନିର୍ଦ୍ଦେଶ

ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ସାହାରା ଇଣ୍ଡିଆ କମର୍ସିଆଲ କର୍ପୋରେଶନ (ଏସ୍‌ଆଇସିସିଏଲ୍), ଏହାର ପ୍ରମୁଖ ସୁବ୍ରତ ରୟ ଏବଂ ଅନ୍ୟ ୧୩ ଜଣଙ୍କୁ ୪ବର୍ଷ ଲାଗି ସିକ୍ୟୁରିଟି ମାର୍କେଟରୁ ନିଲମ୍ବିତ କରିଛି। ଏସ୍‌ଆଇସିସିଏଲ ବାର୍ଷିକ ୧୫% ହାରରେ ସୁଧ ସହ ୧୪ହଜାର କୋଟି ଟଙ୍କା ନିବେଶକଙ୍କୁ ଫେରାଇବାକୁ ସେବି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ଉକ୍ତ କମ୍ପାନୀ ୧୯୯୮ରୁ ୨୦୦୯ ମଧ୍ୟରେ ପ୍ରାୟ ୨ କୋଟି ନିବେଶକଙ୍କ ଠାରୁ କେତେକ ବଣ୍ଡ ଜାରି କରି ଉକ୍ତ ଟଙ୍କା ବଜାରରୁ ଉଠାଇଥିଲେ। ଇତିପୂର୍ବେ ସାହାରାର ଅନ୍ୟ ଦୁଇଟି କମ୍ପାନୀ ସମ୍ପୂର୍ଣ୍ଣ ପରିବର୍ତ୍ତନୀୟ ଡିବେଞ୍ଚର ଜରିଆରେ ବଜାରରୁ ୨୪ ହଜାର କୋଟି ଟଙ୍କା ଉଠାଇଥିଲେ ବୋଲି ଅଭିଯୋଗ କରି ସେବି ଏହାକୁ ଫେରାଇବା ଲାଗି ସାହାରାକୁ ନିର୍ଦ୍ଦେଶ ଦେଇଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସାହାରା ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାଏର କରାଯାଇଛି,ଯାହାର ଏବେ ଶୁଣାଣି ଚାଲିଛି। ସେବି ପକ୍ଷରୁ ଏହାର ପୂର୍ଣ୍ଣକାଳୀନ ସଦସ୍ୟ ମାଧବୀ ପୁରୀ ବଚ୍ ତାଙ୍କର ୫୪ ପୃଷ୍ଠାର ନିର୍ଦ୍ଦେଶରେ ଅଣ ହସ୍ତାନ୍ତରଯୋଗ୍ୟ ଡିମାଣ୍ଡ ଡ୍ରାଫ୍ଟ ଅଥବା ପେ ଅର୍ଡର ଜରିଆରେ ଉକ୍ତ ଟଙ୍କାକୁ ନିବେଶକଙ୍କୁ ଫେରାଇବାକୁ ହେବ।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୋର୍ଡରୁ ବାଜପେୟୀଙ୍କ ଇସ୍ତଫା

ମୁମ୍ବାଇ,୧-୧୧

ଋଣବୋଝରେ ଜର୍ଜରିତ ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ର ନବନିଯୁକ୍ତ ବୋର୍ଡ ସଦସ୍ୟ ଜି.ଏନ୍.ବାଜପେୟୀ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଅକ୍ଟୋବର ୩୦ରୁ ତାଙ୍କ ଇସ୍ତଫା କାର୍ଯ୍ୟକାରୀ ହେବ। ସେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି)ର ଅଧ୍ୟକ୍ଷ ଭାବେ ପୂର୍ବରୁ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସରକାର ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌କୁ ଦଖଲକୁ ନେଇ ଏହାର ବୋର୍ଡକୁ ଭାଙ୍ଗି ଦେଇଥିଲେ। ଏହା ସ୍ଥାନରେ ଏକ ୬ ଜଣିଆ ବୋର୍ଡ ଗଠନ କରିଥିଲେ, ଯେଉଁଥିରେ ବାଜପେୟୀ ଅନ୍ୟତମ ସଦସ୍ୟ ଥିଲେ। ବାଜପେୟୀଙ୍କ ଇସ୍ତଫା ସମ୍ପର୍କରେ କମ୍ପାନୀ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜକୁ ପତ୍ର ଲେଖି ଜଣାଇ ଦିଆଯାଇଥିଲା। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ଚିଠି ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି। ବାଜପେୟୀଙ୍କ ଇସ୍ତଫା ପରେ ବୋର୍ଡରେ ୬ ସଦସ୍ୟ ରହିଛନ୍ତି।




## ଭାରତକୁ ଛାଡ଼ ଦେବାକୁ ଆମେରିକା ରାଜି

ନୂଆଦିଲ୍ଲୀ,୧-୧୧

ଇରାନ ବିରୋଧରେ କଟକଣା

ଆସନ୍ତା ୪ରୁ ଇରାନ ବିରୋଧରେ ଆମେରିକାର କଟକଣା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବ। ଏଥିରୁ ଭାରତକୁ ଛାଡ଼ ଦେବାକୁ ଆମେରିକା ରାଜି ହୋଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଦିନେ ଦୁଇଦିନ ମଧ୍ୟରେ ଏ ସଂକ୍ରାନ୍ତରେ ଆମେରିକା ଘୋଷଣା କରିବାକୁ ଯାଉଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ।

ଇରାନରୁ ଭାରତ ୧.୨୫ ମିଲିୟନ ଟନ ଅଶୋଧିତ ତୈଳ କିଣିବାକୁ ଆଗ୍ରହୀ। ଆସନ୍ତାବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପରିମାଣ ତେଲ କିଣିବା ଲାଗି ଭାରତ ଚାହୁଁଛି। ସେହି ପର୍ଯ୍ୟନ୍ତ ଭାରତ ପାଇଁ କଟକଣା କୋହଳ କରିବାକୁ ଆମେରିକା ରାଜି ହୋଇଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ। ଇରାନ ସହ ହୋଇଥିବା ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା ପରେ ଏହି ଦେଶ ବିରୋଧରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ଆମେରିକା ଚାହୁଁଛି। ନଭେମ୍ବର ୪ରୁ ଏହା ଲାଗୁ ହୋଇଯିବ। ଏହି ଦିବସ ପୂର୍ବରୁ ସମସ୍ତ ଦେଶ ଇରାନ ଠାରୁ ତୈଳ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦେବା ଲାଗି ଆମେରିକା କହିଛି। ଏହା ପାଳନ ନ ହେଲେ ଉଲ୍ଲଂଘନକାରୀ ଦେଶ ବିରୋଧରେ ଆମେରିକା ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଇରାନଠାରୁ ତେଲ କିଣା ଜାରି ରଖିବାକୁ ଭାରତ ଚାହୁଁଛି।

## ଆଇଏମ୍‌ଏଆର୍‌ସିରେ ନାଲ୍‌କୋର ଯୋଗଦାନ



ଭୁବନେଶ୍ୱର,୧-୧୧

ଅଷ୍ଟ୍ରେଲିଆର ମେଲବୋର୍ନଠାରେ ୨୯ ତାରିଖଠାରୁ ଚାଲିଥିବା ବିଶ୍ୱର ସର୍ବବୃହତ ମାଇନିଂ ରିସୋର୍ସେସ କନଫରେନ୍ସ (ଆଇଏମ୍‌ଏଆର୍‌ସି)ରେ ନାଲ୍‌କୋ ଯୋଗ ଦେଇଛି। ନଭେମ୍ବର ୧ ଯାଏ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୯୦ ଦେଶର ପ୍ରାୟ ୬,୦୦୦ ପ୍ରତିନିଧି ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଖଣି ଉଦ୍ୟୋଗୀ, କର୍ପୋରେଟ ପ୍ରତିନିଧି, ପରାମର୍ଶଦାତା, ବୈଷୟିକବିତ୍ ଏବଂ ପୁଞ୍ଜି ନିବେଶକାରୀ ରହିଛନ୍ତି। କୋଲ୍ ଇଣ୍ଡିଆ ଲିମିଟେଡ, ନାଲ୍‌କୋ, ଏନ୍‌ଏମ୍‌ଡିସି, ଏଚ୍‌ସିଏଲ୍, ଏମ୍‌ଇସିଏଲ୍ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକୁ ନେଇ ଭାରତୀୟ ଖଣି ମନ୍ତ୍ରଣାଳୟ ଏହି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଭାରତୀୟ ପାଭିଲିୟନରେ ନାଲ୍‌କୋ ନୋଡାଲ ଏଜେନ୍ସି ଭାବେ ପ୍ରତିନିଧିତ୍ୱ କରୁଛି। ଭାରତୀୟ ପାଭିଲିୟନ ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅନିଲ କୁମାର ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ଇଣ୍ଡିଆ ଆଟ୍ ଆଇମାର୍କ ୨୦୧୮ ୱେବପୋର୍ଟାଲ ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ଇଡ୍‌କୋ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର,୧-୧୧

ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋ) ପକ୍ଷରୁ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଇଡ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଂ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଏବଂ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଇଡ୍‌କୋର ପ୍ରଶାସନ ବିଭାଗ ମୁଖ୍ୟ ସାଧାରଣ ପରିଚାଳକ ଡ. ଗଣେଶ୍ୱର ଜେନା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the DGM ,E.H.T. (O&M) Division Balasore, Dist: Balasore-19. CIN: U40102OR2004SGC007553

NOTICE INVITING TENDER - 10/2018-19

Sealed tenders are invited from **Vehicle owners / Travel agencies having GST registration certificate and IT PAN Card** for hiring of diesel run commercial registered light vehicles (AC Indigo or Equivalent) on monthly contract basis at EHT(O&M) Division, Balasore. **The vehicle to be provided should not be manufactured before 01.07.17. Cost of Tender Paper :** Rs.2,240/-. **EMD:** Rs.2,400/- for each tender is to be submitted in shape of Cash/DD drawn in favour of **EHT (O&M) Division, OPTCL, Balasore** Payable at **Balasore** without which the tender shall be rejected. Sale of tender documents from **Dt.05.11.18** to **Dt.15.11.18**. The tenders shall be received up to **1:00 P.M** on **Dt.16.11.18** and will be opened at **3:00P.M** on same date. For details, please visit our website **www.optcl.co.in.**

Sd/-
**Corrigendum, if any, will be published in the website only.** Dy. General Manager (Elect.)

Please connect us: optcl.odisha optcl_odisha energyodisha

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
Office Of The General Manager (Electrical) EHT (O & M) Circle, Berhampur, Ganjam, Ph./Fax : 0680-2291905, 0680-2291904
e-Mail : ehtm.cle.bam@optcl.co.in, CIN:U40102OR2004SGC007553

AUCTION SALE NOTICE

On behalf of OPTCL, General Manager (Elect,), E.HT (O&M) Circle, Berhampur invites sealed quotations in plain paper for auction sale of Departmental Ambassador Car (Diesel) bearing Registration No, OR-02-H-1162 under EHT (O&M) Division, Berhampur available at the office premises of DGM, EHT (O&M) Division, Berhampur on or before Dated.**16.11.2018 by 3.00 PM**, The quotations will be opened on Dated, **16.11.2018 at 4.00PM** at office of the undersigned in presence of the bidders or their authorised representatives, For details please visit our website **www.optcl.co.in** Corrigendum if any will be published in the website only.

*General Manager (Elect.)*

ROURKELA MUNICIPAL CORPORATION, ROURKELA
Email ID: rourkelamunicipality@gmail.com, Tele: 0661-2500388, PIN: 769012
No. 11901 Dt. 31.10.2018

CORRIGENDUM NOTICE

The last date of submission of offer (RFP) for Wall Painting and Beautification of walls notified as 05.11.2018 vide Notice No. 11112, dt.12.10.2018 is extended upto 15.12.2018, 5.00PM and will be opened on 16.12.2018 at 11.00AM. The other conditions remains unchanged as available in website rmc.nic.in.

*Sd./- Deputy Commissioner*
*Rourkela Municipal Corporation*

OFFICE OF THE COLLECTOR & DISTRICT MAGISTRATE, BALASORE DISTRICT
(DISTRICT SOCIAL WELFARE OFFICE)
No. 3158 Date: 31.10.18

TENDER CALL NOTICE

Sealed tenders are invited from intending registered agencies / firms / printing press for printing & supply of Arunima Work Book-I & II. Details of the tender documents are available with the website (**www.baleswar.nic.in**). The same can be purchase from the office of the DSWO, Balasore on any working day till **16.11.2018** on payment of **Rs.5000/-** only.

Last date of submission of tender on or before **16.11.18 at 2 PM**.

**Sd./- District Social Welfare Officer, Balasore**




# ଭାରତର କ୍ରମାଗତ ଷଷ୍ଠ ସିରିଜ ବିଜୟ




ସିରିଜ ବିଜୟ ପରେ ଟ୍ରଫି ସହ ଉଲ୍ଲସିତ ଭାରତୀୟ ଦଳ।

**ଥିରୁଭାନନ୍ତପୁରମ, ୧।୧୧ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଭାରତ ୨୧୧ଟି ବଲ୍ ବାକିଥାଇ ୯ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ଏହି ସିରିଜକୁ ଭାରତ ୩-୧ରେ ହାତେଇ ନେଇଛି। ଏଥିସହିତ ଭାରତ ଘରୋଇ ମାଟିରେ କ୍ରମାଗତ ଷଷ୍ଠ ଦିନିକିଆ ସିରିଜ ବିଜୟ ହାସଲ କରିଛି। ୩୪ ରନ ବ୍ୟୟ କରି ୪ ଉଇକେଟ ନେବା ସହ ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ୩ଟି ଶତକ ସହ ସାରା ସିରିଜରେ ଅସାଧାରଣ ପ୍ରଦର୍ଶନ କରିଥିବା ଭାରତୀୟ ଅଧିନାୟକ ବିରାଟ କୋହଲି ପ୍ଲେୟାର ଅଫ ଦି ସିରିଜ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମରେ ୱେଷ୍ଟଇଣ୍ଡିଜ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୩୧.୫ ଓଭରରେ ମାତ୍ର ୧୦୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉଇକେଟ ହରାଇ ୧୪.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟତମ ଓପନର ରୋହିତ ଦ୍ରୁତ ୬୩ (୫୬ ବଲ, ୫ ଚୌକା, ୪ ଛକା) ଓ କୋହଲି ୩୩ ରନ କରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜର ୨୧ ବର୍ଷୀୟ ଦ୍ରୁତ ବୋଲର ଓଶାନ ଥୋମାସଙ୍କ ବଲରେ ଧାୱନ କ୍ଲିନ୍ ବୋଲ୍ଡ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ରୋଭମ୍ୟାନ ପାୱେଲ ୧୬, ମାର୍ଲନ ସାମୁଏଲ୍ସ ୨୪ ଓ ଅଧିନାୟକ ଜାସନ ହୋଲ୍ଡର ୨୫ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଜାଡେଜା ସର୍ବାଧିକ ୪, ଯଶପ୍ରୀତ ବୁମ୍‌ରା ଓ ଖଲିଲ ଅହମ୍ମଦ ଦୁଇଟି ଲେଖାଏ, ଭୁବନେଶ୍ୱର କୁମାର ଓ କୁଳଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ୱେଷ୍ଟଇଣ୍ଡିଜ୍ ୩୧. ୫ ଓଭରରେ ୧୦୪ ଅଲଆଉଟ୍ (ହୋଲ୍ଡର- ୨୫, ସାମୁଏଲ୍ସ- ୨୪, ପାୱେଲ- ୧୬, ଜାଡେଜା- ୪/୩୪, ବୁମ୍‌ରା- ୨/୧୧, ଅହମ୍ମଦ- ୨/୨୯)। ଭାରତ୧୪.୫ଓଭରରେ୧୦୫/୧(ରୋହିତ- ୬୩, କୋହଲି- ୩୩, ଥୋମାସ- ୧/୩୩)।

# ହଲ୍ ଅଫ୍ ଫେମ୍ ଗ୍ରୁପ୍‌ରେ ଦ୍ରାବିଡ

**ନୂଆଦିଲ୍ଲୀ,୧।୧୧(ପି.ଟି.)**

'ୱାଲ' ଭାବେ ଜଣାଶୁଣା କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ୧୯ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍ ରାହୁଲ ଦ୍ରାବିଡଙ୍କୁ ଗୁରୁବାର ବିଧିବଦ୍ଧ ଭାବେ ହଲ୍ ଅଫ୍ ଫେମ୍ ଗ୍ରୁପ୍‌ରେ ସାମିଲ କରାଯାଇଛି। ଥିରୁଭାନାନ୍ତପୁରମଠାରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ତଥା ୫ମ ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସମ୍ମାନିତ କରାଯାଇଛି। ଆଇସିସି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର ହଲ୍ ଅଫ୍ ଫେମ୍ ମାନପତ୍ର ଦ୍ରାବିଡଙ୍କୁ ଦେବା ସହ ଟୋପି ପିନ୍ଧାଇଥିଲେ। ସେ ୫ମ ଭାରତୀୟ ଭାବେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ତାଙ୍କ ପୂର୍ବରୁ ବିଶ୍ୱକପ୍ ଚାମ୍ପିୟନ ଦଳର ଅଧିନାୟକ କପିଳ ଦେବ, ସୁନୀଲ ଗାଭାସ୍କର, ବିଶନ ସିଂ ବେଦି (ସମସ୍ତେ ୨୦୦୯ରେ ପାଇଥିଲେ) ଏବଂ ଅନୀଲ କୁମ୍ବଲେ ୨୦୧୫ରେ ପାଇଥିଲେ। ଏହି ଅବସରରେ ଦ୍ରାବିଡ କହିଛନ୍ତି, ଆଇସିସି କ୍ରିକେଟ ହଲ ଅଫ୍ ଫେମ୍‌ରେ ସ୍ଥାନ ପାଇବା ମୋ ପାଇଁ ସମ୍ମାନ। କ୍ରିକେଟରୁ ଅବସର ନେବା ପରେ କ୍ରିକେଟର ସର୍ବକାଳୀନ କିମ୍ବଦନ୍ତୀ ତାଲିକାରେ ସ୍ଥାନ ପାଇବା ଏକମାତ୍ର ସ୍ୱପ୍ନ ଥିଲା। ଏଭଳି ସମ୍ମାନ ଯେ କୌଣସି ଖେଳାଳିଙ୍କୁ ଉତ୍ସାହିତ କରିଦେବ। ଏ ନେଇ ମୋତେ ସମର୍ଥନ କରିଥିବା ସାଥି ଖେଳାଳି ଓ ପ୍ରତିପକ୍ଷ ଦଳର ଖେଳାଳି, କୋଚ୍ ଏବଂ ଅଫିସିଆଲଙ୍କୁ ଧନ୍ୟବାଦ ଜଣାଉଛି। ଅନ୍ତର୍ଜାତୀୟ ସ୍ତରରେ ୧୬୪ ଟେଷ୍ଟ ଖେଳିଥିବା ଦ୍ରାବିଡ ୩୬ ଶତକ ସହ ୧୩,୨୮୮ ରନ୍ କରିଛନ୍ତି। ସେହିଭଳି ୩୪୪ ଦିନିକିଆରୁ ୧୨ ଶତକ ସହାୟତାରେ ୧୦,୮୮୯ ରନ୍ କରିଛନ୍ତି। ୨୦୦୪ରେ ତାଙ୍କୁ ଆଇସିସି କ୍ରିକେଟର ଅଫ୍ ଦି ଇୟର ଓ ଟେଷ୍ଟ କ୍ରିତକେଟର ଅଫ୍ ଦି ଇୟର ପୁରସ୍କାର ମିଳିଥିଲା।

# ଗ୍ରୀସ୍ ଓପନ କରାଟେରେ ଓଡ଼ିଶାକୁ ୨ ପଦକ




ଗ୍ରୀସ୍ ଓପନ କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ କୋଚ୍‌ଙ୍କ ସହ।

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

ଗ୍ରୀସ୍‌ର ଏଥେନ୍ସରେ ଅକ୍ଟୋବର ୨୬ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ଓପନ କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୋତୋକାଇ ଖେଳାଳି ୨ଟି ପଦକ ହାସଲ କରିଛନ୍ତି। ପ୍ରଭୁ ପ୍ରସାଦ ସାହୁ ୯୦ କେଜି କୁମିତେରେ ରୌପ୍ୟ ଏବଂ ମାନସ ରଞ୍ଜନ ତାଣ୍ଡି ୭୦ କେଜି କୁମିତେରେ ବ୍ରୋଞ୍ଜ ପଦକ ପାଇଛନ୍ତି। କୋଚ୍ ହିମାଂଶୁ ଭଷଣ ଦାସ ଏହି ଖେଳାଳିଙ୍କ ସହ ଗ୍ରୀସ୍ ଯାଇଥିଲେ। ପଦକ ହାସଲକାରୀ ୨ ଖେଳାଳି ଓ କୋଚ୍‌ଙ୍କୁ ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟାଞ୍ଜନ ଦାସ ଅଭିନନ୍ଦନ ଜଣାଇଛନ୍ତି।

# ଟିମ୍ ଇଣ୍ଡିଆର ମେନ୍ୟୁରୁ ଗୋ ମାଂସ ହଟିବ

**ମୁମ୍ବାଇ,୧।୧୧**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟିମ୍ ଇଣ୍ଡିଆର ସଦସ୍ୟଙ୍କ ଖାଦ୍ୟ ମେନ୍ୟୁରୁ ଗୋ ମାଂସ ହଟାଇବାକୁ ନିଷ୍ପତ୍ତି ନେଇଛି। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ (ସିଏ)କୁ ବିସିସିଆଇ ପକ୍ଷରୁ ନିବେଦନ କରାଯାଇଛି। ଚଳିତ ମାସର ଅନ୍ତିମ ଭାଗରେ ଭାରତୀୟ ଦଳର ଗସ୍ତ ପୂର୍ବରୁ ଏକ ଦୁଇ ଜଣିଆ ସର୍ବେକ୍ଷଣ କମିଟି ଅଷ୍ଟ୍ରେଲିଆ ଗସ୍ତ କରିଛି। ଏହି କମିଟି ସିଏ ଓ ବିସିସିଆଇ ମଧ୍ୟରେ କରାଯାଇଥିବା ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍‌ଓୟୁ)ରେ ଖେଳାଳିଙ୍କ ମେନ୍ୟୁରୁ ଗୋ ମାଂସ ହଟାଇବା ନେଇ ଏକ ନିୟମ ସାମିଲ କରିବାକୁ କହିଛନ୍ତି। ଭାରତୀୟ ଦଳର କେତେଜଣ ଖେଳାଳି ସାକାହାରୀ ଅଛନ୍ତି। ସେମାନଙ୍କ ପାଇଁ ଅଷ୍ଟ୍ରେଲିଆରେ ଥିବା ଭାରତୀୟ ରେଷ୍ଟୁରାଣ୍ଟରୁ ଖାଦ୍ୟ ପଠାଇବା ବ୍ୟବସ୍ଥା କରାଯିବ। ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳ ଲର୍ଡ୍ସଠାରେ ଆୟୋଜିତ ଭୋଜନ ମେନ୍ୟୁରେ ଗୋ ମାଂସରେ ପ୍ରସ୍ତୁତ ପାସ୍ତା ପରଷା ଯାଇଥିଲା। ଏହାକୁ ପ୍ରଶଂସକମାନେ ଭାରତୀୟ ଦଳକୁ ଖୁବ୍ ସମାଲୋଚନା କରିଥିଲେ। ଏଥିଯୋଗୁ ବିସିସିଆଇ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଚଳିତ ମାସ ୨୧ରୁ ଜାନୁୟାରୀ ୧୮ ତାରିଖ ପର୍ଯ୍ୟନ୍ତ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଗସ୍ତରେ ଟିମ୍ ଇଣ୍ଡିଆ ୪ ଟେଷ୍ଟ ସମେତ ୩ ଲେଖାଏ ଦିନିକିଆ ଓ ଟି୨୦ ସିରିଜ୍ ଖେଳିବ।

# ଅନୁରାଗଙ୍କ ଶତକ: ଓଡ଼ିଶା ୨୩୨/୬

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

## ରଣଜୀ ଟ୍ରଫି

କିଟ୍ କ୍ରିକେଟ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା-ହରିୟାଣା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ଚଳିତ ରଣଜୀ ସିଜନର ପ୍ରଥମ ମ୍ୟାଚରେ ଜୀବନର ପ୍ରଥମ ଶତକ ହାସଲ କରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଛନ୍ତି ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ। ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି।

ସିଜନର ପ୍ରଥମ ଟସ୍ ଓଡ଼ିଶା ସପକ୍ଷରେ ଯାଇଥିଲା। ଦୁଇ ଓପନର ସତର୍କତାର ସହ ଖେଳି ୧୦.୪ ଓଭରରେ ଦଳୀୟ ସ୍କୋରକୁ ୫୦ ଅତିକ୍ରମ କରାଇଥିଲେ। ଯୁବ ଓପନର ସନ୍ଦୀପ ପଟ୍ଟନାୟକ ଭଲ ଆରମ୍ଭ ପାଇଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୪୧ ବଲ୍‌ରୁ ୩ ଚୌକା ସହାୟତାରେ ୨୦ ରନ କରିଥିବାବେଳେ ସେ ଏକାଗ୍ରତା ହରାଇ ଡାହାଣହାତୀ ମିଡିୟମ ଫାଷ୍ଟ ବୋଲର ଅଜିତ ଚହଲଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ଯାଇଥିଲେ। ନିର୍ଭରଯୋଗ୍ୟ ଗୋବିନ୍ଦ ପୋଦାର ୪୪ ବଲ୍‌ରୁ ୧୪ ରନ କରି ଅଧିନାୟକ ମୋହିତ ଶର୍ମାଙ୍କ ବଲ୍‌ରେ ଆଉଟ୍ ହେବାରୁ ଓଡ଼ିଶା ଚାପକୁ ଚାଲି ଆସିଥିଲା। ମିଡିଲ ଅର୍ଡରରେ ଶୁଭ୍ରାଂଶୁ ସେନାପତି(୧୧) ଓ ଅଧିନାୟକ ବିପ୍ଲବ ସାମନ୍ତରାୟ(୯) ବିଫଳ ହେବାରୁ ଓଡ଼ିଶା ଆଶାନୁସାରେ ଅଗ୍ରଗତି କରିପାରି ନ ଥିଲା। ଗୋଟିଏ ପଟରେ ନିୟମିତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଆତ୍ମବିଶ୍ୱାସର ସହ ଖେଳି ଅନୁରାଗ ପ୍ରଥମେ ୮୩ ବଲ୍‌ରୁ ୫୦ ରନ ପୂରଣ କରିଥିଲେ। ୩୦.୨ ଓଭରରେ ଓଡ଼ିଶା ସ୍କୋର ୧୦୦ ଅତିକ୍ରମ କରିଥିଲା। ମଧ୍ୟାହ୍ନଭୋଜନ ବିରତି ବେଳକୁ ଓଡ଼ିଶା ୨ ଉଇକେଟ ହରାଇ ୧୧୦ ରନ କରିଥିଲା। ୧୭୬ଟି ବଲ୍‌ର ସମ୍ମୁଖୀନ ହୋଇ କ୍ୟାରିୟରର ପ୍ରଥମଶ୍ରେଣୀ ଶତକ ପୂରଣ କରିଥିଲେ ଅନୁରାଗ। ମାତ୍ର ଏହାପରେ ସେ ଆଉ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ୧୯୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୨ ଛକା ସହାୟତାରେ ସେ ୧୧୪ ରନ କରିଥିବାବେଳେ ଟିନୁ କୁଣ୍ଡୁଙ୍କ ବଲ୍‌ରେ ଉଇକେଟ କିପର ନୀତୀନ ସଇନୀଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ଓଡ଼ିଶା ସ୍କୋର ୬୦.୧ ଓଭର ବେଳକୁ ୧୭୩/୫ ହୋଇ ଯାଇଥିଲା। ଶାନ୍ତନୁ ମିଶ୍ରଙ୍କ ସହ ୬ଷ୍ଠ ଉଇକେଟରେ ୪୫ ରନ ଯୋଗ କରିବାପରେ ଉଇକେଟ କିପର ସୁଜିତ ଲେଙ୍କା ଡାହାଣହାତୀ ମିଡିୟମ ପେସର ହର୍ଷଲ ପଟେଲଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ। ସୁଜିତ ୬୧ ବଲ୍‌ରୁ ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ଶାନ୍ତନୁ କିନ୍ତୁ ଧୈର୍ଯ୍ୟର ସହ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରି ୩୦ ରନରେ ଅପରାଜିତ ରହିଛନ୍ତି। ୧୦୮ଟି ବଲ୍ ଖେଳିଥିବା ଶାନ୍ତନୁ ନିଜ ଇନିଂସ ମଧ୍ୟରେ ୪ଟି ଚୌକା ମାରିଛନ୍ତି। ତାଙ୍କ ସହ ଦେବବ୍ରତ ପ୍ରଧାନ ୭ ରନ କରି ଅପରାଜିତ ଅଛନ୍ତି। ହରିୟାଣା ପକ୍ଷରୁ ମୋହିତ ଓ ହର୍ଷଲ ୨ଟି ଲେଖାଏ ଏବଂ ଚହଲ ଓ କୁଣ୍ଡୁ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୩୨/୬(ଅନୁରାଗ-୧୧୪, ଶାନ୍ତନୁ-୩୦*, ମୋହିତ-୨/୩୮, ହର୍ଷଲ-୨/୫୮, ଚହଲ-୧/୫୨, କୁଣ୍ଡୁ-୧/୨୯)।

ODISHA HYDRO POWER CORPORATION LTD.
OHPC
OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854-242038, E-mail: sgmel_ukhep@ohpcltd.com
CIN:U401010R1995SGC003963

e-PROCUREMENT NOTICE No.- UKHEP/ET - 06/2018-19, Dated 31.10.2018

No.CAD-973: The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) (online) | Cost of bid document (online) | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Repair and heightening of compound wall of residential & Non-residential building of Bariniput colony, UKHEP, Bariniput | 9,89,400/- | 10,000/- (online) | 4,720/- (Rs.4000/- +18% GST) (online) | "C" & "D" Class | From 10:00 Hrs of 12.11.2018 to 17.00 Hrs. of 26.11.2018 | At 11.30 Hrs. of 28.11.2018 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate (DSC) .
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

04002/11/0061/1819
Unit Head, UKHEP, Bariniput

No.XXI-74

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAA-MBJ-0029-2018/25596 R&DM, dated 11 July 2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷୀପଡା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ, ଥାନା- ମୋରଡା ସଂ.୨୦୨, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪.୬୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷୀପଡା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୨.୮୯ | ଏ. ୪.୬୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.-୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୫/୨୦୧୮
ଏ.୪.୬୫ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଡା ଡିଷ୍ଟ୍ରିବ୍ୟୁଟାରି ଏବଂ ସିଷ୍ଟମ ନିମନ୍ତେ**
**ମୌଜା- ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ, ଥାନା-ମୋରଡା, ନଂ ୨୦୨, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୮ | ୭୯ | ୦.୧୩ | ୦.୦୭ | ଶାରଦ ତିନି | କୁନ୍ଦି ମାଝୀ, ସ୍ୱା: ଡୁଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୪ | ୦.୨୫ | ୦.୦୨ | ଘରବାରି | |
| ୯ | ୭୭ | ୦.୪୦ | ୦.୧୫ | ଶାରଦ ଏକ | କୁନି ମାଝୀ, ପି: ଚୁରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୭୫ | ୦.୦୧ | ୦.୦୧ | ଶାରଦ ଦୁଇ | |
| ୧୧ | ୧୮୫ | ୦.୦୭ | ୦.୦୩ | ଶାରଦ ଦୁଇ | ଗୋବର୍ଦ୍ଧନ ଦାସ, ଗୌର ଗୋପାଳ ଦାସ, ରମେଶ ଚନ୍ଦ୍ର ଦାସ, ରଘୁନାଥ ଦାସ, ପି: ହର ଗୋପାଳ ଦାସ, ସୀତାମଣି ଦାସ, ସ୍ୱା: ହର ଗୋପାଳ ଦାସ, ଗେହ୍ଲୀମଣି ଦାସ, ସ୍ୱା: ରାମଚନ୍ଦ୍ର ଦାସ, ଜା: ଗୌଡୀୟ ବୈଷ୍ଣବ, ବା: ନିଜଗାଁ |
| ୧୩ | ୭୩ | ୦.୨୬ | ୦.୦୬ | ଶାରଦ ଏକ | ଗୋବିନ୍ଦ ଜେନା, ପି: ହର ପ୍ରସାଦ ଜେନା, ଜା: ରାହୁ, ବା: କାହ୍ନୁପୁର |
| | ୭୪ | ୦.୧୬ | ୦.୧୬ | ଶାରଦ ଏକ | |
| | ୧୪୧ | ୦.୬୦ | ୦.୨୫ | ଶାରଦ ଦୁଇ | |
| ୧୪ | ୧୭୮ | ୦.୩୬ | ୦.୦୧ | ଶାରଦ ଏକ | ଚକ୍ରଧର ରାଉତ, ପି: କୃଷ୍ଣ ପ୍ରସାଦ ରାଉତ, ଜା: ଖଣ୍ଡାୟତ, ବା: ଉସଲେପୁର |
| | ୧୩୭ | ୦.୨୧ | ୦.୧୩ | ଶାରଦ ଦୁଇ | |
| ୧୫ | ୨୧ | ୦.୭୦ | ୦.୦୧ | ଶାରଦ ଏକ | ଚନ୍ଦ୍ର ମୋହନ ସାହୁ, ପି: ଦୀନବନ୍ଧୁ ସାହୁ, ଜା: ଗୁଡିଆ, ବା: ଶାଳବଣି, ଜି: ବାଲେଶ୍ୱର |
| | ୪୦ | ୨.୧୪ | ୦.୦୫ | ଶାରଦ ଏକ | |
| ୧୯ | ୨୦୨ | ୦.୦୮ | ୦.୦୫ | ଶାରଦ ଦୁଇ | ନରେନ୍ଦ୍ର ନାଥ ଚନ୍ଦ, ଦେବେନ୍ଦ୍ରନାଥ ଚନ୍ଦ୍ର, ପି: ପୂର୍ଣ୍ଣଚନ୍ଦ୍ର ଚନ୍ଦ, ଜା: ରାହୁ, ବା: ନିଜଗାଁ |
| ୨୦ | ୭୧ | ୦.୦୯ | ୦.୦୨ | ଶାରଦ ଏକ | ନାରାୟଣ ଜେନା, ପି: ଅନାଦି ଜେନା, ଜା: ରାହୁ, ବା: କାହ୍ନୁପୁର |
| | ୧୨୫ | ୦.୫୪ | ୦.୦୬ | ଶାରଦ ଏକ | |
| | ୧୪୦ | ୦.୧୦ | ୦.୧୦ | ଶାରଦ ଦୁଇ | |
| | ୧୪୨ | ୦.୨୦ | ୦.୦୧ | ଶାରଦ ଦୁଇ | |
| ୨୩ | ୨୩୩ | ୦.୩୬ | ୦.୧୦ | ଶାରଦ ତିନି | ପଦ୍ମ ଲୋଚନ ଜେନା, ପ୍ରସନ୍ନ କୁମାର ଜେନା, ସୁଦର୍ଶନ ଜେନା, ପି: ନାରାୟଣ ଜେନା, ଜା: ରାହୁ, ବା: କାହ୍ନୁପୁର |
| ୨୫ | ୧୩୯ | ୦.୨୮ | ୦.୨୨ | ଶାରଦ ଦୁଇ | ପ୍ରଫୁଲ୍ଲ କୁମାର ମହାପାତ୍ର, ପି: କାଳିଚରଣ ମହାପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୮୦ | ୦.୨୯ | ୦.୨୧ | ଘରବାରି | |
| | ୮୧ | ୦.୦୫ | ୦.୦୫ | ଘରବାରି | |
| ୨୮ | ୧୯୫ | ୦.୭୩ | ୦.୧୧ | ଶାରଦ ଦୁଇ | ପୁରୁନ୍ଦର ଜେନା, ପି: ସହଦେବ ଜେନା, ଜା: ରାହୁ, ବା: ପୂର୍ଣ୍ଣଚନ୍ଦ୍ରପୁର |
| ୩୨ | ୧୨ | ୦.୫୪ | ୦.୪୨ | ଶାରଦ ଏକ | ପୂର୍ଣ୍ଣ ଚନ୍ଦ୍ର ସିଂ, ପି: ବୈଦା ସିଂ, ଜା: ଭୂମିଜ, ବା: କାନପୁର |
| ୩୪ | ୧୩ | ୦.୧୧ | ୦.୦୬ | ଶାରଦ ଏକ | ମନ୍ଦ ସାହୁ, ସ୍ୱା: ରାମହରି ସାହୁ, ଜା: କୁବେର, ବା: ଶାଳବଣୀ, ଜି: ବାଲେଶ୍ୱର |
| ୩୭ | ୮୨ | ୦.୦୨ | ୦.୦୨ | ଘରବାରି | ରତି ମାଝୀ, ପି: ବୋକା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୮ | ୧୮୦ | ୦.୧୪ | ୦.୦୪ | ଶାରଦ ଏକ | ରମା ଭଦ୍ର, ସ୍ୱା : ତ୍ରିଲୋଚନ ଭଦ୍ର, ସୁଲୋଚନା ଭଦ୍ର, ସୁଭଦ୍ରା ଭଦ୍ର, ବାସନ୍ତି ଭଦ୍ର, ଜୟନ୍ତୀ ଭଦ୍ର, ପି: ତ୍ରିଲୋଚନ ଭଦ୍ର, ଶ୍ରୀହରି ଭଦ୍ର, ପି: ବରଜୁ ଭଦ୍ର, ଲକ୍ଷ୍ମଣ ଭଦ୍ର, ଭରତ ଭଦ୍ର, ସୁମତୀ ଭଦ୍ର, ଭାନୁମତୀ ଭଦ୍ର, ପି: କଟି ଭଦ୍ର, ପାର୍ବତୀ ଭଦ୍ର, ସ୍ୱା: କଟି ଭଦ୍ର, ଜା: ରାହୁ, ବା: ନିଜଗାଁ |
| | ୨୧୯ | ୦.୦୫ | ୦.୦୩ | ଶାରଦ ଦୁଇ | |
| | ୨୨୧ | ୦.୦୪ | ୦.୦୪ | ଶାରଦ ଦୁଇ | |
| ୪୦ | ୨୨୪ | ୦.୦୬ | ୦.୦୨ | ଶାରଦ ଦୁଇ | ରମାକାନ୍ତ ଭଞ୍ଜ, ପି: କପିଳ ଭଞ୍ଜ, ସୁଭଦ୍ରା ଭଞ୍ଜ, ପି: ନରେନ୍ଦ୍ର ଭଞ୍ଜ, ଜା: ରହୁ, ବା: ନିଜଗାଁ |
| | ୨୦୧ | ୦.୧୨ | ୦.୧୨ | ଶାରଦ ଦୁଇ | |
| ୪୩ | ୪୨/୩୨୦ | ୦.୭୮ | ୦.୨୧ | ଶାରଦ ଏକ | ରାଧାଶ୍ୟାମ ଦାସ, ଘନଶ୍ୟାମ ଦାସ, ପି: ଗୋବର୍ଦ୍ଧନ ଦାସ, ଗୌର ଗୋପାଳ ଦାସ, ରମେଶ ଚନ୍ଦ୍ର ଦାସ, ରଘୁନାଥ ଦାସ, ପି: ହର ଗୋପାଳ ଦାସ, ଜା: ବୈଷ୍ଣବ, ବା: ନିଜଗାଁ |
| ୪୬ | ୭୬ | ୦.୧୦ | ୦.୧୦ | ଶାରଦ ତିନି | ରାମ ମାଝୀ, ରତି ମାଝୀ, ପି: ବୁକା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୩ | ୦.୩୨ | ୦.୦୮ | ଘରବାରି | |
| ୫୧ | ୧୯୬ | ୦.୦୪ | ୦.୦୪ | ଶାରଦ ଦୁଇ | ଶ୍ୟାମ ସୁନ୍ଦର ଭଞ୍ଜ, ଦାମୋଦର ଭଞ୍ଜ, ପି: ଚନ୍ଦ୍ର ମୋହନ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୨୨୨ | ୦.୦୪ | ୦.୦୪ | ଶାରଦ ଦୁଇ | |
| | ୨୨୩ | ୦.୦୫ | ୦.୦୫ | ଶାରଦ ଦୁଇ | |
| | ୧୯୯ | ୦.୦୮ | ୦.୦୮ | ଜଳାଶୟ ଦୁଇ | |
| ୫୨ | ୨୨୦ | ୦.୧୨ | ୦.୧୨ | ଶାରଦ ଦୁଇ | ଶ୍ୟାମ ସୁନ୍ଦର ଭଞ୍ଜ, ଦାମୋଦର ଭଞ୍ଜ, ପି: ଚନ୍ଦ୍ର ମୋହନ ଭଞ୍ଜ, ରମାକାନ୍ତ ଭଞ୍ଜ, ପି: କପିଳ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| ୫୪ | ୨୩୨ | ୦.୪୯ | ୦.୨୩ | ଶାରଦ ତିନି | ଶ୍ୟାମାନନ୍ଦ ମହାନ୍ତି, ରଶିକାନନ୍ଦ ମହାନ୍ତି, ପି: ଅନନ୍ତ ଚରଣ ମହାନ୍ତି, ଜା: ଖଣ୍ଡାୟତ, ବା: କାହ୍ନୁପୁର |
| ୫୫ | ୧୮୧ | ୦.୧୨ | ୦.୦୬ | ଶାରଦ ଏକ | ଶ୍ରୀକାନ୍ତ ଗିରୀ, ପି: ସମନାଥ ଗିରୀ, ଜା ରାହୁ, ବା: ନିଜଗାଁ |
| | ୧୮୨ | ୦.୦୯ | ୦.୦୯ | ଶାରଦ ଏକ | |
| | ୧୮୩ | ୦.୦୭ | ୦.୦୭ | ଜଳାଶୟ ଦୁଇ | |
| | ୧୮୪ | ୦.୦୩ | ୦.୦୩ | ଜଳାଶୟ ଦୁଇ | |
| | ୧୯୮ | ୦.୧୦ | ୦.୧୦ | ଜଳାଶୟ ଦୁଇ | |
| ୬୧ | ୨୨୫ | ୦.୦୩ | ୦.୦୧ | ଶାରଦ ଦୁଇ | ହରେକୃଷ୍ଣ ଭଞ୍ଜ, ପି: ହିରୁ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୨୦୦ | ୦.୧୬ | ୦.୧୨ | ଶାରଦ ଦୁଇ | |
| ୬୨/୨ | ୧୨/୩୩୬ | ୦.୧୮ | ୦.୧୫ | ଶାରଦ ଏକ | କଟି ସିଂ, ପି: ଜୀବାଙ୍ଗ ସିଂ, ଜା: ଭୂମିଜ, ବା: କାହ୍ନୁପୁର |
| ୬୨/୯ | ୧୩୨ | ୦.୧୧ | ୦.୦୩ | ଶାରଦ ଦୁଇ | ଫାଗୁ ସରେନ, ପି: କାହ୍ନୁନ ସରେନ, ଜା: ସାନ୍ତାଳ, ବା: ଧାନଶୁଳ |
| | ୧୩୪ | ୦.୦୮ | ୦.୦୫ | ଶାରଦ ଦୁଇ | |
| | ୧୩୫ | ୦.୨୬ | ୦.୨୦ | ଶାରଦ ଦୁଇ | |
| ୬୨/୨୧ | ୧୯୪ | ୦.୪୧ | ୦.୦୨ | ଶାରଦ ଦୁଇ | ଧନଞ୍ଜୟ ଭଞ୍ଜ, ପି: ଦାମୋଦର ଭଞ୍ଜ, ଦିବ୍ୟସିଂହ ଭଞ୍ଜ, ପି- ସଦାଶିବ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୧୯୭ | ୦.୦୪ | ୦.୦୪ | ଜଳାଶୟ ଦୁଇ | |
| ୬୨/୨୫ | ୨୩୦ | ୦.୧୦ | ୦.୧୦ | ଶାରଦ ଦୁଇ | ଲୁସକୁ ହାଁସଦା, ସୁକୁଲ ହାଁସଦା, ପି: କାନ୍ଦନ ହାସନା, ଜା: ସାନ୍ତାଳ, ବା: ରଙ୍ଗାମାଟିଆ |
| ମୋଟ | ୫୩ ପ୍ଲଟକୁ | ଏ.୧୨.୮୯ ଡେ.ମି. | ଏ.୪.୬୫ ଡେ.ମ. | | 24001/14/0354/1819 |







ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେବାପାଇଁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିବା ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭରମୋର, ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପୀ ଶଙ୍କର ମଦୁରାଇ, 'ଦି ଧୋନୀ ଟଚ୍' ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ ଏବଂ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ । (ଫଟୋ: ବିକାଶ ନାୟକ)

# ଭାରତ ସେମିଫାଇନାଲରେ ପରାସ୍ତ

କାଠମାଣ୍ଡୁ, ୧।୧୧ (ପି.ଟି.)

ଏଠାରେ ଚାଲିଥିବା ୧୫ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଗତଥରର ଚାମ୍ପିୟନ ଭାରତ ସେମିଫାଇନାଲରୁ ବିଦାୟ ନେଇଛି । ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ହର୍ଷ ପାତ୍ରେ ୧୭ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ । ମାତ୍ର ୯୩ତମ ମିନିଟ୍‌ରେ ଅଖିଲ ରହମାନ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ । ନିର୍ଦ୍ଧାରିତ ସମୟ ଖେଳ ଡ୍ର' ରହିବାରୁ ପେନାଲଟିର ସହାୟତା ନିଆଯାଇଥିଲା । ଏଥିରେ ବାଂଲାଦେଶ ୪-୨ ଗୋଲରେ ବିଜୟ ଲାଭ କରିଥିଲା । କୋଚ୍ ଶୁଭେନ୍ଦୁ ପଣ୍ଡାଙ୍କ ସୂଚନା ଅନୁସାରେ ଭାରତ ଶନିବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବ ।

# ପ୍ରଥମ ଟି୨୦ ଜିତିଲା ପାକିସ୍ତାନ

ଆବୁଧାବୀ, ୧।୧୧ (ଏଏଫ୍‌ପି)



ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ପାକିସ୍ତାନ ଦଳ ୨ ରନ୍‌ରେ ଜିତି ନେଇଛି । ଭ୍ରମଣକାରୀ ଦଳକୁ ମ୍ୟାଚ୍‌କୁ ଟାଇ କରିବା ଲାଗି ଶେଷ ବଲରେ ଛକାର ଆବଶ୍ୟକତା ଥିଲା । ମାତ୍ର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଚୌକା ମାରିବାକୁ ସକ୍ଷମ ହୋଇଥିଲେ । ଏହା ପାକିସ୍ତାନ ଦଳର କ୍ରମାଗତ ୭ମ ବିଜୟ ଏବଂ ଚଳିତ ବର୍ଷ ଖେଳାଯାଇଥିବା ମୋଟ ୧୭ ଟି୨୦ ମଧ୍ୟରୁ ୧୫ତମ ବିଜୟ । ଏହି ବିଜୟ ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି । ୧୪୯ ରନ୍‌ର ଲକ୍ଷ୍ୟ ନେଇ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ପାଇଁ ଓପନର କଲିନ ମୁନ୍‌ରୋ ୪୨ ବଲରୁ ବିସ୍ଫୋରକ ୫୮ ରନ୍ କରିଥିଲେ । ତାଙ୍କ ଇନିଂସ୍‌ରେ ୩ ଛକା ଓ ୬ ଚୌକା ସାମିଲ ଥିଲା । ମୁନ୍‌ରୋଙ୍କ ବ୍ୟତୀତ କେବଳ ଟେଲର ହିଁ ଦଳର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ । ସେ ୨୬ ବଲରୁ ୪୨ ରନ୍ କରି ଅପରାଜିତ ଥିଲେ । ଅନ୍ତିମ ବଲରେ ଚୌକା ମାରିବା ସତ୍ତ୍ୱେ ଦଳକୁ ବିଜୟୀ କରାଇପାରି ନ ଥିଲେ । ଫଳରେ ଦଳ ୬ ଉଇକେଟ ହରାଇ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ଆୟୋଜକ ଦଳ ପକ୍ଷରୁ ହାସନ ଅଲି ସର୍ବାଧିକ ୩ ଉଇକେଟ ନେଇଥିଲେ । ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ୍ କରିଥିଲା । ଦଳ ପକ୍ଷରୁ ମହମ୍ମଦ ହାଫିଜ ସର୍ବାଧିକ ୪୫ ରନ୍ କରିଥିବାବେଳେ ଅଧିନାୟକ ସରଫ୍ରାଜ ଅହମ୍ମଦ ୩୪ ରନ୍ କରିଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ଆଡାମ ମିଲନେ ୨ ଉଇକେଟ ନେଇଥିଲେ ।

# 'ସିଓଲ ଘଟଣାକୁ ନେଇ ଅନୁଶୋଚନା ନାହିଁ'



ଭୁବନେଶ୍ୱର, ୧।୧୧ (ରଞ୍ଜନ ରାୟ)

ଏସିଆର ପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଶୁକ୍ରବାର ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି । ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନେ ଏହି ଉତ୍ସବରେ ଯୋଗଦେବେ । ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି କାନାଡାର କିମ୍ବଦନ୍ତୀ ଧାବକ ବେନ୍ ଜନ୍‌ସନ୍ । ଗୁରୁବାର ଅପରାହ୍ନରେ କଳିଙ୍ଗ ଆଥଲେଟିକ ଷ୍ଟାଡିୟମ ପରିଦର୍ଶନ କରିବା ବେଳେ ଜନସନ ଓଡ଼ିଆ ଧାବକ ଅମିୟ ମଲିକଙ୍କ ସହ କିଛି ସମୟ ବାର୍ତ୍ତାଳାପ କରି ତାଙ୍କୁ ବହୁମୂଲ୍ୟ ଟିପ୍ସ ଦେଇଥିଲେ । ୧୯୮୮ ସିଓଲ ଅଲିମ୍ପିକ୍ସରେ ସେ ୧୦୦ମି. ଦୌଡରେ ୯.୭୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ । ତେବେ ଦୁଇ ଦିନ ପରେ ନିଷିଦ୍ଧ ଷ୍ଟାନୋଜୋଲୋଲ ସେବନ ଅଭିଯୋଗରେ ତାଙ୍କଠାରୁ ସ୍ୱର୍ଣ୍ଣ ପଦକ କାଢି ନିଆଯାଇଥିଲା । ଏ ନେଇ ଜନସନଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର... ।

**ପ୍ର:** ସିଓଲ ଅଲିମ୍ପିକ୍ସରେ ଆପଣଙ୍କ ପ୍ରଦର୍ଶନ ଓ ପରବର୍ତ୍ତୀ ଘଟଣାକୁ ନେଇ ସେତେବେଳେ ବେଶ୍ ଚର୍ଚ୍ଚା ହୋଇଥିଲା । ଏହା ମଧ୍ୟ ଐତିହାସିକ ଥିଲା । ଏହାକୁ ନେଇ କିଛି ଅନୁଶୋଚନା ରହିଛି ?

**ଜନସନ:** ନା' ମୋର କୌଣସି ଅନୁଶୋଚନା ନାହିଁ । ତାହା ମୋର ଭାଗ୍ୟ ଥିଲା । ତେଣୁ ଭାଗ୍ୟରେ ଯାହା ଥିଲା ତାହା ହେଲା । ଭଗବାନଙ୍କ ଇଚ୍ଛାରେ ସବୁ ହେଉଛି । ତେଣୁ ତାହାକୁ ମୁଁ ପରିବର୍ତ୍ତନ କରିପାରିବି ନାହିଁ । ସେ ନେଇ ଅଧିକ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଏହା ହେଲେ ଆଗକୁ ବଢିପାରିବି ନାହିଁ ।

**ପ୍ର:** ଆପଣଙ୍କ ପ୍ରତି କେବେ ଅନ୍ୟାୟ ହୋଇଛି କିମ୍ବା ଅନୀତିର ଶିକାର ହୋଇଛନ୍ତି ?

**ଜନ୍‌ସନ୍:** ହଁ, କ୍ୟାରିୟରରେ ଏକଦା ଅନ୍ୟାୟର ଶିକାର ହୋଇଥିଲି । ବହୁ ବର୍ଷ ତଳେ ଏପରି ହୋଇଥିଲା । କିନ୍ତୁ ଭଗବାନଙ୍କ ଉପରେ ମୋର ଯଥେଷ୍ଟ ଭରସା ରହିଛି । କିନ୍ତୁ ଜଣେ ଆଥଲେଟ ଓ ବ୍ୟକ୍ତିବିଶେଷଙ୍କୁ ଏହାକୁ ପଛରେ ପକାଇ ଆଗକୁ ବଢିବାକୁ ହେବ ।

**ପ୍ର:** ଆପଣଙ୍କ ଜୀବନ ତଥା କ୍ୟାରିୟରର ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କ'ଣ ?

**ଜନ୍‌ସନ୍:** ବଞ୍ଚିବା ଓ ବଞ୍ଚିବାକୁ ପ୍ରୟାସ ଜାରି ରଖିବା ହେଉଛି ମୋ ଜୀବନର ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ । ଏଥିରେ ମୁଁ ସଫଳ ହେବାକୁ ସବୁବେଳେ ଚେଷ୍ଟା ଜାରି ରଖିଛି । କ୍ରୀଡ଼ା ଜୀବନରେ ଏକାଧିକ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଛି, ଯାହାକୁ ମୁଁ ଗ୍ରହଣ କରିଛି । ଏଥିରେ ସଫଳତା ହାସଲ କରିବା ସହ କେତେକାଂଶରେ ବିଫଳତାର ମଧ୍ୟ ସମ୍ମୁଖୀନ ହୋଇଛି ।

**ପ୍ର:** ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭାରତର ଭବିଷ୍ୟତ କ'ଣ ?

**ଜନ୍‌ସନ୍:** ଟ୍ରାକ ଆଣ୍ଡ ଫିଲ୍ଡରେ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବାକୁ ହେଲେ ବହୁତ କିଛି କରିବାକୁ ହେବ । ଭାରତରେ କ୍ରୀଡ଼ା ସଂସ୍କୃତିକୁ ଆହୁରି ବ୍ୟାପକ କରିବାକୁ ହେବ । ଏଥିପାଇଁ ତୃଣମୂଳରୁ ଉପରସ୍ତର ପର୍ଯ୍ୟନ୍ତ ସଂସ୍କାର ଆଣିବାକୁ ହେବ । ଟ୍ରାକ ଆଣ୍ଡ ଫିଲ୍ଡ ଅନ୍ୟ କ୍ରୀଡ଼ା ତୁଳନାରେ ଅଧିକ ଚ୍ୟାଲେଞ୍ଜିଂ ଓ କଷ୍ଟକର ହୋଇଥାଏ । ଏଥିପାଇଁ କେବଳ ଶାରୀରିକ ସ୍ତରରେ ନୁହଁ, ମାନସିକ ଭାବେ ଦୃଢ ରହିବାକୁ ହେବ । ପ୍ରତିଭା ଚିହ୍ନଟ ଓ ବିକାଶରେ କ୍ରୀଡ଼ା ପ୍ରଶାସନକୁ ଆହୁରି ବହୁତ ବାଟ ଯିବାକୁ ହେବ । ଏଥିପାଇଁ ଫଣ୍ଡିଂର ଆବଶ୍ୟକତା ରହିଛି । ଏଥିପାଇଁ ଭଲ କୋଚିଂ, ଖାଦ୍ୟ, ଅଭିଜ୍ଞତା, ଜ୍ଞାନ ଆହରଣର ଆବଶ୍ୟକତା ରହିଛି । ଏସବୁ ହୋଇପାରିଲେ ଟ୍ରାକ ଆଣ୍ଡ ଫିଲ୍ଡରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ।

**ପ୍ର:** ଡୋପିଂରେ ୱାଡାର ଦଣ୍ଡ ବିଧାନ ନେଇ ରାଜନୀତି ହେଉଛି କି ?

**ଜନ୍‌ସନ୍:** ଆଜିକାଲି ସବୁ କ୍ରୀଡ଼ାରେ ରାଜନୀତି ହେଉଛି । ତେଣୁ ଏଥିରେ ମଧ୍ୟ ରାଜନୀତି ରହିଥିବ । ଏହାକୁ ଅସ୍ୱୀକାର କରାଯାଇ ନ ପାରେ । ମୁଁ ଅବଶ୍ୟ ରାଜନୀତିକୁ ପସନ୍ଦ କରେନା ।

**ପ୍ର:** ଆପଣ ଏବେ ମଧ୍ୟ ପ୍ରାକ୍ଟିସ୍ କରୁଛନ୍ତି ?

**ଜନ୍‌ସନ୍:** ଟରଣ୍ଟୋରେ ମୁଁ କୋଚିଂ ଦେବା ଜାରି ରଖିଛି । ଅତୀତର ବିବାଦ ମୋତେ ପ୍ରଭାବିତ କରିବନି । ମୁଁ ଯେତେବେଳେ ଯାହାକୁ କୋଚିଂ ଦେବାକୁ ଚାହିଁବି ଦେଇପାରିବି । ମୋତେ କେହି ରୋକିପାରିବେନି । ମୁଁ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହେଁ । କ୍ରୀଡ଼ାରେ ଲୋକେ ଉନ୍ନତି କରନ୍ତୁ ଓ ଏଥିରେ କ୍ୟାରିୟର ଗଢି ସଫଳ ହୁଅନ୍ତୁ ବୋଲି ମୁଁ ଚାହେଁ ।

**ପ୍ର:** ଏବେ ବିଶ୍ୱର ଶ୍ରେଷ୍ଠ ଧାବକ କିଏ ?

**ଜନ୍‌ସନ:** ଏବେ ବିଶ୍ୱ ଶ୍ରେଷ୍ଠ ଧାବକ ହେଉଛନ୍ତି ବେନ୍ ଜନସନ (ମଜାରେ) ।

**ପ୍ର:** ୧୦୦ ମିଟର ଦୌଡରେ ଉସେନ ବୋଲ୍ଟଙ୍କ ୯.୫୮ ସେକେଣ୍ଡ ରେକର୍ଡ ବଳବତ୍ତର ରହିଛି । ଏବେ କୌଣସି ଧାବକ ୧୦୦ମି. ଦୌଡରେ ୯.୬୦ ସେକେଣ୍ଡରୁ କମ୍ ନେବେ ବୋଲି ଭାବୁଛନ୍ତି କି ? ଆପଣ ଏଭଳି ସଫଳତା ପାଇପାରିଥାନ୍ତେ ବୋଲି ଭାବୁଛନ୍ତି କି ?

**ଜନ୍‌ସନ୍:** ଗତ ୩୦ ବର୍ଷ ମଧ୍ୟରେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ବହୁତ ପରିବର୍ତ୍ତନ ହୋଇଛି । ଟ୍ରାକ୍ ପ୍ରସ୍ତୁତି ଓ ଟେକ୍‌ନୋଲୋଜିରେ ମଧ୍ୟ ପରିବର୍ତ୍ତନ ହୋଇଛି । ଏବେକାର ପରିସ୍ଥିତି ସହିତ ପୂର୍ବର ସ୍ଥିତିକୁ ତୁଳନା କରିବା ଠିକ୍ ନୁହେଁ । ତେବେ କୌଣସି ରେକର୍ଡ ସବୁଦିନ ସ୍ଥାୟୀ ରହିବ ନାହିଁ ।

**ପ୍ର:** ଆପଣଙ୍କ ମତରେ ସର୍ବକାଳୀନ ଶ୍ରେଷ୍ଠ ତଥା ଫେଭରାଇଟ୍ ଧାବକ କିଏ ?

**ଜନ୍‌ସନ୍:** ଜାମାଇକାର ଡୋନାଲ୍ଡ କ୍ୱାରି ହେଉଛନ୍ତି ମୋର ସବୁଠାରୁ ଫେଭରାଇଟ୍ ସ୍ପ୍ରିଣ୍ଟର ।

**ପ୍ର:** କ୍ରୀଡ଼ାକୁ ନିଶାମୁକ୍ତ କରିବାକୁ ୱାଡା ଜାରି ରଖିଥିବା ପ୍ରୟାସ ସଫଳ ହେଉଛି କି? ପୂର୍ବାପେକ୍ଷା ଏବେକାର ଆଥଲେଟମାନେ ଅଧିକ ସ୍ୱଚ୍ଛ ଡୋପ୍‌ମୁକ୍ତ କି ?

**ଜନ୍‌ସନ୍:** ଏ ସଂକ୍ରାନ୍ତରେ ମୋ ପାଖରେ ସେତେଟା ସୂଚନା ନାହିଁ । ତେଣୁ ମୁଁ ଏ ନେଇ ବେଶି କିଛି କହିପାରିବିନି ।

# ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ଓଡ଼ିଶାର ବୃହତ୍ ବିଜୟ

ଭୁବନେଶ୍ୱର, ୧।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଅଷ୍ଟ୍ରେଲିଆର ନ୍ୟୁ-ସାଉଥ୍ ୱେଲ୍ସ ବିପକ୍ଷରେ ଅନୁଷ୍ଠିତ ଦ୍ୱିପାକ୍ଷିକ ହକି ସିରିଜର ପ୍ରଥମ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବୃହତ୍ ବିଜୟ ହାସଲ କରିଛି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଅନ୍ତର୍ଜାତୀୟମାନର ମ୍ୟାଚ୍‌ରେ ଓଡ଼ିଶା ୫-୧ ଗୋଲରେ ଭ୍ରମଣକାରୀ ନ୍ୟୁ-ସାଉଥ୍ ୱେଲ୍ସକୁ ପରାସ୍ତ କରିଛି । ଓଡ଼ିଶା ପକ୍ଷରୁ ଶିଳାନନ୍ଦ ଲାକ୍ରା ଡବଲ ଗୋଲସ୍କୋର କରିଥିବାବେଳେ ଅଧିନାୟକ ଅମିତ୍ ରୋହିଦାସ, ମନୀପ୍ କେର୍କେଟା ଓ ପ୍ରସନ୍ନ ତିର୍କୀ ଗୋଟିଏ ଲେଖାଏ ବଲ୍ ପ୍ରତିପକ୍ଷ ନେଟ୍ ମଧ୍ୟକୁ ପଠାଇଥିଲେ । ଉନ୍ନତ ପ୍ରଦର୍ଶନ ଲାଗି ଅମିତ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ । ବିଜୟ ସହ ଓଡ଼ିଶା ଦଳ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି । ସିରିଜର ୨ୟ ମ୍ୟାଚ୍ ରବିବାର ରାଉରକେଲାରେ ଖେଳାଯିବ ।

**ଆହୁରି ଉନ୍ନତ ପ୍ରଦର୍ଶନ କରିବୁ: ରୋହିଦାସ**

ମ୍ୟାଚ୍‌ରେ ଆମ ଖେଳାଳିମାନେ ଆଶାନୁଯାୟୀ ପ୍ରଦର୍ଶନ କରିଛନ୍ତି । ତେବେ ଶେଷଭାଗରେ ଆମେ କେତୋଟି ସୁଯୋଗ ହାତଛଡ଼ା କରିଥିଲୁ । ରାଉରକେଲାରେ ହେବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ଏହି ତ୍ରୁଟି ସୁଧାରି ଆହୁରି ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିବା ରୋହିଦାସ ଖେଳ ଶେଷରେ କହିଛନ୍ତି । ମ୍ୟାଚ୍‌ରେ ମୁଖ୍ୟଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଅମିତ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

**ପେନାଲ୍ଟି ମିସ୍ କଲେ କ୍ରୀଡ଼ାମନ୍ତ୍ରୀ**



ଓଡ଼ିଶା ଓ ନ୍ୟୁ ସାଉଥ୍ ୱେଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷରେ ଉପସ୍ଥିତ ଅତିଥି ତଥା କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଭାରତର ଦୁଇ କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲ୍ଲେ ଓ ଦିଲୀପ୍ ତିର୍କୀ ଏବଂ କାନାଡାର ଅଲିମ୍ପିକ୍ ପଦକ ବିଜେତା ଆଥ୍‌ଲେଟ୍ ବେନ୍ ଜନସନ ପଡ଼ିଆ ମଧ୍ୟକୁ ଯାଇ ପେନାଲ୍ଟି ଶୁଟ୍ ଆଉଟ୍ ଶର୍ଟ ମାରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ହକି ବିଶ୍ୱକପ୍‌ର ମାସ୍କଟ ଓଲି ଗୋଲକିପର ଦାୟିତ୍ୱ ତୁଲାଇଥିବାବେଳେ ପ୍ରତ୍ୟେକଙ୍କୁ ୨ଟି ଲେଖାଏ ଶର୍ଟ ମାରିବାର ସୁଯୋଗ ମିଳିଥିଲା । ପ୍ରଥମେ ପାଳି କ୍ରୀଡ଼ାମନ୍ତ୍ରୀଙ୍କ ପଡ଼ିଥିଲା । ତେବେ ସେ ୨ଟି ଯାକ ଶର୍ଟ ମିସ୍ କରିଥିଲେ । ଏହାପରେ ଧନରାଜ ପିଲ୍ଲେ ଓ ବେନ୍ ଜନସନ ମିଳିଥିବା ୨ଟି ଲେଖାଏ ଶର୍ଟକୁ ସଫଳତାର ସହ ଗୋଲ କରିଥିବାବେଳେ ଦିଲୀପ ତିର୍କୀ ଗୋଟିଏ ମିସ୍ ଓ ଗୋଟିଏ ଗୋଲ କରିଥିଲେ ।


ଧରିତ୍ରୀ DHARITRI
Quiz No. 19
Puja Quiz- 2018
Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. କେଉଁ ମହାନ୍ ବ୍ୟକ୍ତି 'ଗୁରୁଦେବ' ଓ 'ବିଶ୍ୱକବି' ଉପାଧି ପାଇଥିଲେ ?
କ. ବିବେକାନନ୍ଦ ☐ ଖ. ଆଚାର୍ଯ୍ୟ ହରିହର ☐ ଗ. ରବୀନ୍ଦ୍ର ନାଥ ଠାକୁର ☐ ଘ. କେଉଁଟି ନୁହେଁ ☐
୨. ଭାରତର ସର୍ବପ୍ରାଚୀନ ପେଟ୍ରୋଲ ବିଶୋଧନ କାରଖାନା କେଉଁଠାରେ ?
କ. ଦିଗ୍‌ବୋଇ ☐ ଖ. କୋୟାଲି ☐ ଗ. ହଳଦିଆ ☐ ଘ. କେଉଁଟି ନୁହେଁ ☐
୩. ଆନ୍ଥ୍ରାକ୍ସ ରୋଗ ସୃଷ୍ଟିକାରୀ ବୀଜାଣୁ କିଏ ଆବିଷ୍କାର କରିଥିଲେ ?
କ. ବାପ୍‌ଟିଷ୍ଟ ଡେନିସ୍ ☐ ଖ. ରବର୍ଟ କୋଚ୍ ☐ ଗ. ଯୋହାନ୍ ମେଣ୍ଡଲ ☐ ଘ. କେଉଁଟି ନୁହେଁ ☐
୪. ଇଣ୍ଡିଆନ ନ୍ୟାସ୍‌ନାଲ୍ ଆର୍ମି (ଆଇଏନ୍‌ଏ) ପ୍ରଥମେ କେଉଁଠାରୁ କାର୍ଯ୍ୟ ଆରମ୍ଭ କରିଥିଲା ?
କ. ସିଙ୍ଗାପୁର ☐ ଖ. ହଂକଂ ☐ ଗ. କୋଲକାତା ☐ ଘ. କେଉଁଟି ନୁହେଁ ☐
୫. ରଞ୍ଜନ ରଶ୍ମି (ଏକ୍ସ-ରେ) କେଉଁ ପ୍ରକାର ରଶ୍ମି ?
କ. ଆଲ୍‌ଫା ☐ ଖ. ବିଟା ☐ ଗ. ବିଦ୍ୟୁତ୍ ଚୁମ୍ବକୀୟ ☐ ଘ. କେଉଁଟି ନୁହେଁ ☐

Participant's Name:..........
Address:..........
..........
Education ..........
Mobile.......... Age:..........
E-mail:..........

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 19
B-15, Industrial Estate, Rasulgarh, Bhubaneswar-10







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ


MARUTI SUZUKI
NEXA
CREATE BRIGHTER EXPRESSIONS OF CELEBRATION.
Wishing you a very Happy Diwali.
CREATE. INSPIRE.
*T&C apply.
GET EXCITING EXCHANGE AND CORPORATE OFFERS*.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR
NEXA Twin City (SKY AUTOMOBILES) Ph: 9776497764/7064400101
NEXA Raj Bhavan Road (NARAYANI MOTORS) Ph: 7381000102
NEXA Cyber City (JYOTE MOTORS) Ph: 8338033884
CUTTACK
NEXA Stadium Rd (JYOTE MOTORS) Ph: 8338033889
BALASORE
NEXA Balasore Highway (JYOTE MOTORS) Ph: 8338033994
SAMBALPUR
NEXA Sambalpur Highway (ODYSSEY MOTORS) Ph: 8599039994
ROURKELA
NEXA Civil Town (ORBIT MOTORS) Ph: 8337900222, 7077727977


A TATA PRODUCT
TANISHQ
PRESENTS
UTSAVA
25% ପର୍ଯ୍ୟନ୍ତ ଛାଡ଼* ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ
ରେଞ୍ଜ୍ ଆରମ୍ଭ ହେଉଛି ₹30,000 ରୁ ।
HDFC BANK
We understand your world
Up to ₹5,000 Additional Discount* on HDFC Bank Debit & Credit Cards
*Minimum transaction of ₹50,000 • Additional discount of ₹2500 on transactions below ₹1 lac. Additional discount of ₹5000 on transactions above ₹1 lac.
Offer valid from 10th Oct to 11th Nov 2018. Not valid on Gold Coins.
*T&Cs apply. Tanishq reserves the right to amend the T&Cs without any prior notice.
Shop online at www.titan.co.in/tanishq • www.tanishq.co.in • Follow us on: YouTube • Give a missed call on 1800 3010 5002 to know more.
*Conditions apply. Offer valid from 01st to 06th November 2018. Check tanishq.co.in/offers for further offer details.
ଏବେ ବାଲେଶ୍ୱରରେ ଖୋଲା – ବାଗ୍‌ବୃନ୍ଦାବନ, କଚେରୀ ରୋଡ, ବିବେକାନନ୍ଦ ମାର୍ଗ.
ଭୁବନେଶ୍ୱର – ଷ୍ଟେସନ ସ୍କୋୟାର୍ ଏବଂ ଚନ୍ଦ୍ରଶେଖରପୁର | କଟକ – କିଶୋର ହାଉସ୍, ମାତା ମଠ ପାଖରେ, କ୍ୟାଣ୍ଟନ୍‌ମେଣ୍ଟ ଛକ | ରାଉରକେଲା – କେଶର ଭବନ, ମେନ୍ ରୋଡ୍ |
ବ୍ରହ୍ମପୁର – ହନୁମାନ ବଜାର ଛକ, ବ୍ରହ୍ମପୁର ରେ | ସମ୍ବଲପୁର : ବୁଢ଼ାରଜା ରୋଡ, ଓଡ଼ିଶା | ଅନୁଗୁଳ – ପ୍ଲଟ୍ ନଂ.623, ଅମଲା ପାଡ଼ା.
ଅଧିକ ସୂଚନା ପାଇଁ ଭିଜିଟ୍ କରନ୍ତୁ: tanishq.co.in/stores • କରନ୍ତୁ: 1800 258 2598.


TVS
J. D. POWER NO.1
ପର୍ବପର୍ବାଣୀ ପାଳନ କରନ୍ତୁ, ବିଜେତାଙ୍କ ସାଥିରେ
ଚଳିତ ପାର୍ବଣରେ, ଘରକୁ ଆଣନ୍ତୁ TVS ସ୍କୁଟର ସର୍ବୋତ୍ତମ ଅଫର୍ ସାଥିରେ
ବିଶେଷ ଅଫର୍#
କମ ଡାଉନ୍ ପେମେଣ୍ଟ ₹5999/-
₹6200/- ପର୍ଯ୍ୟନ୍ତ ସଞ୍ଚୟ
0 ପ୍ରୋସେସିଙ୍ଗ୍ ଚାର୍ଜ
ସରକାରୀ କର୍ମଚାରୀଙ୍କ ପାଇଁ 100% ଋଣ
Scooty Pep+
Ex-showroom price ₹41,075/-
TVS Wego 110
With Body Balance Technology
TVS Jupiter
Most Appealing Executive Scooter J.D. Power Awards 2018
TVS NTORQ 125
India's first Bluetooth connected scooter
1ବର୍ଷ ଇନ୍‌ସୁରାନ୍ସ ମାଗଣା (OD) ₹1026/-^ ପର୍ଯ୍ୟନ୍ତ ସଞ୍ଚୟ
କେବଳ 1 ବର୍ଷର ପର୍ସନାଲ ଆକ୍ସିଡେଣ୍ଟ ବୀମା (CPA) 750/- ଟଙ୍କାରେ ପୈଠ କରନ୍ତୁ
ଶୋରୁମ୍ ପ୍ରତ୍ୟେକ ରବିବାର ଦିନ ଖୋଲା ରୁହେ ।
Paytm mall Buy & get benefits up to ₹8500/-##
ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀଙ୍କୁ ବୀମା ଉପରେ ₹1500/-# ଛାଡ଼
₹4000/-# ଏକ୍ସଚେଞ୍ଜ ବୋନସ୍
5 YEAR WARRANTY
Download TVS Service App
+ FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042.
dentsuindia/dhr sam/34/18



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ



## ସଂକ୍ଷେପରେ



### ଗଞ୍ଜେଇ ସମେତ ବାଇକ୍ ଜବତ, ଜଣେ ଗିରଫ

**ସୋନପୁର,୧।୧୧(ନି.ପ୍ର.):** ଅବକାରୀ ବିଭାଗ ପକ୍ଷରୁ କୁଞ୍ଜ ଛକଠାରେ ଚଢ଼ାଉ କରାଯାଇ ବାଇକ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ପବନ ବୋକୁଲ(୪୦)ଙ୍କୁ ଗିରଫ କରାଯାଇଛି। ବୋକୁଲଙ୍କଠାରୁ ୨କିଲୋ ଗଞ୍ଜେଇ ସମେତ ବ୍ୟବହୃତ ହିରୋ ଏଚଏଫ ଡିଲକ୍ସ ବାଇକ୍ ନଂ ଓଡି୩୧ଇ-୫୩୦୨ ଜବତ ହୋଇଛି। ଅଭିଯୁକ୍ତଙ୍କ ଘର ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ତଳମୁଖ ଗ୍ରାମରେ। ଇନ୍ସପେକ୍ଟର ଅଳକା ସୁନା, ଏସଆଇ ରମ୍ଭା ବାଗ, କନଷ୍ଟେବଳ ଭାଗ୍ୟବାନ କୁମ୍ଭାର ଓ ଡୋଲାମଣି ପଧାନ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

### ନିରାପଦ ଦୀପାବଳି ନେଇ ସଚେତନତା ବୈଠକ

**ଡୁଙ୍ଗୁରିପାଲି, ୧।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଥାନା ପରିସରରେ ନିରାପଦ ଦୀପାବଳି ପାଳନକୁ ନେଇ ଏକ ସଚେତନତା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଥାନାଧିକାରୀ ରାଜେନ୍ଦ୍ର ସମାରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣପୁର ଏସଡିପିଓ ମିହିର ପଣ୍ଡା ଓ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଭାକର ପ୍ରଧାନ ଯୋଗ ଦେଇ ଦୀପାବଳିରେ ବାଣ ଫୁଟାଇବା କଟକଣା ବିଷୟରେ ଆଲୋଚନା କରିଥିଲେ। ଦୀପାବଳିରେ ଅଧିକ ଶବ୍ଦ ଓ ପ୍ରଦୂଷଣକାରୀ ବାଣ ଫୁଟାଇବା ଉପରେ କଟକଣ ଜାରୀ ରହିବା ନିଷ୍ପତ୍ତି ନିଆଯାଇଥିବା ଆଇଆଇସି ସମାରିଆ ସୂଚନା ଦେଇଛନ୍ତି। ସର୍ବସାଧାରଣ ରାସ୍ତା ଓ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣ ଲଗାଇବା ନିଷିଦ୍ଧ କରାଯାଇଛି। ଏହି ସଭାରେ ଡୁଙ୍ଗୁରିପାଲିର ବିଭିନ୍ନ ବାଣ ଦୋକାନୀ, ଜନ ପ୍ରତିନିଧି,ସଚେତନ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଚଳିତ ବର୍ଷ ଦେବୋତ୍ତର ଜମି ରାମପୁର ରୋଡସ୍ଥିତ ପଡିଆରେ ବାଣ ବିକ୍ରି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମକୁ ସବଇନ୍ସପେକ୍ଟର ପ୍ରଦୀପ କୁମାର ପ୍ରଧାନ ସଂଯୋଜନା କରିଥିଲେ ।

### ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**କଣ୍ଟାବାଞ୍ଜି, ୧।୧୧(ଡି.ଏନ.ଏ.):** ଛତିଶଗଡର ଦନ୍ତେୱାଡାରେ ମାଓବାଦୀ ଆକ୍ରମଣରେ ନିହତ ଅଚ୍ୟୁତାନନ୍ଦ ସାହୁଙ୍କୁ ସାମ୍ବାଦିକ ସଂଘ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସ୍ଥାନୀୟ ଡାକ ବଙ୍ଗଲାରେ ସଂଘ ସଭାପତି ସୁବାଷ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ୨ମିନିଟ ନରବ ପ୍ରାର୍ଥନା କରାଯାଇଥିଲା।

# ଯାତ୍ରୀବାହୀ ବସ୍‌ରୁ ୧୦ପେଟି କଫ୍‌ସିରପ ଜବତ

**ସୋନପୁର,୧।୧୧(ନି.ପ୍ର.)**

- କଟକରୁ ରାଜ ଖରିଆରକୁ ଚାଲାଣ ହେଉଥିଲା
- ଡ୍ରାଇଭର, କଣ୍ଡକ୍ଟରଙ୍କ ସମେତ ୩ ଅଟକ



ବସ୍‌ରୁ କଫ୍‌ସିରପ ପେଟି ବାହାର କରାଯାଉଛି।

ଭୁବନେଶ୍ୱରରୁ ନୂଆପଡା ଜିଲାର ରାଜ ଖରିଆରକୁ ଯାଉଥିବା ଜୟ ମାତାଦି ନାମକ ଘରୋଇ ଯାତ୍ରୀବାହୀ ବସ୍‌ରୁ ଗୁରୁବାର ବିପୁଳ ପରିମାଣର କଫ୍‌ସିରପ ସୋନପୁର ପୋଲିସ ଜବତ କରିଛି । ନିଶା ପାଇଁ ସେବନ କରାଯାଉଥିବା ଜବତ କଫ୍‌ସିରପର ମୂଲ୍ୟ ୧ଲକ୍ଷ ୬୮ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଯାଞ୍ଚ ସମୟରେ ବସ୍ ନଂ ଓଡି୨୬ସି-୯୮୭୭ର ପଛ ପଟ ଡିକିରୁ ୫ଟି ପ୍ଲାଷ୍ଟିକ୍ ବସ୍ତାରେ ଭର୍ତ୍ତି ଥିବା ୧୦ପେଟି କଫ୍‌ସିରଫ ମିଳିଛି। ପେଟିରେ ଏସ୍‌କଫ କମ୍ପାନୀର ୧୬୦୦ବୋତଲ କଫ୍‌ସିରପ ଥିଲା। ପ୍ରତ୍ୟେକ ବୋତଲରେ ୧୦୦ମିଲିଲିଟର ଲେଖାଏଁ ସିରପ ରହିଛି। ଏହାର ଦର ୧୦୫ଟଙ୍କା ଲେଖାଥିବା ବେଳେ ବଜାରରେ ଦେଢଶହରୁ ୨୦୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଏହି ଘଟଣାରେ ପୋଲିସ ବସର ୨ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଟାଉନ ଥାନାକୁ ଆସି ଘଟଣାର ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ ଏହି ବସ୍‌ରେ ବିପୁଳ ପରିମାଣରେ ନିଷିଦ୍ଧ ଔଷଧ କଫ୍ ସିରପ ଚାଲାଣ କରାଯାଉଥିବା ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ଚନ୍ଦ୍ରମୋହନ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବାଗ୍‌ଙ୍କ ନେତୃତ୍ୱରେ ପୋଲିସ ଟିମ୍ ବ୍ଲକ ଛକଠାରେ ଜଗି ରହିଥିଲେ। ଡ୍ରଗ୍ସ ଇନ୍ସପେକ୍ଟର ବାବୁଲାଲ ଗୁଡୁ ଓ ସୋନପୁରର ଅତିରିକ୍ତ ତହସିଲଦାର ତ୍ରିପୁରାରି ମହାନନ୍ଦ(ମାଜିଷ୍ଟ୍ରେଟ୍)ଙ୍କ ଉପସ୍ଥିତିରେ ବସ୍‌କୁ ଯାଞ୍ଚ ସମୟରେ କଟକ ବାଦାମବାଡିରୁ ଏହି ଔଷଧ ବସ୍ତା ଆସିଥିବା ଜଣାପଡିଛି। ଏନଡିପିଏସ ଆକ୍ଟରେ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ଶୁକ୍ରବାର ଖବରଦାତା ସମ୍ମିଳନୀରେ ସବିଶେଷ ସୂଚନା ଦିଆଯିବ ବୋଲି ପୋଲିସ ସ୍ପଷ୍ଟ କରିଛି। ପଶ୍ଚିମ ଓଡିଶାରେ କଫ୍‌ସିରପର ବ୍ୟାପକ କାରବାର ଚାଲିଛି। ଯୁବକମାନେ ଏହାକୁ ନିଶା ପାଇଁ ସେବନ କରି ପଥଭ୍ରଷ୍ଟ ହେଉଛନ୍ତି।

## ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳିତ

**ତରଭା, ୧।୧୧(ଡି.ଏନ.ଏ.)** ତରଭା ନିକଟସ୍ଥ ଅନ୍ତର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସରଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନିଳକାନ୍ତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାମାନେ ବଲ୍ଲଭଭାଇ ଓ ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ସ୍ୱାଧୀନତା ପରବର୍ତ୍ତୀ ଭାରତ ଗଠନରେ ସରଦାର ପଟେଲଙ୍କ ଭୂମିକା ସମ୍ପର୍କରେ ତଥା ଜାତୀୟ ଏକତା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ହୋତା ପରିଚାଳନା କରିଥିଲେ ।

## ଜିଲାସ୍ତରୀୟ ଭଲିବଲ ଚୟନ ପ୍ରତିଯୋଗିତା
# ରାଜ୍ୟସ୍ତରକୁ ୧୨ମନୋନୀତ

**ଉଲୁଣ୍ଡା, ୧।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଶିପଡା ପରମେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ୧୭ ବର୍ଷରୁ କମ୍ ଛାତ୍ରଛାତ୍ରୀଙ୍କୁ ନେଇ ଜିଲାସ୍ତରୀୟ ଭଲିବଲ ଚୟନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ନିରିକ୍ଷକ ଦୁର୍ଯ୍ୟୋଧନ ରାଉତ, ସ୍ଥାନୀୟ ସରପଞ୍ଚ ପିଙ୍କି ବିଶି, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ବିକାଶ ଚନ୍ଦ୍ର ବିଶି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ କ୍ରୀଡା ପତାକା ଉତ୍ତୋଳନ କଲା ପରେ ଖେଳ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଭଲିବଲ ଖେଳ ଆରମ୍ଭ କରାଯାଇଥିଲା । ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ଜଣ ରାଜ୍ୟସ୍ତରୀୟ ଭଲିବଲ କ୍ରିଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ।




ଶିବିରର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ମଡେଲ ଡିଗ୍ରୀ କଲେଜରେ ଆତ୍ମ ସୁରକ୍ଷା ତାଲିମ
# ନାରୀ ସକଳ ଶକ୍ତିର ଆଧାର

**ସୋନପୁର,୧।୧୧(ନି.ପ୍ର.)**

ସ୍ଥାନୀୟ ମଡେଲ ଡିଗ୍ରୀ କଲେଜରେ ଛାତ୍ରୀମାନଙ୍କ ସକାଶେ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସଭାରେ ଭାରପ୍ରାପ୍ତ ଅଧକ୍ଷ ଦେବାଶିଷ ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲାର ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ଓ ଜିଲା ସଂଯୋଜକ ଉମାକାନ୍ତ ନାଗ ଉପସ୍ଥିତ ରହି ନାରୀ ସଶକ୍ତିକରଣ ଓ ଆତ୍ମବିଶ୍ୱାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀମାନେ ସ୍ୱାବଲମ୍ବୀ ହେବା ସହ ସୁସ୍ଥ ସମାଜ ଗଠନରେ ସକ୍ରୀୟ ଭୂମିକା ତୁଲାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ମାଷ୍ଟର ଟ୍ରେନର ଅଙ୍କିତା କହଁର ଯୋଗଦାନ କରିଥିଲେ। ୧୨ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ୬୦ ଜଣ ଛାତ୍ରୀ ତାଲିମ ନେବେ। କଲେଜରେ ଅଧାପିକା ଓ ଅଧାପକ ତଥା ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଅଧାପିକା କମଳା ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ।

## କେନ୍ଦ୍ର ସମବାୟ ବ୍ୟାଙ୍କରେ ଜେଏଲଜି ଋଣ ବଣ୍ଟନ

**ତରଭା, ୧।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଜେଏଲଜି ଋଣ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ସମିତି ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ୟାଙ୍କ ନିର୍ଦ୍ଦେଶକ ଦଶରଥ ସାହୁ, ଶାଖା ପରିଚାଳକ ଯଶୋବନ୍ତ ମହାକୁର ଉପସ୍ଥିତ ଥିଲେ। ଏଥିରେ ବଡକଦଲିପାଲିର ଧବଳେଶ୍ୱର ଜେଏଲଜି ଗୃପର କୁଞ୍ଜବିହାରୀ ଷାଣ୍ଢ, ଭରତ ଷାଣ୍ଢ, ଆଦିତ୍ୟ ଦଣ୍ଡସେନା, ରାଜୁ ପାର୍ଡିଆ ଏବଂ ଜୟ ଶ୍ରୀରାମ ଜେଏଲଜିର ମଧୁସୂଦନ ଭାଟି, ଅଞ୍ଜନ ଷାଣ୍ଢ, ହରିବୋଲ ବଗର୍ତ୍ତି, ଧବଳେଶ୍ୱର ବାଙ୍କ ପ୍ରମୁଖ ୮ଜଣ ଚାଷୀଙ୍କୁ ୧୨୫୦୦ଟଙ୍କା ଲେଖାଏ ନଗଦ ରାଶି ପ୍ରଦାନ କରାଯାଇଥିଲା। ଏହା ସହିତ ଦେଉଲପଦର ଏବଂ ଦୁବୁଲାର ଦୁଇଟି ଲେଖାଏଁ ଜେଏଲଜି ଗ୍ରୁପକୁ ଆଗାମୀ ୭ଦିନ ମଧ୍ୟରେ ଋଣ ପ୍ରଦାନର ବ୍ୟବସ୍ଥା କରିବାକୁ ଶାଖା ପରିଚାଳକଙ୍କୁ ବ୍ୟାଙ୍କ ସଭାପତି ମେହେର ନିର୍ଦ୍ଦେଶ ଦେଇଥିଲେ। ସମବାୟ ସମିତି ମାନଙ୍କରେ ଆଗାମୀ ଦିନରେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମଗୁଡିକ କରାଯାଇ ଚାଷୀମାନଙ୍କୁ ସବିଶେଷ ସୁବିଧା ପ୍ରଦାନ ପାଇଁ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିଷ୍ଠା ସହିତ କାର୍ଯ୍ୟ କରୁଛି ବୋଲି ସଭାପତି ମେହେର ପ୍ରକାଶ କରିଥିଲେ ।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଚ୍ୟୁତାନନ୍ଦଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ



ବୀରମହାରାଜପୁର ସାମ୍ବାଦିକ ଭବନ ପରିସରରେ ଉପଖଣ୍ଡ ସାମ୍ବାଦିକ ସଂଘ ତରଫରୁ ଛତିଶଗଡର ଦାନ୍ତେୱାଡାରେ ମାଓବାଦୀ ଆକ୍ରମଣରେ ପ୍ରାଣବଳୀ ଦେଇଥିବା ଯୁବ ସାମ୍ବାଦିକ ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ବୀରମହାରାଜପୁର, ୧।୧୧(ଡି.ଏନ୍.ଏ)**

ଛତିଶଗଡର ଦାନ୍ତେୱାଡା ଅଞ୍ଚଳରେ ମାଓବାଦୀ ଆକ୍ରମଣରେ ପ୍ରାଣବଳୀ ଦେଇଥିବା ଯୁବ ସାମ୍ବାଦିକ ଅଚ୍ୟୁତାନନ୍ଦ ସାହୁଙ୍କୁ ଏବେ ଝୁରୁଛି ତାଙ୍କର କର୍ମଭୂମି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର। ପରିବାର ସହ ତାଙ୍କର ଛାତ୍ରଜୀବନ ଏହିଠାରେ କଟିଥିବାରୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସୃତି ତର୍ପଣ କରାଯାଇଛି। ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଅଚ୍ୟୁତାନନ୍ଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସମୂହ ଦୀପଦାନ ସହ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଓବାଦୀଙ୍କ ଅମାନୁଷିକ ହତ୍ୟା ଘଟଣାର ନିନ୍ଦା କରାଯାଇଥିଲା। ତତ୍‌ସହିତ ଅଚ୍ୟୁତାନନ୍ଦଙ୍କ ଏକ ସ୍ମୃତିସ୍ତମ୍ଭ ବୀରମହାରାଜପୁରଠାରେ ନିର୍ମାଣ ସକାଶେ ଜିଲା ପ୍ରସାଶନକୁ ଅନୁରୋଧ କରାଯାଇଥିଲା । ଏଥିରେ ସଂଘର ସଦସ୍ୟ ବାସୁଦେବ ପଣ୍ଡା, ସୁଧିର ବିଶ୍ୱାଳ, ଯୁଗଳ କିଶୋର ମିଶ୍ର, ରବିନ୍ଦ୍ର ହୋତା, ଶେଷଦେବ ବାରିକ, ଶ୍ରବଣ କୁମାର ପଧାନ ଓ କାମପାଳ ସାହୁଙ୍କ ସମେତ ଗଣମାଧ୍ୟମ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

# ଭୁତିଆପାଲି କଲେଜ ରଜତ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଅମରପାଲି, ୧।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ଗ୍ରାମ ପଞ୍ଚାୟତର ଭୁତିଆପାଲିସ୍ଥିତ ପରମେଶ୍ୱରୀ ମହାବିଦ୍ୟାଳୟ ରଜତ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁବାଷ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉକ୍ତ କଲେଜର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ, ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ରଜତ ଜୟନ୍ତୀ ପାଳନ କରାଯିବା ଉପରେ ଆଲୋଚନା ହୋଇଥିଲା । ପ୍ରାରମ୍ଭରେ ଅଧାପକ ବିଷ୍ଣୁଚରଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଶରତ କୁମାର ଦଲାଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆସନ୍ତା ଡିସେମ୍ବର ତୃତୀୟ ସପ୍ତାହରେ ରଜତ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନିଆଗଲା । ସର୍ବସମ୍ମତିକ୍ରମେ ବିଭିନ୍ନ ବିଭାଗର କମିଟି ଗଠନ କରାଯାଇଛି । ଏଥିରେ ଶରତ ଚନ୍ଦ୍ର ଦଲାଇଙ୍କୁ ସଭାପତି ଏବଂ ବିଷ୍ଣୁଚରଣ ବେହେରା, ଶେଫାଳି ପଣ୍ଡା, ଶ୍ରଦ୍ଧାଞ୍ଜଳି ପୃଷ୍ଟି, ଦୟାସାଗର ରଥ, ଅକ୍ଷୟ କୁମାର, ସୁଦାମମ ମହାକୁରଙ୍କୁ ପରିଚାଳନା କମିଟି ସଭ୍ୟ ଭାବେ ଚୟନ କରାଯାଇଛି। ଏହା ସହିତ ଇଭେଣ୍ଟ ମେନେଜମେଣ୍ଟ କମିଟି ସଭାପତିଭାବେ ବିଷ୍ଣୁଚରଣ ବେହେର, କ୍ୟାଟ୍ରିନ ବିଭାଗ ପାଇଁ ବନମାଳୀ ଦାଶ, ଅତିଥି ସ୍ୱାଗତ ପାଇଁ ଶ୍ରଦ୍ଧାଞ୍ଜଳି ପୃଷ୍ଟିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଷ୍ଟୁଡେଣ୍ଟ ମେନେଜମେଣ୍ଟ ପାଇଁ ସୁଦାମ ଓ ସସ୍ମିତା ନାୟକଙ୍କୁ ଏବଂ ପବ୍ଲିକ ରିଲେସନ୍ ପାଇଁ ପରମାନନ୍ଦ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି । କଲେଜର ସମସ୍ତ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ଚଳିତ ୧୦ତାରିଖରେ ଏହାର ପରବର୍ତ୍ତୀ ବୈଠକ ହେବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।

# ସଂକୁଳସ୍ତରୀୟ ଶିଶୁବାଟିକା କର୍ମଶାଳା

**ବୀରମହାରାଜପୁର, ୧।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଶିଶୁମନ୍ଦିରଠାରେ ଦୁଇଦିନ ଧରି ଚାଲିଥିବା ସଂକୁଳସ୍ତରୀୟ ଶିଶୁ ବାଟିକା କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ତଥା ସୁବଳୟା ଜୁନିୟର କଲେଜର ଅଧକ୍ଷ ଭୋଳାନାଥ କର୍ମୀ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ ବିଦ୍ୟାଳୟ ସମ୍ପାଦକ ତଥା ସୁବଳୟା ହାଇସ୍କୁଲ୍‌ର ସଂସ୍କୃତ ଶିକ୍ଷକ ଚନ୍ଦ୍ରମଣି ବାଘ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। କର୍ମଶାଳାରେ ବୀରମହାରାଜପୁର ସଂକୁଳ ଅନ୍ତଗତ ୬ଟି ଶିଶୁମନ୍ଦିରର ମୋଟ ୨୨ଜଣ ଗୁରୁମାଗୁରୁଜୀ ଭାଗ ନେଇଥିଲେ। ସେମାନଙ୍କୁ ବିଦ୍ୟାଳୟରେ ଶୃଙ୍ଖଳାବୋଧ, ବୌଦ୍ଧିକ ଶିକ୍ଷା ଓ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁରୁବାର ଅପରାହ୍ନରେ ଆୟୋଜିତ ସମାରୋପ ଉତ୍ସବରେ ମଧ କଲେଜ ଅଧକ୍ଷ ଭୋଳାନାଥ କର୍ମୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ। ସଂକୁଳ ଶିଶୁବାଟିକା ପ୍ରମୁଖ ସୁକାନ୍ତ କୁମାର ପୁରୋହିତଙ୍କ ତତ୍ତ୍ୱାବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା।



କର୍ମଶାଳାରେ ଯୋଗଦେଇଥିବା ଗୁରୁମାଗୁରୁଜୀ।

# ପ୍ରତିଭା ବିକାଶର ମାଧ୍ୟମ ସୁରଭି ଶିଶୁ ମହୋତ୍ସବ

**ସୋନପୁର,୧।୧୧(ନି.ପ୍ର.)**



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ସମସ୍ତଙ୍କ ପାଇଁ ଶିକ୍ଷା ସର୍ବଶିକ୍ଷା ଅଭିଯାନ ସୁବର୍ଣ୍ଣପୁର ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢା ବ୍ୟତୀତ ଅନେକଗୁଡ଼ିଏ କ୍ଷେତ୍ର ରହିଛି। ଯେଉଁ ଶିଶୁର ଭଲ ପାଠ ହେଉନାହିଁ ସେ ଚିତ୍ରାଙ୍କନ, ନୃତ୍ୟ, କ୍ରୀଡା କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଙ୍ଗମ ହୋଇ ଥାଇପାରେ। ତାର ସୃଜନଶୀଳତାକୁ ଚିହ୍ନିବା ପାଇଁ ସୁରଭି ଭଳି ମହୋତ୍ସବ ଆୟୋଜିତ ହେଉଛି। ଏହା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ମାଧ୍ୟମ ବୋଲି ଜିଲାପାଳ କହିଥିଲେ। ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଏସ୍‌ପି ଦେବୀ ପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଏହି ମହୋତ୍ସବ ଶିଶୁଙ୍କ ପ୍ରତିଭା ଓ ପ୍ରଜ୍ଞାର ମହାପାର୍ବଣ ବୋଲି ଅଭିହିତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନ ଫଳରେ ଗ୍ରାମାଞ୍ଚଳର ଲୁକ୍କାୟିତ ଶିଶୁ ପ୍ରତିଭା ଲୋକଲୋଚନକୁ ଆସି ପାରୁଥିବା ଏସ୍‌ପି କହିଥିଲେ। ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଚିହ୍ନିବା ଓ ସେମାନଙ୍କୁ ଆଦର୍ଶ ନାଗରିକଭାବେ ଗଢି ତୋଳିବା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଓ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିରାକାର ନାଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟ ଝାରବାହାଲିର ଅଧକ୍ଷ ରମଣିକାନ୍ତ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଶିଶୁଙ୍କ ପ୍ରତିଭା ଅନ୍ୱେଷଣ ସହିତ ପ୍ରତିଭାର ସଦ୍‌ଉପଯୋଗ ପାଇଁ ଚେଷ୍ଟା ହେବା ଉଚିତ୍ ବୋଲି କହିଥିଲେ। ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ଓ ପ୍ରଦୀପ କୁମାର ପାଣିଗ୍ରାହୀ ସଭାକୁ ସଂଯୋଜନା କରିଥିଲେ। ବାଳିକା ଶିକ୍ଷା ସଂଯୋଜିକା ମାନସ ରଞ୍ଜନ ସେଠ୍ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଜିଲାର ୬ଗୋଟି ବ୍ଲକରୁ ପୂର୍ବରୁ ଶ୍ରେଷ୍ଠ ବିବେଚିତ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭିନ୍ନକ୍ଷମ ଚିତ୍ରାଙ୍କନ, ଓଡିଆ ପ୍ରବନ୍ଧ, ସୃଜନଶୀଳ ଲେଖା, ବକ୍ତୃତା, ସଙ୍ଗୀତ, କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଡିଆ ତର୍କ ବରିଷ୍ଠ ବିଭାଗରେ ଝାରବାହାଲି ଓଏଭିର ଛାତ୍ରୀ ଅମିତାରାଣୀ ବାଗ, ପ୍ରବନ୍ଧ ଲିଖନରେ ଦେବସ୍ମିତ ପୂଜାହାରୀ, କୁଇଜ୍ ପ୍ରତିଯୋଗିତାରେ ଦୁର୍ଗାଚରଣ ବାରିକ୍ ଓ କୁଇଜ୍ କନିଷ୍ଠ ବିଭାଗରେ ସିଂଘିଯୁବା ୟୁପି ସ୍କୁଲର ଅମୀୟ ମହାକୁର ପ୍ରଥମ ହୋଇଥିଲେ। ପ୍ରବନ୍ଧ ଲିଖନ ବରିଷ୍ଠ ବିଭାଗରେ ଦେବାଶିଷ ବେହେରା, କନିଷ୍ଠରେ ଅମୀୟ ମହାକୁର ପ୍ରଥମ ହୋଇଥିଲେ। ଶୁଦ୍ଧ ଲିଖନ କନିଷ୍ଠ ବର୍ଗରେ ବୀରମହାରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଶ୍ୱରୂପା ସାହୁ, ବକ୍ତୃତା ବରିଷ୍ଠ ବିଭାଗରେ ବଡକର୍ଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂଜା ସାହୁ, କନିଷ୍ଠରେ ଅଙ୍କିତା ବିଶ୍ୱାଳ, ସଙ୍ଗୀତ ବରିଷ୍ଠରେ ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ଟିଙ୍କୁ ମିଶ୍ର, କନିଷ୍ଠରେ କୁଇବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତେରସା ମହାନନ୍ଦ, ଶାସ୍ତ୍ରୀୟ ସଙ୍ଗୀତରେ ମାୟାବାର୍ହା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଜ୍ୟୋସ୍ନାମୟୀ ଅଦାବର, ମଧ୍ୟାହ୍ନ ଭୋଜନରେ ଅରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରେଶ ଗୁରାଣ୍ଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିନିକା ବ୍ଲକ ସେଲେଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ହୋଇଥିଲା। ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଥମ ହୋଇଥିବା ୨୩ଜଣ ଛାତ୍ରୀଛାତ୍ର ଆସନ୍ତା ୧୪, ୧୫ ଓ ୧୬ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଯୋଗଦେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସମସ୍ତ ଏବିଇଓ, ଡିପିସି ଅଫିସର ଆର୍ଥିକ ପରାମର୍ଶଦାତା ସନ୍ତୋଷ କୁମାର ଜେନା, ଆଦିବାସୀ ଶିକ୍ଷା ସଂଯୋଜିକା ସ୍ମିତା ମିଶ୍ର, କାର୍ଯ୍ୟକ୍ରମ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ଶିକ୍ଷଣ ସଂଯୋଜକ ଅକ୍ଷୟ କୁମାର ସାହୁ, ମାନିନୀ ମେହେରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସମସ୍ତ ବିଆରସିସି, ବିଆର୍‌ଟି, ଶିକ୍ଷୟିତ୍ରୀ ଶିକ୍ଷକ ଓ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ପାଇକମାଲ, ୧।୧୧ (ଡି.ଏନ.ଏ):** ପାଇକମାଲରେ ଜଣେ ମହିଳା ତାଙ୍କ ଶୋଇବା ଘରେ ବେକରେ ଦଉଡି ଦେଇ ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି । ମୃତା ମହିଳା ହେଲେ ମିନୁ ସୋନି (୨୪) । ମୃତା ମହିଳାଙ୍କ ସ୍ୱାମୀ ଚମନଲାଲ ସୋନି ଏକ ବସ୍‌ରେ ଡ୍ରାଇଭରା ଭାବେ କାମ କରୁଥିବାବେଳେ ଉକ୍ତ ଦମ୍ପତି ପାଇକମାଲରେ ଏକ ଭଡାଘରେ ରହୁଥିଲେ । ବୁଧବାର ରାତି ୯ଟାରେ ଚମନଲାଲ ଘରକୁ ଫେରିବା ବେଳକୁ ମିନୁ ବେକରେ ରଶି ଲଗାଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ମିନୁଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପାଇକମାଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୧୮) ରୁଜୁ ହୋଇଛି । ପୋଲିସ ଗୁରୁବାର ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇ ଅନୁସନ୍ଧାନ କରୁଛି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ ।



### ଗୌନ୍ତିଆଙ୍କ ପରଲୋକ

**ସୋହେଲା,୧।୧୧(ଡି.ଏନ.ଏ):** ସୋହେଲା ବ୍ଲକ ଟୁଙ୍ଗିବନ୍ଧଲୀ ଗ୍ରାମର ଗୌନ୍ତିଆ ରାହାସ ବିହାରୀ ଚୌହାନଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଯୋଗୁ ସେ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ଚୌହାନ ଟୁଙ୍ଗିବନ୍ଧଲୀ, ସୋହେଲା, ଖୁଣ୍ଟପାଲି, ବରପାଲି ଓ ବରଗଡ ଜର୍ଜ ହାଇସ୍କୁଲରେ ମାଟ୍ରିକ ପଢ଼ି ସାରିଲା ପରେ ମେଲଛାମୁଣ୍ଡା ଏମ୍‌ଇ ସ୍କୁଲରେ ଶିକ୍ଷକତା କରିଥିଲେ । ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ନେଇ ନିଜ କ୍ଷେତରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାଇ ଖେଳି ଯାଇଛି ।

### ସିଆଲଖଣ୍ଡହଥା ଚାମ୍ପିୟନ

**ଗଣ୍ଡତୁରୁମ, ୧।୧୧ (ଡି.ଏନ.ଏ):** ଭେଡେନ ବ୍ଲକ ଅଧୀନ ବାଦୀପାଲିଠାରେ ମାଁ ସନ୍ତୋଷୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ମେହେନାକୁ ହରାଇ ସିଆଲଖଣ୍ଡହଥା ଚାମ୍ପିୟନ ହୋଇଛି। ମେହେନା ଏବଂ ସିଆଲଖଣ୍ଡହଥା ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଫଳାଫଳ ଅମୀମାଂଶିତ ରହିଥିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ସିଆଲଖଣ୍ଡହଥା ଦଳ ୧-୦ ଗୋଲରେ ଅଗ୍ରଣୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ବ୍ଲକ ଅଧକ୍ଷ ଡୋଲାମଣି କ୍ଷେତି, ଯୁବ ବିଜେଡି ନେତା ସୁରେନ୍ଦ୍ର କର୍ମୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବଳରାମ ପଶାୟତ, ଲଳିତ ଭୋଇ, ବାବାଜୀ ଝାଙ୍କର ଓ ଛାୟାକାନ୍ତ ତରିଆ ଖେଳ ପରିଚାଳନା କରିଥିଲେ। ପିଣ୍ଟୁ କର ଧାରା ବିବରଣୀ ପ୍ରଦାନ କରିଥିଲେ ।

### ଭାଗବତ ପାରାୟଣ ଉଦ୍‌ଯାପିତ

**ପଦ୍ମପୁର, ୧।୧୧ (ଡି.ଏନ.ଏ):** ପଦ୍ମପୁର ହନୁମାନପଡା ମହିଳା ଭାଗବତ କମିଟି ପକ୍ଷରୁ ଆୟୋଜିତ ଭାଗବତ ପାରାୟଣ ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ହନୁମାନ ମନ୍ଦିରରେ ଗାୟକ ଗଙ୍ଗାଧର ଉଦଗାତା ପାରାୟଣ ଗାଇଥିଲେ । ଗତ ୨୫ ତାରିଖରେ କଳସ ସ୍ଥାପନ ପରେ ୨୬ ତାରିଖରୁ ପାରାୟଣ ଆରମ୍ଭ ହୋଇଥିଲା । ଶ୍ରୀକୃଷ୍ଣ ଜନ୍ମ ତଥା ରୁକ୍ମଣୀ ବିବାହ ସହ ଗୁରୁବାର ପୂର୍ଣ୍ଣାହୁତି ହୋଇଥିଲା । ସଞ୍ଜୀବ ବହିଦାର ଓ ତାଙ୍କ ସ୍ତ୍ରୀ ଗୀତା ବହିଦାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଭାଗବତ ପାରାୟଣ କମିଟି ସଭାନେତ୍ରୀ ଭାରତୀ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ମହିଳା ସଦସ୍ୟା ସହଯୋଗ କରିଥିଲେ ।

# ତେଜୁଛି ବସ୍‌ଷ୍ଟାଣ୍ଡ ବିବାଦ

**ବରଗଡ଼ ଅଫିସ୍,୧।୧୧**

ବରଗଡ଼ରେ ନିର୍ମିତ ହୋଇଥିବା ନୂତନ ଘରୋଇ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହୋଇ ନାହିଁ। ମାତ୍ର ଏହାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି । ନୂତନ ଘରୋଇ ବସଷ୍ଟାଣ୍ଡ ଦ୍ୱାରା ଟ୍ରାଫିକ ସମସ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିବ ବୋଲି ଅଭିଯୋଗ କରି ସ୍ଥାନୀୟ ଘରୋଇ ବସ୍ ମାଲିକ ସଂଘ ନୂତନ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଛି। ଏହି ଦାବି ନେଇ ସଂଘ ପକ୍ଷରୁ ଗତ ଅକ୍ଟୋବର ୧ତାରିଖରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତେବେ ଏପର୍ଯ୍ୟନ୍ତ ସେ ନେଇ କୌଣସି ନିର୍ଯାସ ବାହାରି ପାରି ନ ଥିବାବେଳେ ଆସନ୍ତା ୫ତାରିଖରେ ଜିଲାରେ ଘରୋଇ ବସ୍ ମାଲିକ ସଂଘ ୨୪ ଘଣ୍ଟା ବସ ଚଳାଚଳ ବନ୍ଦ କରିବ ବୋଲି ଚେତାବନୀ ଦେଇଛି। ଏହି କ୍ରମରେ ଗୁରୁବାର ସଂଘ ପକ୍ଷରୁ ଜିଲାପାଳ ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ନୂତନ ଘରୋଇ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଘରୋଇ ବସ୍ ମାଲିକ ସଂଘ ଜିଲାପାଳଙ୍କଠାରେ ଦାବି କରିଥିଲା । ତେବେ ସେହି ଦାବି ଉପରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ବରଗଡ଼ ପୌର ପରିଷଦ ପକ୍ଷରୁ ପତ୍ରସଂଖ୍ୟା-୬୪୯୬ ତା-୩୦/୧୦/୧୮ରେ ଘରୋଇ ବସ୍ ମାଲିକ ସଂଘ ସଭାପତିଙ୍କୁ ଏକ ପତ୍ର ଲେଖାଯାଇଛି। ସେହି ପତ୍ରରେ ପୌର ପରିଷଦର ପ୍ରସ୍ତାବ ନଂ-୧୧(୭) ଅନୁସାରେ ନୂତନ ଘରୋଇ ବସଷ୍ଟାଣ୍ଡର ଉପରମହଲା ବି-ବ୍ଲକରେ ଘରୋଇ ବସ ମାଲିକ ସଂଘର କାର୍ଯ୍ୟାଳୟ ନିମନ୍ତେ ଏକ ବଡ଼ କୋଠାଘର ଦେବା ପାଇଁ ପୌର ପରିଷଦ ନିଷ୍ପତ୍ତି ନେଇଛି। ସେହି କୋଠାଘରକୁ ଘରୋଇ ବସ ମାଲିକ ସଂଘ ନିଜ କାର୍ଯ୍ୟାଳୟ ଭାବେ ବ୍ୟବହାର କରିପାରିବେ ।

ସେହିପରି ଯେଉଁ ଘରୋଇ ବସ ମାଲିକଙ୍କ ୪ରୁ ଅଧିକ ବସ୍‌ର ମାଲିକାନା ରହିଛି, ସେହି ବସ୍ ମାଲିକଙ୍କୁ ପତ୍ରସଂଖ୍ୟା-୬୨୮୧ ତା-୧୨/୧୦/୨୦୧୮ ଦ୍ୱାରା ବି-ବ୍ଲକରେ ସେମାନଙ୍କ ଅଫିସ ଗୃହ କରିବା ପାଇଁ ପତ୍ରାଳାପ କରାଯାଇଛି। ଏଭଳି ଭାବେ ୧୨ଜଣ ବସ୍ ମାଲିକଙ୍କୁ ପତ୍ରାଳାପ କରାଯାଇଛି । ତେବେ ବସ ମାଲିକଙ୍କୁ ୭୫ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଜମା ଦେବା ପାଇଁ ନୋଟିସ କରାଯାଇଥିବା ଘରୋଇ ବସ ମାଲିକ ସଂଘ ଅଭିଯୋଗ କରିଛି । ପୌର ପରିଷଦ ବେଆଇନ ଭାବେ ନୂଆ ବସଷ୍ଟାଣ୍ଡ ନିର୍ମାଣ କରିଥିବାବେଳେ ପ୍ରଶାସନିକ ଆଇନକୁ ଖାତିର ନ କରି ନିଜେ ଆଇନ ତିଆରି କରୁଛି ବୋଲି ଅଭିଯୋଗ କରି ସଂଘ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି । ଏହି ଦାବି ନେଇ ସଂଘ ଆସନ୍ତା ୫ତାରିଖରେ ଘରୋଇ ବସ ଚଳାଚଳ ବନ୍ଦ ରଖିବା ସହିତ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛି । ଜିଲାପାଳ ତ୍ରିପାଠୀ ସ୍ମାରକପତ୍ର ଗ୍ରହଣ କରିବା ସହିତ ଉଭୟ ପକ୍ଷଙ୍କୁ ଡାକି ସେ ନେଇ ଆଲୋଚନା କରିବେ ବୋଲି କହିଥିଲେ । ସଂଘ ସଭାପତି ଭୀଷ୍ମଦେବ ଦୋରା, ସାଧାରଣ ସମ୍ପାଦକ ଏସ.କେ ନିଜାମୁଦ୍ଦିନ, ଉପଦେଷ୍ଟା କମିଟିର ଇଂ ଦେବବ୍ରତ ମିଶ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

**ବରଗଡ଼ ଜିଲା**



ଜିଲାପାଳଙ୍କୁ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

- ୫ରେ ଘରୋଇ ବସ୍ ଚଳାଚଳ ବନ୍ଦ
- ଜିଲାପାଳ ଅଫିସ ଆଗରେ ଧାରଣା
- ଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଜିଲାପାଳଙ୍କୁ ସଂଘ ଦେଲା ସ୍ମାରକପତ୍ର
- ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିବେ କହିଲେ ଜିଲାପାଳ



ବୟନ ଶିଳ୍ପ ମନ୍ତ୍ରୀ ବଜ୍ରପାତ ମୃତକଙ୍କ ପରିବାରକୁ ଚେକ୍ ପ୍ରଦାନ କରୁଛନ୍ତି ।

# ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା

**ଗଣ୍ଡତୁରୁମ, ୧।୧୧ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡେନ ବ୍ଲକ ତଥା ସିଆଲଖଣ୍ଡହଥା ପଞ୍ଚାୟତ ଅଧୀନ ଖଲିଆପାଲି ଗ୍ରାମରେ ଗତ ଜୁଲାଇ ୨୦ ତାରିଖରେ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଦୁଇ ଜଣ ବାଳିକାଙ୍କ ପରିବାରକୁ ଗୁରୁବାର ସରକାରୀ ସହାୟତା ପ୍ରଦାନ କରାଯାଇଛି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ଭେଡେନ ତହସିଲଦାର ସୀମା ସୁନିତା କୁଲୁ ମୃତକଙ୍କ ଗାଁକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଉଭୟ ପରିବାରଙ୍କୁ ୪ଲକ୍ଷ ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ଦିନ ବାବାଜୀ ଦରଦମେଘଙ୍କ ଝିଅ ସାବିତ୍ରୀ (୧୯) ଏବଂ ମୁରଲୀ ଦରଦମେଘଙ୍କ ଝିଅ କୌଶଲ୍ୟା (୧୬) ସନ୍ଧ୍ୟାରେ ଶୌଚ ପାଇଁ ଯାଉଥିବା ବେଳେ ସାମାନ୍ୟ ଝିପିଝିପି ବର୍ଷା ସାଙ୍ଗକୁ ବଜ୍ରପାତ ଘଟିଥିଲା । ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଥିଲା ।





ବ୍ଲକ ଅଫିସ୍ ଘେରାଉ କରିବା ପାଇଁ ଭାଜପା କର୍ମୀ ଓ ନେତାମାନେ ରାଲିରେ ଯାଉଛନ୍ତି ।

# ପଦ୍ମପୁର ଭାଜପା ଘେରିଲା ବ୍ଲକ ଅଫିସ

**ପଦ୍ମପୁର, ୧।୧୧ (ଡି.ଏନ.ଏ)**

ପଦ୍ମପୁର ଭାରତୀୟ ଜନତା ପାର୍ଟି ତରଫରୁ ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ସହ ବିଭିନ୍ନ ଦାବି ନେଇ ବ୍ଲକ ଅଫିସ୍‌କୁ ଗୁରୁବାର ଘେରାଉ କରିଥିଲା । ବରଗଡ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ନେତା ସ୍ଥାନୀୟ ଭାଜପା ଅଫିସରୁ ଏକ ବିରାଟ ପଦୁଆରରେ ବାହାରି ସହର ପରିକ୍ରମା କରି ବ୍ଲକ ଅଫିସ୍ ପରିସରରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ବିରୋଧରେ ଟିପ୍ପଣୀ କରିଥିଲେ । ସରକାରଙ୍କ ଖଣି, ବାଲିଘାଟ ଦୁର୍ନୀତି ସହ ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ବିନା ପିସିରେ କାମ ହେଉନାହିଁ । ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନକୁ ଠିକ୍ ଭାବେ ଖର୍ଚ୍ଚ କରିପାରୁ ନାହାନ୍ତି ବୋଲି ନେତାମାନେ ଅଭିଯୋଗ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନରେ ବରଗଡ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରିତେଶ କୁମାର ବହିଦାର, ବ୍ଲକ ଅଧକ୍ଷ କୁମରମଣି ନାଏକ, ଜିଲା ପ୍ରଭାରୀ ସପନ ବେହେରା, ଡା. ଶ୍ରୀକାନ୍ତ ପାଣିଗ୍ରାହୀ, ସରୋଜ ପାଣିଗ୍ରାହୀ, ନଗର ସଭାପତି ସୁନୀଲ କୁମାର ଅଗ୍ରୱାଲ, ଅଶୋକ ମିଶ୍ର, ଗୁଣମଣି ପଟେଲ, ରାହାସ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

## ■ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

# ଧାରଣାରେ ବସିଲେ ଦିବ୍ୟାଙ୍ଗ

**ବରଗଡ଼ ଅଫିସ୍,୧।୧୧**

ବରଗଡ଼ ଜିଲାପାଳ ଅଫିସ ଆଗରେ ଗୁରୁବାର ସ୍ଥାନୀୟ ପ୍ୟାରେଣ୍ଟ୍ସ ଆସୋସିଏଶନର ଦିବ୍ୟାଙ୍ଗମାନେ ଧାରଣା ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ନାହାନ୍ତି । ଫଳରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରମାଣପତ୍ର ଇସ୍ୟୁ କରାଯାଉ ନାହିଁ । ଏହାର ପ୍ରତିବାଦରେ ସେମାନେ ଧାରଣରେ ବସିଥିଲେ । ପରେ ପ୍ୟାରେଣ୍ଟସ ଆସୋସିଏଶନ ପକ୍ଷରୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲାର ଦୂର ଦୂରାନ୍ତରୁ ଦିବ୍ୟାଙ୍ଗମାନେ ପ୍ରମାଣପତ୍ର ନେବା ପାଇଁ ଆସୁଛନ୍ତି। ଏଥିପାଇଁ ସେମାନେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ନାହାନ୍ତି ଏବଂ ସେମାନଙ୍କ ସାର୍ଟିଫିକେଟ୍ ଇସ୍ୟୁ ହୋଇପାରିବ ନାହିଁ ବୋଲି ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀମାନେ କହୁଛନ୍ତି। ଫଳରେ ସେମାନଙ୍କୁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ନିରାଶରେ ଫେରିବାକୁ ପଡୁଛି । ଏ ନେଇ ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଦିବ୍ୟାଙ୍ଗମାନେ ଫେରାଦ ହୋଇଥିବା କହିଛନ୍ତି । ତଥାପି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ସେମାନେ ଧାରଣାରେ ବସିଥିଲେ ବୋଲି ପ୍ୟାରେଣ୍ଟସ୍ ଆସୋସିଏଶନର ସଭାପତି ମହେନ୍ଦ୍ର କୁମାର ଦାଶ କହିଛନ୍ତି। ଧାରଣାରେ ସାନନ୍ଦ ନାଗ, ରାଜନ ସିଂ, କିରଟ ଲୁହା, ସରୋଜ ସାହୁ, ଅମୃତ ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ଜିଲାପାଳ ଅଫିସ ସମ୍ମୁଖରେ ଦିବ୍ୟାଙ୍ଗମାନେ ଧାରଣାରେ ବସିଛନ୍ତି ।

# ମରୁଡ଼ି ସହାୟତା ଘୋଷଣା ପଛରେ ରାଜନୀତି

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୧।୧୧**

ବରଗଡ଼ ଜିଲାରେ ଏଥର ମଧ୍ୟ ମରୁଡ଼ି ପରିସ୍ଥିତି ଦେଖାଯାଇଛି । ତେବେ ଗତ ୨୦୧୭ ଖରିଫରେ ଜିଲାର ମୋଟ୍ ୯୧ହଜାର ୩୧୭ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଥିଲା । କିନ୍ତୁ ଏଥର ବର୍ତ୍ତମାନ ସୁଦ୍ଧା ୩୮ହଜାର ୮ହେକ୍ଟର ମରୁଡ଼ିଗ୍ରସ୍ତ ହୋଇଛି ବୋଲି କୃଷି ବିଭାଗ ଆକଳନ କରିଛି । କୃଷି ବିଭାଗର ଏହି ଆକଳନ ରିପୋର୍ଟରେ ଜିଲାର ଅତାବିରା ଓ ଭେଡ଼େନ ବ୍ଲକ ବାଦ୍ ପଡ଼ିଛି। ଅନ୍ୟପଟେ ବରଗଡ଼ ବ୍ଲକରେ ୧୭୨୦, ବରପାଲି ୨୧୨୦, ଭଟଲି ୪୪୦୮, ଅମ୍ବାଭୋନା ୩୨୯୫, ପଦ୍ମପୁର ୫୮୮୮, ପାଇକମାଲ ୫୩୫୩, ଗାଇସିଲେଟ ୨୭୫୦, ବିଜେପୁର ୪୧୫୭, ଝାରବନ୍ଧ ୩୮୬୪ ଏବଂ ସୋହେଲା ବ୍ଲକରେ ସର୍ବାଧିକ ୪୪୫୩ ହେକ୍ଟର ଧାନ ଫସଲ ମରୁଡ଼ି ପ୍ରଭାବିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ଏପରିକି କୃଷି ବିଭାଗର ଆକଳନରେ ଅନେକ ଅଞ୍ଚଳ ବାଦ୍ ପଡ଼ିଛି ବୋଲି ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି । କ୍ରପ୍ କଟିଂ ରିପୋର୍ଟରେ ପ୍ରଭାବିତ ଫସଲ ପରିମାଣ ଆହୁରି ବଢ଼ିବ ବୋଲି ଚାଷୀମାନେ କହିଛନ୍ତି । ରାଜ୍ୟ ସରକାର ଗୁରୁବାର ୯ ଜିଲା ପାଇଁ ମରୁଡ଼ି ଘୋଷଣା କରିଛନ୍ତି। ଏଥିରେ ବରଗଡ଼ ଜିଲା ଅଛି । ମରୁଡ଼ି ଘୋଷଣା ପରେ ଚାଷୀ ମୁହଁରେ ହସ ଫୁଟିବା ସ୍ୱାଭାବିକ। ମାତ୍ର ସରକାର ଯେଭଳି ତରବରିଆ ଭାବେ ଏହି ଘୋଷଣା କରିଛନ୍ତି, ତାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ରାଜ୍ୟର ମରୁଡ଼ି ଅନୁଧ୍ୟାନ ପାଇଁ ଏକ କେନ୍ଦ୍ରୀୟ ଟିମ ଆସୁଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ସରକାରଙ୍କ ଏଭଳି ଘୋଷଣା ଚର୍ଚ୍ଚାର ବିଷୟ ହୋଇଛି । ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏହି ଘୋଷଣା କରିଛନ୍ତି ବୋଲି ବିରୋଧୀ ଦଳ ନେତାମାନେ କହୁଛନ୍ତି । ଅନ୍ୟପଟେ ଚାଷୀଙ୍କ ଦୁର୍ଦ୍ଦଶା ଦେଖି ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇଥିବା ବିଜେଡ଼ି ନେତା ପ୍ରକାଶ କରିଛନ୍ତି । ସେହିପରି ବର୍ଷାଭାବରୁ ଜିଲାରେ ଏଭଳି କ୍ରମାଗତ ମରୁଡ଼ି ଲାଗି ରହୁଥିଲେ ମଧ ରାଜ୍ୟ ସରକାର ଏଠାରେ ମରୁଡ଼ିର ସ୍ଥାୟୀ ପ୍ରତିକାର ଏବଂ ଜଳସେଚନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ସ୍ପଷ୍ଟ ହୋଇଛି ବୋଲି ଚାଷୀନେତାମାନେ ମତ ଦେଇଛନ୍ତି ।

**ଏମାନେ ଯାହା କୁହନ୍ତି...**



“ମରୁଡ଼ି ଘୋଷଣା ସେଭଳି ଗୁରୁତ୍ୱ ନୁହେଁ । ମରୁଡ଼ିର ସ୍ଥାୟୀ ପ୍ରତିକାରକୁ ଗୁରୁତ୍ୱ ଦିଆଯିବା କଥା। ସରକାର ଗତ ୧୫ବର୍ଷ ହେଲା ୩୫ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା କଥା କହି ଆସୁଛନ୍ତି । ଯଦି ତାହା ହୋଇଥାନ୍ତା, ଏଭଳି ଭଲ ବର୍ଷା ସତ୍ତ୍ୱେ ମାତ୍ର ଗୋଟିଏ, ଦୁଇଟି ବର୍ଷା ନ ହେବାରୁ ଜିଲାରେ ମରୁଡ଼ି ଦେଖାଯାଇ ନ ଥାନ୍ତା।

**-ଲିଙ୍ଗରାଜ, ଚାଷୀନେତା**



“ନିର୍ବାଚନକୁ ଆଖି ଆଗରେ ରଖି ସରକାର ମରୁଡ଼ି ଘୋଷଣା କରିଛନ୍ତି। ଏହା ମୂଲ୍ୟହୀନ ଅଟେ। ଏପର୍ଯ୍ୟନ୍ତ ପ୍ରକୃତ ସର୍ଭେ ମଧ୍ୟ ହୋଇନାହିଁ। ଫଳରେ ଅନେକ ଚାଷୀ କ୍ଷତିପୂରଣ ସହାୟତାରୁ ବଞ୍ଚିତ ହେବେ। ସରକାରଙ୍କ ସବୁ ଘୋଷଣା କେବଳ ଘୋଷଣାରେ ସୀମିତ ରହୁଛି । ଚାଷୀ ଯେଉଁ କ୍ଷତିପୂରଣ ପାଇବା କଥା, ତାହା ପାଉନାହିଁ ।

**-ସାଧୁ ନେପାକ, ପୂର୍ବତନ କଂଗ୍ରେସ ବିଧାୟକ**



“ରାଜ୍ୟ ସରକାରଙ୍କ ମରୁଡ଼ି ଘୋଷଣା ଏକ ଧୂଆଁବାଣ । ନିର୍ବାଚନ ପାଖେଇ ଆସୁଛି ବୋଲି ସରକାର ଏଭଳି ତରବରିଆ ଭାବେ, ଠିକ୍‌ଭାବେ ଫସଲକ୍ଷତି ଆକଳନ ନ କରି ଏହି ଘୋଷଣା କରିଛନ୍ତି । ଚାଷୀଙ୍କ ପ୍ରତି ଯଦି ରାଜ୍ୟ ସରକାରଙ୍କ ଦରଦ ରହିଛି, ତେବେ ଜିଲାର ସମସ୍ତ ବ୍ଲକକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରାଯାଉ ।

**-ଡା. ଅରୂପାନନ୍ଦ ସାହୁ, ଭାଜପା ଜିଲା ସଭାପତି**



“ଚାଷ ଓ ଚାଷୀଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ଫଳରେ ମରୁଡ଼ି ପ୍ରଭାବିତ ଚାଷୀଙ୍କ ଦୁର୍ଦ୍ଦଶା ଦେଖି ରାଜ୍ୟ ସରକାର ସେଭଳି ଘୋଷଣା କରି ଠିକଣା ସମୟରେ ଉଚିତ୍ ପଦକ୍ଷେପ ନେଇଛନ୍ତି । ମରୁଡ଼ି ପ୍ରଭାବିତ ସମସ୍ତ ଚାଷୀଙ୍କୁ ରାଜ୍ୟ ସରକାର ନିଶ୍ଚିତ ଭାବେ ଇନପୁଟ୍ ସବସିଡ଼ି ପ୍ରଦାନ କରିବେ ।

**-ଦେବେଶ ଆଚାର୍ଯ୍ୟ, ବିଜେଡ଼ି ବିଧାୟକ**

### ବୁଡାମାଲ ସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ପଦ୍ମପୁର, ୧।୧୧ (ଡି.ଏନ.ଏ)**

ରାଜବୋଡାସମ୍ବର ବ୍ଲକ ଖଇରପାଲି କେନ୍ଦ୍ରର ବୁଡାମାଲ ୟୁଜିୟୁପି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଖଇରପାଲି କେନ୍ଦ୍ରର ସମସ୍ତ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବୁଡାମାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁଇଜ, ଡିବେଟ, କ୍ରିଏଟିଭ ରାଇଟିଙ୍ଗ, ଡ୍ରଇଂ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅମୃତଲାଲ ମହାକୁର, ନରେନ୍ଦ୍ର ପ୍ରଧାନ, ପଙ୍କଜ ପ୍ରଧାନ, ନୃପରାଜ ବରିହା, ହରିହର ବୁଡେକ, ଭାରତୀ ଲୟା, ପ୍ରିୟା ବାରିକ, ସୁଦାମ ପ୍ରଧାନ, ବାସୁଦେବ ମେହେର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖଇରପାଲି ହାଇସ୍କୁଲର ସହକାରୀ ଶିକ୍ଷକ ହେମନ୍ତ ଭୋଇ, ସିଆରସିସି ପ୍ରହଲ୍ଲାଦ ମହାନନ୍ଦ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ଶିକ୍ଷକ ରମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



> ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ ।
> - ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର

**ପଲସାଗୋରା, ୧।୧୧(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ ଡିଗ୍ରୀ କଲେଜରେ ଶନିବାର ବାଳିକା ମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ଉଦଘାଟନୀ ଦିବସରେ କଲେଜ ପରିସର ମଧ୍ୟରେ ଏକ ସଭା ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷ ସାଗର ବଗର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିଶୋର ଚନ୍ଦ୍ର ଜଗଦେବ, ଦେବଦାସ ମହାପାତ୍ର, ରବିନ୍ଦ୍ର ପ୍ରଧାନ, ମାନିନୀ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହିଳା ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ । ସେହିପରି ମାଷ୍ଟର ଟ୍ରେନର ଭାବେ କଳ୍ପନା ଭୋଇ ବାଳିକାମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କଳା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ୧୨ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଖେଳ ପ୍ରଶିକ୍ଷକ ତଥା ତାଲିମ ସଂଯୋଜକ ପ୍ରଣବ କିଶୋର ସାହୁ ପରିଚାଳନା କରିଥିଲେ ।



### ଯୋଗଦେଲେ ସ୍ପେଶାଲ ପିପି

**ବୌଦ୍ଧ,୧।୧୧(ସ୍ୱ.ପ୍ର):** ବୌଦ୍ଧ ଜିଲା ମନମୁଣ୍ଡା ବାସୁଦେବପାଲିର ବରିଷ୍ଠ ଆଇନଜୀବୀ ଯୋଗେଶ ପ୍ରସାଦ ନାଏକ ବୌଦ୍ଧ କୋର୍ଟରେ ସ୍ପେଶାଲ ପିପି ଭାବେ ଗୁରୁବାର ଯୋଗଦାନ କରିଛନ୍ତି। ଆଇନଜୀବୀ ଅରୁଣ କୁମାର ପ୍ରଧାନଙ୍କ ପରଲୋକ ପରେ ଏହି ପଦବୀ ଖାଲି ପଡିଥିଲା । ରାଜ୍ୟ ସରକାରଙ୍କ ଆଇନ ବିଭାଗର ଆଦେଶ ଆଇଏଲ ଆର-୪୬/ ୧୮-୯୪୨୯ ତାରିଖ ୨୯.୮.୧୮ ଅନୁସାରେ ନାୟକ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ପୂର୍ବରୁ କଣ୍ଟମାଳ କୋର୍ଟରେ ଏପିପି ଭାବେ କାର୍ଯ୍ୟ କରିଆସୁଥିଲେ ।

### ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ପଲସାଗୋରା, ୧।୧୧(ଡି.ଏନ.ଏ.):** ଶହୀଦ ଅଚ୍ୟୁତାନନ୍ଦ ସାହୁଙ୍କୁ କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏ ନେଇ ସଂଘ ସଭାପତି ଦୁର୍ବାକ୍ଷ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଚ୍ୟୁତାନନ୍ଦଙ୍କ ଫଟୋଚିତ୍ରରେ ସଂଘର ସଦସ୍ୟମାନେ ପୁଷ୍ପମାଲ୍ୟ ପ୍ରଦାନ ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଜାଳି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଏଥିରେ ଉପଦେଷ୍ଟା ଦିବ୍ୟଶଙ୍କର ରାଉତ, କୋଷାଧକ୍ଷ ଜୟ କୁମାର ମହାରଣା, ସୁଦର୍ଶନ ବଘାର, ରାମଚନ୍ଦ୍ର ମଲ୍ଲିକ, ଅକ୍ରୂର ସାହୁ, ଗଣେଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ

**ପଦ୍ମପୁର, ୧।୧୧ (ଡି.ଏନ.ଏ):** ବିଜୁ ଯୁବ ବାହିନୀ ୟୁନିଟ-୨ ଆନୁକୂଲ୍ୟରେ ସ୍ଥାନୀୟ ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ପ୍ରଥମ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନେହେରୁ ସ୍ପୋର୍ଟିଂ, ଦୁର୍ଗା ସ୍ପୋର୍ଟିଂ, ଜେସିସି, ଭେଉଁରିଆ, ବୁଧାପାଲି, ଖଲିଆପାଲି, ବନ୍ନପାଲି ସମେତ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ସେମିଫାଇନାଲରେ ଭେଉଁରିଆ ଦଳ ଖଲିଆପାଲିକୁ ଓ ଦ୍ୱିତୀୟ ସେମିଫାଇନାଲରେ ବୁଧାପାଲି ଦଳ ବନ୍ନପାଲି ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ । ଫାଇନାଲ ମ୍ୟାଚରେ ବୁଧାପାଲି ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୪୦ରନ କରିଥିବା ବେଳେ ଭେଉଁରିଆ ଦଳ ୪.୩ ଓଭରରେ ୪୧ ରନ କରି ବିଜେତା ଘୋଷିତ ହୋଇଥିଲେ । ବରୁଣ ସାହୁ ଓ ବିକି ସାହୁ ଖେଳ ପରିଚାଳନା କରିଥିଲେ। ଦୁର୍ଗାପୂଜା କମିଟି କୋଷାଧକ୍ଷ ଶିକ୍ଷକ ସଦାନନ୍ଦ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷକ ନରେନ୍ଦ୍ର ପ୍ରଧାନ, ଭୋଳାନାଥ ଭୋଇ, କିଶୋର ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । କୁନାଲ ପ୍ରଧାନ ଓ ଭରତ ସେନାପତି ସ୍କୋରିଂ କରିଥିଲେ । ବଳଦେବ ବନଛୋର ଓ ନରସିଂହ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ବଳଦେବ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଠକେଇ

# ୧୫ ଲକ୍ଷ ଧରି ଅଭିଯୁକ୍ତ ଛୁ

**ହରଭଙ୍ଗା ବ୍ଲକ**
- ବୟନିକା ସଂସ୍ଥା ମାଧ୍ୟମରେ କର୍ମସଂସ୍ଥାନ ଦେବାକୁ ପ୍ରଲୋଭନ
- ଠକେଇ ହୋଇଥିବା ଜଣାପଡିବା ପରେ ଥାନାରେ ମାମଲା ରୁଜୁ

**ତଳଗାଁ,୧।୧୧(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆତ୍ମନିଯୁକ୍ତି ଦେବା ସହ ମାସିକ ଭଲ ଅଙ୍କର ଅର୍ଥ ରୋଜଗାର ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତି ୧୫ ଲକ୍ଷ ଟଙ୍କା ଧରି ଫେରାର ହୋଇଯାଇଥିବା ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ପୋଲିସ ଦଫା ୪୨୦ (୩୪) ଆଇପିସି ଅନୁଯାୟୀ ଏକ ମାମଲା (ନଂ. ୧୩୪/୧୮) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଅକ୍ଷୟ କୁମାର ଘଡାଇ କହିଛନ୍ତି ।

ପୋଲିସ ସୂଚନା ଅନୁସାରେ, ବର୍ଷକ ତଳେ ପୁରୁଣାକଟକ ଥାନା ବଡବନ୍ଧ ଗ୍ରାମକୁ କୁମାର ନାଏକ ନାମକ ଜଣେ ବ୍ୟକ୍ତି ଟୁକୁ ଓ ଦୀପକ ନାମକ ୨ ଜଣ ସହଯୋଗୀଙ୍କ ସହ ଆସିଥିଲେ । ସେମାନେ ନିଜକୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବୟନିକା କର୍ପୋରେଶନର ଅଧିକାରୀ ବୋଲି ପରିଚୟ ଦେଇ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କ ସହ ଏକ ବୈଠକ କରିଥିଲେ । ସରକାର ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇ ସେମାନଙ୍କୁ ନିଜସ୍ୱ ରୋଜଗାର ମାଧ୍ୟମରେ ଆତ୍ମ ନିର୍ଭରଶୀଳ କରିବା ପାଇଁ ବୟନିକା ସଂସ୍ଥା ମାଧ୍ୟମରେ କର୍ମସଂସ୍ଥାନ ଯୋଗାଇ ଦେବାକୁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନା ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଅବସର ସମୟରେ ନିଜ ଘରେ ବସି ସଳିତା ପ୍ରସ୍ତୁତ କଲେ ତାକୁ ସଂଗ୍ରହ କରି ବୟନିକା ଜରିଆରେ ବଜାରରେ ବିକ୍ରି କରାଯିବ । ଏଥିପାଇଁ କାର୍ଯ୍ୟରତ ମହିଳାମାନଙ୍କୁ ନିର୍ଦ୍ଧାରିତ ଦରରେ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରାଯିବ । ଆଗ୍ରହୀ ମହିଳାମାନେ ଯୋଜନାର ସଦସ୍ୟା ହେବା ପାଇଁ ମୁଣ୍ଡ ପିଛା ୧ ଶହ ଟଙ୍କା ପ୍ରାଥମିକ ଦେୟ ଦେଇ ନାମ ତାଲିକାଭୁକ୍ତ କରିବାକୁ ଏହି ବ୍ୟକ୍ତିମାନେ କହିଥିଲେ । ସେହିପରି କେତୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ହୋଇଥିବା ସଳିତାକୁ ସଂଗ୍ରହ କରିବା ପାଇଁ ଜଣେ ସୁପର ଭାଇଜର ରହିବେ । ତାଙ୍କୁ ମାସିକ ୯ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ କରାଯିବ । ଉକ୍ତ ପଦବୀ ପାଇଁ ଆଗ୍ରହୀ ଥିବା ମହିଳାଙ୍କୁ ସିକ୍ୟୁରିଟି ଅର୍ଥ ବାବଦ ୧୦ ଜହାର ଟଙ୍କା ଜମା ଦେବାକୁ ହେବ । ଏହି ସମସ୍ତ କାର୍ଯ୍ୟର ତଦାରଖ କରିବାକୁ ନିର୍ଦ୍ଧିଷ୍ଟ ଅଞ୍ଚଳ ପାଇଁ ଜଣେ ଜଣେ ମହିଳା ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇ ମାସିକ ୧୩ ହଜାର ଟଙ୍କା ପାରିଶ୍ରମିକ ଆକାରରେ ଦିଆଯିବ । ଏହି ପଦବୀ ପାଇଁ ଇଚ୍ଛୁକ ଥିବା ମହିଳାଙ୍କୁ ସିକ୍ୟୁରିଟି ବାବଦ ୧୨ ହଜାର ଟଙ୍କା ଦେବାକୁ ପଡିବ ବୋଲି ସେମାନେ କହିଥିଲେ । ଏହାସହ ପାଖାପାଖି ୧୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ଆଶାୟୀ ସଦସ୍ୟାମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସଳିତା ପ୍ରସ୍ତୁତି ପାଇଁ ଗୋଟିଏ ଲେଖାଏଁ ସୁତା ବଣ୍ଡଲ ଦେଇ ଆସ୍ଥାଭାଜନ ହେବା ପରେ ସେମାନଙ୍କ ଠାରୁ ପ୍ରାୟ ୧୫ ଲକ୍ଷ ଟଙ୍କା ସଂଗ୍ରହ କରି ଆଉ ଦେଖା ଦେଇ ନ ଥିଲେ। ଅନ୍ୟପଟେ ବିଭିନ୍ନ ସମୟରେ ସେମାନଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ପ୍ରଶ୍ନ କରୁଥିବା ମହିଳାମାନଙ୍କୁ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ଏଭଳି ଭାବେ ଦୀର୍ଘ ମାସ ବିତିଯିବା ପରେ ସେମାନଙ୍କ ଆଉ ଦେଖା ନ ମିଳିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର କିଛି ମହିଳା ଏ ନେଇ ବୟନିକା କର୍ତ୍ତୃପକ୍ଷଙ୍କୁ ଜଣାଇବାରୁ ତାଙ୍କ ସଂସ୍ଥା ପକ୍ଷରୁ ସେଭଳି କୌଣସି ଯୋଜନା ନ ଥିବା କହିଥିଲେ। ମହିଳାମାନେ ଠକେଇର ଶିକାର ହୋଇଥିବା ଜଣଶପଡିବା ପରେ ମହିଳା ସ୍ୱୟଂ ସହାୟକ ମହାସଂଘ ସଭାପତି ସୌଦାମିନୀ ବିଧାଣୀ ପୁରୁଣାକଟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।




ଦୁର୍ନୀତି ନିବାରଣ ସଚେତନତା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଇଚ୍ଛାଶକ୍ତି ରହିଲେ ଦୁର୍ନୀତି ରୋକାଯାଇପାରିବ

**ବୌଦ୍ଧ,୧।୧୧(ସ୍ୱ.ପ୍ର)**

ବୌଦ୍ଧରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ଅବସରରେ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ଗୁରୁବାର ଜିଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଦୁର୍ନୀତି ନିବାରଣ ଡିଭିଜନର ଆରକ୍ଷୀ ଅଧୀକ୍ଷକ ମାୟାଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି, ଉପଜିଲପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକ, ଅତିରିକ୍ତ ଏସ୍‌ପି ସୁଶୀଲ ପାଣିଗ୍ରାହୀ ସମ୍ମାନୀତ ଅତିଥି ଓ ଜିଲା ଓକିଲ ସଂଘର ସଭାପତି ନବ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବୌଦ୍ଧ ଦୁର୍ନୀତି ନିବାରଣ ଉପ ଆରକ୍ଷୀ ଅଧୀକ୍ଷକ ନାଗାର୍ଜ୍ଜୁନ ପ୍ରଧାନ ଅତିଥି ପରିଚୟ ଦେଇଥିଲେ । ରାଜନୈତିକ ବ୍ୟକ୍ତିଙ୍କ ଇଚ୍ଛାଶକ୍ତି ରହିଲେ ଦୁର୍ନୀତି ରୋକାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ମିଶ୍ର କହିଲେ, ଦେଶରେ ଦୁର୍ନୀତି ରୋକିବା ପାଇଁ ବହୁ ଆଇନ ତିଆରି ହୋଇସାରିଛି। କିନ୍ତୁ ଏହାକୁ ଠିକ ଭାବେ ପାଳନ କରାଗଲେ ଦୁର୍ନୀତି ରୋକାଯାଇପାରିବ। ଲୋକଙ୍କୁ ଠିକ୍ ସେବା ଯୋଗାଇ ଦେବା ସହ କର୍ମଚାରୀମାନେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ମୁଖ୍ୟଅତିଥି ଜିଲାପାଳ ରାଉତ କହିଥିଲେ । ଏହି ସଭାରେ ଜିଲାର ସମସ୍ତ ପଦାଧିକାରୀ, ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ମନମୁଣ୍ଡାରେ ବିଶ୍ୱ ଶାକାହାରି ଦିବସ

**ମନମୁଣ୍ଡା, ୧।୧୧ (ଡି.ଏନ.ଏ)**

ମନମୁଣ୍ଡା କଲକତାପଡା ନାରୀ ପ୍ରକୋଷ୍ଠ କେନ୍ଦ୍ରରେ ମହିଳାମାନଙ୍କ ଦ୍ୱାରା ବିଶ୍ୱ ଶାକାହାରି ଦିବସ ଗୁରୁବାର ପାଳନ କରାଯାଇଛି । ଏଥିରେ ମନମୁଣ୍ଡା ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର ଅଧକ୍ଷତା କରିଥିଲେ । ସରପଞ୍ଚ ମିନାକ୍ଷୀ ସାହୁ ମୁଖ୍ୟଅତିଥି, ଖବରଦାତା ବବିତା ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭଗବାନ ମଣିଷର ଦାନ୍ତ ନିରାମିଷ ଭୋଜନ ପାଇଁ ଗଢ଼ିଛନ୍ତି। ଯେଉଁ ଜୀବର ଦାନ୍ତ ମୁନିଆଁ ତଥା ଜିଭରେ ପାଣି ପିଅନ୍ତି ପ୍ରାୟ ସେମିତି ପ୍ରାଣୀ ମାଂସ ଭକ୍ଷଣ କରିଥାନ୍ତି ବୋଲି ସଭାର ଅଧକ୍ଷା ମିଶ୍ର ମତବ୍ୟକ୍ତ କରିଥିଲେ । ନିରାମିଷ ଭୋଜନ ଦ୍ୱାରା ପଶୁ ପକ୍ଷୀମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ଓ ସେ ସବୁକୁ ବନ୍ଦ କରିବା ପାଇଁ ମଣିଷମାନେ ନିରାମିଷାଶୀ ହେବା ଉଚିତ ବୋଲି ମୁଖ୍ୟଅତିଥି ସାହୁ ଆଲୋକପାତ କରିଥିଲେ । ସେହିପରି ନିରାମିଷ ଭୋଜନ କଲେ ମନରୁ ହିଂସା ଭାବ ଦୂର ହୁଏ । ନାରୀମାନେ ଉଦ୍ୟମ କଲେ ପରିବାରରେ ନିରାମିଷ ଭୋଜନ ହୋଇପାରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା । ଏହି ସଭାରେ ଗ୍ରାମର ଅନେକ ମହିଳା ସ୍ୱୟ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ ।

# ଦୁର୍ନୀତି ନିବାରଣ ପାଇଁ ଶପଥପାଠ

**ବୌଦ୍ଧ,୧।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଗୁରୁବାର କୋର୍ଟ ପରିସରରେ ପାଳିତ ହୋଇଯାଇଛି । ଜିଲା ଦୌରାଜଜ ତଥା ଆଇନସେବା ପ୍ରାଧିକରଣର ଅଧ ଅରବିନ୍ଦ କୁମାର ଗୁରୁଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଦୁର୍ନୀତି ନିବାରଣ ସପ୍ତାହ ଗତ ୨୯ ତାରିଖ ଠାରୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ବେଳେ ଏହାର ମୁଖ୍ୟ ବିଷୟ ବସ୍ତୁ ଥିଲା ଦୁର୍ନୀତି ହଟାନ୍ତୁ, ନୂଆ ଭାରତ ଗଢନ୍ତୁ । ଜିଲା ଦୌରାଜଜ୍ ଗୁରୁ କୋର୍ଟର କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହା ସହ ଦୁର୍ନୀତି ହଟାଇବା ପାଇଁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣରେ ବହୁଳ ଭାବେ ସଚେତନତା କରାଇବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ସଚେତନତା ସଭାରେ ଅତିରିକ୍ତ ଜିଲା ଦୌରାଜଜ ଗୌରିମାଳି ମହାରଣା, ସିଜେଏମ ପ୍ରଦୀପ୍ତ କୁମାର ସାହୁ, ସବଜଜ ଅଗସ୍ତି କୁମାର ସାହୁ, ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ଏସଡିଜେଏମ ସୂର୍ଯ୍ୟ ଦାସ, ଆଇନ ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ଜେଏମଏଫସି ସନ୍ତୋଷ ବାରିକ, ଗୌରୀ ଶଙ୍କର ପଣ୍ଡା, ବରିଷ୍ଠ ଆଇନଜୀବୀ ସୁଧିର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ । ଆଇନ ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ମନମୁଣ୍ଡା, ୧।୧୧ (ଡି.ଏନ.ଏ)**

ବୌଦ୍ଧ ଜିଲା ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏ ନେଇ ବୁଧବାର ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ଅଧକ୍ଷତାରେ ଏକ ସଭା କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମ୍ପାଦକ ସୁରଥ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧାପକ ବିଭୁତି ଭୂଷଣ ବାରିକ ଅତିଥି ପରିଚୟ ଦେଇଥିଲେ । ରାଷ୍ଟ୍ର ଗଠନରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକତା ବଜାୟ ରଖିବା ନିହାତି ଆବଶ୍ୟକ ବୋଲି ମୁଖ୍ୟଅତିଥି ମିଶ୍ର କହିଥିଲେ । ଏକତା ହିଁ ବଳ ବୋଲି ଅଧକ୍ଷା ଭଟାଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଏନଏସଏସ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରୀୟ ଏକତା ବଜାୟ ପାଇଁ ଶପଥ ନେଇଥିଲେ ।

## ବୀମା ବିଭ୍ରାଟକୁ ନେଇ ଚାଷୀ ଆନ୍ଦୋଳନ

# ୬୪ ଦିନ ପରେ ଧାରଣା ପ୍ରତ୍ୟାହାର



ଭେଡ଼େନ ସମବାୟ ବ୍ୟାଙ୍କ ଆଗରେ ଚାଷୀମାନଙ୍କ ସଭା ଚାଲିଛି ।

**ଭେଡ଼େନ,୧।୧୧(ଡ଼ି.ଏନ.ଏ)**

ଫସଲ ବୀମା ବିଭ୍ରାଟ ତଥା ସମ୍ପୂର୍ଣ୍ଣ ବୀମା ରାଶି ପାଇବା ପାଇଁ ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଚାଲିଥିବା ଚାଷୀ ଆନ୍ଦୋଳନ ଶୁକ୍ରବାର ୬୪ ଦିନରେ ପ୍ରତ୍ୟାହୃତ ହୋଇଛି । ତେବେ ଚାଷୀଙ୍କ ସମ୍ପୂର୍ଣ୍ଣ ବୀମା ରାଶି ପାଇଁ ଆବଶ୍ୟକ ୬୫ କୋଟି ଟଙ୍କା ଥିବାବେଳେ ୫୬ କୋଟି ଟଙ୍କା ବ୍ୟାଙ୍କକୁ ଆସିଥିବା ଜଣାପଡ଼ିଛି। ଫଳରେ ଚାଷୀଙ୍କୁ ଆଂଶିକ ଆଶ୍ୱସ୍ତି ମିଳିଛି । ତେଣୁ ଗୁରୁବାର ଭେଡ଼େନରେ ହୋଇଥିବା ଚାଷୀ ସମାବେଶରେ ସମବାୟ ବ୍ୟାଙ୍କ ଶାଖା ଆଗରେ ଚାଲିଥିବା ଧାରଣାକୁ ପ୍ରତ୍ୟାହାର କରାଯିବା ସହ ବ୍ୟାଙ୍କର କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖାଯାଇଛି। ଯଦି ବୀମା ରାଶି ପାଇବା ଦିଗରେ ବ୍ୟତିକ୍ରମ ହୁଏ, ଆଗକୁ ଭିନ୍ନ ରୂପରେ ଆନ୍ଦୋଳନ ବଜାୟ ରଖାଯିବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ସମବାୟ ବ୍ୟାଙ୍କ ସମ୍ମୁଖରେ ନରେନ୍ଦ୍ର ଭୋଇଙ୍କ ପରିଚାଳନାରେ ହୋଇଥିବା ସଭାରେ ଚାଷୀନେତା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ଆପ୍ ନେତା ଭବାନୀ ସାହୁ, କଂଗ୍ରେସ ଯୁବ ସଭାପତି ସ୍ୱାଧୀନ ରଥ, ସାମିଜିକ କର୍ମୀ ଅମିତାଭ ପାତ୍ର, ଚାଷୀ ଗଣ୍ଡାରାମ ଦାଶ, ମହେଶ୍ୱର ପ୍ରଧାନ, ସରୋଜ ସାହୁ, ଦିଲୀପ କର, ଖଗେଶ୍ୱର ଭୋଇ, ରାଜେଶ ରଞ୍ଜନ ପାଢ଼ୀ, ଗୌରୀଶଙ୍କରଏବଂ ବାବୁଲାଲ ଭୋଇ ପ୍ରମୁଖ ଉଦବୋଧନ ଦେଇଥିଲେ।

## ବିଜେପୁରରେ ପଲିଥିନମୁକ୍ତ ସଚେତନତା ରାଲି

# ଛାତ୍ରୀଛାତ୍ର ବାଣ୍ଟିଲେ କାଗଜ ଠୁଙ୍ଗା

**ବିଜେପୁର, ୧।୧୧ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ଏନଏସି ସଦର ମହକୁମାରେ ପଲିଥିନମୁକ୍ତ ସଚେତନତା ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଡିଗ୍ରୀ କଲେଜର ଏନଏସଏସ ୟୁନିଟ ପକ୍ଷରୁ ଆୟୋଜିତ ଏହି ରାଲିକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ପଲିଥିନ ବ୍ୟବହାର ଦ୍ୱାରା ପରିବେଶ, ସ୍ୱାସ୍ଥ୍ୟ, କୃଷି ଉପରେ କିଭଳି ନକରାତ୍ମକ ପ୍ରଭାବ ପଡୁଛି ସେ ସମ୍ପର୍କରେ ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପଲିଥିନର ବିକଳ୍ପ ଭାବେ କାଗଜ ଠୁଙ୍ଗା ବ୍ୟବହାର କରିବା ଉଚିତ। ତେଣୁ ଗତ ଶାରଦୀୟ ଜାତୀୟ ସେବା ଶିବିରରେ ବାଳିକାମାନଙ୍କ ଦ୍ୱାରା ପ୍ରସ୍ତୁତ କାଗଜ ଠୁଙ୍ଗାଗୁଡିକୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଶିକ୍ଷାର୍ଥୀମାନେ ମାଗଣାରେ ବଣ୍ଟନ କରି ବ୍ୟବସାୟୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତଙ୍କ ନେତୃତ୍ୱରେ ଅଧାପକ ସରୋଜ କୁମାର ପାଣିଗ୍ରାହୀ, ଅଧାପକ ଅମୂଲ୍ୟନିଧି ପଧାନ ପ୍ରମୁଖ ରାଲି ପରିଚାଳନା କରିଥିଲେ ।



ଛାତ୍ରୀମାନେ ବ୍ୟବସାୟୀଙ୍କୁ ମାଗଣାରେ କାଗଜ ଠୁଙ୍ଗା ବଣ୍ଟନ କରୁଛନ୍ତି ।

# ସଡ଼କ ଦୁର୍ଘଟଣା, ସେନା କର୍ମଚାରୀ ମୃତ

**ଭଟଲି,୧।୧୧(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ତରାଜୁଙ୍ଗା ବୁଲାଣୀରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଅମ୍ବାଭୋନା ଗ୍ରାମର ଭୈରବ ଚନ୍ଦ୍ର ସିଂ(୪୦) । ସେ ଜଣେ ସେନା କର୍ମଚାରୀ ଏବଂ ଛୁଟିରେ ଘରକୁ ଆସିଥିଲେ । ପ୍ରକାଶ ଯେ, ଭୈରବ କୌଣସି କାମରେ ଏକ ବାଇକ୍(ନଂ.ଓଡ଼ି ୧୬–୬୭୦୧) ପେଶନ ପ୍ରୋ ବାଇକ୍‌ରେ ବରଗଡ଼ ଆସିଥିଲେ। ବରଗଡ଼ରେ କାମ ସାରି ସେ ଘରକୁ ଫେରୁଥିବାବେଳେ ଅମ୍ବାଭୋନା ପଟୁ ଆସୁଥିବା କୌଣସି ଏକ ଅଜଣା ଗାଡି ସହ ସାମ୍ନାସାମ୍ନି ଧକ୍କା ଦେଇଥିଲା । ଖବର ପାଇ ଭଟଲି ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ସ୍ତ୍ରୀ ଜେଲି ସମେତ ୪ବର୍ଷର ଝିଅ ବୈଷ୍ଣବୀ ଏବଂ ଅନ୍ୟ ଜଣେ ୮ମାସର ଝିଅ ଅଛନ୍ତି। ସେନା କର୍ମଚାରୀ ଭୈରବଙ୍କ ମୃତ୍ୟୁରେ ଅମ୍ବାଭୋନା ଓକିଲ ସଂଘର ବିଦ୍ୟାଧର ବାରିକ, ଜୟସିଂ ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ ଏବଂ ସମାଜସେବୀ ବେଣୁଧର ମହାପାତ୍ର ଗଭୀର ଶୋକପ୍ରକାଶ କରି ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ।

# ଫୁଟବଲ: ଫାଇନାଲରେ ଧୀରପୁର

**ବରଗଡ଼ ଅଫିସ୍,୧।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଧୀରପୁର ପ୍ରତିପକ୍ଷକୁ ୫–୪ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି । ସନ୍ତୋଷ ପ୍ରଧାନ, ପଞ୍ଚାନନ ପାତ୍ର, ଚିତ୍ତ ପାଣ୍ଡେ, ଉମେଶ ଭୋଇ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ । ଶୁକ୍ରବାର ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ ଏବଂ କଦଳୀପାଲି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଶନିବାର ବରଗଡ଼ ଜିଲା ଓ ସମ୍ବଲପୁର ଜିଲାର ୩୫ରୁ ୪୦ବର୍ଷର ଖେଳାଳିଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକମାନେ ସୂଚନା ଦେଇଛନ୍ତି ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ତୋରା ଏକାଦଶ

**ଭେଡେନ,୧।୧୧(ଡି.ଏନ.ଏ.):** ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ଅଏଁଲାପାଲି ଖେଳ ପଡ଼ିଆରେ ବୁଧବାର ଅନୁଷ୍ଠିତ ମାଁ କୁଣ୍ଡଳପାଟ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ତୋରା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହା ପୂର୍ବରୁ ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ତୋରା ଦଳ ଅଡ଼ଗାଁ ଦଳକୁ ଏବଂ ପଧାନଟିକ୍ରା ଦଳ ଲାଉନସରାକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତୋରା ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୧୬୬ ରନ କରିଥିଲେ। ଜବାବରେ ଅଡ଼ଗାଁ ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୮୩ ରନ କରିବାକୁ ସମର୍ଥ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଲାଉନସରା ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୭୬ ରନ କରିଥିଲେ । ଜବାବରେ ପଧାନଟିକ୍ରା ଦଳ ୧୦ ଓଭରରେ ୩ ଉଇକେଟ ହରାଇ ୭୭ ରନ କରି ମ୍ୟାଚ୍ ବିଜୟୀ ହୋଇଥିଲା। ଅପରାହ୍ନରେ ହୋଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ତୋରା ଦଳ ପଧାନଟିକ୍ରା ଦଳକୁ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। ତୋରା ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୭୩ ରନ କରିଥିଲେ। ଜବାବରେ ପଧାନଟିକ୍ରା ଦଳ ୮ ଓଭରରେ ୬ ଉଇକେଟ ହରାଇ ୬୨ ରନ କରିବାକୁ ସମର୍ଥ ହୋଇଥିଲା। ଖେଳକୁ ଅମ୍ପାୟାର କଟକିଆ ବିଶ୍ୱାଳ ଓ ତପୋଧନ ପଧାନ ପରିଚାଳନା କରିଥିବା ବେଳେ ଶୁକ୍ରଜିତ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଶୁକ୍ରବାର ବରପାଲି ଓ ରେଙ୍ଗାଲି ଏବଂ ତୁଲଣ୍ଡି ଓ ଜାମପାଲି ମଧରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

■ ବଲାଙ୍ଗୀର ଜିଲାରେ ଚକଡା ଉପଦ୍ରବ ସାଂଘାତିକ

# କାମ କରୁନାହିଁ କୀଟନାଶକ

**ବଲାଙ୍ଗୀର ଅଫିସ, ୧।୧୧**

ବଲାଙ୍ଗୀର ଜିଲାରେ ଚକଡା ପୋକ ଉପଦ୍ରବ ସାଂଘାତିକ ଅବସ୍ଥାରେ ପହଞ୍ଚିଛି। ଜିଲାର ବିଭିନ୍ନ ବ୍ଲକରେ ଶତାଧିକ ଏକର ଧାନ କ୍ଷେତରେ ଚକଡା ପୋକ ପ୍ରାଦୁର୍ଭାବ ଦେଖାଦେଇଛି । ଚକଡା ପୋକ ରୋକିବା ପାଇଁ କୀଟନାଶକ ବ୍ୟବହାର କଲା ପରେ ମଧ୍ୟ ଉପଦ୍ରବ କମୁନାହିଁ ଏଭଳି ସ୍ଥିତିରେ ଚାଷୀମାନେ ଏବେ ଘୋର ଚିନ୍ତାରେ ପଡିଛନ୍ତି । ଏ ନେଇ କୃଷି ଅଧିକାରୀ ଓ ବିଶେଷଜ୍ଞମାନେ ମଧ୍ୟ ନିର୍ଦ୍ଦିଷ୍ଟ ଉପାୟ ଅବଲମ୍ବନ କରୁ ନ ଥିବାରୁ ଜିଲାରେ ଦିନକୁ ଦିନ ଚକଡା ପୋକା ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି ।

ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ଜିଲାରେ ଅକ୍ଟୋବର ଶେଷ ସୁଦ୍ଧା ୯୧୧ହେକ୍ଟର ଜମିରେ ଚକଡା ପୋକ ଉପଦ୍ରବ ଦେଖାଦେଇଛି । ଏଥିରୁ ୧୨୭ ହେକ୍ଟର ଜମିର ଧାନଫସଲ ଚକଡା ପୋକା ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି। ବଲାଙ୍ଗୀର ଜିଲାର ୧୪ଟି ବ୍ଲକର ଦେଓଗାଁ, ବଲାଙ୍ଗୀର, ଟିଟିଲାଗଡ, ପୁଇଁନ୍ତଲା, ଗୁଡଭେଲା ବ୍ଲକ୍‌ର ଶତାଧିକ ଏକର ଧାନରେ ଚକଡା ପୋକ ଲାଗିଛି । ଏହାଛଡା ଅନ୍ୟ ବ୍ଲକମାନଙ୍କରେ ମଧ୍ୟ ଚକଡା ପୋକ ଉପଦ୍ରବ ଦେଖାଯାଇଛି । ସରକାରୀ ଭାବେ ଏଭଳି ତଥ୍ୟ ଦିଆଯାଇଥିଲେ ମଧ୍ୟ ବାସ୍ତବରେ ଏହାଠୁ ଢ଼େର ଅଧିକ ଜମିରେ ଚକଡା ଉପଦ୍ରବ ଦେଖାଦେଇଛି । ଚଳିତବର୍ଷ ଭଲ ଧାନ ଅମଳ ହେବ ବୋଲି ଜିଲାର ଚାଷୀମାନେ ଆଶା ରଖିଥିଲେ । ପ୍ରାରମ୍ଭିକ ବର୍ଷା ବିଳମ୍ବ ହୋଇଥିଲେ ମଧ୍ୟ ପରେ ଭଲ ବର୍ଷା ହେବାରୁ ଚାଷ ଭଲ ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ଜିଲାର ବିଭିନ୍ନ ବ୍ଲକରେ ବର୍ଷାଭାବଜନିତ ସମସ୍ୟା ଦେଖାଦେବାରୁ ଭଲ ଧାନ ଚାଷ ହେବା ସତ୍ତ୍ୱେ ପାଣି ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା । ଯେଉଁଠାରେ ଭଲ ଧାନ ଚାଷ ହୋଇଥିଲା ସେଠାରେ ଚକଡା ପୋକ ଉପଦ୍ରବ ଆରମ୍ଭ ହେବା ପରେ ଚାଷୀଙ୍କ ଚିନ୍ତା ବହୁଗୁଣିତ ହୋଇଥିଲା । ସଦର ବ୍ଲକର କୁଡାସିଂହା, ସାହାଜବାହାଲ ଓ ଝରେଇବାହାଲ ଅଞ୍ଚଳରେ ଚାଷୀମାନେ ଚକଡା ପୋକ ଉପଦ୍ରବ କାରଣରୁ ଆକ୍ରାନ୍ତ ଧାନଫସଲରେ ନିଆଁ ଲଗାଇ ଦେବା ପରେ ଚକଡା ପୋକ ସମସ୍ୟା ଲୋକଲୋଚନକୁ ଆସିଥିଲା । ଜିଲାର ଦେଓଗାଁ, ବଲାଙ୍ଗୀର, ଟିଟିଲାଗଡ, ଗୁଡଭେଲା ଓ ପୁଇଁତଲା ବ୍ଲକରେ ଚକଡା ପୋକ ଦୃତଗତିରେ ବ୍ୟାପିବାରେ ଲାଗିଛି। ପଇଁତଲା ବ୍ଲକର କୁରୁଲ, ମହୀମୁଣ୍ଡା ଅଞ୍ଚଳରେ ମଧ୍ୟ ଚକଡା ପୋକ ଉପଦ୍ରବ ଦେଖାଦେଇଛି । କୁରୁଲ ଗାଁର ଚାଷୀ ବାଲେଶ୍ୱର ପଟେଲ, ପ୍ରଦୀପ ନାଏକ, ଜଳନ୍ଧର ଦୀପ, ସଚ୍ଚିକାନ୍ତ ରାଉତ୍, ଗୋବିନ୍ଦ ପଟେଲ, ବିଭୂତି ପଟେଲ, ମହେଶ୍ୱର ନାଏକ, ଲୋହିତ ପଟେଲ, ପୀତବାସ ସେଠ୍ ଓ ଅନ୍ୟ ଚାଷୀଙ୍କ ଧାନ କ୍ଷେତ୍ରରେ ଚକଡା ପୋକ ଯୋଗୁଁ ବ୍ୟାପକ ମାତ୍ରାରେ ଧାନ ଫସଲ ନଷ୍ଟ ହୋଇଛି । ମୁଖ୍ୟ ରାସ୍ତାକଡରେ ଥିବା ଜଳନ୍ଧର ଦୀପଙ୍କ କ୍ଷେତର ସମ୍ପୂର୍ଣ୍ଣ ଧାନ ପାଳ ହୋଇଯାଇଛି । କୀଟନାଶକ ବ୍ୟବହାର କରି ଚାଷୀ ଖର୍ଚ୍ଚାନ୍ତ ହେବା ପରେ ମଧ୍ୟ ଚକଡା ପୋକ ଉପଦ୍ରବ କମୁ ନ ଥିବାରୁ ଜିଲାର ଚାଷୀକୂଳ ଘୋର ଚିନ୍ତାରେ ପଡିଛନ୍ତି ।



କୁରୁଲ ଗାଁରେ ଚକଡା ପୋକ ଲାଗିଥିବା କ୍ଷେତରେ ଚାଷୀ କୀଟନାଶକ ସିଞ୍ଚନ କରୁଛନ୍ତି ।

**ଚିନ୍ତାରେ ଚାଷୀ**

- ୯୧୧ ହେକ୍ଟରରେ ଚକଡା ପୋକ
- ୧୨୭ ହେକ୍ଟର ଧାନ ସମ୍ପୂର୍ଣ୍ଣ ନଷ୍ଟ
- କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କୃଷି ଅଧିକାରୀ

**ଏମାନେ ଯାହା କୁହନ୍ତି...**



"ଚକଡା ରୋକିବା ପାଇଁ ୫ଥର କୀଟନାଶକ ସିଞ୍ଚନ କରିବା ପରେ ମଧ କିଛି ବି ଲାଭ ହୋଇନାହିଁ ଏପର୍ଯ୍ୟନ୍ତ ୧୦ହଜାର ଟଙ୍କା ଖର୍ଚ୍ଚ କରିସାରିଛି । କୃଷି ଅଧିକାରୀମାନେ ଠିକଣା ସମୟରେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କି ଉପଯୁକ୍ତ ପରାମର୍ଶ ଦେଉ ନାହାନ୍ତି।

-ପ୍ରଦୀପ ନାଏକ, ଚାଷୀ, କୁରୁଲ



"ମୋର ଜମିରେ ଚକଡା ଉପଦ୍ରବ ଦେଖାଦେଇଛି। କୀଟନାଶକ ବ୍ୟବହାର କଲେ ଚକଡା କମିବ ବୋଲି କୁହାଯାଇଥିଲେ ମଧ ଚକଡା କମୁନାହିଁ । ମୁଁ ମଧ ଢ଼େର ଖର୍ଚ୍ଚାନ୍ତ ହେଲିଣି ।

-ମହେଶ୍ୱର ନାଏକ, ଚାଷୀ କୁରୁଲ



"ଜିଲାର ବିଭିନ୍ନ ସ୍ଥାନରେ ଚକଡା ପୋକ ଲାଗିଛି । ତେବେ କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି । କୀଟନାଶକ ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ସଚେତନ କରୁଛନ୍ତି । କିଛି ସ୍ଥାନରେ ଚକଡା ଉପଦ୍ରବ ରୋକାଯାଇଛି ।

-ଶ୍ରୀଧର ଦାସ, କୃଷି ଉପନିର୍ଦ୍ଦେଶକ, ବଲାଙ୍ଗୀର

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୧।୧୧**

ଅକ୍ଟୋବର ୨୯ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଗୁରୁବାର ବଲାଙ୍ଗୀର ସହରରେ ଏକ ସଚେତନତା ରାଲି କରାଯାଇଛି । ଏଥିରେ ଛାତ୍ରୀଛାତ୍ରମାନେ ଟାଉନ୍ ବାଳିକା ହାଇସ୍କୁଲଠାରୁ ବାହାରି ସହର ପରିକ୍ରମା କରିଥିଲେ । ରାଲିକୁ ପିଡି ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ରାଲିରେ ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଭିଜିଲାନ୍ସ ଇନ୍ସପେକ୍ଟର ସଦାନନ୍ଦ ପାଣି, ଟାଉନ୍ ବାଳିକା ହାଇସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ, ଦୁର୍ନୀତି ନିବାରଣ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଗତ ୨୯ ତାରିଖ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୁର୍ନୀତି ଦୂରୀକରଣ ନବଭାରତ ନିର୍ମାଣ ଶୀର୍ଷକରେ ହାଇସ୍କୁଲ ଓ କଲେଜ ସ୍ତରୀୟ ଓଡିଶା ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏବିଭିନ୍ନ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ସିଏନ୍‌ସି କଲେଜ ଛାତ୍ର ସର୍ବୋଦୟ ସୁପ୍ରିତ ନନ୍ଦ ଓ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟା ମଧୁପୂର୍ଣ୍ଣା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ଦୁଇ କୃତୀ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

## ୩୭୦ ଅନୁଚ୍ଛେଦ ପ୍ରସଙ୍ଗ : ଏକ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର

**ବୀରମହାରାଜପୁର, ୧।୧୧ (ଡି.ଏନ୍.ଏ)**

ଏକ ପ୍ରମୁଖ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ ଭାରତବର୍ଷର ସମ୍ବିଧାନରେ ଉଲ୍ଲିଖିତ ଅନୁଛେଦ ୩୭୦ ସମ୍ପ୍ରତି ଏକ ପ୍ରସଙ୍ଗ ପାଲଟିଛି। ଦେଶର ସାମ୍ପ୍ରତିକ ସ୍ଥିତିରେ ଏହା ଉଛେଦ କରାଯିବାର ପ୍ରାସଙ୍ଗିକତା ଥିବାରୁ ଏହାର ଆବଶ୍ୟକତା ଅନୁଭବ କରାଯାଉଛି। ବୁଧବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ 'ସମ୍ବିଧାନର ଧାରା ୩୭୦ ଅନୁଚ୍ଛେଦ ପ୍ରସଙ୍ଗ : ଏକ ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ରରେ ଭାଗ ନେଇଥିବା ଆଲୋଚକମାନେ ଏଭଳି ମତବ୍ୟକ୍ତ କରଛନ୍ତି। କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ମୁରଲୀଧର ହୋତା ପୈରୋହିତ୍ୟ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ କୁଞ୍ଜବନ ମେହେର ଆଲୋଚନା ଚକ୍ର ସମ୍ପର୍କ ରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେହିପରି ରାଜନୀତି ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର ଝା ଭାରତ–ପାକିସ୍ତାନ ବିଭାଜନ ଏବଂ କାହିଁକି ଜାମ୍ମୁ ଓ କାଶ୍ମୀର ଏକ ପ୍ରସଙ୍ଗ ରୂପେ ଉଦ୍ରେକ ହେଲା ସେନେଇ ଆଲୋକପାତ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଡ. ହିମାଂଶୁ ଶେଖର ପାଢୀ ଦେଶର ସାମ୍ପ୍ରତିକ ପରିସ୍ଥିତିରେ ଅନୁଛେଦ ୩୭୦ ଉଚ୍ଛେଦ କରାଯିବାର ବେଳ ଆସିଛି ବୋଲି ଯୁକ୍ତି ଦର୍ଶାଇ ଥିଲେ। ଏହି ପ୍ରସଙ୍ଗରେ ବରିଷ୍ଠ ଅଧ୍ୟାପକ ଦୀନବନ୍ଧୁ ମେହେର ଓ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଝାରୀ ନିଜସ୍ୱ ମତ ରଖିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧରୁ ବର୍ଷାରାଣି ଦେହେରୀ, ଯୋସବନ୍ତି ଦେହେରୀ, ସୁନୀତା ପଧାନ, ଶୁଭଶ୍ରୀ ଦୀପ,କମଳ ଲୋଚନ, ପ୍ରଭଞ୍ଜନ ପଧାନ ପ୍ରସଙ୍ଗଭିତ୍ତକ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ବିଜୟ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

### ଶ୍ରମିକ ସଚେତନତା ଶିବିର

**ବୀରମହାରାଜପୁର, ୧।୧୧ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ବୀରମହାରାଜପୁର ଉପଖଣ୍ଡର ଉଲୁଣ୍ଡାଠାରେ ଅଣସଂରକ୍ଷିତ ଶ୍ରମିକମାନଙ୍କ ସକାଶେ ଏକ ସଚେତନତା ଶିବିର ଅନୁଷ୍ଠିତ ହେଇଯାଇଛି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇନ–୨୦୧୮ ଅନୁଯାଇ ଏଭଳି ଶ୍ରମିକମାନଙ୍କୁ ପଞ୍ଜୀକୃତ କରାଯିବା ସହ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁନିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ କାର୍ଯକ୍ରମରେ ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା, ବୀରମହାରାଜପୁର ଏସ୍‌ଡିପିଓ ଧିରୋଜ ଚୋପଦାର, ଆର୍‌ଏଲ୍‌ଆଇ ପାନାମଣି ସୋରେନ୍ ଓ ମୋହନ କୁମ୍ଭାର ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ ସୁରକ୍ଷା ଆଇନ–୧୮ର ବିଭିନ୍ନ ଆଇନଗତ ଦିଗ ଓ ଶ୍ରମିକମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା। ଶିବିରରେ ଜିଲା ଶ୍ରମ କାର୍ଯ୍ୟାଳର କର୍ମକର୍ତ୍ତା ଏବଂ ପାରାଲିଗାଲ୍ ଭଲେନ୍‌ଟିଅର ଆଡ୍‌ଭୋକେଟ୍ ହିମାଂଶୁ ଶେଖର ଭୋଇ ଓ ନିଳେନ୍ଦ୍ରି ବଘାର ଉପସ୍ଥିତ ଥିଲେ।

■ ରାଶନ କାର୍ଡ ପ୍ରଦାନରେ ଘୋଟାଲା

## ହିତାଧିକାରୀ ତାଲିକାରେ ଚାକିରିଆ

**ତଳଗାଁ,୧।୧୧(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ଏହି ବ୍ଲକର ପ୍ରତି ପଞ୍ଚାୟତରୁ ୩୫୧ ଜଣ ହିତାଧିକାରୀ ଚୟନ କରି ସମୁଦାୟ ୮୧୫୧ ହିତାଧିକାରୀଙ୍କୁ ଅକ୍ଟୋବର ଓ ନଭେମ୍ବର ମାସର ଚାଉଳ ବଣ୍ଟନ କରାଯାଇଥିଛି। ତେବେ ହିତାଧିକାରୀ ତାଲିକାରେ ସରକାରୀ ସ୍କୁଲର ଶିକ୍ଷକଙ୍କ ସ୍ତ୍ରୀ ଓ ଅନେକ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ଏବଂ ସ୍ୱଚ୍ଛଳବର୍ଗର ପରିବାରଙ୍କୁ ହିତାଧିକାରୀ ତାଲିକାଭୁକ୍ତ କରି ଚାଉଳ ବଣ୍ଟନ କରାଯାଇଥିବା ତଳଗାଁ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କୁନା ବେହେରା ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସରକାରୀ ୱେବ୍‌ସାଇଟ୍‌ରେ ପ୍ରକାଶିତ ହିତାଧିକାରୀ ତାଲିକାରେ ରାଶନ କାର୍ଡ ନଂ ୦୬୦୨୧୭୧୦୨୮୪ ରେ ତଳଗାଁ ପଞ୍ଚାୟତର ଖାଲଗାଡୁ ଗ୍ରାମର ରଶ୍ମିତା ପ୍ରଧାନଙ୍କ ନାମ ରହିଛି । ମାତ୍ର ରଶ୍ମିତାଙ୍କ ସ୍ୱାମୀ ଉଡୁଗୁଚ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ସେହିପରି କାର୍ଡ ନଂ. ୦୬୦୨୧୭୧୧୧୩୯ ରେ ତେନ୍ତୁଳିପାଦ ଗ୍ରାମର ପ୍ରସନ୍ନ କୁମାର ସାହୁ, କାର୍ଡ ନଂ. ୦୬୦୨୧୭୧୧୫୦୩ ଦଳକସାହି ଗ୍ରାମର ଭୋଳେଶ୍ୱର ବେହେରା, କାର୍ଡ ନଂ. ୦୬୦୨୧୭୧୧୫୩୮ ଗଣ୍ଡାପାଜୁ ଗ୍ରାମର ତ୍ରିଲୋଚନ ମୁଦୁଲି, କାର୍ଡ ନଂ. ୦୬୦୨୧୭୧୧୫୭୦ ତଳଗାଁ ଗ୍ରାମର ଶୁଶୀଲ କୁମାର ରଣାଙ୍କୁ ହିତାଧିକାରୀ ତାଲିକାଭୁକ୍ତ କରାଯାଇଥିବା ବେଳେ ସେମାନଙ୍କ ସ୍ତ୍ରୀ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ସେହିପରି କାର୍ଡ ନଂ. ୦୬୦୨୧୭୧୦୪୭୩ ରେ ତଳଗାଁ ଗ୍ରାମର ଜୟନ୍ତୀ ସାହୁ , କାର୍ଡ ନଂ. ୦୬୦୨୧୭୧୦୯୩୦ ଗୋଛାବାରୀ ଗ୍ରାମର ଅବଧୁତ କଅଁର, କାର୍ଡ ନଂ. ୦୬୦୨୧୭୧୧୩୨୬ କଣ୍ଡିସର ଗ୍ରାମର ବୈକୁଣ୍ଠ ପୃଷ୍ଟି, କାର୍ଡ ନଂ. ୦୬୦୨୧୭୧୧୫୪୨ କୁକୁଟି ଗ୍ରାମର ମୁଲତା ମହାପାତ୍ରଙ୍କର ଚାଉଳ କଳ, ଦୋକାନ ଓ ଯାନବାହନ ଥିବା ବେଳେ ସେମାନେ ମଧ୍ୟ ହିତାଧିକାରୀ ଭାବେ ଏହି ଯୋଜନାର ସୁଫଳ ପାଉଥବବା ବେହେରା ବ୍ଲକ ଦାୟିତ୍ୱରେ ଥିବା ଜିଲା ଉପ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ରାଶନ କାର୍ଡ ଗୁଡିକରେ ପରିବାରର ମହିଳା ସଦସ୍ୟାଙ୍କ ନାମ ରହୁଥିବା ବେଳେ ଉକ୍ତ ପଞ୍ଚାୟତରେ ନିର୍ଦ୍ଦିଷ୍ଟ ଭାବେ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ମାନଙ୍କ ନାଁ ତାଲିକାଭୁକ୍ତ କରାଯାଇ ରାଶନ କାର୍ଡ ପ୍ରଦାନ କରାଯାଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ବ୍ଲକରେ ହୋଇଥିବା ଏଭଳି ବହୁ ଅନିୟମିତତାର ଗୁମର ଖୋଲିବ ଅଭିଯୋଗକାରୀ କହିଛନ୍ତି । ଏ ନେଇ ଜିଲା ଉପ ଯୋଗାଣ ଅଧିକାରୀ ପ୍ରତିମା ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ଅତି କମ୍ ଦିନ ମଧ୍ୟରେ ଏତେ ଲୋକଙ୍କ ରାଶନ କାର୍ଡ ଛପା ଯାଇଥିବାରୁ ଠହୁଏତ ଭୁଲବଶତଃ କେତେକ ପରିବାରର ମହିଳାଙ୍କ ସ୍ଥାନରେ ପୁରୁଷ ଲୋକଙ୍କ ନାଁ ରହିଯାଇଥିବ ।

## ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

**ଅମରପାଲି, ୧।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ୩୬ତମ ଗଜଲକ୍ଷ୍ମୀ ପୂଜା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ମୃଣ୍ମୟମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ ହରିହର ଯୋରରେ ଭଷାଣି କରାଯାଇଥିଲା। ୬ ଦିନ ବ୍ୟାପି ହେଉଥିବା ମୁରାସୁର ରାଜର ମଙ୍ଗଳବାର ଥିଲା ଅନ୍ତିମ ରଜନୀ । ନାଟ୍ୟଭିକ୍ରମେ ବିଷ୍ଣୁଙ୍କ ହସ୍ତରେ ମୁରାସୁରର ନିଧନ ହୋଇଛି । ପାପର କ୍ଷୟ ସହ ପୂଣ୍ୟର ଜୟ ହୋଇଛି । ଅନ୍ତିମ ରଜନୀରେ ମୁରାସୁର ଦରବାରରେ ବିଭିନ୍ନ ପର୍ଯ୍ୟାୟରେ ଓଡିଶା ଓବିସି ସେଲ ଅଧକ୍ଷ ବଳରାମ ସିଂ ଯାଦବ, ସୁବର୍ଣ୍ଣପୁର ଜିଲା ପିଡିଡିଆରଡିଏ ସୂର୍ଯ୍ୟନାରାୟଣ ଦାସ, କଂଗ୍ରେସ ନେତା ଆସବ ଅଲ୍ଲିଖାଁ, ପୂର୍ବତନ ଏମପି ନକୁଳ ନାଏକ, ସୌମେନ୍ଦ୍ର ମିଲ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ବୀରମହାରାଜପୁର ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ଖଣ୍ଡହତା ସରପଞ୍ଚ ଆଶା ସାହୁ, ବହଲପଦର ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତା, ବଡମାଲ ସରପଞ୍ଚ ଷଡାନନ ପ୍ରଧାନ, ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ରାଜଅତିଥି ଭାବେ ଯୋଗଦେଇଥିଲେ । ପୂଜା କମିଟି ସଭାପତି ଲବ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନଙ୍କୁ ପୂଜା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପୂଜା କମିଟି ଗତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ଶ୍ରେଷ୍ଠ ସଫଳତା ପାଇଁ ଜଟେସିଙ୍ଗା ହାଇସ୍କୁଲ, କ୍ରୀଡା କ୍ଷେତ୍ରରୁ ଏହେସାସ ହୋତା ଓ କାହ୍ନୁ ସାହୁ, ସମାଜସେବା ପାଇଁ ଆଦିତ୍ୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ, ମେଢ଼ ଓ ରଙ୍ଗୀନ ଆଲୋକର ବ୍ୟବସ୍ଥା କରାଯାଇଥିଲା। ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, କୋଷାଧକ୍ଷ ସତ୍ୟମୋହନ ବେଦପାଣୀ, ଉପସଭାପତି ଧନଞ୍ଜୟ ସାହୁ, ସହ ସମ୍ପାଦକ ବିଦ୍ୟାଧର ଝୁଣ୍ଡିଆ, ରାଜଗୋପାଳ ପାଣିଗ୍ରାହୀ, ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ, ସଞ୍ଜିବ ସାହୁ, କୁଶ ସାହୁ, ମନୋଜ ନାଏକ, ପ୍ରକାଶ ପଣ୍ଡା, ବଳରାମ ପଧାନ, ଶାନ୍ତନୁ ଖେତୀ, ଗୋପିନାଥ ପଧାନ, ସୁନୀଲ ପଧାନ, ଶ୍ୟାମ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କ କରିଥିଲେ ।

■ ୧୭ବର୍ଷରୁ କମ୍ ବାଳକ କ୍ରିକେଟ ପ୍ରତିଯୋଗିତା

## ଗ୍ରୁପ-ଏରେ ପଦ୍ମପୁର, ଗ୍ରୁପ-ବିରେ ଭଟଲି ବିଜୟୀ

**ସରଣ୍ଡା,୧।୧୧(ଡି.ଏନ.ଏ)**

ବରଗଡ଼ ଜିଲା ୧୭ବର୍ଷରୁ କମ୍ ବାଳକ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦଘାଟିତ ହୋଇଛି । ଉଦଘାଟନୀ ଦିବସରେ କୁମେଲସିଂହା ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ଚାଲିଥିବା ଗ୍ରୁପ–ଏର ମ୍ୟାଚରେ ପଦ୍ମପୁର ଏବଂ ଲରମ୍ଭା ଖେଳ ପଡ଼ିଆରେ ଚାଲିଥିବା ଗ୍ରୁପ–ବି ମ୍ୟାଚରେ ଭଟଲି ବିଜୟୀ ହୋଇଛି। ଗ୍ରୁପ–ଏର ମ୍ୟାଚରେ ନିର୍ଦ୍ଧାରିତ ଓଭରରେ ପଦ୍ମପୁର ୪ଉଇକେଟ୍ ହରାଇ ୨୦୨ ରନ୍ ସଂଗ୍ରହ କରିଥିବାବେଳେ ପାଇକମାଲ ୬୧ରନରେ ଅଲ୍‌ଆଉଟ୍ ହୋଇଥିଲା । ସେହିପରି ଗ୍ରୁପ–ବିର ମ୍ୟାଚରେ ସୋହେଲା ୫ଉଇକେଟ୍ ହରାଇ ୮୦ରନ୍ କରିଥିବା ବେଳେ ଭଟଲି ୮ଉଇକେଟ୍‌ରେ ବିଜୟ ଲକ୍ଷ୍ୟ ପୂରଣ କରିଥିଲା । ଗ୍ରୁପ–ଏର ମ୍ୟାଚ୍‌କୁ ଭବାନୀ ଶଙ୍କର ସାହୁ ଓ ଅମିତ କୁମାର ମହାରଣା ଏବଂ ଗ୍ରୁପ–ବିର ମ୍ୟାଚ୍‌କୁ ଯଶୋବନ୍ତ ପୂଜାରୀ ଓ ସୁନୀଲ କୁମାର ନାଏକ ପରିଚାଳନା କରିଥିଲେ । ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଏମପି ଡଃ ପ୍ରଭାସ ସିଂ ସମ୍ମାନିତ ଅତିଥି ଏବଂ ସମିତିସଭ୍ୟା ନିରୁପମା ପ୍ରଧାନ, ଜିଲା ପରିଷଦ ସଭ୍ୟା ମୀରା ବଘାର, ସରପଞ୍ଚ ଜ୍ୟୋତିର୍ମୟୀ ନାଏକ, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ସିଦ୍ଧାର୍ଥ ପବ୍ଲିକ ସ୍କୁଲର ଅଧକ୍ଷ ଭି. ଶ୍ରୀନିବାସ ରାଓ, ବ୍ଲକ ଶିକ୍ଷା ଅଧିକାରୀ ରାଜାରାମ ମେହେର ଅତିଥି ଭାବେ ମଞ୍ଚାସୀନ ଥିଲେ । ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରିଲୋକ୍ୟ ନାଏକ ବିବରଣୀ ପାଠ କରିଥିଲେ । ସିଦ୍ଧାର୍ଥ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଜି.ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଏଲ.ଏନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅସିତ କୁମାର ଅମାନ୍ତ ମଞ୍ଚ ପରିଚାଳନା କରିଥିଲେ ।




ଉଦଘାଟନୀ ସମାରୋହରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ଧରିତ୍ରୀ
DHARITRI



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନ କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।

-ଟମାସ କାର୍ଲାଇଲ



ସମ୍ବଲପୁର, ଶୁକ୍ରବାର, ୨ ନଭେମ୍ବର, ୨୦୧୮

## ସଂକ୍ଷେପରେ



### ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

ଖଡିଆଳ,୧।୧୧(ଡି.ଏନ.ଏ.) ନୂଆପଡା ଜିଲା ଖଡିଆଳ ସହର ଦେଇ ଯାଇଥିବା ଗୋପାଳପୁର-ରାୟପୁର ୩୫୩ ନଂ. ଜାତୀୟ ରାଜପଥ ଖଡିଆଳ ସହରରୁ ୩ କି.ମି. ଦୂର ସାଗୁନଡୋଙ୍ଗରୀ ଛକ ନିକଟରେ ମରଣଯନ୍ତା ପାଲଟିଛି । ଗୋଟିଏପଟେ ଖାଲଖମାରେ ପରିପୂର୍ଣ୍ଣ ଥିବା ବେଳେ ଅନ୍ୟପଟେ ଛକ ନିକଟରେ ଜାତୀୟ ରାଜପଥ ଉପର ଦେଇଯାଇଥିବା କେନାଲରେ ପାଣି ଝରୁଥିବା ଯୋଗୁ ରାସ୍ତାରେ କାଦୁଅ ପାଣି ଜମିରହିଛି । ଫଳରେ ଅନେକ ସମୟରେ ଛୋଟବଡ ଦୁର୍ଘଟଣାମାନ ହେଉଥିବା ବେଳେ ଉକ୍ତ ରାସ୍ତା ଦେଇ ଯାଆସ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏଥିପ୍ରତି ଜାତୀୟ ରାଜପଥ ବିଭାଗ କିମ୍ବା କେନାଲ ଡିଭିଜନର ଦୃଷ୍ଟି ପଡୁ ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ଅଷ୍ଟାଦଶ ପ୍ରାଦେଶିକ ଜ୍ଞାନବିଜ୍ଞାନ ମେଳା ଆଜିଠୁ

ଭବାନୀପାଟଣା,୧।୧୧(ଡି.ଏନ.ଏ.) ଭବାନୀପାଟଣା ବ୍ରଜବିହାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ଅଷ୍ଟାଦଶ ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ଆସନ୍ତା ଶୁକ୍ରବାର ତଥା ୨ ରୁ ୪ ତାରିଖ (ରବିବାର) ପର୍ଯ୍ୟନ୍ତ ହେବାକୁ ଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ୯୯୭ଟି ଶିଶୁବିଦ୍ୟାମନ୍ଦିରରୁ ଚୟନ ହୋଇ ପ୍ରାୟ ୨୦୦ଟି ଶିଶୁ ବିଦ୍ୟାମନ୍ଦିରରୁ ୬୫୦ରୁ ଊର୍ଦ୍ଧ୍ୱ ଶିଶୁ ପ୍ରତିଭାଗୀମାନେ ପ୍ରାଦେଶିକ ଓ କ୍ଷତ୍ରିୟ ବିଜ୍ଞାନମେଳାରେ ଅଂଶ ଗ୍ରହଣ କରିବେ । ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ ସହିତ ପ୍ରଶ୍ନମଞ୍ଚ, ପତ୍ରବାଚନ, ପ୍ରୟୋଗ, ଚାର୍ଟର ପ୍ରଦର୍ଶନ ହେବ। ଏଥିରେ ଆଣ୍ଡାମାନ, ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡିଶାର ପ୍ରତିଭାଗୀ ଅଂଶ ଗ୍ରହଣ କରିବେ।

### ରାଷ୍ଟ୍ରୀୟ ଏକତା ଦିବସ

ଭବାନୀପାଟଣା,୧।୧୧(ଡି.ଏନ.ଏ.) ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ତରଫରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ସ୍କୁଲର ଅଧକ୍ଷ ଶିବରାମ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁତମ ନାଏକ, ବରିଷ୍ଠ ଶିକ୍ଷକ ତ୍ରିଲୋଚନ ସିଂହ, ଶିକ୍ଷୟିତ୍ରୀ ସାଗରିକ ଦାସ ଏବଂ ରିଷିତା ମହାବିଦ୍ୟାଳୟ ଅଧକ୍ଷ ପ୍ରଣବ ତ୍ରିପାଠୀ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶର ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରେମାନନ୍ଦ ଗଉଡ ପରିଚାଳନା କରିଥିଲେ ।

# ମଦ ବିରୋଧୀ ଆନ୍ଦୋଳନ ତେଜିଲା

ନୂଆପଡା ଅଫିସ,୧।୧୧



ପତୋରା ମଦଭାଟି ସମ୍ମୁଖରେ ମହିଳାମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ପତୋରା ଭାଟି ଘେରାଉ କଲେ ମହିଳା
- ଭାଟି ସମ୍ମୁଖରେ ୩ ଘଣ୍ଟା ଧାରଣା
- ଭାଟି ବନ୍ଦ ନ କଲେ ଆନ୍ଦୋଳନ ଜୋର୍‌ଦାର

ନୂଆପଡା ଜିଲା ସଦର ବ୍ଲକର ଉପାନ୍ତ ଧରମବନ୍ଧା, ପତୋରା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଚାଷ ଲୋକମାନଙ୍କ ମୁଖ୍ୟ ବେଉସା ।ଏହା ବାଦ ରୋଜଗାରର କୌଣସି ମାଧ୍ୟମ ନାହିଁ । ଏଠାରେ ଦୀର୍ଘ ଦିନ ଧରି ଥିବା ମଦ ଭାଟି ଯୋଗୁ ଗରିବ ନିରୀହ ଲୋକମାନେ ନିଶାସକ୍ତ ହୋଇ ସର୍ବସ୍ୱାନ୍ତ ହେଲେଣି । ପୁଣି ଏଥିଯୋଗୁ ଅଞ୍ଚଳରେ ଅସାମାଜିକ କାରବାର ବଢି ଚାଲିଛି। ଏହା ବିରୋଧରେ ମହିଳାମାନେ ଏକଜୁଟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଭେରା ଗ୍ରାମପଞ୍ଚାୟତର ଶତାଧିକ ମହିଳାମାନେ ରାଲିରେ ଆସି ପତୋରାରେ ଥିବା ଭାଟି ଘେରାଉ କରି ଧାରଣାରେ ବସିଥିଲେ। ଦୀର୍ଘ ୩ ଘଣ୍ଟାଧରି ଧାରଣା ଦେବା ପରେ ଶେଷରେ ଜିଲପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

ପୂର୍ବାହ୍ନ ୧୧ଟାରେ ପତୋରା ବସ୍ତିଛକରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରିକା ଦେୱାଙ୍ଗନ, ଆଯୋଧ୍ୟା ସାହୁଙ୍କ ନେତୃତ୍ୱରେ ପତୋରା, ଭେରା, ପଞ୍ଚମପୁର, ପଥରପୁଞ୍ଜି, ପଣ୍ଡ୍ରିପାଣି ଆଦି ୫ଖଣ୍ଡ ଗାଁର ମହିଳାମାନେ ଏକତ୍ର ହୋଇଥିଲେ। ମହିଳାମାନଙ୍କ ଏକ ପ୍ରତିବାଦ ସଭା କରି ମଦ ବିରୋଧରେ ଆନ୍ଦୋଳନକୁ ଜୋରଦାର କରାଯିବାକୁ ସ୍ଥିର କରାଗଲା। ପରେ ସେମାନେ ଏକ ରାଲିରେ ବାହାରିଥିଲେ। ବିଭିନ୍ନ ନିଶା ବିରୋଧୀ ସ୍ଲୋଗାନ ଦେଇ ଶେଷରେ ପତୋରା ମଦ ଭାଟି ନିକଟରେ ପହଞ୍ଚିଥିଲେ। ସେଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ ପରେ ଧାରଣାରେ ବସିଥିଲେ । ଏଥିରେ ପଞ୍ଚାୟତର ସବୁ ଗାଁର ମହିଳା ନେତ୍ରୀମାନେ ମଦ ବିରୋଧୀ ଭାଷଣ ଦେଇଥିଲେ । ନିକଟରେ ପଶ୍ଚିମ ଓଡିଶାର ପ୍ରମୁଖ ଶୈବପୀଠ ପତୋରା ଯୋଗେଶ୍ୱର ପୀଠ ରହିଥିବା ବେଳେ ଏହି ରାସ୍ତା ଦେଇ ଧରମବନ୍ଧା କଲେଜ, ହାଇସ୍କୁଲକୁ ସବୁବେଳେ ଛାତ୍ରୀଛାତ୍ର ଯିବା ଆସିବା କରିଥାନ୍ତି । ଧୀରେ ଧୀରେ ଏହି ଅଞ୍ଚଳରେ ଜନସମାଗମ ବଢିଚାଲିଛି। ତେଣୁ ପତୋରାଠାରୁ ଧରମବନ୍ଧା ମୁଖ୍ୟରାସ୍ତାରେ ଥିବା ଦେଶୀ ମଦ ଭାଟିକୁ ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ଏହାକୁ ପ୍ରଶାସନ ନଜର ଅନ୍ଦାଜ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ । ଫଳରେ ସ୍ଥାନୀୟ ଆଦିବାସୀ, ଗରିବ ମୂଳିଆ ପରିବାର ସର୍ବସ୍ୱାନ୍ତ ହେଲେଣି ।ଘରେ ଗାଁରେ ମଦ୍ୟପମାନେ ଆସି ଅସାମାଜିକ କାର୍ଯ୍ୟକଳା ପରେ ମାତି ରହୁଛନ୍ତି। ଏହା ଉପରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ନେତ୍ରୀମାନେ ବକ୍ତବ୍ୟ ରଖିଥିଲେ ।ନ ହେଲେ ଆଗାମୀ ଦିନରେ ସେମାନେ ଆଇନକୁ ହାତକୁ ନେବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଶେଷରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅବକାରୀ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହା ଉପରେ ଜିଲାପାଳଙ୍କୁ ଜଣାଇବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ୍ୱରୀ ଧରୁଆ, ଅଜଶ୍ୱିନୀ ପ୍ରଧାନ, ଶୋଭାରାମ ସାହୁ, ରାଜେଶ ବାଗ, ଚମନଲାଲ ମାଝି ପ୍ରମୁଖ ସାମିଲ ଥିଲେ ।

# ଜନଶୁଣାଣିରେ ପାୱାର ପ୍ଲାଣ୍ଟକୁ ବିରୋଧ

### ଅଧାରୁ ବନ୍ଦ ରହିଲା ଶୁଣାଣି

ଜୁନାଗଡ,୧।୧୧(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ପଲାସ ଗ୍ରାମଠାରେ ରାଜ୍ୟ ପ୍ରଦୂଶଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଗୁରୁବାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ରାୟଗଡା ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର, ଅବକାରୀ ଅଧୀକ୍ଷକ ବିଶ୍ୱନାଥ ଶତପଥୀ, ପରିବେଶବିତ ତଥା ବୈଜ୍ଞାନିକ ଅଶୋକ ଭୋଇ, ସ୍ଥାନୀୟ ସରପଞ୍ଚ ସୁଧୀର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନତାଙ୍କ ଆଭିମୁଖ୍ୟ ବୁଝିଥିଲେ। ଆବଶ୍ୟକ ପ୍ରଚାର ପ୍ରସାର ଅଭାବ ସତ୍ତ୍ୱେ ଅନେକ ଯୁବକ ଓ ଗ୍ରାମବାସୀ ଆସି ଏହି ପ୍ଲାଣ୍ଟକୁ ଏଠାରେ କରାଇ ନ ଦେବାକୁ ଅଡି ବସିଥିଲେ। ଲୋକଙ୍କ କହିବା ମୁତାବକ ଏହି ପ୍ଲାଣ୍ଟ ଯୋଗୁ ପ୍ରାୟ ୫ କି.ମି. ପରିସରରେ ଉତ୍ତାପ ବୃଦ୍ଧି ହେବା ସହିତ ଏଠାରୁ ସଶ୍ୟଭିତ୍ତିକ ଡେଷ୍ଟିଲେରି ଯୋଗୁ ମଦ୍ୟପ ଆଶଙ୍କା ବୃଦ୍ଧି ପାଇବ। ଏଠାରେ ପରିବେଶର କ୍ଷତି ସହ ତଦନୁସାରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ନ ଥିବା ସେମାନେ ଦର୍ଶାଇଥିଲେ। ପ୍ଲାଣ୍ଟ ପାଖରେ ଐତିହାସିକ ବିଲକୁର ଡଙ୍ଗରୀ ଏବଂ ଶିବ ମନ୍ଦିର ଥିବାରୁ ଏହି ସ୍ଥାନରେ ମଦ ତିଆରିକୁ ପ୍ରବଳ ବିରୋଧ କରିଥିଲେ। ଫଳରେ ଜନ ଶୁଣାଣି ଶିବିରରେ ଅସନ୍ତୋଷ ଦେଖା ଦେବା ସହିତ ବାଧ ହୋଇ ଅଧାରୁ ବୈଠକ ବାତିଲ ହୋଇଥିଲା। ଅପରପକ୍ଷରେ ସରପଞ୍ଚ ଅନୁମୋଦନପତ୍ର ପ୍ରଦାନ କରିଥିବାରୁ ତାଙ୍କୁ ମଧ ବିରୋଧ କରିଥିଲେ।

ସୂଚନାଯୋଗ୍ୟ ଯେ, ଜୁନାଗଡ ବ୍ଲକ ଅନ୍ତର୍ଗତ ପଲାସ ଗ୍ରାମ ପଞ୍ଚାୟତ ଗୌଡସର୍ଗିଗୁଡାଠାରେ ଗତ ନବେ ଦଶକରେ ଚିନିକଳ ପ୍ରତିଷ୍ଠା ହୋଇଥିଲା। କିଛି ବର୍ଷ ପରେ ଏହା କ୍ଷତି ହେବାରୁ ବନ୍ଦ ହୋଇଗଲା। ଏହି ସ୍ଥାନ ଓ ଘର ରୁଗ୍‌ଣ ଅବସ୍ଥାରେ ଥିବା ବେଳେ ସେଠାରେ ଏକ ପାୱାର ପ୍ଲାଣ୍ଟ ତିଆରି ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ମେସର୍ସ ଷ୍ଟାରଲାଇଟ ଏନର୍ଜି ଲିମିଟେଡ ସହିତ ଚୁକ୍ତି କରାଯାଇଥିଲା। ଗତ ୨୦୧୬ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ଆସି ଏହାର ଶିଳାନ୍ୟାସ କରିଥିଲେ। ଦୀର୍ଘ ଦିନ ପରେ ରାଜ୍ୟ ପ୍ରଦୁଶଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ଜନ ଶୁଣାଣି ହୋଇଥିଲା ।

# ଖଡ଼ିଆଳ ସ୍ୱୟଂଶାସିତ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

- କ୍ରୀଡା ପ୍ରତିଯୋଗିତା ଶତାଧିକ ଛାତ୍ରୀଛାତ୍ର ସାମିଲ

ଖଡିଆଳ,୧।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସ୍ୱୟଂଶାସିତ କଲେଜର ୪୦ତମ କ୍ରୀଡା ୩୦ ଓ ୩୧ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଳ ଆଣିବ ପରେ ମଙ୍ଗଳବାର କଲେଜ ଅଧକ୍ଷ ଡ. ହରେନ୍ଦ୍ର କୁମାର ପଣ୍ଡା କ୍ରୀଡା ପ୍ରତିଯୋଗୀତାକୁ ଉଦଘାଟନ କରିଥିଲେ । ପରେ ୧୦୦ ମିଟର ଦୌଡଠୁ ଆରମ୍ଭ କରି ପ୍ରାୟ ୪୫ଟି ବିଭାଗ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ୨ ଦିନ ଧରି ଚାଲିଥିଲା । ଏଥିରେ କଲେଜର ଶତାଧିକ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ବୁଧବାର କ୍ରୀଡା ପ୍ରତିଯୋଗୀତା ଶେଷ ହେବା ପରେ କଲେଜ ପରିସରରେ ଉଦଯାପିନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜ ପୂର୍ବତନ ଅଧକ୍ଷ ଫଣିନ୍ଦମ ସିଂଦେଓ ଏବଂ ଶ୍ରୀକାନ୍ତ ଯୋଶୀ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ କ୍ରୀଡାର ବିଭିନ୍ନ ଦିଗ ଉପରେ ସମ୍ୟକ ସୂଚନା ପ୍ରଦାନ କରିବା ସହ କ୍ରୀଡା କେବଳ ଶରୀରକୁ ସୁସ୍ଥ୍ୟ କରିଥାଏ ତାହା ନୁହେଁ ସୁସ୍ଥ୍ୟ ପରିବେଶ ସହ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମହିଳା ବର୍ଗ ସିନିୟରରେ ଅନୁପମା ପଟେଲ, ଜୁନିୟର ବର୍ଗରେ ଧନମତି ମାଝି ଓ ପୁରୁଷ ବର୍ଗ ସିନିୟରରେ ନିରାକର ବଘେଲ ଓ ଜୁନିୟରରେ ବସନ୍ତ ଶବର ଚାମ୍ପିୟନ ହୋଇଥିଲେ। କ୍ରୀଡା ପ୍ରତିଯୋଗୀତାକୁ କଲେଜର କ୍ରିଡା ଶିକ୍ଷକ ସରୋଜ କୁମାର ପଣ୍ଡା, ମଣିଚରଣ ନାଗ, ଶୁଭେନ୍ଦୁ ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କ୍ରୀଡା ସଂସଦର ଉପସଭାପତି ତରୁଣ କୁମାର ପ୍ରଧାନ, ଅଧାପକ ରଣବୀର ସିଂ, ହରେକୃଷ୍ଣ ପଣ୍ଡା, ସୁଧିର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

ହୀରାଖଣ୍ଡ ଲିଙ୍କ୍ ଏକ୍ସପ୍ରେସ୍‌ରୁ

# ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ସୁନୀତୀ ମୁଣ୍ଡଙ୍କ କାଗଜପତ୍ର ଚୋରି

ଭବାନୀପାଟଣା,୧।୧୧(ଡି.ଏନ.ଏ.)

ଭୁବନେଶ୍ୱର-ଜୁନାଗଡ ଭାୟା ବିଜୟନଗରମ୍ ଦେଇ ଭବାନୀପାଟଣା ହୀରାଖଣ୍ଡ ଲିଙ୍କ୍ ଏକ୍ସପ୍ରେସ୍ ଏସ୍ ୯/୬୩ (ଆର୍‌ଏସି)ରେ ଆସୁଥିବା ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ସୁନୀତୀ ମୁଣ୍ଡଙ୍କ ଭ୍ୟାନିଟ୍ ବ୍ୟାଗ୍ ଗତ ୩୦ ତାରିଖ ରାତିରେ ବ୍ରହ୍ମପୁର-ପଲାସ ନିକଟରେ ଚୋରି ହୋଇଯାଇଛି । ଉକ୍ତ ବ୍ୟାଗରେ ୨ଟି ଦାମୀ ମୋବାଇଲ ଫୋନ୍, ପାସ୍‌ପୋର୍ଟ, ଆଧାର କାର୍ଡ, ଏଟିଏମ୍, ଡ୍ରାଇଭିଂ ଲାଇସେନ୍ସ, ସୁନା ଅଳଙ୍କାର ଓ ନଗଦ ଟଙ୍କା ଥିଲା । ଏହି ସମସ୍ତ ଚୋରି ସାମଗ୍ରୀ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ତାଙ୍କର ଭ୍ୟାନିଟ୍ ବ୍ୟାଗ୍ ଚୋରି ହୋଇଥିବା ଜାଣିବା ପରେ ବିଜୟନଗରମ ଷ୍ଟେଶନ୍ ରେଲୱେ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ବିଜୟନଗରମ୍ ରେଲୱେ ଥାନାରେ ଏକ ମାମଲା ରୁଜୁ ହୋଇଛି । ଯଦି କୌଣସି ହୃଦୟବାନ ବ୍ୟକ୍ତି ଏହି ସମସ୍ତ କାଗଜପତ୍ର ପାଇଥାନ୍ତେ ଦୟାକରି ବିଜୟନଗରମ୍ ରେଲୱେ ପୋଲିସ ଥାନାରେ ଜଣାଇବା ପାଇଁ ସୁନୀତୀ ମୁଣ୍ଡ ଅନୁରୋଧ କରିଛନ୍ତି ।

ଦାଦନ, ଶିଶୁ ଶିକ୍ଷା ଅଧିକାର ଆଲୋଚନାଚକ୍ର

# ନିଜ ଅଧିକାର ଜାଣିଲେ ସମସ୍ୟାର ସମାଧାନ ଆପେ ହେବ





ଦାଦନ ସମସ୍ୟା ଏବଂ ଶିଶୁ ଶିକ୍ଷାଧିକାର ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ନୂଆପଡା ଅଫିସ,୧।୧୧

ନୂଆପଡାରେ ଦାଦନ ସମସ୍ୟା ଦିନକୁ ଦିନ ଜଟିଳ ହେବାକୁ ବସିଛି । ପଶ୍ଚିମ ଓଡିଶାର ଦାଦନ ଜିଲା ମଧ୍ୟରେ ଏହା ଗୋଟିଏ। ଦାଦନ ପରିବାର ଲୋକ ନିଜ ଶିଶୁଙ୍କୁ ମଧ୍ୟ ସେଠାକୁ ନେଇ ଦାଦନ ଶିଶୁ ଶ୍ରମିକ ଭାବରେ ନିୟୋଜିତ କରୁଛନ୍ତି। ଏହା ଦ୍ୱାରା ପରୋକ୍ଷରେ ସେମାନଙ୍କୁ ଭବିଷ୍ୟତରେ ଦାଦନ ହେବା ପାଇଁ ପ୍ରବର୍ତ୍ତାଉଛନ୍ତି। ଶିକ୍ଷା ଅଧିକାରରୁ ବଞ୍ଚିତ ରହୁଛନ୍ତି। ତେଣୁ କରି ଏହାକୁ ଦୃଷ୍ଟିରେ ରଖି ସରକାର ଦାଦନ ଶ୍ରମିକଙ୍କ ପରିବାରର ଶିଶୁମାନଙ୍କୁ ଶିକ୍ଷାର ଅଧିକାର ଯୋଗାଇଦେବାକୁ ବିକଳ୍ପ ପନ୍ଥା ସବୁ ହାତକୁ ନେଇଛନ୍ତି । ହେଲେ ସେ ସବୁ ଉପରେ ସାଧାରଣ ଶ୍ରମିକ ବର୍ଗ ଅନ୍ଧାରରେ ରହୁଛନ୍ତି । ନିଜର ଅଧିକାର ବିଷୟରେ ଅବଗତ ନୁହନ୍ତି । ସମସ୍ତ ଦାଦନ ପରିବାର ଲୋକ ନିଜର ଏବଂ ନିଜ ଶିଶୁର ଅଧିକାର ଉପରେ ସଚେତନ ହେଲେ ଦାଦନ ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତୀକ୍ଷା ତରଫରୁ ଦାଦନ ସମସ୍ୟା ଏବଂ ସେମାନଙ୍କ ଶିକ୍ଷାର ଅଧିକାର ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତ ରଖିଥିଲେ ।

ସ୍ଥାନୀୟ ମୃତିକା ସଂରକ୍ଷଣ ବିଭାଗ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତୀକ୍ଷାର ଅଧ୍ୟକ୍ଷ ଆର.ବିଜୟରାଜ ସଭାପତିତ୍ୱ କରିଥିବା ବେଳେ ପାଣି ପଞ୍ଚାୟତ ଏପେକ୍ସ କମିଟି ସଭାପତି ରାଜେଶ କୁମାର ନିଗମ ମୁଖ୍ୟଅତିଥି, ପ୍ରଭାତ ସୁତାର ମୁଖ୍ୟବକ୍ତା, ପ୍ରତୀକ୍ଷା ସମ୍ପାଦକ ମୁକେଶ ଶ୍ରୀବାସ୍ତବ, ସର୍ବ ଶିକ୍ଷା ଅଭିଯାନ ସଂଯୋଜକ ହେମନ୍ତ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ନୂଆପଡା ଜିଲାର ବିଭିନ୍ନ ଦାଦନ ପ୍ରବଣ ଅଞ୍ଚଳର ମହିଳାପୁରୁଷମାନେ ଆସି ଯୋଗଦେଇଥିଲେ । ଏହି ଅବସରରେ ଶ୍ରମିକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ । ସେଗୁଡିକୁ କିପରି ସମାଧାନ କରାଯାଇ ପାରିବ ସେ ଉପରେ ଉପସ୍ଥିତ ଶ୍ରମ ବିଭାଗର ଅଧିକାରୀମାନେ ପରାମର୍ଶ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରତୀକ୍ଷାର କ୍ଷୀରୋଦ ବନଛୋର, ବିଷ୍ଣୁ ଚରଣ ପ୍ରଧାନ, ଛଗନଲାଲ ସାହୁ, ପୁଷ୍ପା ଏବଂ ଅନ୍ୟମାନେ ସହଯୋଗୀତା କରିଥିଲେ ।

# ଦୁର୍ଗାଚରଣ ମିଶ୍ରଙ୍କୁ କଳାହାଣ୍ଡି କ୍ରୀଡ଼ାରତ୍ନ

ଭବାନୀପାଟଣା,୧।୧୧(ଡି.ଏନ.ଏ.)

କଳାହାଣ୍ଡି କ୍ରୀଡା ସଂସ୍ଥା ସର୍ବୋଚ୍ଚ ସମ୍ମାନ କଳାହାଣ୍ଡି କ୍ରୀଡା ରତ୍ନ ସମ୍ମାନରେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତଥା ରାଜ୍ୟ ଫୁଟବଲ ଓ ଭଲିବଲ ଦଳର ପୂର୍ବତନ ଅଧିନାୟକ ଦୁର୍ଗାଚରଣ ମିଶ୍ରଙ୍କୁ ୨୦୧୮ ପାଇଁ ସମ୍ମାନିତ କରାଯାଇଛି। ସ୍ଥାନୀୟ ଲାଲାବାହଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ଭବାନୀପାଟଣା ଫୁଟବଲ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡିଶା ରାଜ୍ୟ ହାଉସିଂ ବୋର୍ଡର ଅଧକ୍ଷ ଭୁପେନ୍ଦର ସିଂହ ଓ ସଦର ବିଧାୟକ ଅନାମ ନାଏକ ଅତିଥି ଭାବରେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଭବାନୀପାଟଣା ସହରର ମନ୍ଦାରବଗିଚାପଡା ନିବାସୀ ଦୁର୍ଗାଚରଣ ମିଶ୍ର ଉଭୟ ଫୁଟବଲ ଓ ଭଲିବଲରେ ଜିଲାକୁ ପ୍ରତିନିଧିତ୍ୱ କରିବା ସହ ଓଡିଶା ଫୁଟବଲ ଦଳର ଅଧିନାୟକ ଏବଂ ଓଡିଶା ରାଜ୍ୟ ପୋଲିସ ଭଲିବଲ ଦଳର ଅଧିନାୟକ ଭାବେ ନିଜର କ୍ରୀଡା ନୈପୁନ୍ୟ ପ୍ରଦର୍ଶନ କରି କଳାହାଣ୍ଡିର କ୍ରୀଡା ଜଗତରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ମିଶ୍ର ଏକାଧାରରେ ଫୁଟବଲ, ଭଲିବଲ, କ୍ରିକେଟ ତଥା ଆଥେଲେଟିକ୍ସରେ ଦୀର୍ଘଦିନ ଧରି ପ୍ରତିନିଧିତ୍ୱ କରିବା ସହ ରାଜ୍ୟସ୍ତରରେ ବହୁବାର ପୁରସ୍କୃତ ହୋଇଛନ୍ତି। ଅବସର ଗ୍ରହଣ ପରେ ମିଶ୍ର ବିଶେଷ କରି ମାଷ୍ଟର ଆଥେଲେଟିକ୍ସ ମିଟ୍‌ରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଜାବଲିନ୍ ଥ୍ରୋ, ସଟ୍‌ପୁଟ୍, ହମର, ଡିସ୍‌କସ୍ ଥ୍ରୋରେ ଅନେକ ପଦକ ହାସଲ କରିଛନ୍ତି। କୁଆଲାଲାମପୁରଠାରେ ଅନୁଷ୍ଠିତ ୧୬ତମ ଏସିଆ ମାଷ୍ଟର ଆଥେଲେଟିକ୍ସ ମିଟ୍‌ରେ ସଟ୍‌ପୁଟ୍ ଥ୍ରୋରେ ବ୍ରୋଞ୍ଜ ପଦକ ତଥା ସିଙ୍ଗାପୁରରେ ଆୟୋଜିତ ୧୯ତମ ଏସିଆ ମାଷ୍ଟର ଆଥେଲେଟିକ୍ସ ମିଟ୍‌ରେ ସଟ୍‌ପୁଟ୍ ଥ୍ରୋରେ ରୋପ୍ୟ ପଦକ ହାସଲ କରି ଜିଲା ତଥା ରାଜ୍ୟର ଗୌରବ ମଣ୍ଡନ କରିଛନ୍ତି । ଜିଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ତର୍ଜାତିୟ ଫୁଟବଲ୍ ରେଫରି କଳାହାଣ୍ଡି ଜିଲା କେସିଙ୍ଗାର ଯୁବକ ନବୀନ କୁମାର ନାଏକଙ୍କୁ ମଧ ସମ୍ମାନିତ କରାଯାଇଥିଲା ।



ଅତିଥିଙ୍କ ଗହଣରେ ଦୁର୍ଗାଚରଣ ମିଶ୍ର ।

ପୋଖରୀ ପାହାଚ ନିର୍ମାଣରେ ଅନିୟମିତତା

# ଶ୍ରମିକଙ୍କୁ ମିଳିନି ବକେୟା ପାଉଣା

ଜୁନାଗଡ,୧।୧୧(ଡି.ଏନ.ଏ.)



ପିପିଲି ବନ୍ଧରେ ନିର୍ମାଣ ପାହାଚ।



ସୂଚନା ଫଳକ

### ଆଟିଗାଁ ପଞ୍ଚାୟତ

- ଫଳକ ଅଛି, ସୂଚନା ନାହିଁ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତର ବାଗଡୁଙ୍ଗରୀ ଗ୍ରାମର ପିପିଲି ବନ୍ଧ (ପୋଖରୀ) ପାହାଚ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ସୁବିଧାରେ ଗାଧୋଇବା ପାଇଁ ଗତ ଖରା ମାସରେ ୨ଲକ୍ଷ ଟଙ୍କା ବ୍ୟୟରେ ପିପିଲି ବନ୍ଧରେ ପାହାଚ ନିର୍ମାଣ କରାଯାଇଛି। ଏହା ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ କରିଥିବା ଗ୍ରାମବାସୀଙ୍କଠୁ ଜଣାପଡିଛି। ପାହାଚ ନିର୍ମାଣ ପରେ ଯଥା ସମୟରେ ବିଲ ମଧ ହୋଇ ସାରିଥିଲା। ଏଥିରେ କାମ କରିଥିବା କିଛି ଶ୍ରମିକଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ବକେୟା ପାଉଣା ମିଳି ନ ଥିବାରୁ ସେମାନଙ୍କ ମଧରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପାହାଚ ଯେପରି ଆକାରରେ ହେବା କଥା ସେପରି ହୋଇ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଯେ କୌଣସି ଉନ୍ନୟନ କାମ ଆରମ୍ଭ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବାର ନିୟମ ରହିଛି। ହେଲେ ଏଠାରେ ଫଳକ ଲଗାଯାଇଥିଲେ ମଧ କୌଣସି ସୂଚନା ଦିଆଯାଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ଏହି କାମର ସବିଶେଷ ବିବରଣୀ ଉପରେ ସ୍ଥାନୀୟ ଲୋକେ ଜାଣିପାରୁନାହାନ୍ତି। ଅନ୍ୟପଟେ ବିନା ସୂଚନା ଲେଖାରେ ତଦାରଖ କରୁଥିବା ଯନ୍ତ୍ରୀ ଏହି କାମର କିଭଳି ବିଲ କଲେ ତାହାକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି। ଏହି କାମର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଗ୍ରାମବାସୀଙ୍କଠୁ ଜଣାପଡିଛି। ଏ ନେଇ ତଦାରଖ କରୁଥିବା ଯନ୍ତ୍ରୀ ସିଏସ୍ ନାରାୟଣ ପାତ୍ରଙ୍କୁ ପଚାରିବାରୁ ସେହି କାମର ବିଲ ହୋଇଗଲାଣି, ସୂଚନା ଫଳକ ଲେଖାଇ ଦିଆଯିବ ବୋଲି କହିଥିଲେ। ସେହିପରି ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଘଟଣା: ମୁଖ୍ୟ ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

**ଲୋଇସିଂହା,୧।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଡୁଙ୍ଗୁରିପାଲି -ସେମେଲମୁଣ୍ଡା ରାସ୍ତାର ମଧ୍ୟଭାଗରେ ଗତ କିଛି ଦିନ ତଳେ ଦୁଇଜଣ ଦୁର୍ବୃତ୍ତ ଜଣେ ଅର୍ଥ ଲଗାଣକାରୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଟଙ୍କାବ୍ୟାଗ, ମୋବାଇଲ ଟାବଲଟ ଛଡାଇ ନେଇଥିଲେ। ଏହି ଲୁଟ୍ ଘଟଣାର ଜଣେ ଅଭିଯୁକ୍ତଙ୍କୁ ଲୋଇସିଂହା ପୋଲିସ ଧରିଛି। ତେବେ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଥିବା ଜଣାପଡିଛି। ପ୍ରାପ୍ତ ସୂଚନା ମତେ, ଗତ ମାସ ୧୦ତାରିଖ ଦିନ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲିସ୍ଥିତ ଭାରତ ମାଇକ୍ରୋଫାଇନାନ୍ସର କର୍ମଚାରୀ ନିର୍ମାଲ୍ୟ ପଧାନ ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକର ଡୁଙ୍ଗରିପାଲି, କଣ୍ଟାପାଲି, ତେନ୍ତୁଲିଗାଁ, ସେମେଲମୁଣ୍ଡା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦେଇଥିବା ଋଣ ଟଙ୍କାର ସାପ୍ତାହିକ ଅସୁଲ କରିବାକୁ ଆସିଥିଲେ। ଡୁଙ୍ଗରିପାଲି, କଣ୍ଟାପାଲି ଓ ତେନ୍ତୁଲିଗାଁର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ୧ ଲକ୍ଷରୁ ଅଧିକ ଟଙ୍କା ଅସୁଲ କରି ସେମେଲମୁଣ୍ଡା ଅଭିମୁଖେ ଯାଉଥିଲେ। ଡୁଙ୍ଗରିପାଲି-ସେମେଲମୁଣ୍ଡା ରାସ୍ତା ମଧ୍ୟସ୍ଥ ବରଗଛ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରଥିଲେ। ନିର୍ମାଲ୍ୟଙ୍କ ବ୍ୟାଗରେ ଥିବା ୧ ଲକ୍ଷ ୨୦ ହଜାର, ମୋବାଇଲ ଟାବଲାଟ ଓ ତାଙ୍କ ବାଇକ ଚାବି ଛଡାଇ ଦୁର୍ବୃତ୍ତ ପଳାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଲୋଇସିଂହା ଥାନାରେ ଏକ ମାମଲା(ନଂ.୧୭୨/୧୮) ରୁଜୁ କରି ପୋଲିସ ଛାନଭିନ ଆରମ୍ଭ କରିଥିଲେ। ଏହି ଲୁଟ୍ ଘଟଣାରେ ସୁବର୍ଣ୍ଣପୁର ଜିଲା ମେଣ୍ଡା ନିକଟସ୍ଥ କଦଳିପାଲୀର କୀର୍ତ୍ତନ ବିଶ୍ୱାଳଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିବା ଆଇଆଇସି ଏଲ.ଏଲ. ବାର୍ଲା କହିଛନ୍ତି।

### ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**କଣ୍ଟାବାଞ୍ଜି, ୧।୧୧(ଡି.ଏନ.ଏ.):** ଛତିଶଗଡର ଦନ୍ତେୱାଡାରେ ମାଓବାଦୀ ଆକ୍ରମଣରେ ନିହତ ଅଚ୍ୟୁତାନନ୍ଦ ସାହୁଙ୍କୁ ସାମ୍ବାଦିକ ସଂଘ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସ୍ଥାନୀୟ ଡାକ ବଙ୍ଗଲାରେ ସଂଘ ସଭାପତି ସୁବାଷ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ୨ମିନିଟ ନରବ ପ୍ରାର୍ଥନା କରାଯାଇଥିଲା। ଅଚ୍ୟୁତାନନ୍ଦଙ୍କ ଫଟୋଚିତ୍ରରେ ସଂଘ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ପ୍ରାର୍ଥନା କରାଯାଇଥିଲା। ଜଣେ କାର୍ଯ୍ୟରତ ସାମ୍ବାଦିକ ନିଜ କାର୍ଯ୍ୟ ତୁଲାଇବା ବେଳେ ମୃତ୍ୟୁବରଣ କରିଥିବାରୁ କେନ୍ଦ୍ର ସରକାର ତାଙ୍କୁ ସହୀଦର ମାନ୍ୟତା ଦେବାକୁ ସଂଘ ଦାବି କରିଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ ଫାୟାର ଅଫିସର ଅସିତ କୁମାର ଜେନା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁରଦାସ ବାଗ, ସମ୍ପାଦକ ଗୁରୁଦୟାଲ ହଂସ, କୃତିକର ବାଗ, କମଲଜିତ ସିଂ ମାଖିଜା, ପୁଷ୍ପକେତୁ ବେହେରା, ମୋହନ ସୋନି, ଶାନ୍ତନୁ ବିଭାର, ମନୋଜ ଶର୍ମା, ଆଶିଷ ଖାଇତାନ ପ୍ରମୁଖ ଉପସ୍ଥିତ ଥିଲେ।






ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି (ବାମ)। ଓକିଲ ସଂଘ କର୍ମକର୍ତ୍ତା ଟିଟିଲାଗଡ ସବରେଜେଷ୍ଟ୍ରି ଅଫିସ ଫାଟକରେ ତାଲା ପକାଉଛନ୍ତି।

■ ଟିଟିଲାଗଡ଼ ଜିଲା ଗଠନ ଦାବି

# ଆରମ୍ଭ ହେଲା ଅନିର୍ଦ୍ଦିଷ୍ଟ କାଳ ଧାରଣା

**ଟିଟିଲାଗଡ଼, ୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ଗୁରୁବାରଠାରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲା କ୍ରିୟାନୁଷ୍ଠାନ କମିଟି ଅନିର୍ଦ୍ଦିଷ୍ଟ କାଳ ଧାରଣା ଆରମ୍ଭ କରିଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମ ଦିନରେ ଟିଟିଲାଗଡ ଓକିଲ ସଂଘ ସଦସ୍ୟମାନେ ଧାରଣାରେ ବସିଛନ୍ତି। କ୍ରିୟାନୁଷ୍ଠାନ କମିଟି ତରଫରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ସବରେଜିଷ୍ଟ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଛି। ଏଥିସହିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ଟ୍ରେଜେରୀ, ଉପଖଣ୍ଡ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ, ଡାକ ଘର ମଧ୍ୟ ବନ୍ଦ ଥିବା ଦେଖାଯାଇଛି। ଜିଲା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଓକିଲ ସଂଘ ତରଫରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ମଧ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କ୍ରିୟାନୁଷ୍ଠାନ କମିଟିର ଏହି ଆନ୍ଦୋଳନରେ ଉପଖଣ୍ଡ ଅଞ୍ଚଳର ୫ଟି ବ୍ଲକର ସମସ୍ତ ପଞ୍ଚାୟତରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ସଭା ସମିତିମାନ ଆୟୋଜନ ଆରମ୍ଭ ହୋଇଛି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତ ଦଳ, ଯୁବକ ଓ ବିଭିନ୍ନ ସଂଗଠନମାନଙ୍କର ଦୃଢ ସମର୍ଥନ ରହିଥିବାରୁ ଆନ୍ଦୋଳନ ଧୀରେ ଧୀରେ ବ୍ୟାପକ ରୂପ ନେଉଛି।

> **ଗଣଧାରଣାରେ କ୍ରିୟାନୁଷ୍ଠାନ କମିଟି**
> - ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ
> - ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା

ପ୍ରକାଶଥାଉକି ପୂର୍ବରୁ ଜିଲା ଦାବି ନେଇ ଟିଟିଲାଗଡ ଅଞ୍ଚଳବାସୀ ଏନଏସି ନିର୍ବାଚନ ବର୍ଜନ କରିଥିଲେ। ହେଲେ ଜିଲା ବଦଳରେ ସେ ସମୟରେ ୨୦୧୪ ବିଧାନସଭା ନିର୍ବାଚନ ପୂର୍ବରୁ ଟିଟିଲାଗଡକୁ ପୌରପରିଷଦ ମାନ୍ୟତା ପ୍ରଦାନ ମିଳିଥିଲା। ଆଜିର ଗଣଧାରଣାରେ ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ପଙ୍କଜ ପାଢୀ, ସମ୍ପାଦକ ଲଳିତ ମୋହନ ତାଣ୍ଡି, ମିଡିଆ ସେଲ ପ୍ରଭାରୀ ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ, ସଞ୍ଜିବ ପାଢୀ, ମନୋଜ ହାତି, ନିହାର ରଞ୍ଜନ ବାବୁ, ମୋହନଲାଲ ଜୈନ ପ୍ରମୁଖ ଟିଟିଲାଗଡ ଓକିଲ ସଂଘର ଶତାଧିକ ଓକିଲ ସାମିଲ ହୋଇଛନ୍ତି। ଜିଲା ଗଠନ ନହେବା ପର୍ଯ୍ୟନ୍ତ ଓକିଲମାନେ କୌଣସି କାର୍ଯ୍ୟରେ ଯୋଗ ନଦେବା ନିଷ୍ପତ୍ତି ସହ ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପଡିବ ବୋଲି କ୍ରିୟାନୁଷ୍ଠାନ କମିଟିରେ ନିଷ୍ପତ୍ତି କରାଯାଇଛି। ପୂର୍ବରୁ ଗତ ୨୬ତାରିଖରେ ଏ ନେଇ ଟିଟିଲାଗଡ ବନ୍ଦ ଡାକରା ଦିଆଯାଇଥିଲା। ଆସନ୍ତା ୨ତାରିଖରେ ହେବାକୁ ଥିବା ସରକାରୀ ଲୋକ ମହୋତ୍ସବକୁ ମଧ୍ୟ ବିରୋଧ ତଥା ଅସହଯୋଗ କରିବାକୁ କମିଟି ତାହାର ନିଷ୍ପତ୍ତି ନେଇ ଉପଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇ ଦେଇଛି। ଟିଟିଲାଗଡ ଉପଖଣ୍ଡକୁ ଜିଲା ଦାବିରେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି।

## ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ: ଡେଙ୍ଗ ଚାମ୍ପିୟନ

**ସଇଁତଲା, ୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବେନିଆଁବନ୍ଧଠାରେ ଏକଦିବସୀୟ କ୍ରିକେଟ ଟର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଥିବାବେଳେ ନାଇକେନସିରା ଓ ଡେଙ୍ଗ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେଙ୍ଗ ଦଳ ନାଇକେନସିରାକୁ ହରାଇ ବିଜୟୀ ହୋଇଥିଲା। ବିଜୟୀ ଡେଙ୍ଗ ଦଳକୁ ୫୦୦୦ଟଙ୍କା ସହ ଟ୍ରଫି ଓ ଉପବିଜେତା ନାଇକେନସିରାକୁ ୩୦୦୦ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜା ଭାଇ ମୁଖ୍ୟ ଅତିଥି, ସଇଁତଲା ସରପଞ୍ଚ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ସମ୍ମାନୀତ କରିଥିଲେ। ଏହି ଖେଳକୁ ବେନିଆଁବନ୍ଧ କ୍ରିକେଟ କମିଟିର ସଭାପତି ଆକାଶ ରଞ୍ଜନ ସୁନା, ଉପସଭାପତି ତୁଷାର ରଞ୍ଜନ ବେମାଲ, ସମ୍ପାଦକ ବିଶନ ବଗର୍ତ୍ତୀ, ଉପସଭାପତି ଦ୍ରୋଣ ଦୀପ, ସମୀର ନନ୍ଦ, ଜୟନ୍ତ କୁମାର, ଯଶୋବନ୍ତ ମହାନନ୍ଦ, ଲକ୍ଷ୍ମୀକାନ୍ତ ଦୀପ, ମନୋଜ ଭୋଇ, ବିଜୟ ସାଗର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ମଣ୍ଡଳ ସଭାପତି ବିଜୟ ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

## ଭୂମିହୀନଙ୍କ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବଲାଙ୍ଗୀର ଅଫିସ, ୧।୧୧**

ବଲାଙ୍ଗୀର ଜିଲାର ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନା ଅନୁସାରେ ୪ ଡିସମିଲ ଜମି ଓ ପଟ୍ଟା ଯୋଗାଇବା ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ହିତାଧିକାରୀମାନଙ୍କୁ ସେମାନଙ୍କ ଜମି ପଟ୍ଟା ପ୍ରଦାନ କରିବା ଦାବି ତେଜିଛି। ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ଆଦିବାସୀ ଅଧିକାର ମହାସଂଘ ମିଳିତ ଉଦ୍ୟମରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି। ଜିଲାର ୧୪ଟି ତହସିଲ, ୨ଟି ମ୍ୟୁନିସିପାଲିଟି ଓ ୩ଟି ଏନ୍ଏସିର ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ସେମାନଙ୍କୁ ୪ ଡିସମିଲ ଘରଡିହ ଯୋଗାଇବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଗତ ଅକ୍ଟୋବର ମାସ ୧ ତାରିଖରେ ଉଭୟ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ମାତ୍ର ଏହା ପୂରଣ ନ ହେବାରୁ ଗୁରୁବାର ପୁଣି ଥରେ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନ ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କୁହାଯାଇଛି। ଭିଲେଜର୍ସ ଇଣ୍ଡିଆ ପାର୍ଟି ଅଧକ୍ଷ ଡ ବିପିନ କୁଶଲିଆ ଓ ଆଦିବାସୀ ଅଧିକାର ମହାସଂଘ ସଭାପତି ଦ୍ୱିଜ ଦଳପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲା ବିଭିନ୍ନ ସ୍ଥାନରୁ ଆସିଥିବା ଭୂମିହୀନ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ଜଙ୍ଗଲ ଜମି ଅଧିକାର ଆଇନ୍ ଅନୁସାରେ ଜିଲାର ୧୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମଧ ପଟ୍ଟା ଦିଆଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଯଥାଶୀଘ୍ର ଏହି ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରି ସରକାରୀ ଯୋଜନାରେ ଗୁଡିକରେ ସାମିଲ କରିବାକୁ ଦାବି କରାଯାଇଥିଲା। ଗତ ୨୨ ତାରିଖ ଦିନ ଜଙ୍ଗଲ ଜମି ଆଇନ୍ ଅନୁଯାୟୀ ପଟ୍ଟା ଦିଆଯିବା ଦାବିରେ ଏହି ଦୁଇ ସଂଗଠନ ଡିଆରଡିଏ ଅଫିସ ଘେରାଉ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ଦାବିପୂରଣ ହେବନାହିଁ ଆନ୍ଦୋଳନ ଜାରି ରହିବ ବୋଲି ଡ କୁଶଲିଆ ସୂଚନା ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭୂମିହୀନମାନେ ଧାରଣା ଦେଇଛନ୍ତି।

## ପଲ୍ଲିସଭା ବନ୍ଦ କଲେ ଗ୍ରାମବାସୀ

**ଲୋଇସିଂହା,୧।୧୧(ଡି.ଏନ.ଏ.)**

ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ସଦର ଗ୍ରାମରେ ପଞ୍ଚାୟତ ପକ୍ଷରୁ ପଲ୍ଲୀସଭା ଗୁରୁବାର ସ୍ଥିର ହୋଇଥିଲା। ତେବେ ପଲ୍ଲୀସଭା ମୁତାବକ ଗାଁରେ ଉନ୍ନୟନ କାମ ହେଉ ନ ଥିବାରୁ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପୂର୍ବ ପଲ୍ଲୀସଭା କାମଗୁଡିକ ଦାବି କରି ବୈଠକ ବର୍ଜନ କରିଥିଲେ ଗ୍ରାମବାସୀ। ପଞ୍ଚାୟତପକ୍ଷରୁ ପାଣ୍ଠି ନ ଥିବା କହି ଗାଁରେ ବିକାଶମୂଳକ କାର୍ଯ୍ୟ କରାଯାଉନାହିଁ। ଗାଁର ବିକାଶ କେବଳ ପଲ୍ଲିସଭାରେ ସୀମିତ ହୋଇ ରହିଯାଇଛି। ତେବେ ଚଳିତ ବର୍ଷର ପଲ୍ଲୀସଭା ଗାଁରେ ସ୍ଥିର ହୋଇଥିଲା। ଧାର୍ଯ୍ୟ ସମୟରେ ପିଇଓ ସାଗର ସାହୁ, ସରପଞ୍ଚ ପ୍ରତିନିଧି ଏବଂ ଯୋଗାଣ ସହାୟକ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମବାସୀ ଉପସ୍ଥିତ ରହି ପିଇଓଙ୍କୁ କାହିଁକି ପୂର୍ବ ବର୍ଷ ପଲ୍ଲୀସଭାର କାମହେଉନାହିଁ ବୋଲି ଜବାବ ମାଗିଥିଲେ। ପାଣ୍ଠି ନ ଥିବାରୁ ଉନ୍ନୟନ କାମ ହେଉ ନ ଥିବା ସେ କହିଥିଲେ। ଏହାପରେ ଗ୍ରାମବାସୀ ସବୁକ୍ଷେତ୍ରରେ ଗ୍ରାମକୁ ଅବହେଳା କରାଯାଉଥିବା ଅଭିଯୋଗ କରି ବୈଠକ ବର୍ଜନ କରିଥିଲେ। ପାଣ୍ଠି ଅଭାବ ଘଟଣାକୁ ନେଇ ବୈଠକ ବର୍ଜନ ହୋଇଥିବା ପିଇଓ ଗ୍ରାମବାସୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଜାମୁଟ ବିଜେଡି ଜନ ସମ୍ପର୍କ ପଦଯାତ୍ରାରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।

## ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ

**ଗୁଡଭେଲା,୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଓ ଗୁଡଭେଲା ବ୍ଲକ ବିଜେଡ଼ି ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସହ ଏକ କର୍ମୀ ସମ୍ମିଳନୀ ଗୁରୁବାର ଜାମୁଟରେ ଅନୁଷ୍ଠିତ ହୋଇଯାଇଛି। ଜାମୁଟ ସରପଞ୍ଚ ତାରାବତୀ ହରପାଲଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ରାଜ୍ୟ ଶ୍ରମମନ୍ତ୍ରୀ ଶୁଶାନ୍ତ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରଙ୍କ ରାଜ୍ୟର ସ୍ୱାର୍ଥପ୍ରତି ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ଯେପରି ଲୋକଙ୍କ ପାଖରେ ସିଧାସଳଖ ପହଞ୍ଚି ପାରିବ ତାହା ଉପରେ କର୍ମୀମାନେ କାମ କରିବାକୁ ମନ୍ତ୍ରୀ ସିଂ ଆହ୍ୱାନ ଦେଇଥିଲେ। କଣ୍ଟାମାଳ ବିଧାୟକ ମହୀଧର ରଣା, ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ନବୀନ ସରକାରଙ୍କ ସଫଳତାର ଗାତା ବଖାଣିଥିଲେ। ବଙ୍ଗୋମୁଣ୍ଡା ସରପଞ୍ଚ ପ୍ରଭାସିନୀ ପ୍ରଧାନ, ତୁଷୁରା ଏନଏସି ଉପାଧ୍ୟକ୍ଷ ଦୀନଦୟାଲ ଶର୍ମା, ଟିଟିଲାଗଡ଼ ପୌରାଧକ୍ଷ ଗୋବର୍ଦ୍ଧନ ନାଗ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ଗୁଡ଼ଭେଲା ବ୍ଲକ ବିଜେଡ଼ି ସଭାପତି ଅରୁଣ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଅରୁଣ ହରପାଲ ଧନ୍ୟବାଦ ଅର୍ପଣ କରିଥିଲେ। ନିରୋଦ ନାଗ, ବିନୋଦ ବିଶ୍ୱାଳ, କିଶୋରୀ ଦନସେନା, ସତ୍ୟ କମ୍ପ, ତୁଷୁରା ଏନଏସିର କାଉନସିଲର ବିନୋଦିନୀ ମହାଲିଙ୍ଗ, ଚାନ୍ଦ ବାଗ, ଅଜୟ ଜୟଶ୍ୱାଳ, କମଲୁ ଜୈନ, ନନ୍ଦଲାଲ ଜୟଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଗୁଡ଼ଭେଲା ବ୍ଲକ ଯୁବ କଂଗ୍ରେସ ସଭାପତି ଶ୍ରୀକାନ୍ତ ବାଗ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି କାହ୍ନା ପ୍ରଧାନଙ୍କୁ ତୁଷୁରା ପୋଲିସ ଥାନାରେ ଅଟକ ରଖିଥିଲା।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଲୋଇସିଂହା,୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଆଇଲାସାରି ପଞ୍ଚାୟତ ଅନ୍ତର୍ଗତ ଆଇଲାସାରି, ନୂଆପାଲି, କୁଲେରବାହାଲି, ଚରଙ୍ଗାବାହାଲି, କଦଳିପାଲି ଏବଂ ଜାମ ଗାଁ ପଞ୍ଚାୟତର ବୁଡିସିଣ୍ଡୋଲ ଏବଂ ଅକରିଆପଦର ଗାଁରେ ଗୁରୁବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରତିନିଧି ଶିବଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଯୁବନେତା ନିହାର ରଞ୍ଜନ ବେହେରା ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ଯୋଜନା ସମ୍ପର୍କରେ ଜନସାଧାରଣକୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅରୁଣ ମେର୍ଲି, ଗଜିନ୍ଦ୍ର ଦଲାଇ, ବାଲଗୋପାଳ ଠେଲା, ଗୁରୁଦେବ ଖଣ୍ଡଗିରି, ଶଙ୍କର ଶାଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ ଗୁରୁତ୍ୱ

**ଖପ୍ରାଖୋଲ, ୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଅପର ସୁକତେଲ ଡ୍ୟାମ ଆମ୍ବ ବଗିଚାଠାରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଏମପି ପ୍ରତିନିଧି ଗୋବିନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁଶିଲ କୁମାର ଗୁରୁ, ଯୁବନେତା ଶିବ ଛତର, ରମେଶ ପଧାନ, ଯୁବ ସଭାପତି ପଞ୍ଚୁଦେବ ସାହୁ, ଖପ୍ରାଖୋଲ ସମିତି ସଭ୍ୟ କଳାକାହ୍ନୁ ବାରିକ ପ୍ରମୁଖ ଯୋଗଦେଇଥିଲେ। ଦଳକୁ ତୃଣମୂଳସ୍ତରରେ ସଂଗଠିତ କରିବା ସହିତ ଆଗାମୀ ନିର୍ବାଚନରେ ଏଠାରେ ବିଜେଡିର ଏମପି ଓ ବିଧାୟକଙ୍କୁ ଜିତେଇବାକୁ ଆହ୍ୱାନ ଦେଇଥିଲେ। ନିଜ ଭିତରେ ଥିବା ମନାନ୍ତର, ମତାନ୍ତର ଭୁଲି ଦଳ ପାଇଁ କାମ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭିକାରୀ ବିଶ୍ୱାଳ, ସରପଞ୍ଚ ଖଗେଶ୍ୱର ପଧାନ, ସମିତି ସଭ୍ୟ ଲକ୍ଷ୍ୟ ପଧାନ, ଦିଲ୍ଲିପ ମେହେର, ଗୋପାଳ ପଧାନ, ସୁବାଷ ପାଣିଗ୍ରାହୀ, ଦାମୋଦର ବେହେରା, ଛେଲିଆ ମାଝୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା ଓ କର୍ମୀ।

ପ୍ରାଥମିକ ଡାକ୍ତରଖାନାରେ ନାହାନ୍ତି ଡାକ୍ତର, ଫାର୍ମାଶିଷ୍ଟ

# କର୍ମଚାରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

**ଲୋଇସିଂହା,୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ନାହିଁ ନ ଥିବା ସମସ୍ୟା ମଧଦେଇ ଗତି କରୁଛି। ଏଠାରେ ଡାକ୍ତର, ଫାର୍ମାଶିଷ୍ଟ ନାହାନ୍ତି। ଫଳରେ ରୋଗୀସେବା ବ୍ୟାହତ ହୋଇଛି। ବାରମ୍ବାର ଦାବି କଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଏହାର ପ୍ରତିବାଦ କରିଛନ୍ତି ବେନ୍ଦ୍ରା ଗ୍ରାମବାସୀ। ଗୁରୁବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଜଣେ ଆୟୁଷ ଡାକ୍ତର ଓ କେତେକ କର୍ମଚାରୀଙ୍କୁ ତାଲା ପକାଇ ଅଟକ ରଖିଛନ୍ତି। ୬ମାସରୁ ଅଧିକ ସମୟ ହେଲା ଏଠାରେ ଡାକ୍ତର, ଫାର୍ମାଶିଷ୍ଟ ପଦବୀ ଖାଲି ପଡିଥିଲେ ବି ଏହାର ପୂରଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ ଏଭଳି ପଦକ୍ଷେପ ନେଲେ ବୋଲି କହିଛନ୍ତି।




ବେନ୍ଦ୍ରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ କର୍ମଚାରୀ।

ସୂଚନାମତେ, ଆଗଲପୁର ବ୍ଲକ ବେନ୍ଦ୍ରା ଗ୍ରାମରେ ପ୍ରାଥମିକ ସ୍ୱସ୍ଥ୍ୟ କେନ୍ଦ୍ର (ନୂତନ) ଅବସ୍ଥିତ। ଏଠାରେ ଜଣେ ଏମବିବିଏସ ଡାକ୍ତର, ଜଣେ ଫାର୍ମାଶିଷ୍ଟ ଏବଂ କେତେକ ସ୍ୱାସ୍ଥ୍ୟ କର୍ମଚାରୀ ଅବସ୍ଥାପିତ ଥିଲେ। ତେବେ ଦୀର୍ଘଦିନ ହେଲା ଏବିବିଏସ ଡାକ୍ତର ପଦବୀ ଖାଲି ପଡିଛି। ଏମବିବିଏସ ଡାକ୍ତରଙ୍କ ଅନୁପସ୍ଥିତିରେ ଜଣେ ମହିଳା ଆୟୁଷ ଡାକ୍ତରଙ୍କୁ ଅବସ୍ଥାପିତ କରାଯାଇଥିଲା। ସେ ଯୋଗଦାନ କରି ପିଜି କୋର୍ସ କରିବାକୁ ଯାଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର କିଛି ମାସ ଫାର୍ମାଶିଷ୍ଟଙ୍କ ଭରସାରେ ଚାଲିଥିଲା। ହେଲେ ତାଙ୍କୁ ଆଗଲପୁରକୁ ଡେପୁଟେଶନରେ ପଠାଯାଇଛି। ଏହାପରେ ଆଉ ଜଣେ ଆୟୁର୍ବେଦ ଡାକ୍ତର ଏଠାରେ ଯୋଗଦେଇଛନ୍ତି। ଗୁରବାର ଏହି ଅଞ୍ଚଳକୁ ସିଡିଏମଓଙ୍କ ଗସ୍ତ ଥିବାରୁ ଜଣେ ଆୟୁଷ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଅପରାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲି ବସିଥିଲେ। ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଥିବା ଜାଣି ସେଠାକୁ ଯାଇଥିଲେ। ଉତ୍ତେଜିତ ଗ୍ରାମବାସୀ ଏବିବିଏସ ଡାକ୍ତର, ଫାମାଶିଷ୍ଟ ନିଯୁକ୍ତି ଦାବି କରି ଉପସ୍ଥିତ କର୍ମଚାରୀଙ୍କୁ ତାଲା ପକାଇ ଦେଇଥିଲେ। ଖବର ପାଇ ଆଗଲପୁର ଇନଚାର୍ଜ ଡାକ୍ତର ଦୀନେଶ ମହେର ଆଲୋଚନା ପାଇଁ ଘଟଣାସ୍ଥଳକୁ ଆସିଥିବା ବେଳେ ସେମାନଙ୍କୁ ମଧ୍ୟ ଗ୍ରାମବାସୀ ଅଟକ ରଖିଥିବା ସୂଚନା ମିଳିଛି।



ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍



## ସଂକ୍ଷେପରେ

### ଇନ୍ଦିରା ଗାନ୍ଧୀ ବଳିଦାନ ଦିବସ ପାଳିତ

**ବଲାଙ୍ଗୀର ଅଫିସ,୧।୧୧:** ବଲାଙ୍ଗୀର ଜିଲା କଂଗ୍ରେସ ମୁଖ୍ୟାଳୟରେ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ କରାଯାଇଥିଲା । ଏଆଇସିସି ସଦସ୍ୟ ତଥା ପିସିସି ବରିଷ୍ଠ ମୁଖପାତ୍ର ସମରେନ୍ଦ୍ର ମିଶ୍ର ସ୍ୱର୍ଗତା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ଓ ପରାକ୍ରମ ବିଷୟରେ କହିଥିଲେ। ସଭାରେ ଟାଉନ ସଭାପତି ସୁଦାମ ସାହୁ, ପିସିସି ସଭ୍ୟ ଅସୀମ ପଟ୍ଟନାୟକ, ବୁଲୁ ଦାନି, ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ, ଉମା ସାହୁ, ସନ୍ତକ ବହିଦାର, ପ୍ରେମ ପ୍ରକାଶ ମିଶ୍ର, ବ୍ରଜ ସେଠୀ, ଜୁଲୁ ପଟ୍ଟନାୟକ, ପବିତ୍ର ବେହେରା, ମଧୁ ନାଗ, ଜଗ ରାୟ, ଶୁଭ୍ରାଂଶୁ ପଣ୍ଡା, ଅଙ୍କିତ ସାହୁ, ରଜାକ୍ ଖାନ ଉପସ୍ଥିତ ଥିଲେ ।

### ଗଞ୍ଜେଇ ସମେତ ବାଇକ୍ ଜବତ, ଜଣେ ଗିରଫ

**ସୋନପୁର,୧।୧୧(ନି.ପ୍ର.):** ଅବକାରୀ ବିଭାଗ ପକ୍ଷରୁ କୁଞ୍ଜ ଛକଠାରେ ଚଢାଉ କରାଯାଇ ବାଇକ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ପବନ ବୋକୁଲ(୪୦)ଙ୍କୁ ଗିରଫ କରାଯାଇଛି। ବୋକୁଲଙ୍କଠାରୁ ୨କିଲୋ ଗଞ୍ଜେଇ ସମେତ ବ୍ୟବହୃତ ହିରୋ ଏଚଏଫ ଡିଲକ୍ସ ବାଇକ୍ ନଂ ଓଡି଼୩୧ଇ-୫୩୦୨ ଜବତ ହୋଇଛି। ଅଭିଯୁକ୍ତଙ୍କ ଘର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ତଳମୁଖ ଗ୍ରାମରେ।

■ ବଲାଙ୍ଗୀର ଜିଲାରେ ଚକଡା ଉପଦ୍ରବ ସାଂଘାତିକ

# କାମ କରୁନାହିଁ କୀଟନାଶକ

**ବଲାଙ୍ଗୀର ଅଫିସ, ୧।୧୧**

ବଲାଙ୍ଗୀର ଜିଲାରେ ଚକଡା ପୋକ ଉପଦ୍ରବ ସାଂଘାତିକ ଅବସ୍ଥାରେ ପହଞ୍ଚିଛି। ଜିଲାର ବିଭିନ୍ନ ବ୍ଲକରେ ଶତାଧିକ ଏକର ଧାନ କ୍ଷେତରେ ଚକଡା ପୋକ ପ୍ରାଦୁର୍ଭାବ ଦେଖାଦେଇଛି । ଚକଡା ପୋକ ରୋକିବା ପାଇଁ କୀଟନାଶକ ବ୍ୟବହାର କଲା ପରେ ମଧ ଉପଦ୍ରବ କମୁନାହିଁ ଏଭଳି ସ୍ଥିତିରେ ଚାଷୀମାନେ ଏବେ ଘୋର ଚିନ୍ତାରେ ପଡିଛନ୍ତି । ଏ ନେଇ କୃଷି ଅଧିକାରୀ ଓ ବିଶେଷଜ୍ଞମାନେ ମଧ୍ୟ ନିର୍ଦ୍ଦିଷ୍ଟ ଉପାୟ ଅବଲମ୍ବନ କରୁ ନ ଥିବାରୁ ଜିଲାରେ ଦିନକୁ ଦିନ ଚକଡା ପୋକା ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି ।

ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ଜିଲାରେ ଅକ୍ଟୋବର ଶେଷ ସୁଦ୍ଧା ୯୧୧ହେକ୍ଟର ଜମିରେ ଚକଡା ପୋକ ଉପଦ୍ରବ ଦେଖାଦେଇଛି । ଏଥିରୁ ୧୨୭ ହେକ୍ଟର ଜମିର ଧାନଫସଲ ଚକଡା ପୋକା ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି। ବଲାଙ୍ଗୀର ଜିଲାର ୧୪ଟି ବ୍ଲକର ଦେଓଗାଁ, ବଲାଙ୍ଗୀର, ଟିଟିଲାଗଡ, ପୁଇଁନ୍ତଲା, ଗୁଡଭେଲା ବ୍ଲକ୍‌ର ଶତାଧିକ ଏକର ଧାନରେ ଚକଡା ପୋକ ଲାଗିଛି। ଏହାଛଡା ଅନ୍ୟ ବ୍ଲକମାନଙ୍କରେ ମଧ ଚକଡା ପୋକ ଉପଦ୍ରବ ଦେଖାଯାଇଛି । ସରକାରୀ ଭାବେ ଏଭଳି ତଥ୍ୟ ଦିଆଯାଇଥିଲେ ମଧ ବାସ୍ତବରେ ଏହାଠୁ ଢ଼େର ଅଧିକ ଜମିରେ ଚକଡା ଉପଦ୍ରବ ଦେଖାଦେଇଛି ।



କୁରୁଲ ଗାଁରେ ଚକଡା ପୋକ ଲାଗିଥିବା କ୍ଷେତରେ ଚାଷୀ କୀଟନାଶକ ସିଞ୍ଚନ କରୁଛନ୍ତି ।

**ଚିନ୍ତାରେ ଚାଷୀ**

- ୯୧୧ ହେକ୍ଟରରେ ଚକଡା ପୋକ
- ୧୨୭ ହେକ୍ଟର ଧାନ ସମ୍ପୂର୍ଣ୍ଣ ନଷ୍ଟ
- କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କୃଷି ଅଧିକାରୀ

ଚଳିତବର୍ଷ ଭଲ ଧାନ ଅମଳ ହେବ ବୋଲି ଜିଲାର ଚାଷୀମାନେ ଆଶା ରଖିଥିଲେ । ପ୍ରାରମ୍ଭିକ ବର୍ଷା ବିଳମ୍ବ ହୋଇଥିଲେ ମଧ ପରେ ଭଲ ବର୍ଷା ହେବାରୁ ଚାଷ ଭଲ ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ଜିଲାର ବିଭିନ୍ନ ବ୍ଲକରେ ବର୍ଷାଭାବଜନିତ ସମସ୍ୟା ଦେଖାଦେବାରୁ ଭଲ ଧାନ ଚାଷ ହେବା ସତ୍ତ୍ୱେ ପାଣି ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେଉଁଠାରେ ଭଲ ଧାନ ଚାଷ ହୋଇଥିଲା ସେଠାରେ ଚକଡା ପୋକ ଉପଦ୍ରବ ଆରମ୍ଭ ହେବା ପରେ ଚାଷୀଙ୍କ ଚିନ୍ତା ବହୁଗୁଣିତ ହୋଇଥିଲା । ସଦର ବ୍ଲକର କୁଡାସିଂହା, ସାହାଜବାହାଲ ଓ ଝରେଇବାହାଲ ଅଞ୍ଚଳରେ ଚାଷୀମାନେ ଚକଡା ପୋକ ଉପଦ୍ରବ କାରଣରୁ ଆକ୍ରାନ୍ତ ଧାନଫସଲରେ ନିଆଁ ଲଗାଇ ଦେବା ପରେ ଚକଡା ପୋକ ସମସ୍ୟା ଲୋକଲୋଚନକୁ ଆସିଥିଲା । ଜିଲାର ଦେଓଗାଁ, ବଲାଙ୍ଗୀର, ଟିଟିଲାଗଡ, ଗୁଡଭେଲା ଓ ପୁଇଁତଲା ବ୍ଲକରେ ଚକଡା ପୋକ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ପଇଁତଲା ବ୍ଲକର କୁରୁଲ, ମହୀମୁଣ୍ଡା ଅଞ୍ଚଳରେ ମଧ ଚକଡା ପୋକ ଉପଦ୍ରବ ଦେଖାଦେଇଛି । କୁରୁଲ ଗାଁର ଚାଷୀ ବାଲେଶ୍ୱର ପଟେଲ, ପ୍ରଦୀପ ନାଏକ, ଜଳନ୍ଧର ଦୀପ, ସଚ୍ଚିକାନ୍ତ ରାଉତ୍, ଗୋବିନ୍ଦ ପଟେଲ, ବିଭୂତି ପଟେଲ, ମହେଶ୍ୱର ନାଏକ, ଲୋହିତ ପଟେଲ, ପୀତବାସ ସେଠ୍ ଓ ଅନ୍ୟ ଚାଷୀଙ୍କ ଧାନ କ୍ଷେତ୍ରରେ ଚକଡା ପୋକ ଯୋଗୁଁ ବ୍ୟାପକ ମାତ୍ରାରେ ଧାନ ଫସଲ ନଷ୍ଟ ହୋଇଛି । ମୁଖ୍ୟ ରାସ୍ତାକଡରେ ଥିବା ଜଳନ୍ଧର ଦୀପଙ୍କ କ୍ଷେତର ସମ୍ପୂର୍ଣ୍ଣ ଧାନ ପାଳ ହୋଇଯାଇଛି । କୀଟନାଶକ ବ୍ୟବହାର କରି ଚାଷୀ ଖର୍ଚ୍ଚାନ୍ତ ହେବା ପରେ ମଧ ଚକଡା ପୋକ ଉପଦ୍ରବ କମୁ ନ ଥିବାରୁ ଜିଲାର ଚାଷୀକୁଳ ଘୋର ଚିନ୍ତାରେ ପଡିଛନ୍ତି ।

**ଏମାନେ ଯାହା କୁହନ୍ତି...**



“ଚକଡା ରୋକିବା ପାଇଁ ୫ଥର କୀଟନାଶକ ସିଞ୍ଚନ କରିବା ପରେ ମଧ କିଛି ବି ଲାଭ ହୋଇନାହିଁ ଏପର୍ଯ୍ୟନ୍ତ ୧୦ହଜାର ଟଙ୍କା ଖର୍ଚ୍ଚ କରିସାରିଛି । କୃଷି ଅଧିକାରୀମାନେ ଠିକଣା ସମୟରେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କି ଉପଯୁକ୍ତ ପରାମର୍ଶ ଦେଉ ନାହାନ୍ତି।
-ପ୍ରଦୀପ ନାଏକ, ଚାଷୀ, କୁରୁଲ



“ମୋର ଜମିରେ ଚକଡା ଉପଦ୍ରବ ଦେଖାଦେଇଛି। କୀଟନାଶକ ବ୍ୟବହାର କଲେ ଚକଡା କମିବ ବୋଲି କୁହାଯାଇଥିଲେ ମଧ ଚକଡା କମୁନାହିଁ । ମୁଁ ମଧ ଢ଼େର ଖର୍ଚ୍ଚାନ୍ତ ହେଲିଣି ।
-ମହେଶ୍ୱର ନାଏକ, ଚାଷୀ କୁରୁଲ



“ଜିଲାର ବିଭିନ୍ନ ସ୍ଥାନରେ ଚକଡା ପୋକ ଲାଗିଛି । ତେବେ କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି । କୀଟନାଶକ ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ସଚେତନ କରୁଛନ୍ତି । କିଛି ସ୍ଥାନରେ ଚକଡା ଉପଦ୍ରବ ରୋକାଯାଇଛି ।
-ଶ୍ରୀଧର ଦାସ, କୃଷି ଉପନିର୍ଦ୍ଦେଶକ, ବଲାଙ୍ଗୀର

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୧।୧୧**

ଅକ୍ଟୋବର ୨୯ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଗୁରୁବାର ବଲାଙ୍ଗୀର ସହରରେ ଏକ ସଚେତନତା ରାଲି କରାଯାଇଛି । ଏଥିରେ ଛାତ୍ରୀଛାତ୍ରମାନେ ଟାଉନ୍ ବାଳିକା ହାଇସ୍କୁଲଠାରୁ ବାହାରି ସହର ପରିକ୍ରମା କରିଥିଲେ । ରାଲିକୁ ପିଡି ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ରାଲିରେ ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଭିଜିଲାନ୍ସ ଇନ୍ସପେକ୍ଟର ସଦାନନ୍ଦ ପାଣି, ଟାଉନ୍ ବାଳିକା ହାଇସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ, ଦୁର୍ନୀତି ନିବାରଣ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଗତ ୨୯ ତାରିଖ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୁର୍ନୀତି ଦୂରୀକରଣ ନବଭାରତ ନିର୍ମାଣ ଶୀର୍ଷକରେ ହାଇସ୍କୁଲ ଓ କଲେଜ ସ୍ତରୀୟ ଓଡିଶା ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏବିଭିନ୍ନ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ସିଏନ୍‌ସି କଲେଜ ଛାତ୍ର ସର୍ବୋଦୟ ସୁପ୍ରିତ ନନ୍ଦ ଓ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟା ମଧୁପୂର୍ଣ୍ଣା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ଦୁଇ କୃତୀ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି ।

ଗୁହାଳ କରି ଚାହିଁ ବସିଛି ଚାଷୀ

# ୬ମାସ ବିତିଲା, ମିଳିନି ଗାଈଋଣ

**ଖପ୍ରାଖୋଲ, ୧।୧୧(ଡି.ଏନ.ଏ. )**

ସରକାର ଗ୍ରାମୀଣ ଜନସାଧାରଣଙ୍କ ଆର୍ଥିକ ବିକାଶ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ଭାବେ ସ୍ୱଳ୍ପ ସୁଧରେ ଋଣ ଯୋଗାଉଛନ୍ତି। ହେଲେ ଋଣ ମଞ୍ଜୁରର ମାସମାସ ପରେ ବି ଋଣ ମିଳୁ ନଥିବାରୁ ଏହାର ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମେଇପାଲି ପଞ୍ଚାୟତରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଲୁହାସିଂହା କୃଷି ସମବାୟ ସମିତି ମାଧ୍ୟମରେ ଦମେଇପାଲି ଗାଁର ୩ଟି ଜେଏଲଜି ଦଳର ୧୨ଜଣ ମହିଳାଙ୍କ ସହିତ ଜଣେ ବ୍ୟକ୍ତିଗତ ଭାବରେ ଗୋଚାଷ ପାଇଁ ଋଣ କରିଥିବା ବେଳେ ଏହା ମଞ୍ଜୁର ହୋଇଛି। ଏପରିକି ଗୁହାଳ ତିଆରି ପାଇଁ ପ୍ରଥମ କିସ୍ତି ବାବଦକୁ ଜଣ ପ୍ରତି ୩୦ହଜାର ଟଙ୍କା ଲେଖାଏଁ ବି ମିଳିସାରିଛି। ସମ୍ପୃକ୍ତ ମହିଳାମାନେ ୬ମାସ ହେଲା ଗୁହାଳ ସାରି ଗାଈକୁ ଅପେକ୍ଷା କରି ବସିଛନ୍ତି। ଗାଈ ବାବଦକୁ ଜଣ ପ୍ରତି ୯୦ହଜାର ଟଙ୍କା ଲେଖାଏ ମଞ୍ଜୁର ହୋଇଥିଲେ ବି ବିଡିସିସି ବ୍ୟାଙ୍କ ଲାଠୋର ଶାଖା କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରି ହିତାଧିକାରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏପରିକି ଗୁହାଳ ଶେଷ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଦେଖି ଫଟୋ ଉଠାଇ ନେଇଥିଲେ ବି ଋଣ ମିଳୁ ନାହିଁ। ଏଭଳି ଅଭିଯୋଗ କରିଛନ୍ତି ଦମେଇପାଲି ଗାଁର ମା’ ସମଲେଶ୍ୱରୀ ଜେଏଲଜିର ଅହଲ୍ୟା ପଟେଲ, ଶୁଭ୍ରକାନ୍ତି ପଟେଲ, ସୁଷମା ରଣା, ପୁଷ୍ପାଞ୍ଜଳି ଦଣ୍ଡସେନା, ମା’ ମଙ୍ଗଳା ଜେଏଲଜିର ହେମବତୀ ମେହେର, ରୋସ୍ନାମୟୀ ମେହେର, କିଶୋରୀ ମେହେର, ରକ୍ମିଣି ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଗୁହାଳ ଶେଷ ପରେ ଗାଈ ଆଣି ଦୁଗ୍ଧ ଉତ୍ପାଦନ କରି ଦୁଇ ପଇସା ରୋଜଗାର କରିବା ଆଶା ରଖିଥିଲୁ। ହେଲେ ୬ ମାସ ବିତି ଯାଇଥିବାରୁ ଏବେ କିଭଳି ଋଣ ଟଙ୍କା ପରିଶୋଧ କରିବୁ ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ବିଡିସିସି ବ୍ୟାଙ୍କ ଲାଠୋର ଶାଖା ପରିଚାଳକ ହିମାଂଶୁ କୁମାର ପାଢୀଙ୍କୁ ପଚାରିବାରୁ ଋଣ ଟଙ୍କା ମଞ୍ଜୁର ହୋଇଛି। ତୁରନ୍ତ ସମ୍ପୃକ୍ତ ଜେଏଲଜି ଗୋଷ୍ଠୀଙ୍କୁ ଗାଈ ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ଗୁହାଳ ଶେଷ କରିଥିବା ଜଣେ ମହିଳା ଗୋଚାଷୀ।

■ ଲୋକ ସଂଗଠନର ଜନ ସମାବେଶ

# ବିସ୍ଥାପନ ବିରୋଧରେ ସଙ୍ଗଠିତ ହେବାକୁ ଆହ୍ୱାନ

**ଖପ୍ରାଖୋଲ, ୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବିନ୍ଧ୍ୟବାସିନୀ ମନ୍ଦିର ପରିସରରେ ଜିନ୍ଦାବାଦ ସଂଗଠନର ଆହ୍ୱାନରେ ବିଭିନ୍ନ ଲୋକ ସଂଗଠନକୁ ନେଇ ଏକ ଜନ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଂଗଠନର କେନ୍ଦ୍ରୀୟ ସଭାପତି ଲୋଚନ ବରିହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଜଳ, ଜଙ୍ଗଲ, ଜମି ଅଧିକାର ସହିତ ବିସ୍ଥାପନ ବିରୋଧରେ ବିଭିନ୍ନ ଲୋକ ସଂଗଠନ ସଂଗଠିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି ସାମ୍ପ୍ରତିକ ରାଜନୈତିକ ସ୍ଥିତି, ଦାଦନ ସମସ୍ୟା, ଏମଜିଏନଆରଇଜିଏସ୍ ଯୋଜନାରେ କାର୍ଯ୍ୟକାରିତା, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବିଭିନ୍ନ ମୌଳିକ ସୁବିଧା ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମସଭା, ପଲ୍ଲୀସଭାକୁ ପ୍ରାଥମିକତା ଦେବା ପାଇଁ ବ୍ୟବସ୍ଥା ଥିବାବେଳେ ତାକୁ ଅଣଦେଖା କରାଯାଉଥିବା ନେଇ ବକ୍ତାମାନେ ଅଭିଯୋଗ କରିଥିଲେ । ସେହିପରି ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ଠିକରେ ହେଉ ନ ଥିବା, ଲୋକଙ୍କୁ ଗୋଷ୍ଠୀଗତ ଅଧିକାର ଦିଆଯାଉ ନ ଥିବା ନେଇ ଅଭିଯୋଗ ଉଠିଥିଲା । ବିକାଶ ନାଁରେ ସରକାର ଗରିବ ଲୋକଙ୍କଠାରୁ ଜମି ଛଡାଇ କର୍ପୋରେଟମାନଙ୍କୁ ଦେଉଛନ୍ତି। ଏଣୁ ଖଣି, ଶିଳ୍ପ, ଡ୍ୟାମ ନାଁରେ ବିସ୍ଥାପନକୁ ବିରୋଧ କରିବାକୁ ଆଲୋଚନା ହୋଇଥିଲା । ସମାବେଶରେ ଲୋକମୁକ୍ତି ସଂଗଠନ ଝାରସୁଗୁଡାର ଅନନ୍ତ ପଣ୍ଡା, ଆଦିବାସୀ ଚେତନ ସଂଗଠନ ଢେଙ୍କାନାଳର ଅମୂଲ୍ୟ ନାଏକ, ମାଲ୍ୟଗିରି ଆଦିବାସୀ ମଞ୍ଚର ଶ୍ରୀପତୀ, ଆଦିବାସୀ କାନ୍ତି ସଂଗଠନର ଅକ୍ଷୟ କୁମାର ପାଣି, ଗ୍ରାମୀଣ ଶ୍ରମଜୀବୀ ସଂଗଠନ ନୟାଗଡର ସନ୍ତୋଷ ପଧାନ, ଅଙ୍ଗ ପ୍ରତିରୋଧ କମିଟିର ବିଜୟ ସାହୁ, ରମେଶ ବାରିକ, ଲୋୟର ସୁକତେଲ ସଂଗ୍ରାମ ପରିଷଦ ଡୁଙ୍ଗୁରିପାଲିର ଉଦୟ ସିଂ ଠାକୁର, ସତ୍ୟ ବନଛୋର, ସାହାରା ପାଓାର ପ୍ଲାଣ୍ଟ ବିରୋଧୀ ମଞ୍ଚର ବାଳକୃଷ୍ଣ ଷାଣ୍ଢ ବକ୍ତବ୍ୟ ରଖିଥିଲେ। ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ ନୂଆପଡାର ହିରାଲାଲ ମାଝୀ, ମେଘନାଥ ଖର୍ସେଲ, ଶ୍ରମିକ ଅଧିକାର ମଞ୍ଚର ତ୍ରିଲୋଚନ ପୁଞ୍ଜି, ଜିନ୍ଦାବାଦ ସଂଗଠନ ଗୋଲାମୁଣ୍ଡାର ଜନ୍ମେଜୟ ମାଝୀ, ତୁରେକେଲା ବ୍ଲକ ସଭାପତି ଗଙ୍ଗା ମାଝୀ, ଖପ୍ରାଖୋଲ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, ବେଲପଡା ବ୍ଲକ ସଭାପତି ତୁଳସୀରାମ ନିଆଲ, ନେରୀନେତ୍ରୀ ଚମ୍ପେଶ୍ୱରୀ ମାଝୀ, ରଘୁନାଥ ରଣା, ଡୋଳାମଣି ବନଛୋର, ଗୌରାଙ୍ଗ ଦାସଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଗୋଲାପ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ ।





ଲୋକ ସଂଗଠନର ଜନ ସମାବେଶରେ ମଞ୍ଚାସୀନ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

# ସଂକୀର୍ତ୍ତନ୍ୟ ମଣ୍ଡଳୀ କର୍ମକର୍ତ୍ତା ସମ୍ମିଳନୀ

**ଦେଓଗାଁ,୧।୧୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ସଂକୀର୍ତ୍ତନ୍ୟ ମଣ୍ଡଳୀ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁନ୍ଦରମଣି ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ମହାଦେବ ମେହେର ସଂଯୋଜନା କରିଥିଲେ। ରାଧେଶ୍ୟାମ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ଜରାସିଂହା, ଉଡାର, ଉପରଝର, ମହଲାଇ, ସାଲେପାଲି, ଲଣ୍ଡାପଥର, ଧଣ୍ଡାମାଲ ଆଦି ପଞ୍ଚାୟତମାନଙ୍କର ୩୦ଟି ମଣ୍ଡଳୀର ମ୍ୟାନେଜରମାନେ ଯୋଗଦେଇ ପାରମ୍ପରିକ ସଂକୀର୍ତ୍ତନ୍ୟ କଳାକୁ ବଞ୍ଚାଇ ରଖିଥିବା କଳାକାରଙ୍କୁ ଉଚିତ୍ ପ୍ରୋତ୍ସାହନ ମିଳିପାରୁ ନ ଥିବା କହିଥିଲେ । ଏଥିପାଇଁ ବହୁ ସ୍ଥାନରେ ସଂକୀର୍ତ୍ତନ୍ୟ ମଣ୍ଡଳୀଗୁଡିକ ବିଲୁପ୍ତ ହେବାକୁ ବସିଲାଣି। ମୃଦଙ୍ଗ ସଜାଡିବାଠୁ ଆରମ୍ଭ କରି ବାଦ୍ୟ ସରଞ୍ଜାମର ମୂଲ୍ୟବୃଦ୍ଧି ଫଳରେ ଏ ଦିଗରେ କଳାକାରମାନେ ଆଉ ମନ ବଳାଉ ନ ଥିବାରୁ ଏହି କଳା ଆସ୍ତେଆସ୍ତେ ବିଲୁପ୍ତ ହେବାକୁ ବସିଛି । ଏଣୁ ଏ ଦିଗରେ ସମସ୍ତେ ଯତ୍ନବାନ ହେବାପାଇଁ ମତ ପ୍ରକାଶ ପାଇଥିଲା । ଚଳିତ ବର୍ଷ ଜଗନ୍ନାଥ ସାଂସ୍କୃତିକ ଅନୁଷ୍ଠାନ(ପୁରୀ) ଦ୍ୱାରା ସରକାରୀ ଅନୁଦାନ ହିସାବରେ ବୈଠକୀ ଘର ପାଇଁ ୨ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ମାତ୍ର ୨ ଲକ୍ଷ ଟଙ୍କାରେ ବୈଠକୀ ଘର ନିର୍ମାଣ ପର୍ଯ୍ୟାପ୍ତ ହୋଇପାରୁ ନ ଥିବାରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବାପାଇଁ ଦାବି କରିବାକୁ ମତପ୍ରକାଶ ପାଇଥିଲା । ବେଣୁଧର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ସଂକୀର୍ତ୍ତନ୍ୟ ମଣ୍ଡଳୀ କର୍ମକର୍ତ୍ତା ସମ୍ମିଳନୀ ଅବସରରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ ।

■ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ବାର୍ଷିକ ସମାରୋହ

# ୩.୫୬ଲକ୍ଷ ଚାଷୀଙ୍କୁ ମିଳିଛି ୨୧୬୧କୋଟିର ଋଣ

**ବଲାଙ୍ଗୀର ଅଫିସ, ୧।୧୧**

ଉତ୍କଳ ଗ୍ରାମୀଣ ବ୍ୟାଙ୍କ(ୟୁଜିବି)ର ଷଷ୍ଠ ବାର୍ଷିକ ସମାରୋହ ବଲାଙ୍ଗୀର ଟାଉନ୍ ହଲଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ବ୍ୟାଙ୍କ ଅଧ୍ୟକ୍ଷ ରଞ୍ଜିତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ୟୁଜିବି ବୋର୍ଡ ଅଫ୍ ଡାଇରେକ୍ଟର୍ସ ସଦସ୍ୟ ଅରୁଣ କୁମାର ଅଗ୍ରୱାଲ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ଘନଶ୍ୟାମ ପଣ୍ଡା ଯୋଗଦାନ କରିଥିଲେ । ଗ୍ରାମୀଣ ବ୍ୟାଙ୍କ କିଭଳି ଗ୍ରାମାଞ୍ଚଳ ଅର୍ଥନୀତି ସହ ଜଡିତ ହୋଇ ତୃଣମୂଳସ୍ତରର ଲୋକଙ୍କ ଆର୍ଥିକ ସ୍ୱାବଲମ୍ବନରେ ସହାୟକ ହେବ ସେନେଇ ଅତିଥି ବକ୍ତାମାନେ କହିଥିଲେ। ଏହି ଅବସରରେ ବ୍ୟାଙ୍କ ଅଧ୍ୟକ୍ଷ ମିଶ୍ର ବ୍ୟାଙ୍କ ପ୍ରଦାନ କରିଥିବା ୯୩ ପ୍ରତିଶତ କୃଷିଋଣ ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ର ଉପରେ ସୂଚନା ଦେଇଥିଲେ । ଏପର୍ଯ୍ୟନ୍ତ ବ୍ୟାଙ୍କ ୩ ଲକ୍ଷ ୫୬ ହଜାର ୮୨୪ ଜଣ କୃଷକଙ୍କ କୃଷିଋଣ ଭାବେ ୨ ହଜାର ୧୬୧ କୋଟି ଟଙ୍କା ଋଣ ପ୍ରଦାନ କରିଥିବା କହିଥିଲେ । ଏହାବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀଋଣକୁ ବ୍ୟାଙ୍କ ଏକ ଆନ୍ଦୋଳନରେ ପରିଣତ କରି ୩୪ ହଜାର ୧୯ଟି ଗୋଷ୍ଠୀକୁ ୩୮୬ କୋଟି ଟଙ୍କା ଋଣ ପ୍ରଦାନ କରିଥିବା ସୂଚନା ଦେଇଥିଲେ । ବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଖାତା ଖୋଲି ତନ୍ମଧ୍ୟରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ୫୦ ହଜାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ସାମିଲ କରିପାରିଥିବା କହିଥିଲେ । ଅଟଳ ପେନ୍‌ସନ୍ ଯୋଜନାରେ ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ସାମିଲ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୪୬ ଜଣଙ୍କୁ ଜଣପିଛା ୨ ଲକ୍ଷ ଟଙ୍କା ହିସାବରେ ୯୨ଲକ୍ଷ ଟଙ୍କା, ପ୍ରଧାନମନ୍ତ୍ରୀ ଜୀନଜ୍ୟୋତି ଯୋଜନାରେ ୨୩୨ ଜଣଙ୍କୁ ୨ ଲକ୍ଷ ହିସାବରେ ୪ କୋଟି ୪୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କହିଥିଲେ । ୟୁଜିବି ଓଡିଶାର ୧୭ଟି ଜିଲାରେ ୪୪୧ଟି ଶାଖା ଓ ଗୋଟିଏ ଏସ୍‌ଏଆରବି, ୪ଟି ଋଣ ପରିଚାଳନା କେନ୍ଦ୍ର, ୮୯୬ଟି କିଓସ୍କ ମାଧ୍ୟମରେ ୨ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସେବା ଯୋଗାଇ ଆସୁଛି । ବ୍ୟାଙ୍କ ତାର ସେବା ପରିସରଭୁକ୍ତ ଅଞ୍ଚଳରେ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ଅଦ୍ୟାବଧି ବ୍ୟାଙ୍କ ସେବାରେ ସିଧାସଳଖ ସଂଯୁକ୍ତ କରିବାରେ ସମର୍ଥ ହୋଇଥିବା ମିଶ୍ର ସୂଚନା ଦେଇଥିଲେ। ବ୍ୟାଙ୍କ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ କରାଯାଇ ଆଧୁନିକ ବୈଷୟିକ ପ୍ରଣାଳୀ ଉପଯୋଗ କରି ଅଗ୍ରସର ହେଉଛି । ବ୍ୟାଙ୍କ ୫ଟି ଶାଖାରେ ଡେସ୍କଟପ ଏଟିଏମ୍ ସ୍ଥାପନ କରିଛି । ଗ୍ରାହକ ସୁବିଧା ପାଇଁ ଆଗକୁ ଆଉ ୪୦ଟି ଡେକ୍ସଟପ ଏଟିଏମ୍ ବସାଯିବ ବୋଲି ସୂଚନା ଦେଇଥିଲେ। ଚଳିତବର୍ଷ



ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଷଷ୍ଠ ବାର୍ଷିକ ସମାରୋହରେ ମଞ୍ଚାସୀନ ଅତିଥି ।

**କେରଳ ବନ୍ୟା ସହାୟତା ପାଇଁ ବ୍ୟାଙ୍କ ଦେଲା ୧୫ ଲକ୍ଷ**

କେରଳରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ବିଶେଷ କ୍ଷତି ହୋଇଥିଲା। ଏଣୁ ବ୍ୟାଙ୍କ ତରଫରୁ କେରଳକୁ ବନ୍ୟା ସହାୟତା ପାଇଁ ୧୫ ଲକ୍ଷ ଟଙ୍କାର ରିଲିଫ୍ ପାଣ୍ଠିକୁ ଦାନ କରାଯାଇଥିଲା । ଓଡିଶାର ତିତିଲି କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ ବ୍ୟାଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହଯୋଗ କରାଯାଇଛି । ମୁଖ୍ୟବକ୍ତା ପଣ୍ଡା କୃଷି ଓ ତୃଣମୂଳ ଉଦ୍ୟୋଗୀର ଉନ୍ନତିରେ ବ୍ୟାଙ୍କ ସହାୟତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ସମ୍ମାନିତ ଅତିଥି ଜିଲାପାଳ ଡାକୁଆ ତାଙ୍କ ବକ୍ତବ୍ୟରେ ଭିତ୍ତିଭୂମି ଗଠନ ଓ ସାମଗ୍ରିକ ଉନ୍ନତିରେ ଗ୍ରାମୀଣ ବ୍ୟାଙ୍କରା ଭୂମିକା ଉପରେ କହିଥିଲେ । ମୁଖ୍ୟଅତିଥି ଡିନ୍ ମେହେର ତାଙ୍କ ବକ୍ତବ୍ୟରେ ଗାଁର ଗରିବ ଲୋକଙ୍କ ଆର୍ଥିକ ସଂସ୍କାର ଆଣିବାରେ ଗ୍ରାମୀଣ ବ୍ୟାଙ୍କର ଭୂମିକା ଉପରେ କହିଥିଲେ । ସଭାରେ ୧୭ଟି ଜିଲାର ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

**କୋକସରା କୃଷକ ସଚେତନ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ**
କଳାହାଣ୍ଡି ଜିଲା କୋକସରା କେନ୍ଦ୍ର ସମବାୟ ସମିତି ପରିସରରେ କୋକସରା କୃଷକ ସଚେତନ ମଞ୍ଚର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି ।

## ସଂକ୍ଷେପରେ

### ବରହା ମାଂସ ଜବତ, ଜଣେ କୋର୍ଟ ଚାଲାଣ

କେସିଙ୍ଗା,୧।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ବନାଞ୍ଚଳ ଅଧୀନ ଘଣ୍ଟସଲା ଗ୍ରାମର ଡେମ ନିକଟ ଜଙ୍ଗଲରୁ ବର୍ହା ମାଂସ ଜବତ କରି ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡି । ଅଭିଯୁକ୍ତ ଜଣଙ୍କ ହେଲେ କାଶି ପ୍ରଧାନ (୪୪) । ଘଣ୍ଟସଲା ଗ୍ରାମର କାଶି ୪୦ କେଜି ବିଶିଷ୍ଟ ଏକ ବର୍ହାକୁ ମାରି ମାଂସ କାଟି ଭାଗବଣ୍ଟା କରୁଥିଲେ । କୌଣସି ସୂତ୍ରରୁ ଖବର ପାଇ ଏହି ସମୟରେ କେସିଙ୍ଗା ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳେ ପହଞ୍ଚି କାଶି ପ୍ରଧାନଙ୍କୁ ଗିରଫ କରିଥିଲା । ଘଟଣାସ୍ଥଳରୁ ୧୦ କେଜି ମାସ ଜବତ କରିଥିଲେ । ବାକି ୩୦ କେଜି ଅନ୍ୟ ସହଯୋଗୀମାନେ ଧରି ଫେରାରଥିବା ଜଣାପଡିଛି । ଘଟଣାସ୍ଥଳରେ କେସିଙ୍ଗା ଭିଏସ ପହଞ୍ଚି ଶବ ବ୍ୟବେଚ୍ଛଦ ପରେ ପୋତା ଯାଇଥିଲା । କେସିଙ୍ଗା ବନବିଭାଗ ରେଞ୍ଜର ଦୀନବନ୍ଧୁ ମେହେର, ଫରେଷ୍ଟର ଅଚ୍ୟୁତ ପଟ୍ଟନାୟକ, ଫରେଷ୍ଟଗାର୍ଡ ଭୁବନେଶ୍ୱର ଠେଲା, ତନୁ ଶବର, କୈଳାଶ ଚନ୍ଦ୍ର ଶବର ପ୍ରମୁଖ ଚଢାଉରେ ସାମିଲ ଥିଲେ । କେସିଙ୍ଗା ବନ ବଭାଗ ଏ ନେଇ ଏକ ମାମଲା (ନଂ.୨୦୨୫/୧୮) ରୁଜୁ କରିଛି । ଏ ନେଇ ବନ ବିଭାଗର ରେଞ୍ଜର ଦୀନବନ୍ଧୁ ମେହେରଙ୍କୁ ପଚାରିବାରୁ ଫେରାରମାନଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ ।

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଭବାନୀପାଟଣା,୧।୧୧(ଡି.ଏନ.ଏ.)
ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲା ଦର୍ନୀତି ନିବାରଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ବେହେରା ମୁଖ୍ୟଅତିଥି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ଷଡଙ୍ଗୀ ସମ୍ମାନିତ ଅତିଥି ଓ ଟିଟିଲାଗଡ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡା. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଦୁର୍ନୀତି ନିବାରଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମହାବିଦ୍ୟାଳୟସ୍ତର ଓଡିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନିହାର ସାହୁ ଏବଂ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭି. ସରିତା ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଉତ୍ସବରେ ଅଂଶ ଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ଶଙ୍କର ବାଗ, ନେହେରୁ ଯୁବକେନ୍ଦ୍ରର ଲେଖାପାଳ ଦୁତିଆ ବନ୍‌ଛୋର, ଏନ୍‌ସିସି ଶିକ୍ଷକ ରବି କାନୁନ୍‌ଗୋ ସମେତ କେନ୍ଦ୍ରିୟ ବିଦ୍ୟାଳୟ ଓ ବିଭିନ୍ନ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ ।

# କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ, ଗଣଧାରଣା



କେସିଙ୍ଗା ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭା ।



ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ ସଭା ।

**୧୪ ଦଫା ଦାବି**
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେସିଙ୍ଗା,୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର କେସିଙ୍ଗା ବ୍ଲକ ଘେରାଉ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କ ଜରିଆରେ ୧୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସଭା କରିଥିଲେ। ବ୍ଲକ ଉପାଧ୍ୟକ୍ଷା ରଜନୀକାନ୍ତ ପୋଡ଼ଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସୁରେଶ ରାଓ ସଭା ପରିଚାଳନା କରିଥିଲେ । ସଭାରେ କେସିଙ୍ଗା ସହରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ଦିନରୁ ସ୍ଥାୟୀ ପ୍ରସୂତୀ ବିଶେଷଜ୍ଞ ଖାଲି ରହିଛି । ଫଳରେ ଗର୍ଭବତୀ ଓ ପ୍ରସୂତୀ ମହିଳାମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନିମ୍ନମାନର କପା ମଞ୍ଜିରୁ ୫୦ ପ୍ରତିଶତ ଗଜା ହୋଇ ନ ଥିବା ମଞ୍ଜିର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସଭାରେ ଦାବି କରାଯାଇଥିଲା । ସେହିପରି ସାର, କୀଟନାଶକ ଔଷଧ ଅଭାବ ଯୋଗୁ ଧାନ ଓ କପା ଚାଷରେ କ୍ଷତି ଘଟିଥିବା ଚାଷୀଙ୍କୁ କ୍ଷତି ପୂରଣ ଦିଆଯିବା ପାଇଁ ଦାବି କରାଯାଇଥିଲା । କେସିଙ୍ଗା ବ୍ଲକର ଜୋଲକୋସ୍ଥିତ ମେଘା ପ୍ରୋଜେକ୍ଟ ବିଫଳ ଯୋଗୁ ଚାଷ କାର୍ଯ୍ୟରେ ଜଳସେଚନ ହୋଇ ପାରୁ ନ ଥିବାରୁ ବହୁ ଚାଷୀ କ୍ଷତି ଘଟିଛି । ସେମାନଙ୍କ କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ଦାବି କରାଯାଇଛି । ଚାଷୀଙ୍କୁ କୃଷିଋଣ ଛାଡ କରାଯିବା ସହିତ ଧାନର ସର୍ବନିମ୍ନ ମୂଲ୍ୟ ୩ ହଜାର ଓ କପାର ୫ ହଜାର ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ଏହି ବ୍ଲକ ଘେରାଉ ମୁଖ୍ୟ ଉଦ୍ଦେଶ୍ୟ ବୋଲି ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି । ଏହି ଘେରାଉ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ତପସ୍ୱିନୀ ମାଝି, କାଉନସିଲର ବିଜୟ ଦୀପ, ଟିକେମନ ଦୀପ, ପୂର୍ଣ୍ଣଚନ୍ଦ୍ର ପଟେଲ, ବସନ୍ତ ନାଏକ, ଦିଲୀପ ସାହୁ, ଟିକେମନ ଭୋଇ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

ଧର୍ମଗଡ,୧।୧୧(ଡି.ଏନ.ଏ.)
ଧର୍ମଗଡଠାରେ ଗୁରୁବାର ବ୍ଲକ କଂଗ୍ରେସ କମିଟି ତରଫରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଥାନୀୟ ବ୍ଲକ ଅଫିସ ସାମନାରେ ଗଣଧାରଣା ଦେବା ସହ ପ୍ରତିବାଦ ସଭା କରାଯାଇଛି । ସ୍ଥାନୀୟ ବସଷ୍ଟାଣ୍ଡରୁ ଏକ ରାଲି ସହର ପରିକ୍ରମା କରି ବ୍ଲକ ସମ୍ମୁଖରେ ଏକତ୍ରିତ ହୋଇ ଧାରଣା ଓ ପ୍ରତିବାଦ ସଭା କରିଥିଲେ। ରାଜ୍ୟ ଏବଂ କେନ୍ଦ୍ର ସରକାର ସବୁବେଳେ ଓଡିଶାର ନୀରିହ ଜନସାଧାରଣଙ୍କୁ ଭୂଆଁ ବୁଲାଇ ଆସୁଛନ୍ତି। ଆଜି ସମଗ୍ର ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢି ଚାଲିଥିବା ବେଳେ ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏପରିକି ସରକାରଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣ ଯୋଜନାର ଦୁରୁପଯୋଗ, ଚାଷୀ ମାରଣ ନିତୀ, କଳାହାଣ୍ଡି ଜିଲାରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ଦଳ ପକ୍ଷରୁ ସଭାରେ ଅଭିଯୋଗ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଜିଲା ସଭାପତି ଭାରତ ବେମାଲ, ପୂର୍ବତନ ବିଧାୟକ ଯୁଗେରାମ ବେହେରା, ବରିଷ୍ଠ କଂଗ୍ରେସ ନେତା ସରୋଜ ପଣ୍ଡା, ବ୍ଲକ ସଭାପତି ପ୍ରେମଲାଲ ସାଗର, ଜିଲା ସମ୍ପାଦକ ଦିଗାମ୍ବର ଦୁରିଆ, ପିସିସି ସଭ୍ୟ ତୁଷାର ପାଟ୍ଟ ଯୋଷୀ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ । ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅପାରଗ ସରକାର ବୋଲି ପ୍ରକାଶ କରିବା ସହ କଂଗ୍ରେସ ସରକାର ସମୟରେ ହିଁ ରାଜ୍ୟର ଉନ୍ନତି ହୋଇଛ। ଆଜିର ସରକାର ସାଧାରଣ ଜନତାଙ୍କୁ ଶୋଷଣ କରୁଛି ବୋଲି ଅଭିଯୋଗ କରିଥିଲେ । ବର୍ତ୍ତମାନ କଳାହାଣ୍ଡି ଜିଲାରେ ମରୁଡି ପରିସ୍ଥିତି ହୋଇଥିବା ବେଳେ ଚାଷୀକୂଳ ହତାଶ ହୋଇପଡିଛନ୍ତି । ତେଣୁ ଜିଲାର ସମସ୍ତ ଚାଷୀଙ୍କ ଋଣ ଛାଡ କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩ ହଜାର କରିବା, ଜିଲାର ସମସ୍ତ ଚାଷୀଙ୍କୁ ୫ ହଜାର ଟଙ୍କା ପେନସନ ପ୍ରଦାନ କରିବା, ଇନ୍ଦ୍ରାବତୀରୁ ଲିଫ୍ଟ କେନାଲ ମାଧ୍ୟମରେ ଦଣ୍ଡପାଟ ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା କରିବା, ହାତୀ ନଦୀ, ଉଦନ୍ତି ନଦୀ, ତେଲ ନଦୀରେ ଆଡିବନ୍ଧ ନିର୍ମାଣ କରିବା, ଧର୍ମଗଡଠାରେ ବିଦ୍ୟୁତ୍ ଡିଭିଜନ ତୁରନ୍ତ କାର୍ଯ୍ୟକ୍ଷମ କରିବା ଆଦି ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ପାଢୀ, ଘନଶ୍ୟାମ ଅଗ୍ରୱାଲ, ସୁରେଶ ଅଗ୍ରୱାଲ, ଡମ୍ବରୁଧର ଗୋପାଳଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ଦୁର୍ନୀତି ବିରୋଧରେ ଭାଜପାର ବ୍ଲକ ଘେରାଉ

**କଳମପୁର ବ୍ଲକ**
- ଶୋଭାଯାତ୍ରା, ପ୍ରତିବାଦ ସଭା
- ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

କଳମପୁର,୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କଳମପୁର ବ୍ଲକ ଭାଜପା ପକ୍ଷରୁ ଦୁର୍ନୀତି ବିରୋଧରେ ବ୍ଲକ ଘେରାଉ କରାଯାଇଛି। ଏହି ଅବସରରେ ଦଳ ପକ୍ଷରୁ ପଥପ୍ରାନ୍ତ ପ୍ରତିବାଦ ସଭା ଓ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଥମେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ କଳମପୁର ନିୟନ୍ତ୍ରୀତ ବଜାର ପ୍ରାଙ୍ଗଣରୁ ଏକ ବିରାଟ ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ଦୁର୍ଗାମଣ୍ଡପ ନିକଟରେ ପହଞ୍ଚିଥିଲେ । ସେଠାରେ କଳମପୁର ବ୍ଲକ ସାଧାରଣ ସମ୍ପାଦକ ସୁମନ୍ତ କୁମାର ପଣ୍ଡାଙ୍କ ସଯୋଜନାରେ ଏକ ପଥପ୍ରାନ୍ତ ପ୍ରତିବାଦ ସଭା କରିଥିଲେ । ଏଥିରେ ଜିଲା ସଭାପତି ପ୍ରଦୀପ୍ତ ନାଏକ, ଜିଲା ଉପସଭାପତି ରବୀନ୍ଦ୍ର ପଟ୍ଟଯୋଷୀ, ବଦ୍ରି ପଟ୍ଟନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭବେନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧୀର ପଟ୍ଟଯୋଷୀ, ଆଦିତ୍ୟ ଦେଓ, ଅଜୟ ମିଶ୍ର, ଶୁଶିଲ କୁମାର ପତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରଥିଲେ । କଳମପୁର ବ୍ଲକରେ ହେଉଥିବା ବିଭିନ୍ନ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବା ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ କଳମପୁର ବ୍ଲକର ବିଭିନ୍ନ ସମସ୍ୟା ସମାଧାନ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୨ଦଫା ଦାବିପତ୍ର ଏବିଡିଓ ଗୋପାଳ କୃଷ୍ଣ ମିଶ୍ରଙ୍କୁ ପ୍ରଦାନ କରିଥିଲେ । ପ୍ରମୁଖ ଦାବି ମଧ୍ୟରେ ଆସନ୍ତା ରବି ଚାଷ ପାଇଁ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଜଳ ଯୋଗାଣ କରାଯିବା, କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆନୁସଙ୍ଗିକ ବ୍ୟବସ୍ଥା କରିବା ସହ ବନ୍ଧକନା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଣ୍ଡଳ ଆୟୁର୍ବେଦିକ ଏବଂ ବଡକୁଟ୍ରୁ ହୋମିଓପ୍ୟାଥିକ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି କରିବା, ବ୍ଲକରେ ତୁରନ୍ତ ସବସିଡି ପେଷ୍ଟିସାଇଡ ଯୋଗାଇବା, କଳମପୁର ଓଡିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀ ନାବସ ଓ ଏକ ମହିଳା ଶିକ୍ଷୟିତ୍ରୀ ନିଯୁକ୍ତି କରିବା, ବଡକୁଟ୍ରୁ ପଞ୍ଚାୟତକୁ ବିଜମରା ଷ୍ଟେଟବ୍ୟାଙ୍କ ସୁବିଧା ଯୋଗାଇଦେବା ଆଦି ରହିଛି। କଳମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।




ଶୋଭାଯାତ୍ରାରେ ଭାଜପା କର୍ମୀମାନେ ବ୍ଲକକୁ ଯାଉଛନ୍ତି ।

### କୋକସରା କୃଷକ ସଚେତନ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ ୯ରେ

କୋକସରା,୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା କେନ୍ଦ୍ର ସମବାୟ ସମିତି ପରିସରରେ କୋକସରା କୃଷକ ସଚେତନ ମଞ୍ଚର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ସଭାପତି ଶିବପ୍ରସାଦ ପ୍ରଧାନୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ବ୍ଲକରେ ଦେଖାଦେଇଥିବା ଉତ୍କଟ ମରୁଡି ମୁକାବିଲା ପାଇଁ ସରକାର ଠୋସ ପଦକ୍ଷେପ ନ ନେବା ଯାଏଁ ସଂଗ୍ରାମ ଚାଲୁ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି କ୍ରମରେ ମଞ୍ଚ ଆଗାମୀ ୯ ତାରିଖରେ ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛି । ଏହି ପରିବର୍ଦ୍ଧିତ କାର୍ଯ୍ୟକ୍ରମ ପାଇଁ ମଞ୍ଚ କମିଟିକୁ ମଧ୍ୟ ସମ୍ପ୍ରସାରିତ କରିଛି । ସଭାପତି ଭାବେ ଶିବ ପ୍ରସାଦ ପ୍ରଧାନୀ, ମଞ୍ଚ ଉପସଭାପତି ଭାବେ ନିଳକଣ୍ଠ ମାଝି, ତ୍ରିନାଥ ବାଗ, ଲକ୍ଷ୍ମିଧର ପୂଝାରୀ, ମିନକେତନ ପ୍ରଧାନୀ, ଅଶୋକ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ଭାବେ ମନୋଜ କୁମାର ନାଏକ, ନାରାୟଣ ପଟ୍ଟନାୟକ, ମଙ୍ଗଳୁ ଭାଟି, ହରେକୃଷ୍ଣ ନାଏକ, ସହସମ୍ପାଦକ ତାପସ ରଞ୍ଜନ ରାଏ, ଶିବରାମ ନାଏକ, କ୍ଷୀରସିନ୍ଧୁ ନେଗି, କୋଷାଧ୍ୟକ୍ଷ ମନିଜର ପୋଡ, ସକ୍ରୀୟ ସଭ୍ୟ ଭାବେ ଭଜ ବେମାଲ, ଯୁଧେଷ୍ଟି ପଟେଲ, ଘନଶ୍ୟାମ ନାଏକ, ଟିକିଚନ୍ଦ୍ର ଧ.ମାଝି, ନରହରି ରାଉତ, ଉପଦେଷ୍ଟା ମିନକେତନ ପ୍ରଧାନୀ, ଜଗବନ୍ଧୁ ମାଝି, ବୁଟୁନାଥ ସରାବୁ, କମଳାକାନ୍ତ ପଣ୍ଡା, ଘନଶ୍ୟାମ ଜାଲ, ଚକାଡୋଳା ପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି ।

### ଦଳଗତ ନୃତ୍ୟ ଜିଲାସ୍ତରକୁ ମନୋନୀତ

ରିଷିଡା,୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଦଳଗତ ନୃତ୍ୟ ବିଭାଗରେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି । ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖରେ ଭବାନୀପାଟଣାରେ ଅନୁଷ୍ଠିତ ହେବ । ଯେଉଁ ଦଳଗତ ନୃତ୍ୟ କରିଥିଲେ ସେହି ଗୀତ ରଚନା ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଅହଲ୍ୟା ରଣା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ । ଶିକ୍ଷକ କୁମାର ତରୁଣ ଗହୀର, ଶିକ୍ଷୟିତ୍ରୀ ମମତା ରଣା, ଜାହ୍ନବୀ ପଧାନ ପ୍ରମୁଖ ସହାୟତା କରିଥିଲେ । ଏହି ନୃତ୍ୟ ଦଳରେ ଜନନୀ ସେଠ, ଗୀତାଞ୍ଜଳି କୁମାର, ନିତୁମା ମହାନନ୍ଦ, ତୃପ୍ତିମୟୀ ସୁନା, ବୈଶାଖି ରଣା ପ୍ରମୁଖ ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: କର୍ଲାକୋଟ ଚାମ୍ପିୟନ

ଜୁନାଗଡ,୧।୧୧(ଡି.ଏନ.ଏ.)



ଉଦ୍‌ଯାପନୀ ଉତ୍ସବରେ ଅତିଥିଗଣ ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡରେ ଗତ ୨୬ ତାରିଖଠୁ ଚାଲିଥିବା ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କର୍ଲାକୋଟ (ତରାପୁର) ଓ କର୍ଲାକୋଟ (ବଣିଜରା) ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ନ ହେବାରୁ ପେନାଲ୍ଟିକ ଗୋଲର ସାହାଯ୍ୟ ନିଆଯାଇଥିଲା। ଏଥିରେ କର୍ଲାକୋଟ (ବଣିଜରା) ଦଳ ୩-୧ ଗୋଲରେ କର୍ଲାକୋଟ (ତରାପୁର)କୁ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରେଫରି ଭାବେ ବୁଲୁ ବେହେରୁକ, ପର୍ଶୁ ବାଗ ଓ ସୁଶାନ୍ତ ଦାୟିତ୍ୱ ତୁଲାଇଥିଲେ। ଛୋରିଆଗଡ ମା' ଲଙ୍କେଶ୍ୱରୀ ଆଥେଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା କୃଷକ ସେଲ ସଭାପତି ଦିଲୀପ ଠାକୁର, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରମୋଦ ବେହେରା, ଛୋରିଆଗଡ ସମିତି ସଭ୍ୟ ପ୍ରେମଲାଲ ନାଏକ, ପୂର୍ବତନ ସରପଞ୍ଚ ଧବଳେଶ୍ୱର ମାଝି, ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ଗୁରୁ, ଆସୋସିଏଶନ ସଭାପତି ସୁଦାନ ମଟେଲ, ପରମେଶ୍ୱର ମଟେଲ, ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ଗୁରୁ, ବଳଭଦ୍ର ମହାଲିକ, ଚନ୍ଦ୍ରସେନ ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବେହେରୁକ ମଞ୍ଚ ପରିଚାଳନା କରିଥିଲେ। ବିଶେଷ କରି ଏହି ଟୁର୍ନାମେଣ୍ଟରେ ଆସୋସିଏଶନ ସଦସ୍ୟ ସୋଭିତ ରଥ, ସୌରଭ ମୁଣ୍ଡ, ଗୋରେଖ ଗୁରୁ, ମନମୋହନ ବେହେରୁକ, ଟୁକୁ ଗୁରୁ, କ୍ଷୀର ମହାଲିକ, ସରୋଜ ମହାଲିକ ପ୍ରମୁଖ ଆରମ୍ଭରୁ ଶେଷ ଯାଏଁ ସହଯୋଗ କରିଥିଲେ।

### ବିଶ୍ୱନାଥପୁରଠାରେ ମୁଁ ହୀରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

# ବିଭିନ୍ନ ପଞ୍ଚାୟତର ୭ ଯୁବ ପ୍ରତିଭାଙ୍କୁ ସମ୍ମାନିତ

ଲାଞ୍ଜିଗଡ଼,୧।୧୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଯୁବ ପ୍ରତିଭା ଚିହ୍ନଟ ସହିତ ସେମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ମୁଁ ହୀରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବୁଧବାର ବ୍ଲକସ୍ତରୀୟ ମୁଁ ହୀରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଲାଞ୍ଜିଗଡ ବିଧାୟକ ଡ. ବଳଭଦ୍ର ମାଝି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଟିଡିସିସି ଅଧ୍ୟକ୍ଷ ଡମ୍ବରୁଧର ମାଝି, ଲାଞ୍ଜିଗଡ ବିଡିଓ ବାସୁଦେବ ନାୟକ, ବ୍ଲକ ଉପାଧ୍ୟକ୍ଷା ତୁଳସୀ ନାଏକ, ଅତିରିକ୍ତ ତହସିଲଦାର ଦିବାକର ବାଗ, ମା' ହୀରାନୀଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ସାହୁ, ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମଳୟ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ଶ୍ରୀନିବାସ ରଥ, ଚନ୍ଦନ କୁମାର ନାଏକ, ଶରତ କୁମାର ବଳୀୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ଜଣେ ସୁନାମ ଧନ୍ୟ ଯୁବ ଲେଖକ, ସାମାଜିକ କର୍ମୀ ସୁଶୀଲ କୁମାର ବାଗ, ଯୁବ କଳାକାର ଲୋଚନ ମାଝି, ଯୁବ ଯୋଗ ସାଧକ ଜୟନ୍ତ ମାଝିଙ୍କ ସମେତ ବିଭିନ୍ନ ପଞ୍ଚାୟତ ୭ଜଣ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଛି । ବିଜୁ ଯୁବ ବାହିନୀର ଲାଞ୍ଜିଗଡ ବ୍ଲକ ସଂଯୋଜକ ଜଗସନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ଗୋପାଳଦାସ ମହାନନ୍ଦ ପରିଚାଳନା କରିଥିଲେ। ଏଥିରେ ବ୍ଲକର ୨୬ଟି ପଞ୍ଚାୟତରୁ ଶହଶହ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସହ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା କଳାକାରଙ୍କ ସହ ସ୍ଥାନୀୟ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣ ହୋଇଥିଲା ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ଚକଡା, ମାଟିଆଗୁଣ୍ଡି ପୋକ ପ୍ରଭାବ

# କ୍ଷେତରେ ନିଆଁ ଲଗାଇଲେ ଚାଷୀ

ଭବାନୀପାଟଣା/କର୍ଲାମୁଣ୍ଡା, ୧।୧୧(ଡି.ଏନ.ଏ.)

ମରୁଡି ସତ୍ତ୍ୱେ ଚାଷୀ ଧାର ଉଧାର, ବ୍ୟାଙ୍କ ଏବଂ ମାହାଜନଠାରୁ ଋଣ ଆଣି ବହୁ କଷ୍ଟରେ ନିଜ ଚାଜ ମିକୁ ପାଣି ମଡାଇ ଚାଷୀମାନେ ଚାଷକୁ ବଞ୍ଚାଇ ରଖିଥିଲେ। କିନ୍ତୁ ବର୍ତ୍ତମାନ ଦିନ ଦିନକୁ ଚକଡା ପୋକ ଓ ଅନ୍ୟାନ୍ୟ ପୋକ ଯୋଗୁ ଗୋଟିଏ ଜମିରୁ ଆଉ ଜମିକୁ ମାଡି ଚାଲିଛି । ପୋକ ଦମନ ପାଇଁ ଚାଷୀ ହଜାର ହଜାର ଟଙ୍କାର ଔଷଧ ଜମିରେ ଛିଞ୍ଚନ କେଲ ମଧ୍ୟ କୌଣସି କାମ କରୁନାହିଁ। କିଟନାଶକ ବ୍ୟର୍ଥ ହେବାରୁ ବାଧ୍ୟ ହୋଇ ଚଳିତବର୍ଷ ପ୍ରଥମ ଥର ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ରିଷିଡା ଗ୍ରାମର ଚାଷୀ ହିମାଂଶୁ ରଣା ତାଙ୍କ ୧ ଏକର ଉର୍ଦ୍ଧ୍ୱ ଧାନ ଫସଲରେ ଚକଡା ପୋକ ଲାଗି ନଷ୍ଟ ହୋଇଥିବାରୁ ଜମିରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି ।



ଧାନ ଚାଷରେ ନିଆଁ ଲଗିଛି ।

କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ରିଷିଡା ଗ୍ରାମର ଚାଷୀ ହିମାଂଶୁ ରଣା ୨ ଏକର ଜମିରେ ଧାନ ଚାଷ କରିଥିଲେ। ସେଥିରୁ ପ୍ରାୟ ସବୁ ଧାନ ଜମିରେ ଚକଡା ପୋକ ଲାଗି ନଷ୍ଟ ହୋଇଯାଇଥିଲା । ଏ ନେଇ ଗ୍ରାମ୍ୟ କୃଷି କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ବାରମ୍ବାର ଫେରାଦ ମଧ୍ୟ ହୋଇଥିଲେ। କୀଟନାଶକ ଔଷଧ ଛିଞ୍ଚନ ପରେ ମଧ୍ୟ ଅନ୍ୟ ଜମିକୁ ବ୍ୟାପିବାରେ ଲାଗିଥିଲା। ଯେତେ ଔଷଧ ପକାଇଲେ ମଧ୍ୟ କିଛି ଲାଭ ହେବା ପରିବର୍ତ୍ତେ ଚକଡା ପୋକ ଦିନଦିନକୁ ତାର ସବୁ ଜମିର ଧାନ ଫସଲକୁ ନଷ୍ଟ କରିଦେଇଥିଲା। ବାଧହୋଇ ହିମାଂଶୁ ତାର ପୋକ ଲାଗିଥିବା ଏକରୁ ଉର୍ଦ୍ଧ୍ୱ ଧାନ ଜମିରେ ନିଆଁ ଲଗାଇ ଦେଇଥିଲା । ଧାନ ଜମିର କିଛି ଅଂଶ ନିଆଁ ଲାଗି ପୋଡିଯାଇଥିବା ବେଳେ ଆଉ କିଛି ଅଂଶ ପାଣି ଥିବାରୁ ଧାନ ଚାଷ ପୋଡି ନ ଥିବା ଜଣାପଡ଼ିଛି । ଏ ସମ୍ପର୍କରେ ହିମାଂଶୁ ଆମର ପ୍ରତିନିଧିଙ୍କୁ ପ୍ରକାଶ କରିଥିଲେ ଯେ, ବହୁ କଷ୍ଟ କରି ଧାର ଉଧାର ଓ ମହାଜନଠାରୁ ଋଣ ଆଣି ଧାନ ଫସଲ କରିଥିଲି । ଧାନ ଭଲ ହୋଇଥିଲା । ବହୁ ଆଶା ଥିଲା ସବୁ ଋଣ ସୁଝିବା ପରେ ମୋର ପରିବାର ଭଲରେ ବର୍ଷେ ଚଳିବ । କିନ୍ତୁ ପୋକ ଲାଗି ଧାନ ଫସଲ ସବୁ ଉଜୁଡି ଗଲା । କିପରି ଋଣ ସୁଝିବି ଓ ଘର କିପରି ଚଳିବ ସେହି ଚିନ୍ତାରେ ମୁଁ ଏକ ସପ୍ତାହ ହେଲା ଭଲରେ ଶୋଇପାରି ନାହିଁ କିମ୍ବା ପେଟକୁ ଖାଇବାକୁ ଇଚ୍ଛା ଆସୁ ନ ଥିଲା । ମୁଁ ବାଧ୍ୟ ହୋଇ ପୋଲ ଧାନ କ୍ଷେତରେ ପଡି ରହିବା ଅପେକ୍ଷା ତାହା ପୋଡି ଦେବା ପାଇଁ ଉଚିତ୍ ମନେ କଲି ବୋଲି କହିଛନ୍ତି। ଜିଲା କୃଷି ଉପନିର୍ଦ୍ଦେଶକ ଅନୁପସ୍ଥିତ ଉକ୍ତ କାର୍ଯ୍ୟାଳୟର ପ୍ଲାଣ୍ଟ ପ୍ରୋଟେକସନ୍ ଅଫିସର ସୋମନାଥ ରଣାଙ୍କୁ ପଚାରିବାରୁ ରିଷିଡାରେ ଚାଷୀ ଧାନ ଜମି ଜାଳି ଦେବା ଖବର ପାଇନାହାନ୍ତି। ଏପରି ଧାନ ଚାଷକୁ ପୋଡିଦେବା ଉଚିତ ନୁହେଁ । ଚାଷୀମାନେ ଧର୍ଯ୍ୟର ସହିତ ପରିସ୍ଥିତିର ମୁକାବିଲା କରିବାକୁ ସେ ଅନୁରୋଧ କରିଥିଲେ ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମହିଳା ମହାସଂଘର ମଦ ବିରୋଧୀ ଅଭିଯାନ

**କୁଆଁରମୁଣ୍ଡା,୧।୧୧(ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ଓଡ଼ିଶା-ଝାଡଖଣ୍ଡ ସମୀନ୍ତବର୍ତ୍ତି କୁଆଁରମୁଣ୍ଡା ବ୍ଲକ ରାଏବୋଗା ଥାନା ଅଧୀନ ସଲଙ୍ଗାବାହାଲ ପଞ୍ଚାୟତ ମହିଳା ମହାସଂ ପକ୍ଷରୁ ମଙ୍ଗଳବାର ମଦ ବିରୋଧୀ ଅଭିଯାନ ଆରମ୍ଭ ହୋଇଛି। ସଲଙ୍ଗାବାହାଲ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ମହିଳା ମହାସଂଘ ଦାବି କରିଛି। ଅଞ୍ଚଳରେ ଚୋରା ମଦ କାରବାର ଦିନିକୁ ଦିନ ବୃଦ୍ଧି ପାଉଥିବା ବେଳେ ଲୋକେ ମଧପାନ କରି ବିଭିନ୍ନ ରୋଗରେ ପଡୁଛନ୍ତି। ଏପରି କି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏନେଇ ମହିଳାମାନେ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ମଦ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ରାଏବୋଗା ଥାନା ଅଧିକାରୀ ବିଜୟ ସିଂଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ।







ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।



ବାହାରିଥିବା ସଚେତନତା ଶୋଭାଯାତ୍ରା।

### ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ

# ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ମାନସିକତାର ପରିବର୍ତ୍ତନ ଜରୁରୀ

**ସୁନ୍ଦରଗଡ଼, ୧।୧୧ (ଡି.ଏନ୍.ଏ.)**

ସମାଜ ପାଇଁ ଦୁର୍ନୀତି ଏକ କଳୁଷିତ ବ୍ୟାଧି। ଏପରି ଏକ ବ୍ୟାଧିର ମୂଳ ଉତ୍ପାଟନ ପାଇଁ ସମସ୍ତେ ସଚେତନ ହୋଇ ମାନସିକତାରେ ପରିବର୍ତ୍ତନ ଆଣି ପାରିଲେ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ ବୋଲି ଗୁରୁବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଦୁର୍ନୀତିନିବାରଣ ସପ୍ତାହ ପାଳନ ଅବସରରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଛନ୍ତି। ଦୁର୍ନୀତି ନିବାରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସଚେତନତା ସଭାରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜସ୍ତରରେ ସ୍ୱଚ୍ଛତା ଓ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କଲେ ତାହା ସମାଜ ତଥା ସାଧାରଣଜନତାଙ୍କ ହିତ ସାଧନ କରିଥାଏ। ଦୁର୍ନୀତି ନିବାରଣ ସକାଶେ ଆଇନ୍ ନୁହେଁ, ଏନେଇ ଉପଯୁକ୍ତ ସଚେତନତା ଓ ମାନସିକତାର ପରିବର୍ତ୍ତନ ଜରୁରୀ ବୋଲି କହିଥିଲେ। ସମ୍ବଲପୁର ଉତ୍ତରାଞ୍ଚଳ ଭିଜିଲାନ୍ସ ଏସ୍.ପି ସ୍ୱରୂପ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ରବି ନାରାୟଣ ବାରିକ, ସୁନ୍ଦରଗଡ଼ ଡିଏଫ୍‌ଓ ଡଃ ଅରୁଣ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡଃ ବ୍ରଜକିଶୋର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତିର କାରଣ ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖି ସମାଜରେ ଅର୍ଥନୈତିକ ଅସାମନତା ଦୁର୍ନୀତି ବୃଦ୍ଧି ପାଇବାର କାରଣଗୁଡିକ ମଧ୍ୟରେ ଅନ୍ୟ ଏକ ପ୍ରମୁଖ କାରଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଡ. ହିମାଂଶୁ ଶେଖର ଷଡଙ୍ଗୀ, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ଭିଜିଲାନ୍ସ ପିପି ଧର୍ମେଶ ପଟେଲ, ପଦ୍ମନାଭ ସାମଲ, ସରକାରୀ ମହାବିଦ୍ୟାଳୟ ଛାତ୍ରୀ ଶୋଭା ଖାଖା, ଜୟା ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋପିନାଥ ସାହୁ ସଭା ସଞ୍ଚାଳନ କରିଥିଲେ। ଶେଷରେ ଭିଜିଲାନ୍ସ ଡିଏସ୍‌ପି ଦାଶରଥୀ ସେଠୀ ଧନ୍ୟବାଦ ଦେଇଥିଲେ। ରଙ୍ଗାଡିପା ଛକଠାରୁ ବିକାଶ ଭବନ ପର୍ଯ୍ୟନ୍ତ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ନୂତନ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଶିକ୍ଷକ ସଂଘର ଆଲୋଚନା

**ସୁନ୍ଦରଗଡ଼,୧।୧୧ (ଡି.ଏନ୍.ଏ.)**

ନବନିଯୁକ୍ତ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ସହ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଜିଲା ଶିକ୍ଷା ବ୍ୟବସ୍ଥାର ଉନ୍ନତି ନିମନ୍ତେ ଆଲୋଚନା କରିଛନ୍ତି। ସୁନ୍ଦରଗଡ଼ ଜିଲା ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଜିଲା। ଜିଲାରେ ୩ହଜାରରୁ ଊର୍ଦ୍ଧ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ୭ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଶିକ୍ଷା ବ୍ୟବସ୍ଥାର ଉପଯୁକ୍ତ ତଦାରଖ ଓ ସହାୟତା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ସମେତ ୧୭ଟି ବ୍ଲକରେ ୧୭ଟି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏଥିସହ ୨ଶହରୁ ଊର୍ଦ୍ଧ ସିଆର୍‌ସିସି ବିଭିନ୍ନ କାର୍ଯ୍ୟାଳୟରେ ବିଭିନ୍ନ ବର୍ଗର ଅଧିକାରୀ ଓ କର୍ମଚାରୀ ନିୟୋଜିତ ରହିଛନ୍ତି। ସମସ୍ତ ବର୍ଗର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅଧିକାରୀ ନିଜକୁ ଶିକ୍ଷା ବିଭାଗର ଜଣେ ଜଣେ କର୍ମୀ ମନେ କରି ସମ୍ମିଳିତ ଉଦ୍ୟମ କଲେ ଜିଲାର ଶୈକ୍ଷିକ ମାନବୃଦ୍ଧି ଘଟିବ ବୋଲି ଶିକ୍ଷକ ସଂଘ କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନ ବେଳେ ଜିଲା ଶିକ୍ଷା ଅଧିକାରୀ ଗିରି ପ୍ରକାଶ କରିଛନ୍ତି। ଜିଲା ସଂଘ ସଭାପତି ମମତା କର, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆରଙ୍କ ନେତୃତ୍ୱରେ ବିକାଶ ନାଏକ, ମିତ୍ରଭାନୁ ନାଏକ, ସୁନୀଲ କର, କୁଳଦୀପ ସେଠ, ଦିଲୀପ ପଟେଲ, ଅନ୍ତରାମ ପଟେଲ, ଚନ୍ଦ୍ରଶେଖର ଶର୍ମା, ଗୋବିନ୍ଦ ନାଏକ, ଜଗଦୀଶ ପଟେଲ, ସବିତା ପଟେଲ, ଭିକାରୀ ନାଏକ, ହେମନ୍ତ ମିଶ୍ର ପ୍ରମୁଖ ସଂଘ କର୍ମକର୍ତ୍ତା ସାକ୍ଷାତ ଆଲୋଚନାରେ ଉପସ୍ଥିତ ଥିଲେ।



ନୂତନ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଉଛି।

## ସାଲେପାଲି ଗାଁରେ କ୍ରପ୍ କଟିଂ

**ବଡଗାଁ, ୧।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ମାଳ, ଗୋଡା ଓ ବେର୍ଣ୍ଣା କିସମ ଜମିରୁ ଚାଷୀ ଧାନ ବିହନ ମଧ୍ୟ ପାଇବେ ନାହିଁ। ଚାଷୀ ଯାହା ଆଶା, ଆଶଙ୍କା କରୁଥିଲେ ତାହା କ୍ରପ କଟିଂରେ ପ୍ରମାଣିତ ହୋଇଛି । ୨ ଦିନ ତଳେ ଭୋଇପାଲି ପଞ୍ଚାୟତର ଭୋଇପାଲି, ରାଏଡିହି ଏବଂ ଚେମଠାପଡା ଗ୍ରାମରେ କୃଷି ବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ କ୍ରପ କଟିଂ କରାଯାଇଥିଲା। ଯେଉଁଠି ୧୨ରୁ ୧୪ କେଜି ଧାନ ଅମଳ ହେବାକଥା ସେଠାରେ ମାତ୍ର ୨କେଜି ୨୫୦ ଗ୍ରାମ ଧାନ ଅମଳ ହୋଇଥିଲା । ଗୁରୁବାର ଫୁଲବାରୀ ପଞ୍ଚାୟତର ସାଲେପାଲି ଗ୍ରାମରେ କ୍ରପ କଟିଂରୁ ୦ରୁ ୫୦ ଗ୍ରାମ ଅମଳ ହୋଇଥିବା ଜଣାପଡିଛି । ଏଥିରେ ରାଜସ୍ୱ ସୁପରଭାଇଜର ଝାନସୀରାଣୀ ପଟେଲ, ଆର୍‌ଆଇ ବବିତା ନାଏକ, କୃଷି କର୍ମଚାରୀ ଗୀତା ପଟେଲ ପ୍ରମୁଖ ଗ୍ରାମର ସତ୍ୟବାଦୀ ସାହୁଙ୍କ ମାଳ ଜମିରୁ କ୍ରପ କଟିଂ କରି ୫୦ ଗ୍ରାମ ଧାନ ଅମଳ ହୋଇଥିବା ଦର୍ଶାଇଥିଲେ। ଏପରି କି ରେବତ ନାଏକଙ୍କ ଚାଷ ଜମିରୁ ୪୦ ଗ୍ରାମ, ପର୍ଶୁରାମ ନାଏକ ୨୦ ଗ୍ରାମ, ରତ୍ନାକର ସାହୁଙ୍କ ୪୦ ଗ୍ରାମ ଓ ଏକଲବ୍ୟ ସାହୁଙ୍କ ମାଳ ଜମିରୁ ୦ ଗ୍ରାମ ଓଜନର ଧାନ ହୋଇଥିବା ଦର୍ଶାଇଛନ୍ତି। ଏହି କ୍ରପ କଟିଂ ବେଳେ ସ୍ଥାନୀୟ ନାଏବ ସରପଞ୍ଚ ନିଳକଣ୍ଠ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ସାହୁ, ବୁଧୁ କଷାନ, ସନ୍ତୋଷ ସା, ମଧୁ କିଷାନ, କାଶିନାଥ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ସାଲେପାଲି ଗାଁରେ କ୍ରପ୍ କଟିଂ କରାଯାଉଛି।

## ଟ୍ରକ୍-ଟ୍ରେଲର ଧକ୍କା, ଜଣେ ମୃତ

**ଲେଫ୍ରିପଡା,୧।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅଧୀନ ସୁର୍ଗୁଡା ତାରିଣୀ ମନ୍ଦିର ଛକଠାରେ ଗୁରୁବାର ଏକ ଟ୍ରକ୍-ଟ୍ରେଲର ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟଙ୍କ ପରିଚୟ ଜଣାପଡି ନାହିଁ। ମିଳିଥିବା ସୂଚନା ମୁତାବକ, ଏମ୍‌ସିଏଲ୍ ଆଡୁ ଏକ କୋଇଲା ବୋଝେଇ ବାରଚକିଆ ଟ୍ରକ (ନଂ.ଓଡି-୧୬ସି-୮୧୫୬) ଯାଉଥିବା ବେଳେ ସୁନ୍ଦରଗଡ ଆଡୁ ଆସୁଥିବା ଏକ ଟ୍ରେଲର (ନଂ.ଓଡି-୧୬ବି-୫୨୦୪) ସୁର୍ଗୁଡା ତାରିଣୀ ମନ୍ଦିର ଛକଠାରେ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା। ଫଳରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍‌ରେ ବସିଥିବା ଅନ୍ୟ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଲେଫ୍ରିପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍-ଟ୍ରେଲର।





ଡିଏସ୍‌ପି ମହେନ୍ଦ୍ର କୁମାର ନାଏକ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି।

## ସୁନ୍ଦରଗଡ଼ରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ବଡଗାଁ, ୧।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଧୀନ ତଳିମୁଣ୍ଡା ଗ୍ରାମର ଶ୍ରୀରାମ କ୍ଲବଠାରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ ଖେଳ ମନ୍ତ୍ରଣାଳୟ ପକ୍ଷରୁ ପରିଚାଳିତ ନେହେରୁ ଯୁବକେନ୍ଦ୍ର (ଏନ୍‌ୱାଇକେ) ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୁଇନ୍ଦା ବିଭାଗ ଡିଏସ୍‌ପି ମହେନ୍ଦ୍ର କୁମାର ନାଏକ, ଭୋଡାବାହାଲ କଲେଜ ଅଧ୍ୟାପକ ପ୍ରଶାନ୍ତ କୁମାର ଭୋଇ, ନେହେରୁ ଯୁବକେନ୍ଦ୍ର ଯୁବ ସଂଯୋଜକ କେଭି ଉଜ୍ୱଳ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅଧ୍ୟାପକ ଭୋଇ, ଅଖଣ୍ଡ ଭାରତ ନିର୍ମାଣରେ ଲୌହମାନବ ସର୍ଦ୍ଦାର ପଟେଲଙ୍କ ଅବଦାନ ଓ ଭାରତ ଗଠନରେ ଭାଗୀଦାରିତା ଉପରେ ଆଲୋକପାତ କରିଥିଲେ । ଡିଏସ୍‌ପି ନାଏକ, ଦୁର୍ନୀତି ନିବାରଣ କିପରି ଭାବେ କରାଯାଇ ସମାଜରେ ଶାନ୍ତି, ମୈତ୍ରି, ଭାଇଚାରା ସୃଷ୍ଟି କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଦୁର୍ନୀତି ନିବାରଣ ଉପରେ ଶପଥ ପାଠ କରାଯାଇଥିଲା । ଶେଷରେ ଏନ୍‌ୱାଇକେ କର୍ମକର୍ତ୍ତା ଡିଲେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଁ ହିରୋ ମୋ ଓଡ଼ିଶା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ କଳାକୌଶଳ ପ୍ରଦର୍ଶିତ

**ସୁନ୍ଦରଗଡ଼,୧।୧୧ (ଡି.ଏନ୍.ଏ.)**

ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ମୁଁ ହିରୋ ମୋ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡିଆର୍‌ଡିଏ ଛକଠାରେ ଏକ ସ୍ୱତନ୍ତ୍ର ରଥ ଓ ଶୋଭାଯାତ୍ରାକୁ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ସରକାରୀ ମହିଳା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ସମାରୋହରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ନଗରପାଳ ବେଣୁଧର ତାଣ୍ଡିଆ, ସଦର ବ୍ଲକ ବିଡିଓ ଅନାମିକା ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କଳା କୌଶଳ ପ୍ରଦର୍ଶିତ ହୋଇଥିଲା । କଳାୟତନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିକୃତିକୁ ପେଣ୍ଟିଂ କରି ପ୍ରଦର୍ଶିତ କରିଥିଲେ। ମୁଁ ହିରୋ ମୋ ଓଡ଼ିଶା କାର୍ଯ୍ୟକ୍ରମ ତଥା ବିଜୁ ବାହିନୀର ଜିଲା ସଂଯୋଜକ ଅଭିନବ କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଦର ବ୍ଲକ ସଂଯୋଜକ ଦୈତାରୀ ତାଜନ ଓ ପୌରାଞ୍ଚଳ ସଂଯୋଜକ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର

**ସଂକ୍ଷେପରେ**

## ପୋକ୍‌ଲିନ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଲହୁଣୀପଡ଼ା,୧।୧୧(ଡି.ଏନ୍.ଏ.)**- ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅଧୀନ ଲହୁଣୀପଡ଼ା ବ୍ଲକ ଦର୍ଜି ପଞ୍ଚାୟତ ଜମିରଡିହ ଗ୍ରାମରେ ଚାଲିଥିବା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତା କାମରେ ନିୟୋଜିତ ପୋକ୍‌ଲିନ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଲହୁଣୀପଡ଼ା ଥାନା ଅଧୀନ ଶବରା ଗ୍ରାମର ଜିତେନ୍ଦ୍ର କିଷାନ (୨୪)। ମିଳିଥିବା ସୂଚନା ମୁତାବକ, କରଘାଟଠାରୁ ଜମିରଡିହି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ କାମ ଚାଲିଛି । କାମ କରିବା ପାଇଁ ଠିକାଦାରଙ୍କ ପକ୍ଷରୁ ଏକ ଅସ୍ଥାୟୀ କ୍ୟାମ୍ପ ଜମିରଡିହିଠାରେ କରାଯାଇଛି। ସେଠାରେ ଶ୍ରମିକମାନେ ରହୁଛନ୍ତି। ବୁଧବାର ରାତିରେ ଅନ୍ୟମାନଙ୍କ ସହିତ ପୋକ୍‌ଲିନ ଚାଳକ ଜିତେନ୍ଦ୍ର ଖାଇ କ୍ୟାମ୍ପରେ ଶୋଇଥିଲେ। ଗୁରୁବାର ସକାଳେ ଜିତେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ଶ୍ରମିକମାନେ ଠିକାଦାରଙ୍କୁ ସୂଚନା ଦେଇଥିଲେ । ଖବର ପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ୫ଦିନିଆ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଘାଟିତ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ରାଉରକେଲା ଅଫିସ,୧।୧୧**

ସେକ୍ଟର-୫ ଭଞ୍ଜଭବନ ମୁକ୍ତାକାଶ ରଙ୍ଗ ମଞ୍ଚରେ ଗୁରୁବାର ସନ୍ଧ୍ୟାରେ ୫ଦିନିଆ ଏକବିଂଶ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ, ଷ୍ଟିଲ ସିଟି କଳାର ଏକ ଉତ୍କର୍ଷ କେନ୍ଦ୍ର। ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ। ଏଭଳି ଏକ ବିଶାଳ ସାଂସ୍କୃତିକ କାର୍ଯ୍ୟକ୍ରମ ଆମ ସଂସ୍କୃତି ରୂପକ ବୈଭବର ଅନ୍ୟତମ ନିଦର୍ଶନ। ଏହାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ। ଷ୍ଟିଲ ସିଟିରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏଠାରେ କୋଣାର୍କ ନୃତ୍ୟୋତ୍ସବ ଭଳି ସାଂସ୍କୃତିକ ମହୋତ୍ସବ ଆୟୋଜନ କରାଯାଇ ପାରିବ। ଏନେଇ ଆନ୍ତରିକତା ରହିଲେ ଆମେ ବହୁ ଆଗକୁ ଯାଇପାରିବା ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ବିଧାୟକ ତରାଇ କହିଲେ, ଇସ୍ପାତ ସହରରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହରବାସୀଙ୍କୁ ଉତ୍ସାହିତ କରିଛି। ଏଥିରେ ଦେଶ ବିଦେଶର ବହୁ ପ୍ରତିଷ୍ଠିତ କଳାକାର ଯୋଗଦେଉ ଥିବାରୁ କାର୍ଯ୍ୟକ୍ରମ ଆହୁରି ସୁନ୍ଦର ହୋଇପାରିଛି। ଆଗାମୀ ଦିନରେ ଏହାକୁ କିପରି ଆହୁରି ଅଧିକ ଆକର୍ଷଣୀୟ କରାଯିବ ସେ ନେଇ ସାମଗ୍ରିକ ପ୍ରଚେଷ୍ଟା ଜାରି ରହୁ ବୋଲି ତରାଇ ଆହ୍ୱାନ ଦେଇଥିଲେ। ଏଥିରେ ଆର୍‌ଏସ୍‌ପି ସହରସେବା ପ୍ରଶାସକ ନିରୋଦ ସାମନ୍ତରାୟ ଓ ବିଜେଡି ନେତା ଆନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ତାକର୍ଷକ ଶାସ୍ତ୍ରୀୟ ଲୋକ ନୃତ୍ୟ, ଓଡ଼ିଶୀ ଓ ରଘୁରାଜପୁର ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଥିଲା। ଏଥିରେ ଭଞ୍ଜ କଳାକେନ୍ଦ୍ର ଉପଦେଷ୍ଟା ଅଶ୍ୱିନୀ ବେହେରା, ଉପସଭାପତି ପ୍ରଦୀପ୍ତ ମହାପାତ୍ର, ଶଶାଙ୍କ ପଟ୍ଟନାୟକ, ଆଲୋକ ବେହେରା, ବିବେକାନନ୍ଦ ପରିଡ଼ା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ ଓ ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଭଞ୍ଜଭବନଠାରେ ଆୟୋଜିତ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଘାଟନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଟ୍ରେଲର ଧକ୍କାରେ ସାଇକେଲ ଆରୋହୀ ମୃତ

**ରାଉରକେଲା ଅଫିସ,୧।୧୧**

ପାନପୋଷ ଛକ ନିକଟରେ ଗୁରୁବାର ଅପରାହ୍ନ ୨ଟାରେ ସଡ଼କ ଦୁର୍ଘଟଣା ଘଟି ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାଁ ବଳିଆ ସାହୁ (୨୪), ଘର ପାନପୋଷ ଜଗନ୍ନାଥ ବସ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ବଳିଆଙ୍କର ପାନପୋଷ ବଜାରରେ ଏକ ପରିବା ଦୋକାନ ରହିଛି। ସେ ନିଜ ବାପାଙ୍କ ପାଇଁ ଖାଇବା ଟିଫିନ ଧରି ଘରୁ ଦୋକାନକୁ ଆସୁଥିବାବେଳେ ଏକ ଲୁହା ବୋଝେଇ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକୋ କରିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ୧୪୩ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଟ୍ରେଲର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ରଘୁନାଥପାଲି ଥାନା ପୋଲିସ ଟ୍ରେଲର ଜବତ କରି ତଦନ୍ତ କରୁଛି।


ଦୁର୍ଘଟଣାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ପରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

# ରେଲୱେ ସ୍କୁଲ ଫି ବୃଦ୍ଧି ନେଇ ଏଆର୍‌ଏମ୍‌ଙ୍କୁ ସ୍ମାରକପତ୍ର

**ରାଉରକେଲା ଅଫିସ,୧।୧୧**

ବଣ୍ଡାମୁଣ୍ଡା ସ୍ଥିତ ରେଲୱେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅହେତୁକ ଫି ବୃଦ୍ଧି ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗୁରୁବାର ଅଭିଭାବକ ସଂଘ ସଭାନେତ୍ରୀ ମାଧୁରୀ ବର୍ମାଙ୍କ ନେତୃତ୍ୱରେ ଶତାଧିକ ଲୋକ ସ୍ଥାନୀୟ ସହକାରୀ ରେଲୱେ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଆସି ତାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଅଭିଯୋଗ କରାଯାଇଛି ଯେ ପୂର୍ବରୁ ବାର୍ଷିକ ଫି ୩ ହଜାର ଟଙ୍କା ଥିବାବେଳେ ଏହାକୁ ବୃଦ୍ଧି କରାଯାଇ ୬ହଜାର କରାଯାଇଛି। ବିଜ୍ଞାନ ପଢୁଥିବା ଛାତ୍ରୀଛାତ୍ରଙ୍କ ଫି ବାବଦ ଅଧିକ ୧୭ଶହ ଟଙ୍କା ବୃଦ୍ଧି କରାଯାଇଛି। ଏନେଇ ଅଭିଭାବକ ସଂଘ କର୍ମକର୍ତ୍ତା ଭାଜପା ନେତା ନିହାର ରାୟଙ୍କୁ ଅବଗତ କରାଇବା ପରେ ସେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶିକ୍ଷାବର୍ଷ ମଝିରେ ଏଭଳି ଫି ବୃଦ୍ଧିକୁ ସବୁ ମହଲରେ ନିନ୍ଦା କରାଯାଇଛି। ରେଲୱେ ସ୍କୁଲରେ ପାଠ ପଢୁଥିବା ଗରିବ ଛାତ୍ରୀଛାତ୍ରଙ୍କ ଉପରେ ଏହା ବୋଝ ପାଲଟିବ ବୋଲି ସଂଘ ଅଭିଯୋଗ କରିଛି। ଭାଜପା ନେତା ତଥା ଜିଲା ସଭାପତି ଜଗବନ୍ଧୁ ବେହେରା, ମୁଖପାତ୍ର ଭଗବାନ ରାଉତ, ରାଉରକେଲା ପ୍ରଭାରୀ ତପନ ସ୍ୱାଇଁ, ସମ୍ପାଦକ ବିନ୍ଦର ସିଂ, ଉପସଭାନେତ୍ରୀ ପ୍ରମିଳା ସୁନା, ମଣ୍ଡଳ ସଭାପତି ସୁବାସ ପଣ୍ଡାଙ୍କ ସହଯୋଗ କ୍ରମେ ଅଭିଭାବକ ସଂଘ ଏଆର୍‌ଏମ୍‌ଙ୍କୁ ଭେଟି ଫି ପ୍ରତ୍ୟାହାର ଦାବି କରିଛି। ଏଥିରେ ଅଭିଭାବକଙ୍କ ମଧ୍ୟରେ ଜ୍ୟୋତି ଶାହା, ରିଙ୍କୁ ସିଂ, ଭାରତୀ ସୁନାନୀ, ସଞ୍ଜୟ ଭଗତ, ଅବିନାଶ ଶ୍ରୀବାସ୍ତବ, ମହମ୍ମଦ ଆନସାରୀ, ରମେଶ ରାଜା, ମୁକେଶ ସାହା, ରୀନା ସିଂ, ସଙ୍ଗୀତା ସିଂ, ବିନ୍ଦୁ ମିଞ୍ଜ, ଶୋଭା ଦେବୀ ଓ ସଙ୍ଗୀତା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ବଣ୍ଡାମୁଣ୍ଡା ରେଲୱେ ସ୍କୁଲ ଅଭିଭାବକମାନେ ସ୍ମାରକପତ୍ର ପ୍ରଦାନ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

# ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଅବସର

**ସୁନ୍ଦରଗଡ଼,୧।୧୧(ଡି.ଏନ୍.ଏ.)**

ହେମଗିର ବ୍ଲକ ଅଧୀନ ଲୁଆବାହାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ପଟେଲ ବୁଧବାର ଚାକିରୀରୁ ଅବସର ନେଇଛନ୍ତି। ହେମଗିର ବ୍ଲକ ଅଞ୍ଚଳରେ ଶିକ୍ଷାର ବିକାଶ ତଥା ସାକ୍ଷରତା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ନିରକ୍ଷରତା ଦୂରୀକରଣ ଦିଗରେ ଶିକ୍ଷୟିତ୍ରୀ ପଟେଲଙ୍କ ବିଶେଷ ଭୂମିକା ରହିଛଇ। ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସେ ରାଜ୍ୟପାଳ ପୁରସ୍କାର ସହ ରାଜ୍ୟ ତଥା ଜାତୀୟସ୍ତରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ।

# ଦୁଇ ମାମଲାରେ ୪ ଗିରଫ

**ରାଉରକେଲା ଅଫିସ,୧।୧୧**

ଦୁଇଟି ଭିନ୍ନ ମାମଲାରେ ପ୍ଲାଣ୍ଟ ସାଇଟ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ବାଇକ୍ ଚୋରି ଅଭିଯୋଗରେ ରାଜଗାଙ୍ଗପୁର ଶାନ୍ତିନଗରର ରୋହିତ ବଡ଼ାଇକ (୨୧)ଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା (ନଂ.-୨୩୧/୨୦୧୮) ରୁଜୁ କରାଯାଇଛି। ଚୋରା ବାଇକ୍ (ନଂ.-ଓଡି୧୪-୧୨୨୭)କୁ ପୋଲିସ ଜବତ କରିଛି। ସୂଚନାନୁସାରେ ଗତ ଜୁଲାଇ ୨୦ ରାତି ୧୦ଟା ରେ ଏହି ବାଇକ୍ ବିଶ୍ରା ରୋଡ୍ ନିକଟ ପେଟ୍ରୋଲ ପମ୍ପ ପାଖରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେବେଠାରୁ ରୋହିତ ଫେରାର ଥିଲେ। ଗୁରୁବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିଭଳି ଏଲ୍‌ଇଡି ଟିଭି ଓ ଜେନେରେଟର ଚୋରି ଅଭିଯୋଗରେ ପୋଲିସ ଅନ୍ୟ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହତାବ ରୋଡ୍ ଟ୍ରାଫିକ ଗେଟ୍ ବାସିନ୍ଦା ସାଗର ରାୟ (୨୦), ବଣ୍ଡାମୁଣ୍ଡା ଅଞ୍ଚଳର ଅମର ରାମ (୨୩) ଓ ବଣ୍ଡାମୁଣ୍ଡା କୋଇଲା ଗେଟ୍ ବାସିନ୍ଦା ବାବୁଲା ସ (୪୦)। ଏନେଇ ପୋଲିସ ଅନ୍ୟ ଏକ ମାମଲା (ନଂ.-୨୫୨/୨୦୧୮) ରୁଜୁ କରି ସମସ୍ତଙ୍କୁ କୋର୍ଟଚାଲାଣ କରିଛି। ଗତ ଅଗଷ୍ଟ ୧୪ ଓ ଅକ୍ଟୋବର ୨୮ରେ ଏହି ଚୋରି ଘଟଣା ଘଟିଥିବା ପୋଲିସ କହିଛି।



ବାଇକ୍ ଚୋରି ଅଭିଯୋଗରେ ପ୍ଲାଣ୍ଟ ସାଇଟ୍ ପୋଲିସ ଦ୍ୱାରା ଗିରଫ ରୋହିତ ବଡ଼ାଇକ୍ (ବାମ)। ଏଲ୍‌ଇଡି ଟିଭି ଓ ଜେନେରେଟର ଚୋରି ଅଭିଯୋଗରେ ଗିରଫ ସାଗର ରାୟ, ଅମର ରାମ ଓ ବାବୁଲା ସ।

# ଜିଲାସ୍ତରୀୟ ଖାଦ୍ୟ ନିରାପତ୍ତା ସଚେତନତା ସଭା

**ସୁନ୍ଦରଗଡ଼,୧।୧୧ (ଡି.ଏନ୍.ଏ.)**

ସାମାଜିକ ଅନୁଷ୍ଠାନ ପ୍ରଗତି ଏବଂ ଟିଏଚ୍‌ପିର ସହାୟତାରେ ଏକଦିବସୀୟ ଜିଲାସ୍ତରୀୟ ଖାଦ୍ୟ ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଗତି ଅନୁଷ୍ଠାନ ସଭାଗୃହଠାରେ ଅନୁଷ୍ଠିତ ସଭାରେ ବିଭିନ୍ନ ପଞ୍ଚାୟତର ମହିଳା ଜନପ୍ରତିନିଧି, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଡ. ଅନନ୍ତ କୁମାର ଆଚାର୍ଯ୍ୟ, ଜିଲା ଖାଦ୍ୟ କାର୍ଯ୍ୟକ୍ରମ ପରିଚାଳିକା ଶକ୍ତିରାଣୀ ପାଢ଼ୀ, ଉଦ୍ୟାନବିତ୍ ପ୍ରତ୍ୟୁଷ ମହାନନ୍ଦ, ସୁପରଭାଇଜର ପାର୍ବତୀ ଘୋଷ ପ୍ରମୁଖ ଯୋଗଦେଇ ଖାଦ୍ୟ ନିରାପତ୍ତା, ସୁଷମ ଖାଦ୍ୟର ବ୍ୟବସ୍ଥା, ପୁଷ୍ଟିକର ତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।

ଏହି ମର୍ମରେ ଗର୍ଭସ୍ଥ ଶିଶୁ, ଶିଶୁ, କିଶୋର, ଯୁବକ ତଥା ବୃଦ୍ଧା, ବୃଦ୍ଧମାନଙ୍କର ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା, ଶାରୀରିକ, ମାନସିକ ତଥା ସାମାଜିକ ସ୍ୱାସ୍ଥ୍ୟ ନିରାପତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଉପସ୍ଥିତ ମହିଳା ଜନପ୍ରତିନିଧିମାନେ ନିଜ ବାଡି ବଗିଚାରେ ପନିପରିବା, ଫଳ ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ସହିତ ଅନ୍ୟାନ୍ୟ ଲୋକଙ୍କ ସେବାରେ ନିଜ ଭୂମିକା ନିଭାଇବା ପାଇଁ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ଫଳରେ ସମାଜରୁ ପୁଷ୍ଟିହୀନତା ସମସ୍ୟାର ନିରାକରଣ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହୋଇପାରିବ ଏବଂ ଦେଶର ପ୍ରକୃତ ବିକାଶ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସପ୍ତାହବ୍ୟାପୀ ଖାଦ୍ୟ ନିରାପତ୍ତା ଅଭିଯାନ ପ୍ରଗତି ପକ୍ଷରୁ ଲେଫ୍ରିପଡା ବ୍ଲକର ବିଭିନ୍ନସ୍ଥାନରେ ଆୟୋଜନ କରାଯାଇ ଏକ ରଥ ପରିଭ୍ରମଣ କରିଥିଲା। ଏଥିରେ ପ୍ରତ୍ୟେକ ସ୍ଥାନରେ ଶତାଧିକ ମହିଳା, ପୁରୁଷ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଅଭିଯାନକୁ ସଫଳ କରାଇଥିଲେ।

# ସୁନ୍ଦରଗଡ଼ ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ପଞ୍ଚମ ଦିନ

**ସୁନ୍ଦରଗଡ଼,୧।୧୧ (ଡି.ଏନ୍.ଏ)**

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଚାଲିଥିବା ଜିଲା ଫୁଟବଲ ଚମ୍ପିୟାନଶିପ୍‌ର ଗୁରୁବାର ପଞ୍ଚମ ଦିବସରେ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଆଇନଜୀବୀ ଇମାମ ହୁସେନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରି ଖେଳର ଶୁଭାରମ୍ଭ କରିଥିଲେ । ପ୍ରଥମ ମ୍ୟାଚ୍ କ୍ରିପଟନ୍ କ୍ଲବ କୁମବାହାଲ ଏବଂ ଜୟବଜରଂ କ୍ଲବ ରାଣୀବଗିଚା ମଧ୍ୟରେ ହୋଇଥିଲା। ଏଥିରେ ଉଭୟ ଦଳ ଗୋଲ କରିବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ପେନାଲଟି ସୁଟ୍‌ରେ କୁମବାହାଲ ୫-୪ ଗୋଲରେ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ୍ ଆନନ୍ଦ କ୍ଲବ ବିଜାଡିହି ଏବଂ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଦଶରଥ ମାଝିଙ୍କ ଗୋଲ ବଳରେ ବିଜାଡିହି ଦଳ ୧-୦ରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ କୁଣ୍ଡୁକେଲା ଏଲ୍‌ଡିଏଚ୍‌ଏସ୍ ଓ ଶିବଶକ୍ତି କ୍ଲବ ମହାଦେବପଡ଼ା ମଧ୍ୟରେ ହୋଇଥିଲା । ଆକାଶ ବେକ୍‌ଙ୍କ ଲଗାତାର ୨ଗୋଲ ବଳରେ କୁଣ୍ଡୁକେଲା ଦଳ ୨-୦ରେ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚ୍ ଜୟହିନ୍ଦ କ୍ଲବ ନୂଆଁଡିହି ଏବଂ ମର୍ଣ୍ଣିଂ ଷ୍ଟାର ସୁନ୍ଦରଗଡ଼ ମଧ୍ୟରେ ଡ୍ର ହୋଇଥିଲା। ପେନାଲିଟୀ ସୁଟ୍‌ରେ ୪-୨ରେ ଜୟହିନ୍ଦ କ୍ଲବ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛି । ଖେଳକୁ ରେଫରି ହେମନ୍ତ ଦାଶ, କୁମରମଣି ଛତ୍ରିଆ, ସନ୍ୟାସୀ ମୁଣ୍ଡା, କୁନୁ ନାଏକ, କ୍ଷେତ୍ରମଣି ଦେହେରୀ, ଅଶୋକ ପାଣ୍ଡବ, ସୁଶାନ୍ତ ଷଣ୍ଢ, ପ୍ରଦୀପ ପ୍ରଧାନ ପରିଚାଳନା କରିଥିଲେ। ଜାତୀୟ ରେଫରି ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ, ସହସମ୍ପାଦକ ଜୟଦେବ ପାତ୍ର, ସୁରେନ୍ଦ୍ର ଭୈଷାଁଲ, ଅଜୟ ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳିତ ହେଉଛି।


ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ଗୁରୁବାର ପଞ୍ଚମ ଦିବସରେ ଅତିଥିଙ୍କ ସହଯୋଗରେ ଖେଳାଳିମାନେ।

### ତାମଡ଼ା ସରପଞ୍ଚଙ୍କ ଜାଲିଆତି ପ୍ରସଙ୍ଗ

# ପ୍ରତିଶ୍ରୁତି ରକ୍ଷା ନ କଲେ ଅନଶନ

**ରାଉରକେଲା ଅଫିସ,୧।୧୧**

ଗୁରୁଣ୍ଡିଆ ବ୍ଲକ ତାମଡ଼ା ସରପଞ୍ଚ ଓ ଚାନ୍ଦିପୋଷ ଥାନା ଏଏସ୍‌ଆଇଙ୍କ ବିରୋଧରେ ସେହି ପଞ୍ଚାୟତର ସମିତିସଭ୍ୟା ସସ୍ମିତା ଏକ୍କା ଆଣିଥିବା ଅନିୟମିତତା ନେଇ କିଛିଦିନ ପୂର୍ବେ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ପଞ୍ଚାୟତବାସୀ ଦୀର୍ଘ ଏକ ଘଣ୍ଟା କାଳ ଏଠାରେ ଧାରଣା ଦେବା ପରେ ଘଟଣାର ତଦନ୍ତ ଦାୟିତ୍ୱ ବଣାଇଁ ଉପଜିଲାପାଳଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ସପ୍ତାହକ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଅଫିସରୁ ପ୍ରତିଶ୍ରୁତି ମିଳିଥିଲା। ଫଳରେ ଧାରଣାରୁ ଓହରି ଯାଇଥିଲେ ପଞ୍ଚାୟତବାସୀ। ତେବେ ୭ ଦିନ ବିତିଯାଇଥିଲେ ବି ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସମିତିସଭ୍ୟା ସସ୍ମିତା ଏକ୍କା ଓ ସାମାଜିକ କର୍ମୀ ସାଣ୍ଡିଲ ବୁଧବାର ରାଉରକେଲା ଏସ୍‌ପିଙ୍କୁ ଭେଟି ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ପ୍ରଶାସନିକ ଶିଥିଳତା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପଞ୍ଚାୟତବାସୀ। ସରପଞ୍ଚଙ୍କ ଦୁର୍ନୀତି ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅସନ୍ତା ୧୧ରୁ ବଣାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି କହିଛନ୍ତି ସାଣ୍ଡିଲ।


ତାମଡ଼ା ସରପଞ୍ଚ ଓ ଚାନ୍ଦପୋଷ ଏଏସ୍‌ଆଇଙ୍କ ବିରୋଧରେ ତଦନ୍ତ ଦାବି ନେଇ ଏସ୍‌ପି ଅଫିସକୁ ଆସିଥିବା ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ଓ ଅନ୍ୟମାନେ।

## ସଂକ୍ଷେପରେ

### ଜଳାଶୟରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ଲଖନପୁର,୧।୧୧(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧୀନ ଟାଙ୍ଗରପାଲି ନିକଟ ଜଳାଶରୁ ବୁଧବାର ପୋଲିସ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ମତ୍ସ୍ୟଜୀବୀ ଜଣକ ହେଲେ ବେଙ୍କମୁରା ଗ୍ରାମର ବୁଦ୍ଧଦେବ ଜୁରିଆ (୫୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜଳାଶୟ ନିକଟରୁ ପୋଲିସ ଏକ ଜାଲ, ଟାଙ୍ଗିଆ ଓ ସାଇକେଲ ଜବତ କରିଛି। ବୁଦ୍ଧଦେବଙ୍କ ପୁଅ ରାଜେଶ ଲଖନପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.-୧୧/୧୮) ରୁଜୁ କରି ତଦନ୍ତ ଚଳାଇଛି। ଜଳାଶୟରେ ମାତ୍ର ୧ ମିଟର ଗଭୀର ପାଣି ଥିବାବେଳେ ଏଥିରେ ଜଣେ ମତ୍ସ୍ୟଜୀବୀ ବୁଡ଼ି ପ୍ରାଣ ହରାଇବାକୁ ନେଇ ସନ୍ଦେହ ଉପୁଜିଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ପ୍ରକାଶ ପାଇଛି। ଏନେଇ ପୋଲିସ ଉପଯୁକ୍ତ ତଦନ୍ତ କଲେ ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ମତ କୁହାଯାଉଛି। ବୁଦ୍ଧଦେବ ବୁଧବାର ସକାଳ ୮ଟାରେ ଘରୁ ଜାଲ ଧରି ସାଇକେଲ୍‌ରେ ବେଙ୍ଗ ଧରିବା ପାଇଁ ବାହାରିଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ନିକଟସ୍ଥ ଟାଙ୍ଗରପାଲି ଗ୍ରାମର କେତେଜଣ ଚାଷୀ ଧାନ କାଟିବା ପାଇଁ ବିଲକୁ ଯାଉଥିବାବେଳେ ଜଳାଶୟରେ ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ଏହା ବୁଦ୍ଧଦେବଙ୍କର ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ସୂଚନାଯୋଗ୍ୟ, ବୁଦ୍ଧଦେବ ଜଳାଶୟରୁ ବେଙ୍ଗ ଧରି ଉକ୍ତ ବେଙ୍ଗକୁ ବନିଶୀ ଖାଡ଼ିରେ ଗୁନ୍ଥି ଅନେକ ସମୟରେ ଜଳଭଣ୍ଡାରରୁ ମାଛ ଧରନ୍ତି ବୋଲି ପରିବାର ଲୋକେ କହିଛନ୍ତି।

### ନିଖୋଜ ବ୍ୟକ୍ତି ମନ୍ଦିରରୁ ଠାବ

ଝାରସୁଗୁଡ଼ା ଅଫିସ,୧।୧୧: ଝାରସୁଗୁଡ଼ା ବେଦାନ୍ତ ଅଧୀନ ଠିକାସଂସ୍ଥା ଗିଅର ଇଣ୍ଡିଆର ନିଖୋଜ କର୍ମଚାରୀ ଶ୍ରବଣ ଡାଙ୍ଗ (୨୮)ଙ୍କ ପତ୍ତା ମିଳିଛି। ସମ୍ବଲପୁର ଜିଲା ନାକଟିଦେଉଳ ବାଟଗାଁ ନିକଟରେ ଥିବା ଏକ ଶିବ ମନ୍ଦିରରେ ଅଧିଆ ପଡ଼ିଥିବା ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଠାବ କରିଥିବା ବଡ଼ମାଲ ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁସାରେ, ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ନୀଳକଣ୍ଠପଡ଼ାର ନେପାଳ ଡାଙ୍ଗଙ୍କ ପୁଅ ଶ୍ରବଣ ଗିଅର ଇଣ୍ଡିଆରେ ଟ୍ରେକଲିନ୍ ଅପରେଟର ଭାବେ କାମ କରୁଥିଲେ। ଅକ୍ଟୋବର ୨୪ ତାରିଖରୁ କାହାରିକୁ କିଛି ନ କହି ବୃନ୍ଦାମାଲ ଭଡ଼ା ଘରୁ କେଉଁଆଡ଼େ ଚାଲିଯାଇଥିଲେ। ସହକର୍ମୀଙ୍କଠାରୁ ଖବରପାଇ ଶ୍ରବଣଙ୍କ ବାପା ବଡ଼ମାଲ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ହେଲେ ମନସ୍କାମନା ପୂରଣ ପାଇଁ ଶ୍ରବଣ ଅଧିଆ ପଡ଼ିଥିବା ବିଷୟରେ ମନ୍ଦିର ପୂଜାରୀଙ୍କଠାରୁ ପରିବାର ଲୋକେ ଖବର ପାଇଥିଲେ। ଗୁରୁବାର ପରିବାର ଲୋକେ ଶ୍ରବଣଙ୍କୁ ଆଣିବାକୁ ଯାଇଥିବା ପୋଲିସ ସୂଚନା ଦେଇଛି।

### ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ଦୁର୍ନୀତି ହ୍ରାସ ପାଇବ

ଝାରସୁଗୁଡ଼ା ଅଫିସ,୧।୧୧: ଝାରସୁଗୁଡ଼ା ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଗୁରୁବାର ପାଳିତ ହୋଇଛି। ସ୍ଥାନୀୟ ସର୍କିଟ ହାଉସରେ ଦୁର୍ନୀତି ନିବାରଣ ପାଇଁ ଶପଥପାଠ, ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଓ ସାଧୁତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ଦୁର୍ନୀତି ହ୍ରାସ ହୋଇପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଏଲ୍.ଏନ୍. କଲେଜ ଅଧାପକ ରବୀନ୍ଦ୍ର କୁମାର ଦେବତା, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟ ନାରାୟଣ ଦାଶ, ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ରବୀନ୍ଦ୍ର କୁମାର ପ୍ରଧାନ, ଝାରସୁଗୁଡ଼ା ଅତିରିକ୍ତ ଏସ୍‌ପି ଲକ୍ଷ୍ମଣ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ସ୍ୱାଗତ ଭାଷଣ ଏବଂ ଭିଜିଲାନ୍ସ ଡିଏସ୍‌ପି ଦିଲୀପ କର ଧନ୍ୟବାଦ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିମାନବନ୍ଦର ନାମକରଣ: ସମସ୍ତେ ଖୁସ୍

ଝାରସୁଗୁଡ଼ା ଅଫିସ,୧।୧୧

ଝାରସୁଗୁଡ଼ା ବିମାନବନ୍ଦର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେବା ପରେ ଦଳମତ ନିର୍ବିଶେଷରେ ଝାରସୁଗୁଡ଼ାର ସବୁ ବର୍ଗର ଲୋକେ ଖୁସି ବ୍ୟକ୍ତ କରିଚନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ନାମରେ ଏହି ବିମାନବନ୍ଦର ନାମିତ କରିବାକୁ ପଶ୍ଚିମ ଓଡ଼ିଶାର ଦଳମତ ନିର୍ବିଶେଷରେ ସମସ୍ତ ନେତା, ବ୍ୟକ୍ତିବିଶେଷ ଏବଂ ସଙ୍ଗଠନର ମତ ଥିଲା। ଏହାକୁ ସମ୍ମାନ ଜଣାଇ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାର ଏହି ଦାବିକୁ ପୂରଣ ମଧ୍ୟ କରିଛନ୍ତି। ଏହି ନାମକରଣକୁ ନେଇ ରାଜନୀତି ନ ହେଲେ ମଧ ଶ୍ରେୟ ପାଇଁ ସମସ୍ତେ ଆଗେଇ ଆସିଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ନାମକୁ କେନ୍ଦ୍ର କ୍ୟାବିନେଟ ମୋହର ମାରିବା ଘଟଣାରେ ଜିଲା ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ ଭାଜପା ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛି। ଏହି ପ୍ରସଙ୍ଗରେ କଂଗ୍ରେସ ନେତା ତଥା ବିଧାୟକ ନବ ଦାସ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାସହ ସଫଳତାର ଶ୍ରେୟ ଝାରସୁଗୁଡ଼ାର ପ୍ରତ୍ୟେକ ନାଗରିକ ତଥା ସଙ୍ଗଠନକୁ ଦେଇଛନ୍ତି।



"ଝାରସୁଗୁଡ଼ା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବା ପାଇଁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିବାରୁ ଝାରସୁଗୁଡ଼ା ବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଏହା ସମଗ୍ର ପଶ୍ଚିମ ଓଡ଼ିଶାବାସୀଙ୍କ ବିଜୟ। ଦାବି ମୁତାବକ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିଥିବାରୁ ଏବଂ ପ୍ରଧାନମନ୍ତ୍ରୀ କ୍ୟାବିନେଟ ମଞ୍ଜୁରୀ ଦେଇଥିବାରୁ ଉଭୟଙ୍କୁ ଧନ୍ୟବାଦ।

-ନବ କିଶୋର ଦାସ, ଝାରସୁଗୁଡ଼ା ବିଧାୟକ



"ବୀର ସୁରେନ୍ଦ୍ର ସାଏଙ୍କ ନାମରେ ବିମାନବନ୍ଦର ନାମିତ କରିବାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଛି। ସେଥିପାଇଁ ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଉଛୁ। ନାମକରଣ ନେଇ ବିଧାନସଭାରେ ସଙ୍କଳ୍ପ ପାରିତ କରିବା, ମୁଖ୍ୟମନ୍ତ୍ରୀ ବାରମ୍ବାର ଏ ନେଇ ଦାବି କରିବା ଏବଂ କିଛିଦିନ ପୂର୍ବରୁ ପୁନଶ୍ଚ କେନ୍ଦ୍ରକୁ ଚିଠିଲେଖି ନାମକରଣ ପ୍ରସଙ୍ଗ ଉଠାଇବା ପରେ ଆଜି କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଦରଦ ଏଥିରୁ ସ୍ପଷ୍ଟ ହୋଇଛି।

-କିଶୋର ମହାନ୍ତି, ଅଧକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ



"ଝାରସୁଗୁଡ଼ା ବିମାନବନ୍ଦର ନାମକରଣ ନେଇ ପ୍ରଧାନମନ୍ତ୍ରୀ ନିଜ ମୁହଁରେ ଘୋଷଣା କରିଥିଲେ। ତେଣୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିବା ସ୍ୱାଭାବିକ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। ଅନ୍ୟମାନେ ଏହାକୁ ନେଇ ରାଜନୀତି କରୁଛନ୍ତି। ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଥିବା ବେଳେ ସ୍ଥାନୀୟ ବିଧାୟକ ନାମକରଣ ଏବଂ ବିମାନ ଉଡ଼ାଇବା ଦାବି ନେଇ ରାଜନୀତି କରୁଛନ୍ତି। ସେହିପରି ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଯଦି ଦରଦ ରହିଛି ତେବେ ରମ୍ଭୋଲା ସେତୁକୁ ପ୍ରସନ୍ନ ପଣ୍ଡାଙ୍କ ନାମରେ କାହିଁକି ନାମିତ କରୁନାହାନ୍ତି?

-ରାଧାରାଣୀ ପଣ୍ଡା, ବ୍ରଜରାଜନଗର ବିଧାୟିକା

## ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅବ୍ୟବସ୍ଥା

# ଚଢ଼ା ଦରରେ ବିକ୍ରି ହେଉଛି କିରୋସିନ

କୋଲାବିରା,୧।୧୧(ଡି.ଏନ୍.ଏ.)

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦେଖାଦେଇଛି ଅବ୍ୟବସ୍ଥା। ଚାଲିଛି ବାଟମାରଣା। ଚଢ଼ା ଦରରେ କିରୋସିନ ବିକ୍ରି କରି ହିତାଧିକାରୀଙ୍କୁ ଲୁଟିବାରେ ଲାଗିଛନ୍ତି ଏସ୍ଏଚ୍‌ଜି କର୍ମକର୍ତ୍ତା। ସବୁ ଜାଣି ବିଭାଗୀୟ ଅଧିକାରୀ ଚୁପ୍ ରହିଥିବା ଅଭିଯୋଗ ଉଠିଛି କୋଲାବିରା ବ୍ଲକ ଝିଲ୍ଲାପାଲି ପଞ୍ଚାୟତରୁ। ଏ ସଂକ୍ରାନ୍ତରେ ଖୋଦ ସରପଞ୍ଚ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଝିଲ୍ଲାପାଲି ପଞ୍ଚାୟତ ଅଧିନରେ ଥିବା ହିତାଧିକାରୀଙ୍କୁ ସାମଗ୍ରୀ ଯୋଗାଇ ଦେବାକୁ ଜିଲ୍ଲାପାଲି ଗ୍ରାମର ଲକ୍ଷ୍ମୀନାରାୟଣ ଓ ମା' ସରସ୍ୱତୀ ଏସ୍ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି। ଚଳିତ ମାସରେ କିରୋସିନର ନିର୍ଦ୍ଧାରିତ ଦରଠାରୁ ହିତାଧିକାରୀଙ୍କ ନିକଟରୁ ଅଧିକ ଟଙ୍କା ନିଆଯାଇଥିବା ସରପଞ୍ଚଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗରେ ସତ୍ୟତା ଥିବା ଅନୁଭବ କରି ସରପଞ୍ଚ ଦୁବରାଜ ନାଏକଙ୍କ ସମେତ ୱାର୍ଡସଭ୍ୟା ସବିତା ସେଠୀ, କୁନୁ ନାଏକ, ଯୁଧିଷ୍ଠିର ପଟେଲ, ରମାକାନ୍ତ ପଟେଲ, ହିତାଧିକାରୀ ବେଦମତି ଭଞ୍ଜ, ଝୁନି ବେସନ, ସୁଶିଳା ମହାନନ୍ଦ, ତୁଲାରାମ ବୁଡ଼ା, ଧନମତୀ ବୁଡ଼ା, ମିଟକି ବୁଡ଼ା, ନମିତା କୁସୁମ, ଶେଷଦେବ ବାଗ ପ୍ରମୁଖ ଗ୍ରାମର ଅନେକ ଲୋକ ଏ ନେଇ ଲିଖିତ ଭାବେ କୋଲାବିରା ବିଡିଓ, ବ୍ଲକ ଯୋଗାଣ ଅଧିକାରୀ ଏବଂ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯୋଗେଯୋଗ ହୋଇପାରି ନ ଥିବାରୁ ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିଲତା ବାରିକଙ୍କ କହିବା ଅନୁଯାୟୀ ଏହା ସାମନ୍ୟ ଭୁଲ। ଏଥିପାଇଁ ଆମେ ଉଭୟ ଏସ୍ଏଚ୍‌ଜିକୁ ତାଗିଦ କରିଛୁ ବୋଲି କହିଥିଲେ। ସେମାନେ ହିତାଧିକାରୀଙ୍କୁ ଟଙ୍କାଏ ଲେଖାଏଁ ଫେରସ୍ତ କରିଦେବେ। ଏଥିଯୋଗୁ ଅଧିକ ହିତାଧିକାରୀଙ୍କୁ କ୍ଷତି ସହିବାକୁ ପଡ଼ିନାହିଁ। ପ୍ରାୟ ୨ଶହ ଜଣ ହିତାଧିକାରୀ କିରୋସିନ ନେଇଛନ୍ତି। ଯେହେତୁ ତାଙ୍କ ନିକଟରୁ ୨୯/୩୦ ଟଙ୍କା ଲେଖାଏଁ ଲିଟର ପିଛା ନିଆଯାଇଛି ତାଙ୍କୁ ଟଙ୍କାଏ ଲେଖାଏଁ ଫେରସ୍ତ କରିଦିଆଯିବ ବୋଲି ଅତି ହାଲୁକା ଭାବରେ ବାରିକ କହିଛନ୍ତି। ଅନ୍ୟପଟେ ଚଢ଼ାଦରରେ କିରୋସିନ ବିକ୍ରି କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁଇଦିନ ପରେ ଆସିଲେ ତେଲ ସରିଗଲା ବୋଲି ଉତ୍ତର ମିଳୁଛି। ଯଦି ହିତାଧିକାରୀ ନେଇନାହାନ୍ତି ତେବେ କିରୋସିନ ସରିଲା କେମିତି ବୋଲି ପ୍ରଶ୍ନ କରିଛନ୍ତି ଝିଲ୍ଲାପାଲି ଗ୍ରାମବାସୀ। ଏହାର ଉପଯୁକ୍ତ ତଦନ୍ତ କରାଯାଇ ଏସ୍ଏଚ୍‌ଜି ଦ୍ୱୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମହିମା କଲେଜ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

ଲଖନପୁର,୧।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବିଜାପାଲି ମହିମା କଲେଜରେ ଗୁରୁବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କଲେଜ ଅଧକ୍ଷ ରମଣୀରଞ୍ଜନ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିର ୧୨ଦିନ ଧରି ଚାଲିବ। ଏଥିରେ ୭୨ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ସବିତା ସିଂହ ଓ ସୁରଭି ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେଉଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କଲେଜ ଅଧକ୍ଷ ଡ. ସନତ ପ୍ରଧାନ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷାର ଆବଶ୍ୟକତା ଓ ଉପାଦେୟତା ସମ୍ବନ୍ଧରେ କହିଥିଲେ। ଅଧାପିକା ସଞ୍ଜୁକ୍ତା ସାଙ୍ଗା, ନାରାୟଣ ସା, ଅଞ୍ଜଳି ପାତ୍ର, ମୀନକେତନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ପ୍ରଶିକ୍ଷକ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଦେଉଛନ୍ତି।

# ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ଲଖନପୁର,୧।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ କଲ୍ୟାଣମଣ୍ଡପରେ ହସ୍ତତନ୍ତ ପ୍ରଦର୍ଶନୀ ଓ ବିକ୍ରୟ ମେଳା ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ସାଧାରଣ ପରିଚାଳକ ରାଜେନ୍ଦ୍ର ଗୁପ୍ତା ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସେ ପ୍ରଦର୍ଶନୀରେ ଥିବା ବିଭିନ୍ନ ହସ୍ତତନ୍ତ ଶାଢ଼ି, ବେଡ୍‌ଶିଟ୍, ଡ୍ରେସ୍ କପଡ଼ା, ମଠା ଆଦିର ଡିଜାଇନ୍ ଦେଖି ଏଥିରେ ସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶା ହସ୍ତତନ୍ତ କଳାର ପ୍ରଚାର ପ୍ରସାର ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏମ୍‌ସିଏଲ୍ ସାଧାରଣ ପରିଚାଳକ (ସଞ୍ଚାଳନ) ଅରୁଣ କୁମାର ସ୍ୱର୍ଣ୍ଣକାର ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରଦର୍ଶନରେ ଥିବା ହସ୍ତତନ୍ତ କପଡ଼ାର ପ୍ରଶଂସା କରିଥିଲେ। ବରଗଡ଼ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ଦେବତା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦର୍ଶନୀରେ କଟକ, ବୌଦ୍ଧ, ସୋନପୁର, ଖୋର୍ଦ୍ଧା, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଆଠଗଡ଼ର ପ୍ରାଥମିକ ହସ୍ତତନ୍ତ ସହଯୋଗ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବରଗଡ଼ ଜିଲାର ଏକ ହସ୍ତତନ୍ତ ଗୋଷ୍ଠୀକୁ ମିଶାଇ ମୋଟ ୨୨ଟି ସଂସ୍ଥା ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଥିବା ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଦେବତା ପ୍ରକାଶ କରିଛନ୍ତି। ଏହି ପ୍ରଦର୍ଶନୀ ପାଇଁ ଏମ୍‌ସିଏଲ୍ ବୁର୍ଲା, ସମ୍ବଲପୁର ତଥା ଲଖନପୁର କ୍ଷେତ୍ର ସମସ୍ତ ସହାୟତା ଯୋଗାଇ ଦେଇଥିବାରୁ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ପକ୍ଷରୁ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଦେବତା ଧନ୍ୟବାଦ ଅର୍ପଣ କରିଛନ୍ତି। ପ୍ରଦର୍ଶନୀ ଆୟୋଜନ ନିମନ୍ତେ ସମସ୍ତ ସହଯୋଗ କରିଛନ୍ତି ବିଭାଗୀୟ ବୟନ ତତ୍ତ୍ୱାବଧାରକ ଶାନ୍ତନୁ କୁମାର ମେହେର ଓ ବୟନ ନିରୀକ୍ଷକ ବୈଷ୍ଣବ ଚରଣ ଦାଶ। ପ୍ରଦର୍ଶନୀ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।




ପ୍ରଦର୍ଶନୀକୁ ଅତିଥିମନେ ଉଦ୍‌ଘାଟନ କରୁଛନ୍ତି।

## ଲଇକେରା ଭାଜପା ପକ୍ଷରୁ ବ୍ଲକ ଘେରାଉ

ଲଇକେରା, ୧।୧୧ (ଡି.ଏନ.ଏ)

ବିଜେଡି ଶାସନରେ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ଗୁରୁବାର ଝାରସୁଗୁଡ଼ା ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଲଇକେରା ବ୍ଲକ ଘେରାଉ କରାଯାଇଛି। କୃଷକ ମୋର୍ଚ୍ଚା ଜିଲା ସଭାପତି ପ୍ରଦୀପ କୁମାର ପଟେଲଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନେତୃମଣ୍ଡଳୀ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡାଙ୍କ ସମେତ ରଘୁନନ୍ଦନ ପଣ୍ଡା, ଦୀନେଶ ଜୈନ, ଲଳିତ ମଗର, ଅରୁଣ ବେହେରା, ଦୀପକ ପଟେଲ, ମିଶିଲ ରାଓ, ନବଲ ଅଗ୍ରୱାଲ, ବିକ୍ରମ ପଟେଲ, ବାଞ୍ଛାନିଧି ସାହୁ, ଝରେନ୍ଦ୍ର ବାଗ, ନିଶିକାନ୍ତ ପଟେଲ, କୈଳାସ ଚନ୍ଦ୍ର ସାହୁ, ମଧୁସୂଦନ ରଣା, ଅଯୋଧା ସାହୁ, ପଙ୍କଜ ବେହେରା, ରୋହିତ କିଷାନ, ନବୀନ ବରିହା ପ୍ରମୁଖ ଶତାଧିକ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ। ଅଞ୍ଚଳରେ ଚକଡ଼ା ପୋକ ପ୍ରାଦୁର୍ଭାବ ଏବଂ ବର୍ଷାଭାବ ଯୋଗୁ ଫସଲ ନଷ୍ଟ ହୋଇଥିବାବେଳେ ତୁରନ୍ତ ସହାୟତା ଏବଂ ମରୁଡ଼ି ଘୋଷଣା କରିବାକୁ ଦାବି କରିଥିଲେ।



ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ସଭାରେ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀ।

## ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା ଅଫିସ,୧।୧୧

ବଳାତ୍କାର ମାମଲାରେ ଜଡ଼ିତ ହୋଇ ଫେରାର ଥିବା ହିର୍ମାର ହେମନ୍ତ ସାହୁ (୨୬)ଙ୍କୁ ବଡ଼ମାଲ ଥାନା ପୋଲିସ ଗିରଫ କରିଛି। ହେମନ୍ତ ଜଣେ ନାବାଳିକାଙ୍କୁ ପ୍ରଭାବିତ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏ ବାବଦରେ ନାବାଳିକା ଜଣକ ପରିବାର ଲୋକଙ୍କ ସହଯୋଗରେ ୨୦୧୭ ଫେବୃୟାରୀ ୨୨ରେ ବଡ଼ମାଲ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ନାବାଳିକାଙ୍କ ଡାକ୍ତରୀମାଇନା ଏବଂ ବୟାନ ରେକର୍ଡ କରିଥିଲା। ହେଲେ ହେମନ୍ତ ସେବେଠାରୁ ଫେରାର ଥିଲେ। ବୁଧବାର ପୋଲିସ ଝାରସୁଗୁଡ଼ାରୁ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ

କୋଲାବିରା,୧।୧୧(ଡି.ଏନ୍.ଏ.)

କୋଲାବିରା ଗୋଣ୍ଡୱାନା ସମାଜ, ରାଜ ପରିବାର, ସମଲେଶ୍ୱରୀ ସାହିତ୍ୟ ସଂସଦ, ଭଗତ ସିଂ କ୍ଲବ, ଗ୍ରାମ ଉନ୍ନୟନ କମିଟି, ଶହୀଦ କରୁଣାକର ସିଂହ ସ୍ମୃତି ଟ୍ରଷ୍ଟ, ସମ୍ମିଳିତ ଆଦିବାସୀ ସଂଘ ପକ୍ଷରୁ କୋଲାବିରାଠାରେ ଗୁରୁବାର ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ କରାଯାଇଛି। ସମ୍ବିଧାନ ସଚେତନତା ବାର୍ତ୍ତା ନେଇ କୋରାପୁଟରୁ ବାହାରିଥିବା ଏହି ରଥକୁ ସ୍ଥାନୀୟ ଯାତ୍ରା ପଡ଼ିଆଠାରେ ସ୍ୱାଗତ କରାଯିବା ପରେ କରୁଣାକର ଛକସ୍ଥିତ କରୁଣାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ସଭାରେ ସମ୍ବିଧାନ ସଚେତନତା ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସଦସ୍ୟମାନେ ମତ ଦେଇଥିଲେ। ଏଥିରେ ଶହୀଦ ବୀର କରୁଣାକର ସିଂହ ସ୍ମୃତି ଟ୍ରଷ୍ଟ ସଭାପତି ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଉପସଭାପତି ବୀରେନ୍ଦ୍ର ମହାପାତ୍ର, କୋଷାଧକ୍ଷ କୀର୍ତ୍ତିଚନ୍ଦ୍ର ବହିଦାର, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅରୁଣ କୁମାର ବେହେରା, ଅଶୋକ କୁମାର ବେହେରା, କୁନ୍ତଳା ଗୋଖରା, ଯୋଗେଶ୍ୱର ମାଝି, ରୁଦ୍ରପ୍ରତାପ ସିଂହ, ମନ୍ମଥ ନାରାୟଣ ସିଂହ, ଲବଣୀ ମରାଇ, ଗଣେଶ ମହାନନ୍ଦ, କ୍ଷୀରୋଦ ସିଂହ, ଲୋଚନ ମୁମୁରା, ପରମାନନ୍ଦ ମରାଇ, ହରିଶଙ୍କର ମରାଇ, ଲଲିନ୍ଦ୍ର ଗୋଖରା, ବ୍ରଜମୋହନ ଚର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରଥ କରୁଣାକର ଛକ ପର୍ଯ୍ୟନ୍ତ ଯାଇ ସମାସିଂହା ଦେଇ ଲଇକେରା ବ୍ଲକ ଅଭିମୁଖେ ଯାତ୍ରା କରିଥିଲା। ସଚେତନତା ରଥରେ ଧର୍ମାନ ଧର୍ମସେନ ବୌଦ୍ଧ, ହିମାଂଶୁ ବିଭାର, ବଳଦେବ କୁମାର ପ୍ରଚାରକ ଭାବରେ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

କିର୍ମିରା,(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ଅର୍ଡା ଗ୍ରାମରେ ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ କରାଯାଇଛି। ଅର୍ଡା ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ ଗ୍ରାମବାସୀଙ୍କ ସହ ରଥକୁ ସ୍ୱାଗତ କରିଥିଲେ। ତ୍ରିନାଥ ଗୁଆଲଙ୍କ ନେତୃତ୍ୱରେ ଧୁତୁରା ଗ୍ରାମରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ସମ୍ବିଧାନ ଏବଂ ବି.ଆର୍. ଆମ୍ବେଦକରଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା।




ସମ୍ବିଧାନ ସଚେତନତା ରଥକୁ କୋଲାବିରାଠାରେ ସ୍ୱାଗତ କରାଯାଉଛି।




ସମ୍ବିଧାନ ସଚେତନତା ରଥକୁ ଅର୍ଡା ଗ୍ରାମରେ ସ୍ୱାଗତ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨ ନଭେମ୍ବର, ୨୦୧୮



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ପାଇକମାଲ, ୧।୧୧ (ଡି.ଏନ.ଏ):** ପାଇକମାଲରେ ଜଣେ ମହିଳା ତାଙ୍କ ଶୋଇବା ଘରେ ବେକରେ ଦଉଡି ଦେଇ ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି । ମୃତା ମହିଳା ହେଲେ ମିନୁ ସୋନୀ (୨୪) । ମୃତା ମହିଳାଙ୍କ ସ୍ୱାମୀ ଚମନଲାଲ ସୋନୀ ଏକ ବସ୍‌ରେ ଡ୍ରାଇଭରା ଭାବେ କାମ କରୁଥିବାବେଳେ ଉକ୍ତ ଦମ୍ପତି ପାଇକମାଲରେ ଏକ ଭଡାଘରେ ରହୁଥିଲେ । ବୁଧବାର ରାତି ୯ଟାରେ ଚମନଲାଲ ଘରକୁ ଫେରିବା ବେଳକୁ ମିନୁ ବେକରେ ରଶି ଲଗାଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ମିନୁଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପାଇକମାଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୧୮) ରୁଜୁ ହୋଇଛି । ପୋଲିସ ଗୁରୁବାର ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇ ଅନୁସନ୍ଧାନ କରୁଛି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ ।



### ଗୌନ୍ତିଆଙ୍କ ପରଲୋକ

**ସୋହେଲା, ୧।୧୧ (ଡି.ଏନ.ଏ):** ସୋହେଲା ବ୍ଲକ ଟୁଙ୍ଗିବନ୍ଧଲୀ ଗ୍ରାମର ଗୌନ୍ତିଆ ରାହାସ ବିହାରୀ ଚୌହାନଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଯୋଗୁ ସେ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ଚୌହାନ ଟୁଙ୍ଗିବନ୍ଧଲୀ, ସୋହେଲା, ଖୁଣ୍ଟପାଲି, ବରପାଲି ଓ ବରଗଡ ଜର୍ଜ ହାଇସ୍କୁଲରେ ମାଟ୍ରିକ ପଢ଼ି ସାରିଲା ପରେ ମେଲଛାମୁଣ୍ଡା ଏମ୍‌ଇ ସ୍କୁଲରେ ଶିକ୍ଷକତା କରିଥିଲେ । ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ନେଇ ନିଜ କ୍ଷେତରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାଇ ଖେଳି ଯାଇଛି ।

### ସିଆଲଖଣ୍ଡହଥା ଚାମ୍ପିୟନ

**ଗଣ୍ଡତୁରୁମ, ୧।୧୧ (ଡି.ଏନ.ଏ):** ଭେଡେନ ବ୍ଲକ ଅଧୀନ ବାଦୀପାଲିଠାରେ ମାଁ ସନ୍ତୋଷୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ମେହେନାକୁ ହରାଇ ସିଆଲଖଣ୍ଡହଥା ଚାମ୍ପିୟନ ହୋଇଛି। ମେହେନା ଏବଂ ସିଆଲଖଣ୍ଡହଥା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଫଳାଫଳ ଅମୀମାଂଶିତ ରହିଥିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ସିଆଲଖଣ୍ଡହଥା ଦଳ ୧-୦ ଗୋଲରେ ଅଗ୍ରଣୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ବ୍ଲକ ଅଧକ୍ଷ ଡୋଲାମଣି କ୍ଷେତି, ଯୁବ ବିଜେଡି ନେତା ସୁରେନ୍ଦ୍ର କର୍ମୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବଳରାମ ପଶାୟତ, ଲଳିତ ଭୋଇ, ବାବାଜୀ ଝାଙ୍କର ଓ ଛାୟାକାନ୍ତ ତରିଆ ଖେଳ ପରିଚାଳନା କରିଥିଲେ। ପିଣ୍ଟୁ କର ଧାରା ବିବରଣୀ ପ୍ରଦାନ କରିଥିଲେ ।

### ଭାଗବତ ପାରାୟଣ ଉଦ୍‌ଯାପିତ

**ପଦ୍ମପୁର, ୧।୧୧ (ଡି.ଏନ.ଏ):** ପଦ୍ମପୁର ହନୁମାନପଡା ମହିଳା ଭାଗବତ କମିଟି ପକ୍ଷରୁ ଆୟୋଜିତ ଭାଗବତ ପାରାୟଣ ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ହନୁମାନ ମନ୍ଦିରରେ ଗାୟକ ଗଙ୍ଗାଧର ଉଦଗାତା ପାରାୟଣ ଗାଇଥିଲେ । ଗତ ୨୫ ତାରିଖରେ କଳସ ସ୍ଥାପନ ପରେ ୨୬ ତାରିଖରୁ ପାରାୟଣ ଆରମ୍ଭ ହୋଇଥିଲା । ଶ୍ରୀକୃଷ୍ଣ ଜନ୍ମ ତଥା ରୁକ୍ମଣୀ ବିବାହ ସହ ଗୁରୁବାର ପୂର୍ଣ୍ଣାହୁତି ହୋଇଥିଲା । ସଞ୍ଜୀବ ବହିଦାର ଓ ତାଙ୍କ ସ୍ତ୍ରୀ ଗୀତା ବହିଦାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଭାଗବତ ପାରାୟଣ କମିଟି ସଭାନେତ୍ରୀ ଭାରତୀ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ମହିଳା ସଦସ୍ୟା ସହଯୋଗ କରିଥିଲେ ।

# ତେଜୁଛି ବସ୍‌ଷ୍ଟାଣ୍ଡ ବିବାଦ

**ବରଗଡ଼ ଅଫିସ୍, ୧।୧୧**

## ବରଗଡ଼ ଜିଲା



ଜିଲାପାଳଙ୍କୁ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

- ୫ରେ ଘରୋଇ ବସ୍ ଚଳାଚଳ ବନ୍ଦ
- ଜିଲାପାଳ ଅଫିସ ଆଗରେ ଧାରଣା
- ଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଜିଲାପାଳଙ୍କୁ ସଂଘ ଦେଲା ସ୍ମାରକପତ୍ର
- ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିବେ କହିଲେ ଜିଲାପାଳ

ବରଗଡ଼ରେ ନିର୍ମିତ ହୋଇଥିବା ନୂତନ ଘରୋଇ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହୋଇ ନାହିଁ। ମାତ୍ର ଏହାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି । ନୂତନ ଘରୋଇ ବସଷ୍ଟାଣ୍ଡ ଦ୍ୱାରା ଟ୍ରାଫିକ ସମସ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିବ ବୋଲି ଅଭିଯୋଗ କରି ସ୍ଥାନୀୟ ଘରୋଇ ବସ୍ ମାଲିକ ସଂଘ ନୂତନ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଛି। ଏହି ଦାବି ନେଇ ସଂଘ ପକ୍ଷରୁ ଗତ ଅକ୍ଟୋବର ୧ତାରିଖରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତେବେ ଏପର୍ଯ୍ୟନ୍ତ ସେ ନେଇ କୌଣସି ନିର୍ଯାସ ବାହାରି ପାରି ନ ଥିବାବେଳେ ଆସନ୍ତା ୫ତାରିଖରେ ଜିଲାରେ ଘରୋଇ ବସ୍ ମାଲିକ ସଂଘ ୨୪ ଘଣ୍ଟା ବସ ଚଳାଚଳ ବନ୍ଦ କରିବ ବୋଲି ଚେତାବନୀ ଦେଇଛି। ଏହି କ୍ରମରେ ଗୁରୁବାର ସଂଘ ପକ୍ଷରୁ ଜିଲାପାଳ ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ନୂତନ ଘରୋଇ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଘରୋଇ ବସ୍ ମାଲିକ ସଂଘ ଜିଲାପାଳଙ୍କଠାରେ ଦାବି କରିଥିଲା । ତେବେ ସେହି ଦାବି ଉପରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ବରଗଡ଼ ପୌର ପରିଷଦ ପକ୍ଷରୁ ପତ୍ରସଂଖ୍ୟା-୬୪୯୬ ତା-୩୦/୧୦/୧୮ରେ ଘରୋଇ ବସ୍ ମାଲିକ ସଂଘ ସଭାପତିଙ୍କୁ ଏକ ପତ୍ର ଲେଖାଯାଇଛି। ସେହି ପତ୍ରରେ ପୌର ପରିଷଦର ପ୍ରସ୍ତାବ ନଂ-୧୧(୭) ଅନୁସାରେ ନୂତନ ଘରୋଇ ବସଷ୍ଟାଣ୍ଡର ଉପରମହଲା ବି-ବ୍ଲକରେ ଘରୋଇ ବସ ମାଲିକ ସଂଘର କାର୍ଯ୍ୟାଳୟ ନିମନ୍ତେ ଏକ ବଡ଼ କୋଠାଘର ଦେବା ପାଇଁ ପୌର ପରିଷଦ ନିଷ୍ପତ୍ତି ନେଇଛି। ସେହି କୋଠାଘରକୁ ଘରୋଇ ବସ ମାଲିକ ସଂଘ ନିଜ କାର୍ଯ୍ୟାଳୟ ଭାବେ ବ୍ୟବହାର କରିପାରିବେ ।

ସେହିପରି ଯେଉଁ ଘରୋଇ ବସ ମାଲିକଙ୍କ ୪ରୁ ଅଧିକ ବସ୍‌ର ମାଲିକାନା ରହିଛି, ସେହି ବସ୍ ମାଲିକଙ୍କୁ ପତ୍ରସଂଖ୍ୟା-୬୨୮୧ ତା-୧୨/୧୦/୨୦୧୮ ଦ୍ୱାରା ବି-ବ୍ଲକରେ ସେମାନଙ୍କ ଅଫିସ ଗ୍ରହ କରିବା ପାଇଁ ପତ୍ରାଳାପ କରାଯାଇଛି। ଏଭଳି ଭାବେ ୧୨ଜଣ ବସ୍ ମାଲିକଙ୍କୁ ପତ୍ରାଳାପ କରାଯାଇଛି । ତେବେ ବସ ମାଲିକଙ୍କୁ ୭୫ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଜମା ଦେବା ପାଇଁ ନୋଟିସ କରାଯାଇଥିବା ଘରୋଇ ବସ ମାଲିକ ସଂଘ ଅଭିଯୋଗ କରିଛି । ପୌର ପରିଷଦ ବେଆଇନ ଭାବେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରିଥିବାବେଳେ ପ୍ରଶାସନିକ ଆଇନକୁ ଖାତିର ନ କରି ନିଜେ ଆଇନ ତିଆରି କରୁଛି ବୋଲି ଅଭିଯୋଗ କରି ସଂଘ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି । ଏହି ଦାବି ନେଇ ସଂଘ ଆସନ୍ତା ୫ତାରିଖରେ ଘରୋଇ ବସ ଚଳାଚଳ ବନ୍ଦ ରଖିବା ସହିତ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛି । ଜିଲାପାଳ ତ୍ରିପାଠୀ ସ୍ମାରକପତ୍ର ଗ୍ରହଣ କରିବା ସହିତ ଉଭୟ ପକ୍ଷଙ୍କୁ ଡାକି ସେ ନେଇ ଆଲୋଚନା କରିବେ ବୋଲି କହିଥିଲେ । ସଂଘ ସଭାପତି ଭୀଷ୍ମଦେବ ଦୋରା, ସାଧାରଣ ସମ୍ପାଦକ ଏସ.କେ ନିଜାମୁଦ୍ଦିନ, ଉପଦେଷ୍ଟା କମିଟିର ଇଂ ଦେବବ୍ରତ ମିଶ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

# ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ

**ସୁନ୍ଦରଗଡ଼, ୧।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲଠାରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ହରିପ୍ରିୟା ପଟେଲ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏକତାର ଶପଥ ପାଠ କରିଥିଲେ । ପରେ ଅଧକ୍ଷା ପଟେଲ ଓ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ସର୍ଦ୍ଦାର ପଟେଲଙ୍କ ତ୍ୟାଗ ଓ ରାଷ୍ଟ୍ର ନିର୍ମାଣ ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ପୃଥିବୀର ସର୍ବୋଚ୍ଚ ପ୍ରତିମୂର୍ତ୍ତି ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଭାରତରେ ପ୍ରତିଷ୍ଠିତ ହେବା ଗୌରବର ବିଷୟ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅଶୋକ ପରିଡା, ସନ୍ତୋଷ ମହନ୍ତଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା

**ଗଣ୍ଡତୁରୁମ, ୧।୧୧ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡେନ ବ୍ଲକ ତଥା ସିଆଲଖଣ୍ଡହଥା ପଞ୍ଚାୟତ ଅଧୀନ ଖଲିଆପାଲି ଗ୍ରାମରେ ଗତ ଜୁଲାଇ ୨୦ ତାରିଖରେ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଦୁଇ ଜଣ ବାଳିକାଙ୍କ ପରିବାରକୁ ଗୁରୁବାର ସରକାରୀ ସହାୟତା ପ୍ରଦାନ କରାଯାଇଛି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ଭେଡେନ ତହସିଲଦାର ସୀମା ସୁନିତା କୁଲୁ ମୃତକଙ୍କ ଗାଁକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଉଭୟ ପରିବାରଙ୍କୁ ୪ଲକ୍ଷ ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ଦିନ ବାବାଜୀ ଦରଦମେଘଙ୍କ ଝିଅ ସାବିତ୍ରୀ (୧୯) ଏବଂ ମୁରଲୀ ଦରଦମେଘଙ୍କ ଝିଅ କୌଶଲ୍ୟା (୧୬) ସନ୍ଧ୍ୟାରେ ଶୌଚ ପାଇଁ ଯାଉଥିବା ବେଳେ ସାମାନ୍ୟ ଝିପିଝିପି ବର୍ଷା ସାଙ୍ଗକୁ ବଜ୍ରପାତ ଘଟିଥିଲା । ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଥିଲା ।

# ଶିକ୍ଷକ ଶିକ୍ଷକତାର ମହାନୀୟତା ବୁଝିବା ଦରକାର

**ନୂଆଗାଁ, ୧।୧୧ (ଡି.ଏନ୍.ଏ.)**

ଜଣେ ଶିକ୍ଷକଙ୍କ ଉପରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ଭର କରେ । କୁନି କୁନି ଛାତ୍ରୀଛାତ୍ରଙ୍କୁ ପ୍ରାଥମିକସ୍ତରରୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ସହ ତାଙ୍କ ମନକୁ ଜାଣି ସେହି ଆଧାରରେ ଗଢ଼ି ତୋଳିବା ଜଣେ ଦାୟୀତ୍ୱବାନ ଶିକ୍ଷକଙ୍କ ପ୍ରାଥମିକତା ହେବା ଦରକାର। ଜଣେ ଶିକ୍ଷକ, ଶିକ୍ଷା ଓ ଶିକ୍ଷକତାର ମହାନୀୟତାକୁ ବୁଝିବା ଦରକାର ବୋଲି ବୁଧବାର ନୂଆଗାଁ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ) ତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକର ଏବିଇଓ ଅଲେଖ ଚନ୍ଦ୍ର ସାହୁ ମାତ୍ର କିଛି ମାସ ପୂର୍ବରୁ ନୂଆଗାଁ ବ୍ଲକରେ ଏବିଇଓ ଭାବରେ ଯୋଗଦାନ କରିଥିଲେ। ଅଳ୍ପ ମାସ ମଧ୍ୟରେ ସେ ନୂଆଗାଁ ବ୍ଲକର ସମସ୍ତ ଶିକ୍ଷକମାନଙ୍କ ସହ ମିଶିବା ସହ ଶିକ୍ଷକମାନଙ୍କୁ ଉପଯୁକ୍ତ ପରାମର୍ଶ ଦେଇଥିଲେ। ଜଣେ ଦାୟୀତ୍ୱବାନ ଏବିଇଓ ଭାବେ ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହୋଇଛି । ଉତ୍ସବରେ ଶିକ୍ଷକ ବସନ୍ତ ତ୍ରିପାଠୀ, ଅଶୋକ ସିଂ, ବିଭିଷଣ ତନ୍ତି, ମଧୁସୂଦନ କରିଆଲି, ଏବିଇଓ ବନମାଳୀ ମଲ୍ଲିକ, ଅଭିଲାଷ ସେଠୀ, ପ୍ରସନ୍ନ ତ୍ରିପାଠୀ, ମଙ୍ଗଲ କେର୍କେଟା, ରଞ୍ଜିତ ଏକ୍କା, ବିଷ୍ଣୁ ନାଏକ, ଶୁକ୍ରା ସିଂ, ପ୍ରଦୀପ ମାହାତ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଗାଁ ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।



 କ୍ରିକେଟ ଖେଳାଳି ଚୟନ ଶିବିରରେ ଯୋଗଦେଇଥିବା ଛାତ୍ର।

# କ୍ରିକେଟ ଖେଳାଳି ଚୟନ ଶିବିର

**କିର୍ମିରା, ୧।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଭଭୁଁରା ହାଇସ୍କୁଲରେ ବ୍ଲକସ୍ତରୀୟ କ୍ରିକେଟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକର ସମସ୍ତ ହାଇସ୍କୁଲର ଛାତ୍ର ଏଥିରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରର ଉଦ୍‌ଯାପନୀ ଉତ୍ସବରେ ଜିଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ଡମ୍ବରୁଧର ପୂଜାରୀ ମୁଖ୍ୟ ବିଚାରକ ଭାବେ ଯୋଗଦେଇଥିଲେ। ବ୍ଲକର ୮ଟି ହାଇସ୍କୁଲର ମୋଟ ୧୬ ଜଣଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ଶିକ୍ଷକ ସୌକିଲାଲ ପଶାୟତ, ସଞ୍ଜୟ ବେହେରା, ପ୍ରଫୁଲ୍ଲ ପଟେଲ, ପ୍ରଦୀପ ବେହେରା, ଅଜୟ ନାୟକ, ନିର୍ମଳ ସାହୁ, ଲକ୍ଷ୍ମୀ ସରାଫ, ବିଦ୍ୟଲୋଚନ ପଟେଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମରୁଡ଼ି ସହାୟତା ଘୋଷଣା ପଛରେ ରାଜନୀତି

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍, ୧।୧୧**

ବରଗଡ଼ ଜିଲାରେ ଏଥର ମଧ୍ୟ ମରୁଡ଼ି ପରିସ୍ଥିତି ଦେଖାଯାଇଛି । ତେବେ ଗତ ୨୦୧୭ ଖରିଫରେ ଜିଲାର ମୋଟ୍ ୯୧ହଜାର ୩୧୭ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଥିଲା । କିନ୍ତୁ ଏଥର ବର୍ତ୍ତମାନ ସୁଦ୍ଧା ୩୮ହଜାର ୮ହେକ୍ଟର ମରୁଡ଼ିଗ୍ରସ୍ତ ହୋଇଛି ବୋଲି କୃଷି ବିଭାଗ ଆକଳନ କରିଛି । କୃଷି ବିଭାଗର ଏହି ଆକଳନ ରିପୋର୍ଟରେ ଜିଲାର ଅତାବିରା ଓ ଭେଡ଼େନ ବ୍ଲକ ବାଦ୍ ପଡ଼ିଛି। ଅନ୍ୟପଟେ ବରଗଡ଼ ବ୍ଲକରେ ୧୭୨୦, ବରପାଲି ୨୧୨୦, ଭଟଲି ୪୪୦୮, ଅମ୍ବାଭୋନା ୩୨୯୫, ପଦ୍ମପୁର ୫୮୮୮, ପାଇକମାଲ ୫୩୫୩, ଗାଇସିଲେଟ ୨୭୫୦, ବିଜେପୁର ୪୧୫୭, ଝାରବନ୍ଧ ୩୮୬୪ ଏବଂ ସୋହେଲା ବ୍ଲକରେ ସର୍ବାଧିକ ୪୪୫୩ ହେକ୍ଟର ଧାନ ଫସଲ ମରୁଡ଼ି ପ୍ରଭାବିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ଏପରିକି କୃଷି ବିଭାଗର ଆକଳନରେ ଅନେକ ଅଞ୍ଚଳ ବାଦ୍ ପଡ଼ିଛି ବୋଲି ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି । କ୍ରପ୍ କଟିଂ ରିପୋର୍ଟରେ ପ୍ରଭାବିତ ଫସଲ ପରିମାଣ ଆହୁରି ବଢ଼ିବ ବୋଲି ଚାଷୀମାନେ କହିଛନ୍ତି । ରାଜ୍ୟ ସରକାର ଗୁରୁବାର ୯ ଜିଲା ପାଇଁ ମରୁଡ଼ି ଘୋଷଣା କରିଛନ୍ତି। ଏଥିରେ ବରଗଡ଼ ଜିଲା ଅଛି । ମରୁଡ଼ି ଘୋଷଣା ପରେ ଚାଷୀ ମୁହଁରେ ହସ ଫୁଟିବା ସ୍ୱାଭାବିକ। ମାତ୍ର ସରକାର ଯେଭଳି ତରବରିଆ ଭାବେ ଏହି ଘୋଷଣା କରିଛନ୍ତି, ତାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ରାଜ୍ୟର ମରୁଡ଼ି ଅନୁଧ୍ୟାନ ପାଇଁ ଏକ କେନ୍ଦ୍ରୀୟ ଟିମ ଆସୁଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ସରକାରଙ୍କ ଏଭଳି ଘୋଷଣା ଚର୍ଚ୍ଚାର ବିଷୟ ହୋଇଛି । ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏହି ଘୋଷଣା କରିଛନ୍ତି ବୋଲି ବିରୋଧୀ ଦଳ ନେତାମାନେ କହୁଛନ୍ତି । ଅନ୍ୟପଟେ ଚାଷୀଙ୍କ ଦୁର୍ଦ୍ଦଶା ଦେଖି ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇଥିବା ବିଜେଡ଼ି ନେତା ପ୍ରକାଶ କରିଛନ୍ତି । ସେହିପରି ବର୍ଷାଭାବରୁ ଜିଲାରେ ଏଭଳି କ୍ରମାଗତ ମରୁଡ଼ି ଲାଗି ରହୁଥିଲେ ମଧ ରାଜ୍ୟ ସରକାର ଏଠାରେ ମରୁଡ଼ିର ସ୍ଥାୟୀ ପ୍ରତିକାର ଏବଂ ଜଳସେଚନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ସ୍ପଷ୍ଟ ହୋଇଛି ବୋଲି ଚାଷୀନେତାମାନେ ମତ ଦେଇଛନ୍ତି ।

## ଏମାନେ ଯାହା କୁହନ୍ତି...



"ମରୁଡ଼ି ଘୋଷଣା ସେଭଳି ଗୁରୁତ୍ୱ ନୁହେଁ । ମରୁଡ଼ିର ସ୍ଥାୟୀ ପ୍ରତିକାରକୁ ଗୁରୁତ୍ୱ ଦିଆଯିବା କଥା। ସରକାର ଗତ ୧୫ବର୍ଷ ହେଲା ୩୫ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା କଥା କହି ଆସୁଛନ୍ତି । ଯଦି ତାହା ହୋଇଥାନ୍ତା, ଏଭଳି ଭଲ ବର୍ଷା ସତ୍ତ୍ୱେ ମାତ୍ର ଗୋଟିଏ, ଦୁଇଟି ବର୍ଷା ନ ହେବାରୁ ଜିଲାରେ ମରୁଡ଼ି ଦେଖାଯାଇ ନ ଥାନ୍ତା।
-ଲିଙ୍ଗରାଜ, ଚାଷୀନେତା



"ନିର୍ବାଚନକୁ ଆଖି ଆଗରେ ରଖି ସରକାର ମରୁଡ଼ି ଘୋଷଣା କରିଛନ୍ତି। ଏହା ମୂଲ୍ୟହୀନ ଅଟେ। ଏପର୍ଯ୍ୟନ୍ତ ପ୍ରକୃତ ସର୍ଭେ ମଧ୍ୟ ହୋଇନାହିଁ। ଫଳରେ ଅନେକ ଚାଷୀ କ୍ଷତିପୂରଣ ସହାୟତାରୁ ବଞ୍ଚିତ ହେବେ। ସରକାରଙ୍କ ସବୁ ଘୋଷଣା କେବଳ ଘୋଷଣାରେ ସୀମିତ ରହୁଛି । ଚାଷୀ ଯେଉଁ କ୍ଷତିପୂରଣ ପାଇବା କଥା, ତାହା ପାଉନାହିଁ ।
-ସାଧୁ ନେପାକ, ପୂର୍ବତନ କଂଗ୍ରେସ ବିଧାୟକ



"ରାଜ୍ୟ ସରକାରଙ୍କ ମରୁଡ଼ି ଘୋଷଣା ଏକ ଧୂଆଁବାଣ । ନିର୍ବାଚନ ପାଖେଇ ଆସୁଛି ବୋଲି ସରକାର ଏଭଳି ତରବରିଆ ଭାବେ, ଠିକ୍‌ଭାବେ ଫସଲକ୍ଷତି ଆକଳନ ନ କରି ଏହି ଘୋଷଣା କରିଛନ୍ତି । ଚାଷୀଙ୍କ ପ୍ରତି ଯଦି ରାଜ୍ୟ ସରକାରଙ୍କ ଦରଦ ରହିଛି, ତେବେ ଜିଲାର ସମସ୍ତ ବ୍ଲକକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରାଯାଉ ।
-ଡା. ଅରୂପାନନ୍ଦ ସାହୁ, ଭାଜପା ଜିଲା ସଭାପତି



"ଚାଷ ଓ ଚାଷୀଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ଫଳରେ ମରୁଡ଼ି ପ୍ରଭାବିତ ଚାଷୀଙ୍କ ଦୁର୍ଦ୍ଦଶା ଦେଖି ରାଜ୍ୟ ସରକାର ସେଭଳି ଘୋଷଣା କରି ଠିକଣା ସମୟରେ ଉଚିତ୍ ପଦକ୍ଷେପ ନେଇଛନ୍ତି । ମରୁଡ଼ି ପ୍ରଭାବିତ ସମସ୍ତ ଚାଷୀଙ୍କୁ ରାଜ୍ୟ ସରକାର ନିଶ୍ଚିତ ଭାବେ ଇନପୁଟ୍ ସବସିଡ଼ି ପ୍ରଦାନ କରିବେ ।
-ଦେବେଶ ଆଚାର୍ଯ୍ୟ, ବିଜେଡ଼ି ବିଧାୟକ

# ବୁଡାମାଳ ସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ପଦ୍ମପୁର, ୧।୧୧ (ଡି.ଏନ.ଏ)**

ରାଜବୋଡାସମ୍ବର ବ୍ଲକ ଖଇରପାଲି କେନ୍ଦ୍ରର ବୁଡାମାଳ ୟୁଜିୟୁପି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଖଇରପାଲି କେନ୍ଦ୍ରର ସମସ୍ତ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବୁଡାମାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁଇଜ, ଡିବେଟ, କ୍ରିଏଟିଭ ରାଇଟିଙ୍ଗ, ଡ୍ରଇଂ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅମୃତଲାଲ ମହାକୁର, ନରେନ୍ଦ୍ର ପ୍ରଧାନ, ପଙ୍କଜ ପ୍ରଧାନ, ନୃପରାଜ ବରିହା, ହରିହର ବୁଡେକ, ଭାରତୀ ଲୟା, ପ୍ରିୟା ବାରିକ, ସୁଦାମ ପ୍ରଧାନ, ବାସୁଦେବ ମେହେର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖଇରପାଲି ହାଇସ୍କୁଲର ସହକାରୀ ଶିକ୍ଷକ ହେମନ୍ତ ଭୋଇ, ସିଆରସିସି ପ୍ରହଲ୍ଲାଦ ମହାନନ୍ଦ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ଶିକ୍ଷକ ରମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।